R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬୪
ତିଥି : ଅଷ୍ଟମୀ
୧୮ ମାର୍ଚ୍ଚ ୨୦୨୪, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 164
18 March 2024, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ନୂଆ ଇଲେକ୍ଟୋରାଲ ବଣ୍ଡ

# ତଥ୍ୟ ସାର୍ବଜନୀନ କଲେ ଇସି




ନୂଆଦିଲ୍ଲୀ,୧୭।୩: ନିର୍ବାଚନ କମିସନ ରବିବାର ଇଲେକ୍ଟୋରାଲ ବଣ୍ଡର ନୂଆ ତଥ୍ୟ ସାର୍ବଜନୀନ କରିଛନ୍ତ ।ଏହାକୁ ସିଲ୍ କଭରରେ ପ୍ରଥମେ ସୁପ୍ରିମକୋର୍ଟରେ ଦାଖଲ କରା ଯାଇଥିଲା ଏବଂ ପରେ ଏହାକୁ ସାର୍ବଜନୀନ କରିବାକୁ କୁହା ଯାଇଥିଲା । ଏହି ବିବରଣୀ ୨୦୧୯ ଏପ୍ରିଲ ୧୨ ପୂର୍ବରୁ ହୋଇଥିବା ସମୟ ସହିତ ଜଡ଼ିତ ବୋଲି ଅନୁମାନ କରାଯାଉଛି । ଏହି ତାରିଖ ପରେ ଗତ ସପ୍ତାହରେ ର୍ନିବାଚନ କମିସନଙ୍କ ଦ୍ୱାରା ଇଲେକ୍ଟୋରାଲ ବଣ୍ଡ ବିବରଣୀ ସାର୍ବଜନୀନ କରା ଯାଇଥିଲା । ଏପ୍ରିଲ ୧୨, ୨୦୧୯ରେ ସୁପ୍ରିମ୍ କୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ଅନୁଯାୟୀ ରାଜନୈତିକ ଦଳଗୁଡ଼ିକ ସିଲ୍ କଭରରେ ଇଲେକ୍ଟୋରାଲ ବଣ୍ଡର ତଥ୍ୟ ଦାଖଲ କରିଥିଲେ । ସିଲ୍ କଭର ନ ଖୋଲି ରାଜନୈତିକ ଦଳମାନଙ୍କ ଠାରୁ ମିଳିଥିବା ତଥ୍ୟ ସୁପ୍ରିମ୍ କୋର୍ଟରେ ଜମା କରାଯାଇଛି । ୨୦୨୪ ମାର୍ଚ୍ଚ ୧୫ ତାରିଖରେ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସୁପ୍ରିମ୍ କୋର୍ଟର ରେଜିଷ୍ଟ୍ରି ସିଲ୍ କଭରରେ ପେନ୍ ଡ୍ରାଇଭରେ ଏହାର ଡିଜିଟାଲ୍ ରେକର୍ଡ ସହ ଫିଜିକାଲ କପି ଫେରାଇ ଦେଇଛନ୍ତି । ସୁପ୍ରିମ୍ କୋର୍ଟର ରେଜିଷ୍ଟ୍ରିରୁ ମିଳିଥିବା ଡିଜିଟାଇଜ୍ଡ ଫର୍ମରେ ମିଳିଥିବା ତଥ୍ୟକୁ ଆଜି ନିର୍ବାଚନ କମିସନ ଆଜି ନିଜ ୱେବସାଇଟରେ ଅପଲୋଡ୍ କରିଛନ୍ତି ।ରବିବାର ସାର୍ବଜନୀନ ହୋଇଥିବା ଭାରତୀୟ ନିର୍ବାଚନ କମିଶନଙ୍କ ସଦ୍ୟତମ ତଥ୍ୟ ଅନୁଯାୟୀ ଭାରତୀୟ ଜନତା ପାର୍ଟି

### ବିଜେପି ଆଗରେ, ପଛରେ ଟିଏମ୍‌ସି

(ବିଜେପି) ମୋଟ ୬,୯୮୬.୫ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ୍ ନଗଦ କରିଛି, ଯେଉଁଥିରୁ ୨୦୧୯-୨୦ରେ ସର୍ବାଧିକ ୨.୫ କୋଟି ଟଙ୍କା ମିଳିଛି । ର୍ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ, ତୃଣମୂଳ କଂଗ୍ରେସ (ଟିଏମସି) ଇଲେକ୍ଟୋରାଲ ବଣ୍ଡ ଜରିଆରେ ୧୩୯୭ କୋଟି ଟଙ୍କା ପାଇଛି, ଯାହା କି ବିଜେପି ପରେ ଦ୍ୱିତୀୟ ବୃହତ୍ତମ ।ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ, ଲଟେରି କିଙ୍ଗ ସାଣ୍ଟିଆଗୋ ମାର୍ଟିନଙ୍କ ଫ୍ୟୁଚର ଗେମିଂରୁ ୫୦୯ କୋଟି ଟଙ୍କା ସମେତ ଦ୍ରାବିଡ ମୁନେତ୍ରା କଜଗମ (ଡିଏମକେ)କୁ ଇଲେକ୍ଟୋରାଲ ବଣ୍ଡ ଜରିଆରେ ୬୫୬.୫ କୋଟି ଟଙ୍କା ମିଳିଛି । ଇଲେକ୍ଟୋରାଲ ବଣ୍ଡ ଜରିଆରେ କଂଗ୍ରେସ ମୋଟ ୧୩୩୪.୩୫ କୋଟି ଟଙ୍କା ଆୟ କରିଛି ।

# ଜୁନ୍ ୨ରେ ସିକ୍କିମ, ଅରୁଣାଚଳ ଭୋଟ ଗଣତି

ନୂଆଦିଲ୍ଲୀ, ୧୭।୩ : ଅରୁଣାଚଳ ପ୍ରଦେଶ ଓ ସିକ୍କିମରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଫଳାଫଳ ତାରିଖରେ ପରିବର୍ତ୍ତନ କରିଛନ୍ତି ନିର୍ବାଚନ କମିଶନ । ଶନିବାର ନିର୍ବାଚନ ଆୟୋଗ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିବା ସହ ଜୁନ୍ ୪ ତାରିଖରେ ଲୋକସଭା ଓ ୪ଟି ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବ ବୋଲି ସୂଚନା ଦେଇଥିଲେ । କିନ୍ତୁ କମିଶନ ଏବେ ଏହାକୁ ବଦଳାଇ ଦେଇଛନ୍ତି । ଅରୁଣାଚଳ ପ୍ରଦେଶ ଓ ସିକ୍କିମ ବିଧାନସଭା ନିର୍ବାଚନ ଫଳାଫଳ ଜୁନ୍ ୨ରେ ପ୍ରକାଶ ପାଇବ । ଏହାର କାରଣ ହେଉଛି ଏହି ୨ଟି ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ଜୁନ ୨ରେ ହିଁ ଶେଷ ହେଉଛି । ଏହି କାରଣରୁ ଗଣତି ତାରିଖ ବଦଳାଯାଇଛି । ସୂଚନାଯୋଗ୍ୟ ଯେ, ଲୋକସଭା ନିର୍ବାଚନ ସହିତ ଅରୁଣାଚଳ ପ୍ରଦେଶ, ସିକ୍କିମ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରେ ବିଧାନସଭା ନିର୍ବାଚନ ହେବ । ଏପ୍ରିଲ ୧୯ତାରିଖରେ ସିକିମ ଓ ଅରୁଣାଚଳ ପ୍ରଦେଶରେ ବିଧାନସଭା ନିର୍ବାଚନ ହେବ । ଉଭୟ ରାଜ୍ୟରେ ଲୋକସଭା ନିର୍ବାଚନ ପାଇଁ ମଧ୍ୟ ଗୋଟିଏ ଦିନରେ ମତଦାନ ହେବ । କିନ୍ତୁ ଗଣତି ଜୁନ ୪ରେ ହେବାକୁ ଥିଲା । କିନ୍ତୁ ଏବେ ନିର୍ବାଚନ କମିଶନ ଏହାକୁ ବଦଳାଇ ଦେଇଛନ୍ତି । ଏବେ ଲୋକସଭା ନିର୍ବାଚନ ଫଳାଫଳ ଆସିବାର ୨ ଦିନ ପୂର୍ବରୁ ବିଧାନସଭା ନିର୍ବାଚନର ଫଳାଫଳ ଆସିବ । କିନ୍ତୁ ଜୁନ୍ ୪ତାରିଖରେ ଏହି ଦୁଇଟି ରାଜ୍ୟରେ ଥିବା ଲୋକସଭା ଆସନଗୁଡ଼ିକର ଫଳାଫଳ ପ୍ରକାଶ ପାଇବ ।

## ଅନ୍ଧ ବିଶ୍ୱାସର ପ୍ରଭାବ

# ମୃତ ଝିଅର ଚାଲିଛି ଝଡ଼ାଫୁଙ୍କା

ସୁନ୍ଦରଗଡ଼, ୧୭।୩ (ସବ୍ୟୁ) : 'ମୋ ଝିଅ ମରିନାହିଁ, ସେ ବଞ୍ଚିଛି। ୨୧ ଦିନ ଧରି ଝଡ଼ାଫୁଙ୍କା କଲେ ମୋ ଝିଅ ବଞ୍ଚିଯିବ।' ଏପରି ଅନ୍ଧ ବିଶ୍ୱାସରେ ପ୍ରଭାବିତ ହୋଇ ଝିଅ ମୃତଦେହକୁ ମେଡିକାଲ( ମର୍ଗ)ରୁ ଘରକୁ ନେଇ ଆସିଛି ମା' । ପୋଲିସ ଓ ଗ୍ରାମବାସୀ ଯେତେ ବୁଝାଇଲେ ମଧ ସେ ବୁଝୁନାହିଁ । ଝିଅର ମୃତଦେହକୁ ଶଶ୍ମାନକୁ ଛାଡୁନାହିଁ । ନିଜ କୋଳରେ ଝିଅକୁ ଚାପି ଧରି ମୋ ଝିଅ ବଞ୍ଚିଛି ବୋଲି କହିହେଉଛି । ଏପରି ଦୁଃଖଦ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲାରେ । ଟାଙ୍ଗରପାଲି ଥାନା ସୋନାପର୍ବତ ଗାଁର ଜଣେ ମହିଳାଙ୍କର ୫ବର୍ଷର ଝିଅକୁ ଶନିବାର ସନ୍ଧ୍ୟାରେ ସାପ କାମୁଡ଼ି ଦେଇଥିଲା। ଝିଅଟିକୁ ପରିବାର ଲୋକେ ରାଉରକେଲା ସରକାରୀ ହସପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଝିଅକୁ ମୃତ ଘୋଷଣା କରିଥିଲେ। ପରେ ମେଡିକାଲପକ୍ଷରୁ ଝିଅର ମୃତଦେହକୁ ହସ୍ପିଟାଲର ମର୍ଗରେ ରଖାଯାଇଥିଲା । ହେଲେ ମା' ଝିଅ ମରିଯାଇଥିବା କଥାକୁ ବିଶ୍ୱାସ କରିପାରୁ ନଥିଲା । ଗାଁରେ ଗୁଣିଆ ପାଖରେ ଝଡ଼ାଫୁଙ୍କା କଲେ ଝିଅ ଭଲ ହୋଇଯିବ ବୋଲି ଭାବିଥିଲା । ଏଥିପାଇଁ ମର୍ଗ ହାଉସର ତାଲା ଭାଙ୍ଗି ମା' ଝିଅର ମୃତଦେହକୁ ନେଇ ନିଜ ଘରକୁ ନେଇ ପଳାଇ ଆସିଥିଲା । ପରେ ଗାଁରେ ଗୁଣିଆ ପାଖରେ ଝଡ଼ାଫୁଙ୍କା କରିଛି । ୨୧ ଦିନ ଧରି ଝଡ଼ାଫୁଙ୍କା କଲେ ଝିଅ ଭଲ ହୋଇଯିବ ବୋଲି ମା' କହି ହେଉଛି । ରାଉରକେଲା ସରକାରୀ ହସ୍ପିଟାଲର ଭାରପ୍ରାପ୍ତ ନିର୍ଦ୍ଦେଶକ ଗଣେଶ ପ୍ରସାଦ ଦାସ କହିଛନ୍ତି, ମା'ର ମମତା ବୁଝୁନାହିଁ । ସେ ବିଶ୍ୱାସ କରିପାରୁନି ତାର ପିଲା ମରିଯାଇଛି । ଅନ୍ଧ ବିଶ୍ୱାସ ଭିତରେ ରହୁଛି ।

# ପ.ବଙ୍ଗରେ ରାଜନୈତିକ ହିଂସା

କୋଲକାତା, ୧୭।୩ : ଲୋକସଭା ନିର୍ବାଚନ ପାଇଁ ତାରିଖ ଘୋଷଣାର କିଛି ଘଣ୍ଟା ପରେ ପଶ୍ଚିମବଙ୍ଗରେ ରାଜନୈତିକ ହିଂସା କାଣ୍ଡ ଦେଖିବାକୁ ମିଳିଛି । ରାଜ୍ୟର ବିଭିନ୍ନ ସ୍ଥାନରୁ ଦୁଇଟି ପୃଥକ ହିଂସା କାଣ୍ଡ ଘଟଣା ସାମ୍ନାକୁ ଆସିଛ । ବିଜେପି ମହିଳା ମୋର୍ଚ୍ଚା ନେତ୍ରୀ ରୀନା ଠାକୁର ଅଭିଯୋଗ କରିଛନ୍ତି ଯେ ପାଣ୍ଡେବେଶ୍ୱରରେ ତୃଣମୂଳ କଂଗ୍ରେସ (ଟିଏମସି) କର୍ମୀମାନେ ତାଙ୍କ ଦୋକାନରେ ନିଆଁ ଲଗାଇ ଦେଇଛନ୍ତି । ସେ ବିଜେପିରେ ଯୋଗ ଦେବା ପରଠାରୁ ଗତ ୬ ମାସ ଧରି ତାଙ୍କୁ ଧମକ ମିଳୁଥିଲା । ସେ ତୃଣମୂଳ କଂଗ୍ରେସ ସଦସ୍ୟଙ୍କୁ ତାଙ୍କ ଦୋକାନ ଭଙ୍ଗାରୁଜା କରିଥିବା ଅଭିଯୋଗରେ ଦାୟୀ କରିବା ସହ ଅଞ୍ଚଳରେ ସିସିଟିଭି ଲଗାଇବାକୁ ଦାବି କରିଛନ୍ତି । ସେହିଭଳି ଶନିବାର ରାତିରେ ନଦିଆ ଜିଲ୍ଲାର କ୍ରିଷ୍ଣାନଗରରେ ଜଣେ ତୃଣମୂଳ କଂଗ୍ରେସ ନେତାଙ୍କ ଘରେ ଆକ୍ରମଣ ହୋଇଛି । ନିର୍ବାଚନ ତାରିଖ ଘୋଷଣା ପରେ କୃଷ୍ଣନଗରରେ ତୃଣମୂଳ କଂଗ୍ରେସର ସଂଖ୍ୟାଲଘୁ ସେଲର ସ୍ଥାନୀୟ ନେତା ଖୋକନ ଖାନଙ୍କ ଉପରେ ଆକ୍ରମଣ ହୋଇଛି । ଦୁର୍ବୃତ୍ତମାନେ ତାଙ୍କ ବାସଭବନ ଉପରକୁ ବୋମା ଫିଙ୍ଗିଥିବା ଅଭିଯୋଗ ହୋଇଛି । ପଶ୍ଚିମବଙ୍ଗ ପୁଲିସ ପକ୍ଷରୁ ଏହି ଦୁଇଟି ଯାକ ଘଟଣାର ତଦନ୍ତ ଆରମ୍ଭ ହୋଇଛି ।

### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର ୧୭।୩ (ସବ୍ୟୁ) : ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି ଘୋଷଣା ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ବନ୍ଦ ରହିବ । ନିର୍ବାଚନ ପ୍ରକିୟା ସମ୍ପୂର୍ଣ୍ଣ ହେଲା ପରେ ଅଭିଯୋଗ ଶୁଣାଣି ଯଥାରୀତି ଚାଲିବ ।






# ସେଲୁଲିଟିସ

ଏହା ଏକ ବ୍ୟାକ୍ଟେରିଆଲ ଇନ୍‌ଫେକସନ୍ ଯାହା ଆମ ଚର୍ମର ପୂରା ତଳ ସ୍ତରକୁ ପ୍ରଭାବିତ କରିଥାଏ । ଏହି ସଂକ୍ରମଣ ଆମ ଶରୀରର କୌଣସି ବି ସ୍ଥାନରେ ଦେଖିବାକୁ ମିଳିଥାଏ । ବିଶେଷଭାବେ ବୟସ୍କଙ୍କ କ୍ଷେତ୍ରରେ ଏହା ଗୋଡର ତଳଭାଗର ଚର୍ମକୁ ସଂକ୍ରମିତ କରିଥାଏ । ହେଲେ ଛୋଟ ପିଲାଙ୍କ କ୍ଷେତ୍ରରେ ଏହା ମୁହଁ ଓ ବେକର ଚର୍ମରେ ଦେଖିବାକୁ ମିଳିଥାଏ । ଏହା ପ୍ରତିବର୍ଷ ଅନେକ ଲୋକଙ୍କୁ ପ୍ରଭାବିତ କରୁଥିବାର ଦେଖିବାକୁ ମିଳିଥାଏ । ଏହା ହେଲେ ଆମ ଚର୍ମରେ ପିଙ୍କ କିମ୍ବା ରେଡ୍ କଲରର ପ୍ୟାଚ ଦେଖିବାକୁ ମିଳିଥାଏ, ଯାହା ଉଷୁମ ଲାଗିବ ସହିତ ଟାଣ ମଧ୍ୟ ଲାଗିଥାଏ । ଏହାକୁ ଛୁଇଁଲେ ମଧ୍ୟ ଟାଣ ଲାଗିଥାଏ । ଏହା ଆରମ୍ଭ ହେବା ପାଇଁ ଗୋଟିଏ ଛୋଟ ଖଣ୍ଡିଆ ହିଁ ପର୍ଯ୍ୟାପ୍ତ ହୋଇଥାଏ । ଯେଉଁ ମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ ରହିଥାଏ, ସେମାନଙ୍କୁ ଏହା ସହଜରେ ପ୍ରଭାବିତ କରିଥାଏ । ଯେଉଁମାନେ ସୁସ୍ଥ ଥାଆନ୍ତି, ସେମାନଙ୍କ କ୍ଷେତ୍ରରେ ଏହା ସହଜରେ ହୋଇନଥାଏ । ଏହାର ଚିକିତ୍ସା ନହେଲେ ଏହା ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ବିପଦ ହୋଇପାରେ । ଏହା ହେବା ଦ୍ୱାରା ଚର୍ମ ଲାଲ ପଡିବା, ଫୁଲିବା, ଦରଜ ହେବା, ଛୁଇଁଲେ ଉଷୁମ ଲାଗିବା, ଜ୍ୱର, ବିଭିନ୍ନ ସ୍ଥାନରେ ଲାଲର ଦାଗ ଦେଖିବାକୁ ମିଳିବା ଆଦି ଲକ୍ଷଣ ଦେଖାଯାଇଥାଏ । ଯଦି ଏଭଳି କିଛି ଲକ୍ଷଣ ଦେଖୁଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



# ନିଷ୍ଠାପର କର୍ମ ପାଇଁ ରେକର୍ଡ

ନିଷ୍ଠାପର କର୍ମମୟ ଜୀବନକୁ ନେଇ ଉତ୍ତରପ୍ରଦେଶର ତେଜପାଲ୍ ସିଂହ ନାମକ ଜଣେ ବ୍ୟକ୍ତି ବର୍ତ୍ତମାନ ସବୁଆଡୁ ଭରପୂର ପ୍ରଶଂସା ସାଉଁଟିବାରେ ଲାଗିପଡ଼ିଛନ୍ତି । ଅନ୍ୟ କର୍ମଚାରୀଙ୍କ ପାଇଁ ଉଦାହରଣ ସାଜିଥିବା ତେଜପାଲ ୨୬ ବର୍ଷର କର୍ମମୟ ଜୀବନ ମଧ୍ୟରେ ମାତ୍ର ଗୋଟିଏ ଛୁଟି ନେଇଛନ୍ତି । ଯାହାଫଳରେ ତାଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସାମିଲ କରାଯାଇଛି । ଉତ୍ତରପ୍ରଦେଶର ବିଜନୌର ନିବାସୀ ତେଜପାଲ ନିଜର ୨୬ ବର୍ଷର କର୍ମମୟ ଜୀବନ ମଧ୍ୟରେ ନିଷ୍ଠାପର ସହକାରେ କାମ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ସେ କେବଳ ଥରେ ହିଁ ଛୁଟି ନେଇଛନ୍ତି । ଏମିତିକି ରବିବାର କିମ୍ବା ହୋଲି, ଦିୱାଲୀ, ଦଶହରା, ଭାଇଦୁଜ୍ ଭଳି ଅନ୍ୟ କୌଣସି ଛୁଟିଦିନରେ ବି ସେ ଅଫିସ୍ ଯାଇ କାମ କରନ୍ତି । ତେବେ ଗୋଟିଏ ପଟେ କର୍ପୋରେଟ୍ ସେକ୍ଟରରେ ସିଏଲ୍‌କୁ ନେଇ ବିଭିନ୍ନ ତର୍କବିତର୍କ ଲାଗିରହିଥିବାବେଳେ ତେଜପାଲଙ୍କ ଏଭଳି କର୍ତ୍ତୃତ୍ୱ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ୧୯୯୫ ମସିହାରୁ ତେଜପାଲ ଗୋଟିଏ ସୁଗାର ଫ୍ୟାକ୍ଟ୍ରିରେ କାମ କରୁଛନ୍ତି । କମ୍ପାନୀର ନିୟମ ମୁତାବକ ତାଙ୍କୁ ବର୍ଷକୁ ୪୫ଟି ଛୁଟି ମିଳିଥାଏ । ହେଲେ ଏହା ସତ୍ତ୍ୱେ ସେ କେବଳ ଦିନୁଟିଏ ହିଁ ଛୁଟି ନେଇଛନ୍ତି । ଯାହାଫଳରେ ତାଙ୍କୁ କର୍ମମୟ ଜୀବନରେ ସବୁଠୁ କମ୍ ଛୁଟି ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ କରାଯାଇଛି ।



## ଇତିହାସ

୧୯୧୦– ଅନିବାର୍ଯ୍ୟ ଓ ମୁକ୍ତ ପ୍ରାଥମିକ ଶିକ୍ଷା ଲାଗି ବ୍ରିଟିଶ ବିଧାନ ପରିଷଦ ନିକଟରେ ଗୋପାଳକୃଷ୍ଣ ଗୋଖଲେ ନିଜର ପ୍ରସ୍ତାବ ରଖିଥିଲେ ।

୧୯୨୨– ରାଜଦ୍ରୋହ ମାମଲାରେ ବ୍ରିଟେନ୍ ଅଦାଲତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ୬ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ ।

୧୯୩୮– ହିନ୍ଦୀ ସିନେ ଜଗତର ପ୍ରସିଦ୍ଧ ଅଭିନେତା ଶଶି କପୁର ଜନ୍ମଲାଭ କରିଥିଲେ ।

୧୯୪୪– ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ ହିନ୍ଦ ଫୌଜ ବର୍ମା ସୀମା ପାର କରିଥିଲେ ।

୧୯୬୫– ସୋଭିଏତ ସଂଘର ବାୟୁସେନା ପାଇଲଟ୍ ଆଲେକ୍ସି ଲିଓନୋଭ ପ୍ରଥମ ବ୍ୟକ୍ତି ରୂପେ ମହାକାଶରେ ଚାଲିଥିଲେ ।

୨୦୦୬– ଜାତିସଂଘ ମାନବାଧିକାର ପରିଷଦ ଗଠନ କରିବାର ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲା ।

## ସୋସିଆଲ କୋଟ୍ସ



ଚୋଲି କେ ପିଛେ କ୍ୟା ହେ ମୋ ଗୀତ ହିଁ ନଥିଲା । ଏହା ମାଧୁରୀଙ୍କର ଗୀତ ଥିଲା । ମୋତେ ଖାଲି ଗେଷ୍ଟ ଆପିଅରାନ୍ସ ପାଇଁ ଅଫର ହୋଇଥିଲା, ଯାହା ମୋତେ ମଞ୍ଜୁର ନଥିଲା । ତେଣୁ ଏହାକୁ ରିଜେକ୍ଟ କରିଥିଲି ।

ନୀନା ଗୁପ୍ତା, ଅଭିନେତ୍ରୀ



ଆପଣ ଗୋଟିଏ ଜୀବନ ପାଇଛନ୍ତି, ତାହାକୁ ବିନ୍ଦାସ ବଞ୍ଚନ୍ତୁ । ସବୁବେଳେ ନିଜ ଉପରେ କାମ କରନ୍ତୁ । କିଭଳି ନିଜେ ଆହୁରି ଭଲ ହୋଇପାରିବେ ସେନେଇ ଚେଷ୍ଟିତ ରୁହନ୍ତୁ ।

ଓରି, ୟୁଟ୍ୟୁବର



ବଡେ ମିୟାଁ ଛୋଟେ ମିୟାଁରେ ଭିଏଫ୍‌ଏକ୍ସ ବହୁତ କମ ବ୍ୟବହାର ହୋଇଛି । ଆମେ ଉଭୟ ଟାଇଗର ଓ ମୁଁ ଅନେକ ଷ୍ଟଣ୍ଟ ଏକା କରିଛୁ । ମୁଁ ଏହି ଫିଲ୍ମ ଜରିଆରେ ଆକସନ୍‌ର ଲେବଲକୁ ଖୁବ ଉପରକୁ ନେବାକୁ ଚେଷ୍ଟା କରିଛି ।

ଅକ୍ଷୟ କୁମାର, ଅଭିନେତା

# ଚଳନ୍ତା ଟ୍ରେନ୍‌ରେ ବିବାହ



ସାଧାରଣତଃ ଲୋକେ ନିଜନିଜର ବିବାହକୁ ଅଧିକ ସ୍ମରଣୀୟ କରିବା ପାଇଁ ଭିନ୍ନ ଭେନ୍ୟୁ ସହିତ ଭିନ୍ନ ଥିମ୍ ମଧ୍ୟ ଚୁଜ୍ କରିଥାଆନ୍ତି । ନିକଟରେ ଗୋଟିଏ ଦମ୍ପତି ମାଇନସ୍ ଡିଗ୍ରୀରେ ବିବାହ କରି ଚର୍ଚ୍ଚାର ପରିସରଭୁକ୍ତ ହୋଇଥିଲେ । ଠିକ୍ ସେହିପରି ବର୍ତ୍ତମାନ ଗୋଟିଏ ବ୍ରିଟିଶ ଦମ୍ପତି ବିବାହର ଅଜବ ଭେନ୍ୟୁକୁ ନେଇ ଚର୍ଚ୍ଚା ମଧ୍ୟକୁ ଆସିଛନ୍ତି । ଏହି ନବବିବାହିତ ଦମ୍ପତି ହେଉଛନ୍ତି ୩୮ ବର୍ଷୀୟା ଲେହ୍ ଆଣ୍ଡରସନ୍ ଓ ୩୯ ବର୍ଷୀୟ ବିନ୍ସ ସ୍ମିଥ୍ । କୌଣସି ଗ୍ରାଣ୍ଡ୍ ହୋଟେଲ୍ କିମ୍ବା ଡେଷ୍ଟିନେସନ୍ ୱେଡିଂ ବାଛିବା ପରିବର୍ତ୍ତେ ଏହି ଦୁଇଜଣ ଲଣ୍ଡନରୁ ସ୍ୱାନ୍‌ସି' ଯାଉଥିବା ଏକ ଚଳନ୍ତା ଟ୍ରେନ୍‌ରେ ଖ୍ରୀଷ୍ଟିଆନ ରୀତିନୀତିରେ ବିବାହ ବନ୍ଧନରେ ବାନ୍ଧିହୋଇଛନ୍ତି । ଏନେଇ ଟ୍ରେନ୍ ମଧ୍ୟରେ ବିଶେଷଧରଣର ପ୍ରସ୍ତୁତି ସାଙ୍ଗକୁ ସୁନ୍ଦର ସାଜସଜ୍ଜା କରାଯାଇଥିବା ବେଳେ ଆକର୍ଷଣୀୟ ପାର୍ଟିର ମଧ୍ୟ ଆରେଞ୍ଜ୍‌ମେଣ୍ଟ କରାଯାଇଥିଲା । ଗ୍ରେଟ୍ ୱେଷ୍ଟର୍ଣ୍ଣ ରେଲ୍‌ୱେରେ ଏହି ବିବାହ ସମ୍ପନ୍ନ ହୋଇଥିବାବେଳେ ଘଣ୍ଟାପ୍ରତି ୧୨୫ କିମି ବେଗରେ ଗତି କରୁଥିବା ଟ୍ରେନ୍‌ରେ ଏହି ଦମ୍ପତି ସେମାନଙ୍କ ପ୍ରିୟଜନମାନଙ୍କୁ ଆମନ୍ତ୍ରିତ କରି ଅତିଥି ଚର୍ଚ୍ଚା କରିଛନ୍ତି । ତେବେ ଗ୍ରେଟ୍ ୱେଷ୍ଟର୍ଣ୍ଣ ରେଲ୍‌ୱେରେ ହିଁ ୮ ବର୍ଷ ତଳେ ଏହି ଦମ୍ପତିଙ୍କର ଭେଟ ହୋଇଥିଲା । ତେଣୁ ବିବାହ ପାଇଁ ଏମାନେ ଏହି ଟ୍ରେନ୍‌କୁ ହିଁ ଡେଷ୍ଟିନେସନ୍ ରୂପେ ବାଛିଥିଲେ । ଏହି ଟ୍ରେନ୍‌ରେ ହିଁ ଏହି ଦୁଇଜଣ ଦୀର୍ଘ ୮ ବର୍ଷ ଧରି ଡେଟ୍ କରିଛନ୍ତି ।



# ପୁପ୍ ମ୍ୟୁଜିୟମ୍

ସୋସିଆଲ୍ ମିଡିଆରେ ବର୍ତ୍ତମାନ ଏକ ଅଜବ ମ୍ୟୁଜିୟମ୍‌ର କିଛି ଭିଡିଓ ଓ ଫଟୋ ଭାଇରାଲ୍ ହେବାରେ ଲାଗିଛି । ଏହି ମ୍ୟୁଜିୟମ୍‌ରେ ଆକର୍ଷଣୀୟ ପେଣ୍ଟିଂ ସାଙ୍ଗକୁ ଆଶ୍ଚର୍ଯ୍ୟକର ଟେକ୍ନିକ୍, ବିଜ୍ଞାନ ଓ ରଙ୍ଗବେରଙ୍ଗର ୟୁନିକ୍ କଳାକୃତିକୁ ସ୍ଥାନ ଦିଆଯାଇଛି । ତେବେ ସବୁଠୁ ଆଶ୍ଚର୍ଯ୍ୟକର ପ୍ରସଙ୍ଗ ହେଉଛି ଏହି ମ୍ୟୁଜିୟମ୍‌ର ଥିମ୍, ଯାହା ପୁପ୍ ବା ମଳ ଉପରେ ଆଧାରିତ । ଯେଉଁଥିରେ କପ୍‌କେକ୍, ଆଇସ୍‌କ୍ରିମ୍ ଆଦି ସମସ୍ତ ସାମଗ୍ରୀକୁ ପୁପ୍ ଭଳି ଡିଜାଇନ୍ କରାଯାଇଛି । ଯାହା ବର୍ତ୍ତମାନ ସୋସିଆଲ୍ ମିଡିଆ ୟୁଜର୍ସଙ୍କର ଦୃଷ୍ଟି ଆକର୍ଷଣ କରିଛି । ଏହାକୁ ଦେଖି ୟୁଜର୍ସ ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଉଛନ୍ତି । ଏହି ମ୍ୟୁଜିୟମ୍‌ଟିକୁ ଜାପାନର ରାଜଧାନୀ ଟୋକିଓରେ ଶୁଭାରମ୍ଭ କରାଯାଇଥିବାବେଳେ ଏହାର ନାଁ ରଖାଯାଇଛି ୟୁନକୋ ମ୍ୟୁଜିୟମ୍ । ଟଏଲେଟ୍ ସିଟ୍ କଭର ଥିମ୍ ଥିବା ଏଣ୍ଟ୍ରି ଗେଟ୍‌ରୁ ଭାଇରାଲ୍ ଭିଡିଓଟି ଆରମ୍ଭ ହୋଇଛି । ଏହି ଗେଟ୍‌ରେ ପ୍ରବେଶ କରିବା ପରେ କ୍ୟାଣ୍ଡି, କପ୍‌କେକ୍ ଆଦି ସବୁକିଛିକୁ ପୁପ୍ ବା ମଳ ଆକାରରେ ସଜାଯାଇଥିବା ଦେଖିବାକୁ ମିଳିଛି । ଏହାପରେ ଏଠାରେ ପୁପ୍ ଲାଇଟ୍ ଶୋ' ସମେତ ପପ୍ ଗେମ୍ସ, ଟଏଲେଟ୍ ପେପର ଓ ପୁପ୍ ଝୁମର୍‌ର ଦୃଶ୍ୟ ମଧ୍ୟ ରହିଛି ।



# ଡର ପାଇଁ ବଢିଥିଲେ ଆଗକୁ

ଫିଲ୍ମ ଇଣ୍ଡଷ୍ଟ୍ରୀରେ ସାମନ୍ଥାଙ୍କର ପାଖାପାଖି ୧୪ ବର୍ଷ କଟି ସାରିଲାଣି । କେତେବେଳେ ରିଲ୍ ତ ଆଉ କେତେବେଳେ ରିଅଲ ଲାଇଫ୍ ପାଇଁ ଚର୍ଚ୍ଚାରେ ରହିଥାଆନ୍ତି ଅଭିନେତ୍ରୀ । ବର୍ତ୍ତମାନ ତାଙ୍କର ଏକ ଷ୍ଟେଟମେଣ୍ଟ ଭାଇରାଲ ହେବାରେ ଲାଗିଛି । ବିଫଳ ହେବାର ଡର ତାଙ୍କୁ ଅନେକ ଦିନ ଧରି ଆଗକୁ ନେଇଥିଲା ବୋଲି ସାମନ୍ଥା ମତ ଦେଇଛନ୍ତି । ଯେତେବେଳେ ସେ ପ୍ରଥମେ ଇଣ୍ଡଷ୍ଟ୍ରୀକୁ ଆସିଥିଲେ ସେତେବେଳେ ତାଙ୍କୁ ଡରଥିଲା ସେ ଏଠି ଫିଟ୍ ହୋଇ ପାରିବେ କି ନାହିଁ । ଫିଟ୍ ନହୋଇ ପାରିଲେ ବିଫଳ ହେବାର ଆଶଙ୍କା ବଢିଥାଏ । ତେଣୁ ଏହି ଡର ତାଙ୍କୁ ବେଶ୍ ଆଗକୁ ଆଣିଥିଲା ବୋଲି ସେ ମତ ଦେଇଛନ୍ତି । ସେହି ଡର ନଥିଲେ ସେ ଏତେ ଆଗକୁ ଆସିପାରି ନଥାନ୍ତେ ବୋଲି ସାମନ୍ଥା ନିଜ ଷ୍ଟେଟ୍‌ମେଣ୍ଟରେ କହିଛନ୍ତି ।



# ଷ୍ଟ୍ରିଟ୍ ଫ୍ୟାଶନ୍

**ଷ୍ଟ୍ରିଟ୍ ଫ୍ୟାଶନ କହିଲେ ଲୋକାଲ ଷ୍ଟ୍ରିଟ ମାର୍କେଟ୍‌ରେ ମିଳୁଥିବା ପୋଷାକକୁ ଏକ ଫ୍ୟାଶନ ଟ୍ରେଣ୍ଡ୍‌ରେ ପରିବର୍ତ୍ତନ କରିବା । ଏହା ବିଶେଷକରି ଯୁବପିଢିଙ୍କର ଫ୍ୟାଶନ ଭାବେ ବର୍ତ୍ତମାନ ଟ୍ରେଣ୍ଡ୍ ହେଉଛି । କଲେଜ ଯିବା ସମୟରେ ହେଉ କିମ୍ବା ଅଫିସ୍, ସବୁ ସ୍ଥାନରେ ଯୁବପିଢି ଆପଣାଉଥିବା ଦେଖିବାକୁ ମିଳୁଛି ।**

**ପ୍ରିପ୍–** ଏହି ଫ୍ୟାଶନ ଆମର ନବେଦଶକର ଫ୍ୟାଶନକୁ ମନେ ପକାଇଦେଇଥାଏ । ଏହାକୁ ଉଭୟ ପୁଅ ଓ ଝିଅ ଟ୍ରାଏ କରିପାରିବେ । ଏହା ବର୍ତ୍ତମାନ ବେଶ୍ ଟ୍ରେଣ୍ଡ୍‌ରେ ରହୁଛି । ଏହି ଷ୍ଟାଇଲ୍‌ରେ ମିନିସ୍କର୍ଟ, ଟର୍ଟଲନେକ, ନି-ହାଇ ସକସ୍, ବୁଟ୍ସ ଆଦି ରହିଛି । ଏହା ଏକ ଡାଇନାମିକ୍ ଆଉଟ୍‌ଫିଟ୍ ଯାହା ଷ୍ଟାଇଲିସ୍ ଲୁକ ଦେଇଥାଏ । ଏହି ଆଉଟ୍‌ଫିଟ୍‌ରେ ବିଭିନ୍ନ କଲର ରହିଥାଏ ଯାହାକୁ ନିଜ ପସନ୍ଦରେ ଆପଣ ପେୟାର କରିପାରିବେ ।

**ଫେମ୍ ପୁଙ୍କ–** ଏହି ଷ୍ଟାଇଲର ନାଁ ଭଳି ଏଥିରେ ପିନ୍ଧାଯାଉଥିବା ପୋଷାକ ମଧ୍ୟ ବେଶ୍ ହଟକେ । ଏହି ଷ୍ଟାଇଲ୍‌ରେ ଦୁଇଟି ଅଲଗା ଅଲଗା ପର୍ସନାଲିଟିକୁ ଏକାଠି କରି ଗୋଟିଏ ଲୁକ୍ କ୍ରିଏଟ୍ କରାଯାଇଥାଏ । ଏଥିରେ ଦୁଇଟି ଷ୍ଟାଇଲ୍‌କୁ ମର୍ଜ କରାଯାଇଥାଏ । ତେଣୁ ଏହି ଷ୍ଟାଇଲ୍‌କୁ ପିନ୍ଧିବାରେ ବେଶ୍ ମଜା ଆସିଥାଏ । ଏହାସହ ଏହି ଷ୍ଟାଇଲ୍ ବେଶ୍ ଆକର୍ଷଣୀୟ ମଧ୍ୟ ହୋଇଥାଏ । ଏଥିରେ ଆପଣ ନିଜ ପସନ୍ଦର କଲର ଓ ଷ୍ଟାଇଲ ଆଡ କରିପାରିବେ । ଏଥିରେ ବେଶି ଏକ୍ସପେରିମେଣ୍ଟ କରି ହେଉଥିବାରୁ ଏହାକୁ ସମସ୍ତେ ବେଶ୍ ପସନ୍ଦ କରନ୍ତି ।

**ହିପ୍‌ହପ୍ ଫ୍ୟାଶନ୍–** ହିପ୍‌ହପ୍ ଫ୍ୟାଶନ ବିଶେଷଭାବେ ପୁଅଙ୍କର ଫେଭରିଟ୍ ହୋଇଥାଏ । ଏହି ଷ୍ଟାଇଲ୍‌କୁ ବେଶ୍ ୟୁନିକ୍ ବୋଲି ଧରାଯାଇଥାଏ । ଏଥିରେ ପୁଅଙ୍କୁ ଫଙ୍କି ଷ୍ଟାଇଲ୍‌ରେ ଦେଖିବାକୁ ମିଳିଥାଏ । ସେମାନେ ହ୍ୟାଟ୍ ଓ ଜୁଏଲାରୀକୁ ଏହି ଷ୍ଟାଇଲ୍‌ରେ ପେୟାର କରି ଥାଆନ୍ତି । ଏଥିରେ ବ୍ଲେଜରକୁ ବିଶେଷ ଭାବେ ଧ୍ୟାନ ଦିଆଯାଇଥାଏ ।

### ଆଦର୍ଶ ଆଚରଣ ବିଧି କଡାକଡି ଭାବେ ପାଳନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅନୁରୋଧ

## ରାଜନୈତିକ ଦଳମାନଙ୍କ ସହ ବୈଠକ

ପୁରୀ (ସବ୍ୟୁ): ଭାରତର ନିର୍ବାଚନ କମିଶନର ଶନିବାର ନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ କରିଛନ୍ତି । ପୁରୀ ଜିଲ୍ଲାରେ ଏହାକୁ କଡାକଡି ଭାବେ ପାଳନ ସହ ଯେପରି କୌଣସି କ୍ଷେତ୍ରରେ ଏହାର ଉଲ୍ଲଘଂନ ନ ହୁଏ ସେଥି ପ୍ରତି ଯତ୍ନବାନ ହେବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପରାମର୍ଶ ଦେଇଛନ୍ତି । ରବିବାର ଅପରାହ୍ଣ ରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆଦର୍ଶ ଆଚରଣ ବିଧି ପାଳନ ଓ କାର୍ଯ୍ୟକାରିତା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ନିର୍ବାଚନ କମିଶନ ଯେଉଁ ଆଦର୍ଶ ଆଚରଣ ବିଧି ପ୍ରଣୟନ କରିଛନ୍ତି ତାହାକୁ ସମସ୍ତେ ଅନୁପାଳନ କରିବାକୁ ଅନୁରୋଧ କରିଥିଲେ । ନିର୍ବାଚନ ଏକ ଗଣତାନ୍ତ୍ରିକ ପ୍ରକ୍ରିୟା । ଏହାକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଭୟମୁକ୍ତ ଭାବେ ପରିଚାଳନା କରିବା ଆମ ସମସ୍ତ ଙ୍କ ଦାୟିତ୍ୱ । ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ବିବିଧ ଟିମ ଗଠନ କରାଯାଇଛି ଓ ସେମାନେ ସମସ୍ତ କାର୍ଯ୍ୟ ର ତଦାରଖ



କରୁଛନ୍ତି । ତେଣୁ ରାଜନୈତିକ ଦଳ ଓ ପ୍ରାର୍ଥୀ ମାନେ ନିର୍ବାଚନ କମିଶନର ଙ୍କ ମାର୍ଗଦର୍ଶିକା ଆଧାର ରେ କାର୍ଯ୍ୟ କରିବା ସହ ଏହି ସମସ୍ତ ଟିମ ମାନଙ୍କୁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ । ଆଦର୍ଶ ଆଚରଣ ବିଧି ର ତଦାରଖ ପାଇଁ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଟିମ କାମ କରୁଛି । ତତ୍ ସହିତ ନିୟନ୍ତ୍ରଣ କକ୍ଷ ମଧ୍ୟ ଏହାର ଅନୁଧ୍ୟାନ କରୁଛନ୍ତି । ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀ ସର୍ବାଧିକ ୯୫ ଲକ୍ଷ ଟଙ୍କା ଓ ବିଧାନସଭା ପାଇଁ ପ୍ରାର୍ଥୀ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପାଇଁ ନିର୍ବାଚନ କମିଶନ ଧାର୍ଯ୍ୟ କରିଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝି, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନୀଷା ଷଡ଼ଙ୍ଗୀ,ଡିଆଇଓ ଏନ ଆଇ ସି ବିଶ୍ୱନାଥ ପଣ୍ଡା,ଅନ୍ୟାନ୍ୟ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

### ମଠସାହି ତୁଳସୀପୁର , ତୁଳସୀବାଟିକା ବାସିନ୍ଦାଙ୍କ ସମସ୍ୟା ପଚାରି ବୁଝିଲେ ମେୟର

କଟକ, (ସବ୍ୟୁ) ରବିବାର ମେୟର ସୁବାସ ସିଂହ ୱାର୍ଡ ନଂ ୮ ର କର୍ପୋରେଟର ନମିତ ବାରିକ ଙ୍କ ସହ ୱାର୍ଡ ର ସମସ୍ୟା ଓ ଲୋକ ମାନଙ୍କ ସହିତ ସାକ୍ଷାତ କରି ସମସ୍ୟା କଥା ବୁଝିଥିଲେ । ତୁଳସୀଭାଟିକା ଆପାର୍ଟମେଣ୍ଟ ବାସିନ୍ଦାଙ୍କ ସହିତ ଭିନ୍ନ ଭିନ୍ନ ସମସ୍ୟା ଯେପରି ପାଣିର ସମସ୍ୟା , ପୋଖରୀ ସମସ୍ୟା , ମଶା ଧୂଆଁ ଯୋଗାଇବା ବିଷୟ ମାନଙ୍କରେ ଆଲୋଚନା କରି ତତକ୍ଷଣାତ ର୍ନିଦ୍ଧିଷ୍ଟ ବିଭାଗୀୟ ଅଧିକାରୀ ମାନଙ୍କୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତୁଳସୀବାଟିକା କମିଟି ର ସଭାପତି ପ୍ରମୋଦ କୁମାର ରଥ , ସାଧାରଣ ସମ୍ପାଦକ ଡକ୍ଟର ଅଶୋକ କୁମାର ଶ୍ରୀବାସ୍ତବ , ସୌମ୍ୟକାନ୍ତ ମହାନ୍ତି , ସୁସ୍ମିତା ମହାନ୍ତି, ମମତା ମହାପାତ୍ର, ଜୟନ୍ତୀ ପାଠକ ପ୍ରମୁଖ ଶତାଧିକ ବାସିନ୍ଦା, ପାନୀୟ ଜଳ ର ସ୍ବତନ୍ତ୍ର ବ୍ୟବସ୍ଥା , ମଶାତେଲ ପକାଇବା , ପୋଖରୀ ର ଉନ୍ନତିକରଣ , କରିବା ପାଇଁ ଏକ ସ୍ମାରକୀ ପତ୍ର ମଧ୍ୟ ମାନ୍ୟବର ମେୟର ଙ୍କୁ ପ୍ରଦାନ କରିଥିଲେ ।

### ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ

## ବିନା ଭୟ ଓ ପକ୍ଷପାତିତାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

ଖୋର୍ଦ୍ଧା (ସବ୍ୟୁ): ରାଜ୍ୟରେ ଉଭୟ ଲୋକସଭା ଓ ବିଧାନସଭା ନର୍ବାଚନ ପାଇଁ ଭାରତ ନିର୍ବାଚନ କମିଶନ ଗତକାଲିଠାରୁ ଘୋଷଣା କରିବା ପରେ ଆଦର୍ଶ ଆଚରଣ ବିଧି କଡ଼ାକଡ଼ି ପାଳନ କରିବା ପାଇଁ ଜିଲ୍ଲାପାଳ ଚଂଚଳ ରାଣା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଣା କହିଲେ ଯେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା । ଜିଲ୍ଲାରେ ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୟଦେବ, ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତର), ଏକାମ୍ର, ଜଟଣୀ, ବେଗୁନିଆ, ଖୋର୍ଦ୍ଧା ଏବଂ ପୁରୀ ଲୋକସଭା ଆସନ ଅନ୍ତର୍ଗତ ଚିଲିକା ବିଧାନସଭାରେ ମତଦାନ ହେବ । ଷଷ୍ଠ ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନ ପାଇଁ ଆସନ୍ତା ଅପ୍ରେଲ ୨୯ ତାରିଖରେ ବିଜ୍ଞପ୍ତି ଜାରି ହେବ ଏବଂ ମଇ ୬ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ସେହିଭଳି ମଇ ୭ ତାରିଖରେ ପ୍ରାର୍ଥୀପତ୍ର ଯାଂଚ କରାଯିବ ଏବଂ ୯ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି । ଏଥିସହ ଜୁନ୍ ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା କରାଯାଇ ଜୁନ୍ ୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ କରାଯିବ । ଚଳିତ ନିର୍ବାଚନ ନିମନ୍ତେ ଜିଲ୍ଲାରେ ଏପର୍ଯ୍ୟନ୍ତ ୧୮ ଲକ୍ଷ ୬୫ ହଜାର ୪୫୫ ଜଣ ମତଦାତା ଅଛନ୍ତି । ଜିଲ୍ଲାରେ ୮ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୯୦୭ଟି ଭୋଟଦାନ କେନ୍ଦ୍ର ରହିଛି । ସେଥି ମଧ୍ୟରୁ ୫୨୪ଟି ମହିଳାମାନଙ୍କ ଦ୍ୱାରା ପରିଚାଳିତ ପିଙ୍କ୍ ବୁଥ୍ ତଥା ସଖୀ ବୁଥ୍, ୧୪୯ଟି ବୁଥ୍‌ରେ ମତଦାନ ପରିଚାଳନା ନିମନ୍ତେ ମହିଳାମାନେ ପ୍ରମୁଖ ଦାୟିତ୍ୱ ତୁଲାଇବା ସହ ୩୦ ବର୍ଷରୁ କମ୍ ଯୁବ ଅଧିକାରୀମାନେ ୩୦ଟି ବୁଥ୍ ରେ ପୁଲିଂ ଅଧିକାରୀ ଭାବେ କାର୍ଯ୍ୟ



କରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ଅନ୍ୟପକ୍ଷରେ ଭୁବନେଶ୍ୱର (ମଧ୍ୟ)ର ସମସ୍ତ ୧୯୯ଟି ବୁଥ୍ ସଖୀ ମତଦାନକେନ୍ଦ୍ର ଭାବେ ପରିଚାଳିତ ହେବ । ଏହି ସମସ୍ତ ମତଦାନ କେନ୍ଦ୍ର ମଧ୍ୟରୁ ୨୦ ପ୍ରତିଶତ ଆଦର୍ଶ ବୁଥ୍ ଏବଂ ୬୦ ପ୍ରତିଶତ ବୁଥ୍ ରେ ୱେବ୍‌କାଷ୍ଟିଂ କରାଯିବ । ନିର୍ବାଚନ ପ୍ରକ୍ରିୟାରେ ଜିଲ୍ଲାରେ ପ୍ରାୟ ୧୪ ହଜାର ପୁଲିଂ ଅଧିକାରୀ ନିଯୁକ୍ତ ହେବେ । ପୁଲିଂ ଅଧିକାରୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ତାଲିମ ପ୍ରଦାନ ପ୍ରକ୍ରିୟା ଜାରି ରହିଛି ।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବୁଥ୍‌ରେ ଅସ୍ଥାୟୀ ପ୍ରତୀକ୍ଷାକକ୍ଷ, ପାନୀୟ ଜଳ ଆଦିର ବ୍ୟବସ୍ଥା କରାଯିବ । ଜୟଦେବ, ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତର), ଏକାମ୍ର, ଜଟଣୀ ନିମନ୍ତେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ, ବେଗୁନିଆ, ଖୋର୍ଦ୍ଧା ବିଧାନସଭା କ୍ଷେତ୍ର ପାଇଁ ଜିଲ୍ଲା ପଣ୍ୟାଗାର ଏବଂ ଚିଲିକା ବିଧାନସଭା ନିମନ୍ତେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ପୁଲିଂ ପାର୍ଟିମାନେ ବୁଥ୍ ଅଭିମୁଖେ ଯାତ୍ରା କରିବା ସହ ମତଦାନ ପରେ ଇଭିଏମ୍ ଦାଖଲ ଏବଂ ଭୋଟଗଣନା କେନ୍ଦ୍ର କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସେହିଭଳି ୮୫ବର୍ଷ ବୟସରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ଭୋଟରମାନଙ୍କ ପାଇଁ ନିଜେ ଘରେ ରହି ମତଦାନ କରିବା ନିମନ୍ତେ ବ୍ୟବସ୍ଥା କରାଯିବ । ନିର୍ବାଚନୀ ସଂକ୍ରାନ୍ତୀୟ ଅଭିଯୋଗ ନିମନ୍ତେ ସି-ଭିଜିଲ୍ ଆପ୍ କିମ୍ବା ଜିଲ୍ଲା ନିୟନ୍ତ୍ରଣ କକ୍ଷ ୦୬୭୫୫-୨୨୦୯୩୭ ଏବଂ ୧୯୫୦କୁ ଫୋନ୍ କରି ଅଭିଯୋଗ ଦାଖଲ କରିହେବ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ମିଡ଼ିଆ ସାର୍ଟିଫିକେସନ୍ ଏବଂ ମନିଟରିଂ କମିଟି ସେଲ୍ ଖୋଲିବା ପାଇଁ ନିଷ୍ପତି ନିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ନିର୍ବାଚନ ଡେପୁଟି କଲେକ୍ଟର ମନୋଜ କୁମାର ସେନାପତି, ଖୋର୍ଦ୍ଧା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଅତିରିକ୍ତ ଡିସିପି ପ୍ରଶାନ୍ତ କୁମାର ମଲ୍ଲ ଏବଂ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଙ୍ଗଲ ନିଆଁ : କର୍ତ୍ତୃପକ୍ଷ ସଜାଗ

ଭୁବନେଶ୍ୱର (ତଥ୍ୟ): ରାଜ୍ୟର ଜଙ୍ଗଲଗୁଡିକରେ ବଢି ଚାଲିଥିବା ଅଗ୍ନିକାଣ୍ଡ ଉପରେ ୨୦୨୨ ରେ ବ୍ରେକ ଲାଗିଥିବାବେଳେ ଗତବର୍ଷ ପୁଣି ସେଥିରେ କିଛିଟା ବୃଦ୍ଧି ପରିଲକ୍ଷିତ ହୋଇଛି । ତେବେ ୨୦୨୧ ବର୍ଷରେ ବନାଗ୍ନିରେ ୨୮ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ପ୍ରଭାବିତ ହୋଇଥିବା ଜଣାଯାଇଛି । ରାଜ୍ୟର ଜଙ୍ଗଲ ଅଞ୍ଚଳରେ ଗ୍ରୀଷ୍ମଋତୁରେ ଅଗ୍ନିକାଣ୍ଡ ଘଟିଥାଏ । ଶୁଖିଲାପତ୍ରରେ କେତେକ ସ୍ଥାନରେ ଛାଏଁ ଛାଏଁ ନିଆଁ ଲାଗି ଯାଉଥିବାବେଳେ ଆଉ କେତେକ ସ୍ଥାନରେ ଶିକାରୀ ଓ ମାଫିଆମାନେ ନିଆଁ ଲଗାଇ ଦେଇଥାନ୍ତି । ସେହିଭଳି ପୋଡୁଚାଷ ପାଇଁ ମଧ୍ୟ କେତେକ ସ୍ଥାନରେ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଇଥାଏ । ସରକାରୀ ହିସାବ ଅନୁଯାୟୀ ୨୦୧୪ ମସିହାରେ ରାଜ୍ୟର ୫୨ଟି ଜଙ୍ଗଲ ଡିଭିଜନରେ ୧୮୯୧ ବନାଗ୍ନି ପରିଲକ୍ଷିତ ହୋଇଥିବାବେଳେ ସେଥିରେ ୮୮୧ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଥିଲା । ତେବେ ଏହା ପରଠାରୁ ପ୍ରତିବର୍ଷ ଜଙ୍ଗଲରେ ଅଗ୍ନକାଣ୍ଡ ବଢିବାରେ ଲାଗିଛି । ୨୦୧୬ ମସିହାରେ ରାଜ୍ୟର ବିଭିନ୍ନ ଜଙ୍ଗଲ ଡିଭିଜନରେ ୨୫୭୨ଟି ଅଗ୍ନିକାଣ୍ଡ ପରିଲକ୍ଷିତ ହୋଇଥିବାବେଳେ ପ୍ରାୟ ୨ହଜାର ହେକ୍ଟର ଜମି ଏଥିରେ ପ୍ରଭାବିତ ହୋଇଥିଲା ।

୨୦୧୭ ମସିହାରେ ଉଭୟ ଅଗ୍ନକାଣ୍ଡର ସଂଖ୍ୟା ଓ ପ୍ରଭାବିତ ଜଙ୍ଗଲ ଅଞ୍ଚଳର ପରିସୀମା ବଢିବାରେ ଲାଗିଥିଲା ।ଏହିବର୍ଷ ବନାଗ୍ନିରେ ୧୪ହଜର ହେକ୍ଟରରୁ ଅଧିକ ଜଙ୍ଗଲ ପ୍ରଭାବିତ ହୋଇଥିବା ସରକାରୀ ଭାବେ କୁହାଯାଇଥିଲା । ତେବେ ୨୦୨୧ ମସିହାରେ ରାଜ୍ଯର ଜଙ୍ଗଲଗୁଡିକରେ ୫୬୭୦୯ଟି ଅଗ୍ନିକାଣ୍ଡ ପରିଲକ୍ଷିତ ହୋଇଥିବାବେଳେ ଏଥିରେ ୨୮ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ଅଞ୍ଚଳ ପ୍ରଭାବିତ ହୋଇଥିଲା । ତେବେ ରାଜ୍ୟ ଜଙ୍ଗଲ ବିଭାଗର ସକରାତ୍ମକ ପଦକ୍ଷେପ ଯୋଗୁଁ ୨୦୨୨ ମସିହାରେ କର୍ତ୍ତୃପକ୍ଷ ବନାଗ୍ନିକୁ ଆୟତ କରିବାରେ ସଫଳ ହୋଇଥିଲେ । ସେହିବର୍ଷ ନିଆଁ ଯୋଗୁଁ ପ୍ରଭାବିତ ଜଙ୍ଗଲ ପରିମାଣ ୮୪୩୮କୁ ହ୍ରାସ ପାଇଥିଲା । କିନ୍ତୁ ୨୦୨୩ରେ ପୁଣିଥରେ ଜଙ୍ଗଲ ନିଆଁରେ ୯୭୧୧ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଥିଲା । ଚଳିତବର୍ଷ ଗ୍ରୀଷ୍ମ ଆରମ୍ଭ ସହିତ ରାଜ୍ୟର କେତେକ ଜଙ୍ଗଲରେ ବନାଗ୍ନି ପରିଲକ୍ଷିତ ହେଲାଣି । ତେବେ କର୍ତ୍ତୃପକ୍ଷ ଏହା ଉପରେ ସତର୍କ ଦୃଷ୍ଟି ରଖିବା ସହିତ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଉପଗ୍ରହରୁ ବନାଗ୍ନିର ସୂଚନା ପାଇବା ମାତ୍ରେ ତାହାକୁ ତୁରନ୍ତ ବନଖଣ୍ଡର ବିଟ ସ୍ତର ପର୍ଯ୍ୟନ୍ତ ପଞ୍ଜିକୃତ ମୋବାଇଲ ନମ୍ବରକୁ ସିଧାସଳଖ ପଠାଯାଇ ଅହୋରାତ୍ର ନଜର ରଖାଯାଉଛି । ଏଥିପାଇଁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଦପ୍ତରରେ ୨୪ଘିଆ ନିୟନ୍ତ୍ରଣ କକ୍ଷ ସ୍ଥାପନ ହୋଇଛି । ସେହିଭଳି ସ୍ଥାନୀୟ ଯୁବକମାନଙ୍କୁ ନେଇ ଜଙ୍ଗଲକୁ ସୁରକ୍ଷିତ କରିବାପାଇଁ ରାଜ୍ଯ ସରକାରଙ୍କ ତରଫରୁ ଆବଶ୍ୟକୀୟ ପଦକ୍ଷେପ ସ୍ୱରୂପ ବିଭାଗୀୟ କର୍ମଚାରୀଙ୍କୁ ସାହାଯ୍ୟ କରିବା ନିମନ୍ତେ ପାରା ଫରେଷ୍ଟ ଷ୍ଟାଫ , ବନ୍ୟପ୍ରାଣୀ ସୁରକ୍ଷା ବାହିନୀ ଏବଂ ଜଙ୍ଗଲ ନିଆଁ ସୁରକ୍ଷା ସ୍କାଡ ନିୟୋଜିତ କରାଯାଇଛି । ଅଗ୍ନି ପ୍ରଶମିତ କରିବାପାଇଁ ବହୁଳ ଭାବରେ ଅଗ୍ନି ନିର୍ବାପକ ଯନ୍ତ୍ର ଯୋଗାଇ ଦିଆଯାଉଛି ।

## ଚୋରିକରି ବନ୍ଧା ହେଲେ ସିକ୍ୟୁରିଟିଗାର୍ଡ ସହ କବାଡିଆ

ବାରଙ୍ଗ , (ସବ୍ୟୁ) : ବାରଙ୍ଗର ୬ପଞ୍ଚାୟତରେ ପାନୀୟଜଳ ଯୋଗାଣ ପାଇଁ ହେଉଥିବା କାମ ନିମନ୍ତେ ହୋଇଥିବା ଗୋଡାଉନରୁ ପାଣିପାଇପ ଓ ଫିଟିଂ ସାମଗ୍ରୀ ଚୋରୀକରିବା ଅଭିଯୋଗରେ ପୋଲିସ ଦୁଇ ସିକୁରିଟିଗାର୍ଡ ,କବାଡିଆହ ଅନ୍ୟଜଣଙ୍କୁ ଗିରଫକରି ରବିବାର ଦିନ କୋର୍ଟଚାଲଣ କରିଛି । ଅଭିଯୋଗକାରୀ ଅରୁଣ କୁମାର ପଣ୍ଡା ନାମକ ବ୍ୟକ୍ତି ବାରଙ୍ଗ ବ୍ଲକ୍ ର ୭ ପଞ୍ଚାୟତକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ପାଇପ ସଂଯୋଗ କାମ କରୁଥିଲେ। ଏଥିନିମନ୍ତେ ସେ ମଧୁବନ ପଞ୍ଚାୟତ କାର୍ଯ୍ୟାଳୟରେ ତାଙ୍କର ଗୋଡାଉନ କରି ସେଠାରେ ପାଇପ ଓ ସଂଯୋଗ ନିମନ୍ତେ ବ୍ୟବହାର ଫିଟିଂ ସାମଗ୍ରୀ ସବୁ ଗଛିତ କରିରଖିଥିଲେ।ଠାରେ କାମକରୁଥିବା ଲେବରମାନେ ରହୁଥିଲେ ଛଜାଗରପାଇଁ ଲେବରମାନେ ଘରକୁ ପଳାଯାଇଥିବାରୁ କେବଳମାତ୍ରଦୁଇଜଣ ସିକୁରିଟିଗାର୍ଡ ଏହାକୁ ଜଗି କରିରହିଥିଲେ।ଏହାସତ୍ୱେ ୧୨ତାରିଖରେ ଗୋଡାଉନରୁ ୨୯ଖଣ୍ଡ ପାଣିପାଇପ ଓ ଏହାକୁ ସଂଯୋଗନିମନ୍ତେ ବ୍ୟବହାର ଫିଟିଂ ଚୋରିହୋଇଥିବାର ୧୫ତାରିଖରେ ସେ ଅଭିଯୋଗ କରିଥିଲେ ।।ଅଭିଯୋଗଆଧାରରେ ବାରଙ୍ଗଥାନାପୋଲିସ ୧୨୩/୨୪କେଶନଂରେ ଏକ ମାମଲା ରୁଜୁକରି ତଦନ୍ତଆରମ୍ଭ କରିଥିଲା ।ବିଶେଷ ସୁତ୍ରରୁ ଖବରପାଇ ପୋଲିସ ମଧୁବନ ଗ୍ରାମର କାଳନ୍ଦି ମାଝିଁ ନାମକ ବ୍ୟକ୍ତିଙ୍କ ଗୁହାଳଘରୁ କିଛି ଚୋରୀ ସାମଗ୍ରୀ ଜବତକରିବା ସହ କାଳନ୍ଦିକୁ ଗିରଫ କରିଥିଲା ।ଏହାପରେ କାଳନ୍ଦିକୁ ପଚରାଉଚରା କରିବା ପରେ ସେ ଓ ତାର ଦୁଇ ସିକୁରିଟିଗାର୍ଡ ସହଯୋଗୀ ମିଶି ଚୋରୀକରିଥିବା ସହ ଅବଶିଂଶ ଚୋରୀସାମଗ୍ରୀକୁ କବାଡିଆକୁ ବିକ୍ରି କରିଥିବାର ପୋଲିସ ଆଗରେ ମାନିଯାଇଥିଲେ ।ପରେ ପୋଲିସ,ନିମାପଡାର ବିରଚିଂସାମଲ, ବାଲିପାଟଣାର ବବିଭୋଇ ଓ ପରେ କବାଡିଆ ଫତେଗଡର ନିରଞ୍ଜନ ମୁଦୁଲିଙ୍କୁ ଗିରଫ କରିଥିଲେ ।ପୋଲିସ କାଳନ୍ଦି ଓ କବାଡିଆଦୋକାନରୁ ସମୁଦାୟ ୬ଖଣ୍ଡପାଇପ ସହ ଫିଟିଂସାମଗ୍ରି ଜବତ କରିବାସହ ୪ଜଣଙ୍କୁ ଗିରଫ କରି ରବିବାରଦିନ କୋର୍ଟଚାଲଣ କରିଛି ।

## ୧୪୭ ବିଧାନସଭା ଆସନରେ ପ୍ରାର୍ଥୀ ଦେବ 'ସମୃଦ୍ଧ ଓଡିଶା' ଦଳ



ଭୁବନେଶ୍ୱର (ସବ୍ୟୁ): ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ସମୃଦ୍ଧ ଓଡିଶା ଦଳ ସମସ୍ତ ୨୧ ଲୋକସଭା ଆସନ ଓ ୧୪୭ ବିଧାନସଭା ଆସନରେ ପ୍ରାର୍ଥୀ ଦେବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ଦଳର ସଭାପତି ଡଃ ଯତୀଶ ଚନ୍ଦ୍ର ମହାନ୍ତି ଘୋଷଣା କରିଛନ୍ତି । ଦଳର ସଭାପତି ଡଃ ମହାନ୍ତିଙ୍କ ସହ ମୁଖ୍ୟ ଉପଦେଷ୍ଟା ଜଷ୍ଟିସ୍ ଉମାଚରଣ ମିଶ୍ର, ସାଧାରଣ ସଂପାଦକ ଆଡଭୋକେଟ୍ ସୁଶାନ୍ତ ମହାପାତ୍ର, ନିରାକାର ବେଉରା ପ୍ରମୁଖ ଉପସ୍ଥିତିରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୩ ଜଣ ଲୋକସଭା ପ୍ରାର୍ଥୀ ଓ ୨୦ ଜଣ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରାଗଲା । ପ୍ରଥମ ପର୍ଯ୍ୟାୟରେ ଘୋଷଣା କରାଯାଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ଭୁବନେଶ୍ୱର ଲୋକସଭା ଆସନରୁ ଜଷ୍ଟିସ୍ ଉମାଚରଣ ମିଶ୍ର, କେନ୍ଦ୍ରାପଡା ଲୋକସଭା ଆସନରୁ ପ୍ରଜ୍ଞାନ ପ୍ରକାଶ ମହାପାତ୍ର, ବାଲେଶ୍ୱର ଲୋକସଭା ଆସନରୁ ପ୍ରଦୀପ କୁମାର ସ ' ଙ୍କ ନାମ ଘୋଷଣା କରାଯାଇଥିଲା । ଅବଶିଷ୍ଟ ୧୮ ଜଣ ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଖୁବ୍ ଶୀଘ୍ର ଘୋଷଣା କରାଯିବ । ସେହିପରି ପ୍ରଥମ ପର୍ଯ୍ୟାୟରେ ୨୦ ଜଣ ବିଧାନସଭା ଆସନ ନିମନ୍ତେ ମନୋନୀତ ହୋଇଥିବା ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯାଇଥିଲା । ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ନାମ ତାଲିକାରେ ଅନ୍ୟ ସମସ୍ତ ଲୋକସଭା ଓ ବିଧାନସଭା ଆସନରେ ସଚ୍ଚୋଟ, ସ୍ୱାଭିମାନୀ ପ୍ରାର୍ଥୀମାନଙ୍କ ନାମ ପ୍ରକାଶ କରାଯିବା ସହ ଥରୁଟିଏ ସମୃଦ୍ଧ ଓଡିଶାକୁ ଶାସନଭାର ଦେଇ ପରୀକ୍ଷା କରିବା ନିମନ୍ତେ ରାଜ୍ୟବାସୀଙ୍କୁ ଡଃ ମହାନ୍ତି ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଅନୁରୋଧ କରିଛନ୍ତି ।

## ସଡକ ଦୁର୍ଘଟଣାରେ ପିକ୍‌ଅପ ଡ୍ରାଇଭର ମୃତ

ଆଠଗଡ , (ସବ୍ୟୁ) :ରବିବାର ଅପରାହ୍ନ ସମୟରେ ଖୁଣ୍ଟୁଣୀ ପଟରୁ ଏକ ଟ୍ରକ ଆସୁଥିବା ବେଳେ ଗୋପୀନାଥପୁର ନିକଟରେ ରାସ୍ତା ଉପରେ କୌଣସି କାରଣରୁ ଠିଆ ହୋଇଥିଲା। ଏହି ସମୟରେ ବିପରୀତ ଦିଗରୁ ଏକ ଅକ୍ସିଜେନ ଲୋଡ୍ ପିକ ଅପ ଗାଡି ଆସି ଟ୍ରକ ସହ ମୁହାଁମୁହିଁ ଧକ୍କା କରିଥିଲା।ପିକ ଅପ ଗାଡିର ଆଗ ପଟ ଅଂଶ ଭାଙ୍ଗିରୁଜି ଯାଇଥିଲା। ପିକ ଅପ ଡ୍ରାଇଭର ଗୁରୁତର ହୋଇ ପଡିଥିଲା। ଘଟଣା ସ୍ଥଳରେ ସ୍ଥାନୀୟ ଲୋକ ୧୦୮ କୁ ଖବର ଦେଇଥିଲେଛ କିଛି ସମୟ ପରେ ଆମ୍ବୁଲାନ୍ସ ପହଞ୍ଚି ପିକ ଅପ୍ ଗାଡ଼ି ଡ୍ରାଇଭରକୁ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା।ମାତ୍ର ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ।ଆଠଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରି କେସ ନଂ ୯୦/୨୪ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ମୃତ ଡ୍ରାଇଭର ହେଲେ ବଡମ୍ବା ବନମାଳିପୁର ଗ୍ରାମର ତ୍ରିଲୋଚନ ସାହୁ(୩୫) ବୋଲି ଆଠଗଡ ଥାନା ସବ ଇନ୍ସପେକ୍ଟର ବିଶ୍ୱଜିତ ଜେନା ପ୍ରକାଶ କରିଛନ୍ତି।






## ସକାରାତ୍ମକ ସ୍ଥିତିରେ ରହିଛି ଭାରତୀୟ ଅର୍ଥନୀତି

ଭୁବନେଶ୍ୱର (ସବ୍ୟୁ): ଉଦୀୟମାନ ବଜାର ଅର୍ଥନୀତିଗୁଡିକ ମଧ୍ୟରେ ଏକ ଉଜ୍ଜ୍ୱଳ ସ୍ଥାନ ଭାବେ ପରିଗଣିତ ଭାରତ ଆର୍ଥିକ ସ୍ଥିତି, ଚଳନ୍ତୀ ଖାତା, ଅଭିବୃଦ୍ଧି ଓ ମୂଳ ମୁଦ୍ରାସ୍ଫୀତି ଉପରେ ସକାରାତ୍ମକ ପ୍ରଦର୍ଶନ କରିଛି। ସଦ୍ୟତମ କେନ୍ଦ୍ରୀୟ ବଜେଟ କେନ୍ଦ୍ର ସରକାରଙ୍କ ବିତୀୟ ନିଅଂଟକୁ ୨୦୨୪ ଆର୍ଥିକ ବର୍ଷରେ ୫.୮% ଏବଂ ୨୦୨୫ ଆର୍ଥିକ ବର୍ଷରେ ୫.୧% ରହିବ ବୋଲି ଧାର୍ଯ୍ୟ କରିଛି ଯାହା ଆଶାଠାରୁ କମ୍ ଅଟେ ଏବଂ ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା ଏହା ୪.୫%ରୁ କମ୍ ରହିବ ବୋଲି ଆକଳନ କରିଛି। ସେହିପରି ସାର୍ବଜନିନ କ୍ଷେତ୍ରର ମୋଟ ନିଅଂଟ (କେନ୍ଦ୍ର, ରାଜ୍ୟ ଓ ସାର୍ବଜନିନ ଉଦ୍ୟୋଗଗୁଡିକର ମୋଟ ପରିମାଣ) ବର୍ତମାନ ମହାମାରୀ ପୂର୍ବର ସ୍ତରଠାରୁ କମ୍ ରହିବ ବୋଲି ଆକଳନ କରାଯାଇଛି। ତେବେ ଏକ ଉଚ୍ଚ ଅଭିବୃଦ୍ଧି ଗୁଣକ ଥିବା ପୁଁ ଖର୍ଚ୍ଚ ଓ ଟିକସ ପରିମାଣ ବୃଦ୍ଧି ପାଇଛି। ୨୦୨୪ ଆର୍ଥିକ ବର୍ଷର ୩ୟ ତ୍ରୈମାସ ପାଇଁ ପ୍ରକୃତ ଜିଡିପି ଅଭିବୃଦ୍ଧି ୮.୪% ଥିଲା ଏବଂ ୨୦୨୪ ଆର୍ଥିକ ବର୍ଷ ପାଇଁ ଏହା ୭.୬% ରହିବ ବୋଲି ଆକଳନ କରାଯାଇଛି, ବୋଲି ବନ୍ଧନ ଏଏମ୍‌ସିର ଫିକ୍ସଡ ଇନ୍‌କମ ବିଭାଗର ଅର୍ଥନୈତିଜ୍ଞ ଶ୍ରୀଜିଥ ବାଲାସୁବ୍ରମଣ୍ୟନ କହିଛନ୍ତି ।



ଅଧିକ ବ୍ୟାଖ୍ୟା କରି ବାଲାସୁବ୍ରମଣ୍ୟନ୍ କହିଛନ୍ତି ' ସାମଗ୍ରୀଗୁଡିକର ବାଣିଜ୍ୟିକ ନିଅଂଟ ୨୦୨୩ ଆର୍ଥିକ ବର୍ଷରେ ଜିଡିପିର ୨% ରହିଥିଲା ଏବଂ ୨୦୨୪ ଆର୍ଥିକ ବର୍ଷରେ ଏହା ୧%ରୁ କମ୍ ରହିବା ର ସମ୍ଭାବନା ରହିଛି। ଜିଡିପିର ୧୦%ର ସାର୍ବଜନିନ କ୍ଷେତ୍ରର ମୋଟ ନିଅଂଟ ବ୍ୟତୀତ ଏହି ଯୁକ୍ତିଯୁକ୍ତ ସିଏଡି ସୂଚିତ କରୁଛି ଯେ, ଘରୋଇ କ୍ଷେତ୍ର ଏହାର ନିବେଶ ଆବଶ୍ୟକତାଗୁଡିକ ପାଇଁ ବାହ୍ୟ ନିକଟରେ ହ୍ରାସ ପାଇଥିବା ବେଳେ ସେବାଗୁଡିକର ସର୍ଭିସେସ ଟ୍ରେଡ୍ ସର୍‌ପ୍ଲସ ଢାଂଚାଗତ ଭାବେ ଗତ ୩ରୁ୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି, ଯାହାଫଳରେ ଆମର କରେଂଟ ଆକାଉଂଟ ବା ଚଳନ୍ତୀ ଖାତା ନିଅଂଟ ପାଣ୍ଠିର ସନ୍ଧାନ କରୁନାହିଁ। ତେଣୁ ଆମେ ବର୍ତମାନ ଏକ ଭଲ ସ୍ଥିତିରେ ଅଛୁ। ଅନ୍ୟପକ୍ଷରେ ଘରୋଇ କ୍ଷେତ୍ରର ନିବେଶ ଆଗକୁ ବଢିଛି ଏବଂ ଅଧିକ ପାଣ୍ଠି ବ୍ୟବହାର କରୁଛି। ଯଦି କୌଣସି କାରଣ ଯୋଗୁ ଶୀଘ୍ର ଏକ ଘରୋଇ ନିବେଶ ଚକ୍ର ଆରମ୍ଭ ନହୁଏ ତେବେ ସିଏଡି ଆହୁରି ହ୍ରାସ ପାଇପାରେ କାରଣ ପାଣ୍ଠି ପାଇଁ ଉଭୟ ସରକାରୀ ଓ ଘରୋଇ ନିବେଶ ଚାହିଦା ହ୍ରାସ ପାଇଛି, ନଚେତ୍ ସରକାରୀ ରାଜକୋଷ ପ୍ରତ୍ୟାହାର କରିବାକୁ ନିଷ୍ପତି ନିଆଯିବ। ଆ'ର୍ଜାତୀୟ ବଣ୍ଡ ସୂଚକାଙ୍କଗୁଡିକରେ ଭାରତୀୟ ବଣ୍ଡଗୁଡିକର ଯୋଜନାବଦ୍ଧ ଅନ୍ତର୍ଭୁକ୍ତିକରଣ ଘୋଷଣା ହେବା ପରେ ଫରେନ ପୋର୍ଟଫୋଲିଓ ଇନ୍‌ଫ୍ଲୋ (ଏଫ୍‌ପିଆଇ) ବୃଦ୍ଧି ପାଇଛି । ତେଣୁ ସାମଗ୍ରିକ ଭାବେ ବିଓପି ସ୍ଥିତି ଉନ୍ନତ ରହିବ ବେବାଲି ଆଶା କରାଯାଉଛି।

## ବିଜେଡ଼ିରେ ଯୋଗ ଦେଲେ ମୋନିଦୀପା ସର୍ଖେଲ

# ପାରାଦୀପ ମ୍ୟୁନିସିପାଲିଟି ଉପାଧକ୍ଷାଙ୍କ ସମେତ ୯ କାଉନସିଲର ବିଜେଡ଼ିରେ ସାମିଲ




ଭୁବନେଶ୍ୱର (ସବ୍ୟୁ): ଜଗତସିଂହପୁର ଜିଲ୍ଲା ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାରାଦୀପ ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ମୋନି ଦୀପା ସର୍ଖେଲଙ୍କ ନେତୃତ୍ୱରେ ପାରାଦୀପ ମ୍ୟୁନିସିପାଲିଟି ଉପାଧକ୍ଷା ଛବିଲତା ରାଉତ ଏବଂ ୯ କାଉନସିଲରଙ୍କ ସମେତ ଶତାଧିକ ବିଜେପି ଓ କଂଗ୍ରେସକର୍ମୀ ରବିବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଓ ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ ଓ ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ଓ କଂଗ୍ରେସକର୍ମୀଙ୍କୁ ଶ୍ରୀ ମଙ୍ଗରାଜ, ଶ୍ରୀ ସାହୁ ଓ ଶ୍ରୀ ରାଉତରାୟ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ମୋନି ଦୀପା ସର୍ଖେଲ, ପାରାଦୀପ ମ୍ୟୁନିସିପାଲିଟି ଉପାଧକ୍ଷା, ୯ କାଉନସିଲର ଓ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ପାରାଦୀପ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ମଙ୍ଗରାଜ, ଶ୍ରୀ ସାହୁ ଓ ଶ୍ରୀ ରାଉତରାୟ କହିଥିଲେ । ଏହି ଅବସରରେ ମୋନି ଦୀପା ସର୍ଖେଲ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରବିବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ଦଳରେ ମୋତେ ଓ ଯୋଗ ଦେଇଥିବା ସମସ୍ତ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ପାରାଦୀପ ମ୍ୟୁନିସିପାଲିଟି ଅଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ସହପର୍ଯ୍ୟବେକ୍ଷକ ସନ୍ତୋଷବେଜ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମିଶ୍ରଣ ପର୍ବରେ ପାରାଦୀପ ମ୍ୟୁନିସିପାଲିଟି ଉପାଧକ୍ଷା ଛବିଲତା ରାଉତ, କାଉନସିଲର ଜୟନ୍ତୀ ମଦେଲି, ସ୍ୱପ୍ନାରାଣୀଜେନା, ବନିତା ରାଉତ, ଶୁକ୍ରମୁନି ନାଗ, ସୌଦାମିନୀ ସାହୁ, ରୁନିବାଳା ପରିଡ଼ା, ଜଗନ୍ନାଧ ରାଓକମ୍ଭଲା, ଯୁବନେତା ମିଟୁ ସ୍ୱାଇଁଙ୍କ ସହଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଧାରଣ ନିର୍ବାଚନ-୨୦୨୪କୁ ନେଇ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ



କଟକ (ସବ୍ୟୁ): ସାଧାରଣ ନିର୍ବାଚନ ୨୦୨୪ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀ ଆଜି ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଆସନ୍ତା ମେ ୨୫ ଓ ଜୁନ୍ ୧ ତାରିଖରେ ଜିଲ୍ଲାରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାର ତିନିଟି ସଂସଦୀୟ ନିର୍ବାଚନ ମଣ୍ଡଳୀ ଅଧିନରେ ୯ଟି ବିଧାସଭା ନିର୍ବାଚନ ମଣ୍ଡଳୀ ରହିଛି । ଜିଲ୍ଲାରେ ମୋଟ ୨୧,୪୧,୯୦୪ଜଣ ଭୋଟର ଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ରହିଛି ୧୦,୪୧,୬୧୯ ଓ ଅନ୍ୟାନ୍ୟ ଭୋଟର ସଂଖ୍ୟା ୨୬୪। ପ୍ରଥମ ଥର ଭୋଟ୍ ଦେଉଥିବା ଭୋଟରଙ୍କ ସଂଖ୍ୟା ୪୫,୨୧୮ ରହିଥିବାବେଳେ ଶହେ ବର୍ଷରୁ ଅଧିକ ଭୋଟରଙ୍କ ସଂଖ୍ୟା ରହିଛି ୮୨୯ ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ରହିଛି ୪୧,୯୯୨। ପ୍ରକାଶ ଥାଉକି ସମଗ୍ର ଦେଶରେ ସାତଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେଉଥିବାବେଳେ ଓଡ଼ିଶାରେ ଚାରିଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ ।

ଚଳିତ ଥର ପ୍ରଥମ ଥର ପାଇଁ ୮୫ ବର୍ଷରୁ ଅଧିକ ବୟସର ଭୋଟର ଓ ୪୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ଘରେ ବସି ଭୋଟିଂ ବ୍ୟବସ୍ଥା କରାଯାଇଛି। ଘରେ ବସି ଭୋଟ୍ ଦେବା ପାଇଁ ଆବେଦନ କରିଥିବା ଭୋଟର ମାନେ ହିଁ କେବଳ ଏହି ବ୍ୟବସ୍ଥାର ଲାଭ ଉଠାଇପାରିବେ। ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ କରିବା ପାଇଁ ଜିଲ୍ଲାର ଷାଠିଏ ପ୍ରତିଶତ ବୁଥରେ ୱେବକାଷ୍ଟିଂ ବ୍ୟବସ୍ଥା କରାଯାଇଥିବାବେଳେ ବିଭିନ୍ନ ବୁଥରେ ସିସିଟିଭି ଲଗାଯାଇଛି ଏବଂ ମାଇକ୍ରୋ ଅବଜରଭରମାନଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନ ଅନିୟମିତତା ସମ୍ପର୍କିତ କୌଣସି ଅଭିଯୋଗର ପଞ୍ଜିକରଣ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମନ୍ୱିତ କଂଟ୍ରୋଲ ରୁମ୍ ଖୋଲାଯାଇଛି। ଏଥିସହ ୧୯୫୦ ଟୋଲ ଫ୍ରି ନମ୍ବର କିମ୍ବା ସି-ଭିଜିଲ୍ ଆପ୍ ମାଧ୍ୟମରେ ମଧ୍ୟ ଜନସାଧାରଣ ଅନିୟମିତତା ସମ୍ପର୍କିତ ଅଭିଯୋଗ କରିପାରିବେ । ଚଳିତ ଥର ନିର୍ବାଚନ ଅନୁଷ୍ଠିତ ହେବାର ଗୋଟିଏ ଦିନ ପୂର୍ବରୁ ପୋଲିଂ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ପୋଲିଂ ବୁଥଗୁଡିକୁ ପଠାଯିବାର ବ୍ୟବସ୍ଥା କରାଯାଇଛି।

## ଏଲଏନ୍ଏସ୍ ମହାବିଦ୍ୟାଳୟ ୮୭ ବ୍ୟାଚ ବନ୍ଧୁ ମିଳନ




କଟକ (ସବ୍ୟୁ) ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ ମହାବିଦ୍ୟାଳୟ ୧୯୮୭ ମସିହା ବନ୍ଧୁମିଳନ କାର୍ଯ୍ୟକ୍ରମ ଜଗତପୁର ଡାକବଙ୍ଗଳାରେ ଏକ ଭାବାବେଗ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୩୯ ବର୍ଷ ତଳେ ଏହି ମହାବିଦ୍ୟାଳୟରେ ୨ ପଢୁଥିବା ବିଦ୍ୟାର୍ଥୀ ମାନେ ରବିବାର ଏକାଠି ହୋଇଥିଲେ । ଅତୀତରେ ମହାବିଦ୍ୟାଳୟ ରେ କଟାଇଥିବା ଅଭୁଲା ମୁହୂର୍ତ୍ତ ର ସ୍ମୃତିକୁ ରୋମନ୍ଥନ କରିବା ଅବସରରେ ପ୍ରତ୍ୟେକ ଭାବବିହ୍ୱଳ ହୋଇପଡ଼ିଥିଲେ । ପାରିବାରିକ ଜଞ୍ଜାଳରେ ଛନ୍ଦି ହୋଇ ପରସ୍ପର ମଧ୍ୟରେ ରହିଥିବା ବନ୍ଧୁତ୍ୱର ସମ୍ପର୍କ ଦୂରେଇଯାଇଥିବା ଯୋଗୁଁ ସମସ୍ତେ ଦୁଃଖ ପ୍ରକାଶ କରିଥଲେ । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମାନସ କୁମାର ମହାନ୍ତି, ଅଧୀର ଖଟୁଆ, ଅଭୟ ସାହୁ, ଚିତ୍ତରଂଜନ ସାହୁ , ଭାଗ୍ୟଧର ପୃଷ୍ଟି, ବରଦା ଦିକ୍ଷୀତ, ଶ୍ରୀକାନ୍ତ ନାୟକ, ବିପଦ ବନ୍ଧୁ ମହାନ୍ତି, ବଟକୃଷ୍ଣ ପଲେଇ, ପ୍ରଫୁଲ୍ଲ ସାହୁ, ଅଞ୍ଜନ ପଣ୍ଡା, ମାନସୀ ବିଶ୍ୱାଳ, ମଧୁସ୍ମିତା ସାମଲ, କଳ୍ପନା ବେହେରା, ସବିତା ଚୌଧୁରୀ,ନିରୁପମା ବିଶ୍ୱାଳ, ତ୍ରୈଲୋକ୍ୟ ଜେନା, ଚିନ୍ମୟ ଦାସ, ଦେବେନ୍ଦ୍ର ଦାସ, ଜିତେନ୍ଦ୍ର ସାହୁ,ନିଗମ ରାଉତରାୟ, ଦୈତାରି ଖୁଣ୍ଟିଆ ,ଅଜୟ, ବାସୁଦେବ ଭୂୟାଁ, ଗୌରାଙ୍ଗ ବାବୁ, ସୁଧୀର ବାବୁ,ଭାଗିରଥି ପାଢ଼ୀ ଙ୍କ ସମେତ ପ୍ରାୟ ୨୮ ଜଣ ପୁରାତନ ବିଦ୍ୟାର୍ଥୀ ଯୋଗ ଦେଇଥିଲେ ।

## ଆଦର୍ଶ ଆଚରଣ ବିଧି ଲାଗୁ ପରେ ଜନ ଅଭିଯୋଗ ଶୁଣାଣି ସ୍ଥଗିତ

କଟକ (ସବ୍ୟୁ) : ରାଜ୍ୟରେ ନିର୍ବାଚନୀ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଆସନ୍ତାକାଲି ତା୧୮.୩.୨୪ ରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଅଭିଯୋଗ ଶୁଣାଣୀକୁ ସ୍ଥଗିତ ରଖାଯାଇଛି । ଏଥିସହ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବାତିଲ କରାଯାଇଛି ।

## ଇଡି ଅଫିସର ପରିଚୟରେ ଠକେଇ

# ଦୁଇ ଭାଇ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଇଡି ଅଫିସର ପରିଚୟରେ ଠକେଇ କରୁଥିବା ଦୁଇଭାଇଙ୍କୁ ଝାଡ଼ଖଣ୍ଡରୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ । ସେ ପ୍ରାୟ ୩୪୦ ସରକାରୀ ଅଫିସରଙ୍କଠାରୁ ଠକେଇ କରିଥିବା ତଦନ୍ତରେ ଜଣାପଡ଼ିଛି ।

ଛତ୍ରପୁର ଏସଡିଏମ୍ ଦେବବ୍ରତ ମହାନ୍ତଙ୍କ ଏତଲା ଭିତ୍ତିରେ ଏସ୍‌ଟିଏଫ୍ ତଦନ୍ତ ଆଗକୁ ବଢ଼ିବା ପରେ ଠକେଇର ରହସ୍ୟ ଜଣାପଡ଼ିଥିଲା । ଢେଙ୍କାନାଳ ଦୋଳମଣ୍ଡପ ସାହିର ତାରିଣୀସେନ ମହାପାତ୍ର (୩୦), ତାଙ୍କ ଭାଇ ବ୍ରହ୍ମାଶଙ୍କର ମହାପାତ୍ର (୨୭) । ଦୁହେଁ ବିଳାଶପୂର୍ଣ୍ଣ ଜୀବନ ବିତାଇବା ପାଇଁ ଘର ପାଖର ବହୁ ଲୋକଙ୍କଠାରୁ ଟଙ୍କା ନେଇଥିଲେ । ସେମାନେ ଟଙ୍କା ପାଇଁ ଜୁଲମ କରିବାରୁ ଦୁଇଭାଇ ଫେରାର ହୋଇ ଝାଡ଼ଖଣ୍ଡ ରାଞ୍ଚିରେ ରହିଥିଲେ । ସେଠାରେ 'ଉପକାର' ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ କରିଥିଲେ । ବର୍ଷକ ମଧ୍ୟରେ ସ୍ୱେଚ୍ଛାସେବୀ ସଂଗଠନରୁ ସେପରି କିଛି ଲାଭ ମିଳିଲା ନାହିଁ । ଦୁଇଭାଇ ସେଠାରେ ୧୦ ହଜାର ଟଙ୍କାରେ ଘର ଭଡ଼ା ନେଇଥିଲେ । ଚଳିବା ପାଇଁ ଅସୁବିଧା ହେବାରୁ ସ୍ୱତନ୍ତ୍ର ବୁଦ୍ଧି ଖଟାଇ ଲାପଟପ, ଡେସ୍କଟପ ପ୍ରଭୃତି ବ୍ୟବହାର କରି ନିଜକୁ ଇଡି ଅଫିସର ପରିଚୟ ଦେଇଥିଲେ । ସେମାନେ ପ୍ରାୟ ସରକାରୀ ଅଫିସରଙ୍କୁ ଠକେଇ କରିଥିବା ଜଣାପଡ଼ିଛି । ଯେଉଁଠାରେ ଇଡି ଚଢ଼ାଉ କରୁଥିଲା, ପରେ ଦୁଇଭାଇ ସେମାନଙ୍କ ନମ୍ବର ସଂଗ୍ରହ କରି ତାଙ୍କ ସହ ଯୋଗାଯୋଗରେ ରହୁଥିଲେ । ମୋବାଇଲ ଟ୍ରୁକୋଲାରରେ ସଞ୍ଜୟ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଇଡି ବୋଲି ତାରିଣୀ ସେନ ମୋବାଇଲ ନମ୍ବରରୁ ଜଣାପଡୁଥିଲା । ସେ ନିଜକୁ ଇଡିର ଅତିରିକ୍ତ ନିର୍ଦ୍ଦେଶକ ପରିଚୟ ଦେଉଥିଲା । ଓଡ଼ିଶାର ୩୪୦ ସରକାରୀ ଅଫିସରଙ୍କ ଠାରୁ ପ୍ରାୟ ୧୬ ଲକ୍ଷ ଟଙ୍କା ଦୁଇଭାଇ ଠକିନେଇଛନ୍ତି । ଦୁହେଁ ଛତ୍ରପୁର ଏସ୍‌ଡିଜେଏମ୍ ଦେବବ୍ରତ ମହାନ୍ତଙ୍କ ପାଖରେ ତାଙ୍କ ଠକେଇ ବୁଦ୍ଧି ପ୍ରୟୋଗ କରିବା ପରେ ସେ ଏସଟିଏଫ୍‌ରେ ଏତଲା କରିଥିଲେ । ସେ ଯେଉଁମାନଙ୍କୁ ଫୋନ କରୁଥିଲେ, ସେମାନେ ରିସିଭ ନକଲେ ତାଙ୍କୁ ହ୍ୱାଟସଆପ୍ ମେସେଜରେ ବହୁ ଗୁରୁତ୍ୱପୂର୍ଣ୍ଣ କାମ ନଶୁଣିଲେ ଭିଜିଲାନ୍ସ ରେଡ୍ କରିବ ବୋଲି ଧମକାଉଥିଲେ । ଦୁଇଭାଇଙ୍କୁ ଏସ୍‌ଟିଏଫ୍ ଗିରଫ କରିବା ପରେ ତାଙ୍କ ନିକଟରୁ ଇଡି ନକଲି ଆଇ କାର୍ଡ଼, ୧୭ଟି ଏଟିଏମ୍ ଓ ଡେବିଟ୍ କାର୍ଡ଼, ବ୍ୟାଙ୍କ ପାସବୁକ ଓ ଚେକ ବହି, ଲାପଟପ ଓ ଡେସ୍କଟପ ପ୍ରଭୃତି ଜବତ କରିଛି ତଦନ୍ତକାରୀ ଟିମ୍ । ସେମାନେ ଅଫିସରଙ୍କୁ ଠକିବା ପରେ ତାଙ୍କୁ ଇଡିର ନକଲି କ୍ଲିୟରାନ୍ସ ଲେଟର ଦେଉଥିଲେ । ନକଲି କ୍ଲିୟରାନ୍ସ ଲେଟର ମଧ୍ୟ ଲାପଟପରୁ ଜବତ ହୋଇଥିବା ତଦନ୍ତକାରୀ ଟିମ କହିଛି । ଉଭୟଙ୍କୁ ରବିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି ।

## ସିଏଫ୍ଏ ଇନ୍‌ଷ୍ଟିଚ୍ୟୁଟ୍ ୟୁନିଭର୍ସିଟି ଆଫିଲିଏଶନ ପ୍ରୋଗ୍ରାମ

# ଯୋଗ ଦେଲା ଏକ୍ସଆଇଏମ୍ ୟୁନିଭର୍ସିଟି

ଭୁବନେଶ୍ୱର (ସବ୍ୟୁ) : ନିବେଶ ପେସାଦାରମାନଙ୍କ ଏକ ଆନ୍ତର୍ଜାତୀୟ ସଂଘ ସିଏଫ୍ଏ ଇନ୍‌ଷ୍ଟିଚ୍ୟୁଟ୍ ଏହାର ପ୍ରତିଷ୍ଠିତ ୟୁନିଭର୍ସିଟି ଆଫିଲିଏଶନ ପ୍ରୋଗ୍ରାମ (ୟୁଏପି)ରେ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ୍ ଭୁବନେଶ୍ୱର (ଏକ୍ସଆଇଏମ୍‌ବି)ର ଅନ୍ତର୍ଭୁକ୍ତ କରଣ ସମ୍ପର୍କରେ ଘୋଷଣା କରିଛି। ବ୍ୟବସାୟ ଶିକ୍ଷା କ୍ଷେତ୍ରରେ ନିଜର ଉତ୍କର୍ଷତା ପାଇଁ ସୁପରିଚିତ ଓ ଭାରତର ଶୀର୍ଷ ୨୦ଟି ବିଜ୍‌ନେସ୍ ସ୍କୁଲରେ କ୍ରମାଗତ ଭାବେ ସ୍ଥାନ ପାଇଆସୁଥିବା ଏହି ସହଭାଗିତା ଛାତ୍ରଛାତ୍ରୀଙ୍କୁ ଏକ ବିସ୍ତୃତ ବ୍ୟବସାୟ ଶିକ୍ଷା ପ୍ରଦାନ କରିବା, ସେମାନଙ୍କୁ ନିଜ ନିଜର ଶିଳ୍ପରେ ଲିଡରସିପ୍ ଭୂମିକା ପାଇଁ ପ୍ରସ୍ତୁତ କରିବା ଲାଗି ଏକ୍ସଆଇଏମ୍‌ବିର ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି। ଏହି ୟୁନିଭର୍ସିଟି ଆଫିଲିଏଶନ ପ୍ରୋଗ୍ରାମର ନିୟମ ଅନୁଯାୟର, ଏକ ଇନ୍‌ଷ୍ଟିଚ୍ୟୁଟ କିମ୍ବା ୟୁନିଭର୍ସିଟି ସିଏଫ୍ଏ ପ୍ରୋଗ୍ରାମ କ୍ୟାଣ୍ଡିଡେଟ ବଡି ଅଫ୍ ନଲେଜ (ସିବିଓକେ)ର ସର୍ବନିମ୍ନ ୭୦%କୁ ନିଜ ପାଠ୍ୟକ୍ରମରେ ସାମିଲ କରିପାରିବେ। ଭାରତରେ ସିଏଫ୍ଏ ପ୍ରୋଗ୍ରାମ ପାଇଁ ବଢୁଥିବା ଚାହିଦା ସହିତ ସିଏଫ୍ଏ ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱର ସମେତ ଦେଶବ୍ୟାପୀ ୨୩ଟି ସହରରେ ଟେଷ୍ଟ ସେଂଟର ସ୍ଥାପନ କରି ନିଜର ପହଂଚକୁ ବିସ୍ତାର କରୁଛି।

## ପଟିଆ କଲେଜ୍‌ରେଭାରତୀୟ ଭାଷା ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ମାତୃଭାଷା, ମାତୃଭୂମି ଏବଂ ମୋ ମାତୃ ଭାଷା - ମୋ ଗର୍ବ ବିଷୟରେ ଜାତୀୟ କର୍ମଶାଳା ଅଜି ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ ରେ ଆନୁଷ୍ଠିତ ହୋଇଯାଇଛି । ଭାରତୀୟ ଭାଷା ସମିତି, ଶିକ୍ଷା ମନ୍ତ୍ରଣାଳୟ,ଭାରତ ସରକାର ,ବିଦ୍ୟା ଭାରତୀ ଉଚ୍ଚ ଶିକ୍ଷା ସଂସ୍ଥାନ ଓ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ ର ମିଳିତ ଆୟୋଜନ ରେ ଅନୁଷ୍ଠିତ ଏହି ସେମିନାର ରେ ପଶ୍ଚିମ ବଙ୍ଗ




ବୈଷୟିକ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ତାପସ ଚକ୍ରବର୍ତ୍ତୀ,ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ର ପ୍ରଫେସର୍ ଟୁଇଙ୍କିଲ ପୃଷ୍ଟି, ବିଶ୍ୱଭାରତୀ ,ଶାନ୍ତି ନିକେତନ ର ପ୍ରଫେସର୍ ଇନ୍ଦ୍ରମଣି ସାହୁ,ଭାଷା ବିଶାରଦ ପ୍ରଫେସର ହରେକୃଷ୍ଣ ଶତପଥୀ, ଡ଼ ବସନ୍ତ ପଣ୍ଡା ,ଦ ନିଶାମଣି କର, ଡ କିଶୋର ଚନ୍ଦ୍ର ମହାନ୍ତି,ଡ ଜ୍ଞାନ ରଞ୍ଜନ ସ୍ୱାଇଁ ,ଡ ପ୍ରଦୀପ୍ତ ପଣ୍ଡା,ଲେଖକ ନିହାର ରଞ୍ଜନ ଦାସ ଆଦି ଯୋଗ ଦେଇଥିଲେ । ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ର ଓଡ଼ିଶା ରାଜ୍ୟ ସଂଗଠନ ସମ୍ପାଦକ ତାରକ୍ ଦାସ ସରକାର ସମାରୋପ୍ ଭାଷଣ ପ୍ରଦାନ କରିଥିଲେଛମହାବିଦ୍ୟାଳୟ ର ଅଧକ୍ଷ ପ୍ରଶାନ୍ତ କୁମାର ରାଉତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ରୁ ତିନିଶହ ରୁ ଉର୍ଦ୍ଧ ଅଧ୍ୟାପକ, ଅଧ୍ୟାପିକା,ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

## ସ୍ୱପ୍ନ ଫାଉଣ୍ଡେସନ ପକ୍ଷରୁ ପଖାଳ ଦିବସ




କଟକ, (ସ୍ୱପ୍ର): ଚଳିତ ମାସ ୨୦ ତାରିଖରେ ହେବ ବିଶ୍ୱ ପଖାଳ ଦିବସ। ହେଲେ ରବିବାର ଛୁଟି ଦିନରେ ସମସ୍ତଙ୍କୁ ସାମିଲ କରି ପଖାଳର ମଜା ନେବାକୁ ସ୍ୱପ୍ନ ଫାଉଣ୍ଡେସନ୍ ଆଜି ଆଗୁଆ ପାଳିଛି ପଖାଳ ଦିବସ । ସଭାପତି ସୁଧାଂଶୁ ପାତ୍ରଙ୍କ ଆୟୋଜନରେ ଚାଉଳିଆଗଞ୍ଜ ସ୍ଥିତ ଶ୍ରୀ ଶ୍ରୀ ମଣ୍ଡପରେ ଆୟୋଜିତ ପଖାଳ ଦିବସରେ ଯୋଗଦେଇ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ସ୍ୱପ୍ନ ଫାଉଣ୍ଡେସନର ସମସ୍ତ ସେବାମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏଥିରେ କର୍ପୋରେଟର ମୀନା ସାହୁ, ଇଂ ସୁବ୍ରତ ଘଡାଇ, ନମୀତା ମଞ୍ଜରୀ ସାହୁ, କ୍ଷୀରୋଦ କୁମାର ସାହୁ, ମୁରବୀ ନିରଞ୍ଜନ ସାହୁ (ଶିବ), ନିରଞ୍ଜନ ସାହୁ (ଚଗଲା), ଅବସରପ୍ରାପ୍ତ ଏସ୍‌ପି ନିରଞ୍ଜନ ସ୍ୱାଇଁ, ସମାଜସେବୀ ଚତୁର୍ଭୂଜ ସାହାଣୀ, ଅଭିମନ୍ୟୁ ଦାସ ପ୍ରମୁଖ ଅତିଥିମାନେ ଉପସ୍ଥିତ ରହି ଅନୁଷ୍ଠାନର ଏହି ମହତ କାର୍ଯ୍ୟକୁ ସ୍ୱାଗତ କରିଥିଲେ । ଏହି ଅବସରରେ କଟକ ସହର ର ବହୁ ମୁରବୀ, ସମାଜସେବୀ, ସାମ୍ବାଦିକ ଓ ମହିଳାମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟରୁ ଆସିଥିବା ଭିନ୍ନକ୍ଷମ ଛାତ୍ର ଓ ଉପସ୍ଥିତ ଅତିଥି, ମୁରବୀ ଓ ଯୁବବର୍ଗମାନେ ଏକତ୍ରିତ ବସି ପଖାଳ ଖାଇବାର ମଜା ନେଇଥିଲେ ।

## ସରକାରୀ କର୍ମଚାରୀଙ୍କ ବାର୍ଷିକ କାର୍ଯ୍ୟ ଦକ୍ଷତା

# ମୂଲ୍ୟ ନିରୂପଣ ବିବରଣୀ

ଭୁବନେଶ୍ୱର (ସବ୍ୟୁ): ସରକାରୀ କର୍ମଚାରୀମାନଙ୍କର ପଦୋନ୍ନତି ସୁବିଧା ନିମନ୍ତେ Online PARଜରୁରୀ ଅଟେ । କିନ୍ତୁ ବିଭିନ୍ନ କାରଣରୁ ଅନେକ ଅଧିକାରୀ Online HRMS ନିଜର ବାର୍ଷିକ କାର୍ଯ୍ୟ ଦକ୍ଷତା ମୂଲ୍ୟ ନିରୂପଣ ବିବରଣୀ (PAR) ପ୍ରଦାନ କରିନଥିବାରୁ, ସେମାନେ ବିଭିନ୍ନ ପଦୋନ୍ନିରୁ ବୃତ ହୋଇଛନ୍ତି । ଏଣୁ ରାଜ୍ୟ ସରକାର ସହୃଦୟ ସହକାର ବିଚାର କରି ୨୦୧୪-୨୦୧୫ ଆର୍ଥିକ ବର୍ଷ ଠାରୁ ୨୦୨୨-୨୦୨୩ ପର୍ଯ୍ୟନ୍ତ ଯେଉଁ ଅଧିକାରୀମାନେ PAR ଲିପିବଦ୍ଧ କରିବା ପାଇଁ ତଥ୍ୟ ଦାଖଲ କରି ନାହାଁନ୍ତି, ଉକ୍ତ ତଥ୍ୟ ଦାଖଲ ପାଇଁ ସେମାନଙ୍କ ନିମନ୍ତେ Online HRMS Portal ରେ ଦୁଇ ମାସର ଅବଧି ଯୋଗାଇ ଦେଇଛନ୍ତି । ଯାହା ଫଳରେ ସେହି ଅଧିକାରୀମାନେ ନିଜ ନିଜର PAR ଲିପିବଦ୍ଧ କରିବା ପାଇଁ ତଥ୍ୟ ଦାଖଲ କରିପାରିବେ । ଏହାର ସମ୍ପୂର୍ଣ୍ଣ ତଥ୍ୟ hrmsodisha.gov.in ଉପଲବ୍ଧ ଅଟେ ।

## ବିଜେପିରେ ସାମିଲ ହେଲେ

# ମାହାଙ୍ଗାର ଯୁବ ସମାଜସେବୀ ସୁମନ୍ତ ଘଡେଇ

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଗତ ୧୦ ବର୍ଷ ଶାସନରେ ଦେଶର ଗରିବ, ଯୁବକ, କୃଷକ ଓ ମହିଳାଙ୍କ ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି। ଆଜି 'ବିଶ୍ୱ ନେତୃତ୍ୱ ରାଷ୍ଟ୍ର'ଭାବେ ଅଗ୍ରସର ହେବାରେ ଲାଗିଛି ଭାରତବର୍ଷ । ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନେଇଥିବା ପ୍ରଧାନମନ୍ତ୍ରୀଙ୍କ ହାତମୁଠାକୁ ସଶକ୍ତ କରିବା ପାଇଁ ଆଜିର ଯୁବବର୍ଗ ସଂକଳ୍ପ ନେଇଛନ୍ତି । ଓଡିଶାରେ ଶାସନ ବ୍ୟବସ୍ଥାର ପରିବର୍ତନ ନିହାତି ଜରୁରୀ ଏବଂ ଓଡିଶାର ସ୍ୱାଭିମାନୀ ଯୁବସମାଜ ଏଥି ପାଇଁ ସଂକଳ୍ପ ନେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦେଶପ୍ରତି ଉତ୍ସର୍ଗୀକୃତ ଏବଂ ଭାରତୀୟ ଜନତା ପାର୍ଟିର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ମାହାଙ୍ଗା ନିର୍ବାଚନମଣ୍ଡଳୀର ବିଶିଷ୍ଟ ଯୁବ ସମାଜସେବୀ ସୁମନ୍ତ ଘଡେଇ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ପୂର୍ବତନ ରାଜ୍ୟ ସଭାପତି କେଭି ସିଂହଦେଓ ଓ ସମୀର ମହାନ୍ତି ପ୍ରମୁଖ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ଶ୍ରୀ ଘଡେଇଙ୍କ ସମେତ ଗୋକନ ପଂଚାୟତର ପୂର୍ବତନ ସରପଂଚ ପଦ୍ମନାଭ ସେଠୀ, ଯୁବନେତା ସ୍ନେହାଂଶୁ ପରିଡା, ବିକାଶ କୁମାର ଗୋଚ୍ଛାୟତ, ଜନ୍ମେଜୟ ବେହେରା, ସତ୍ୟରଂଜନ ମିଶ୍ର, ସ୍ମୃତିରଂଜନ ମହାନ୍ତି, ସିପୁନା ମଲ୍ଲିକ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଅରବିନ୍ଦ ଢାଲି, ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର, ମହିଳାମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ଦାସ, ବିଷ୍ଣୁ ଦାସ, କେନ୍ଦ୍ରାପଡା ଜିଲ୍ଲା ସଭାପତି କିଶୋର ପଣ୍ଡା, ଅରିନ୍ଦମ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



## ଟ୍ରକ ବିକିବାକୁ କହି ୫୦ ଲକ୍ଷ ଠକେଇ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଟ୍ରକ ବିକିବାକୁ କହି ୫୦ ଲକ୍ଷ ଟଙ୍କା ଠକି ନେଇଥିବା ଦୁଇଜଣ ଠକଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ । ଗିରଫ ଦୁଇଜଣ ହେଲେ ଶଙ୍କର ସାହୁ (୪୦), ନାରାୟଣ ମହାନ୍ତି (୪୯) । ଶଙ୍କର କଟକରେ ରହୁଥିବାବେଳେ ନାରାୟଣ ଘର କେନ୍ଦ୍ରାପଡ଼ା ।

ଭୁବନେଶ୍ୱରର ପ୍ରଭାତ କୁମାର ମାର୍ଥାଙ୍କୁ ଦୁଇଟି ଟ୍ରକ ବିକିବାକୁ ଯୋଗାଯୋଗ କରି ୨ ପର୍ଯ୍ୟାୟରେ ଟଙ୍କା ନେଇଥିଲେ । ଫୋନ ପେ' ଓ ଚେକ୍ ମାଧ୍ୟମରେ ଗୋଟିଏ ଟ୍ରକ ପାଇଁ ୨୦ଲକ୍ଷ ୫୦ହଜାର, ଅନ୍ୟଏକ ୧୬ ଚକିଆ ଟ୍ରକ ପାଇଁ ୨୯ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ । ଗତବର୍ଷ ଜୁନ ମାସରେ ଟଙ୍କା କାରବାର ହୋଇଥିଲେ ମଧ୍ୟ ସର୍ତ୍ତ ଅନୁଯାୟୀ ଦୁଇ ଅଭିଯୁକ୍ତ ପ୍ରଭାତଙ୍କୁ ଟ୍ରକ ଦେଲେ ନାହିଁ । ବାରମ୍ବାର ଫୋନ କଲେ ମଧ୍ୟ ସେ ଫୋନ ଉଠାଇଲେ ନାହିଁ । ଯାହାଫଳରେ ପ୍ରଭାତ କୋଲାମଣ୍ଡଲମ୍ ଫାଇନାନ୍ସ କମ୍ପାନୀ ଯାଇ ପଚରାଉଚରା କରିବା ପରେ ଜାଣିବାକୁ ପାଇଥିଲେ ସେଭଳି କିଛି ଟ୍ରକ କମ୍ପାନୀରେ ନିଲାମ ହେବାର ନାହିଁ । ଉପାୟଶୂନ୍ୟ ହୋଇ ପ୍ରଭାତ ଦୁଇ ଅଭିଯୁକ୍ତଙ୍କୁ ଟଙ୍କା ଫେରସ୍ତ କରିବାକୁ ଜିଦ ଧରିବାରୁ ସେମାନେ ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ ମାଧ୍ୟମରେ ୧୩ଲକ୍ଷ ୫୦ହଜାର ଓ ଫୋନ ପେ ମାଧ୍ୟମରେ ୫୦ ହଜାର ଟଙ୍କା ଦେଇଥିଲେ । ଏହାପରେ ଅବଶିଷ୍ଟ ଟଙ୍କା ପାଇଁ ଯେତେ ଅନୁରୋଧ କଲେ ମଧ୍ୟ ଅଭିଯୁକ୍ତ ଶଙ୍କର ସାହୁ ଓ ନାରାୟଣ ମହାନ୍ତ ଟଙ୍କା ଦେଇଥିବା ପ୍ରଭାତ କଥା ଶୁଣିଲେ ନାହିଁ ।

ପ୍ରଭାତ କୁମାର ମାର୍ଥା ଲକ୍ଷ୍ମୀସାଗର ଥାନାରେ ଚଳିତମାସ ୧୫ ତାରିଖରେ ଅଭିଯୋଗ କରିବା ପରେ ପୋଲିସ ଶଙ୍କର ଓ ନାରାୟଣଙ୍କୁ ଗରଫ କରି ରବିବାର କୋର୍ଟ ଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ ହାଜଦ ପଠାଇ ଦିଆଯାଇଛି ।

## ସତ୍ୟବାଦୀ ହାଇସ୍କୁଲ ୧୯୭୪ ମାଟ୍ରିକ ବ୍ୟାଚର ମିଳନୋତ୍ସବ



ଭୁବନେଶ୍ୱର (ସବ୍ୟୁ): ରବିବାର ପୂର୍ବାହ୍ନରେ ସତ୍ୟବାଦୀ ହାଇସ୍କୁଲରୁ ୧୯୭୪ ମସିହାରେ ମାଟ୍ରିକ ପାଶ କରିଥିବା ଛାତ୍ର ଓ ସେମାନଙ୍କ ପରିବାରର ବାର୍ଷିକ ସମାବେଶ ଭୁବନେଶ୍ୱରର ଜୟଦେବ ବାଟିକାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ୩୦ ଜଣ ସଦସ୍ୟ ଓ ସେମାନଙ୍କର ପରିବାର ଯୋଗଦାନ କରିଥିଲେ । ଏହି ସମାବେଶର ମୁଖ୍ୟ ଆୟୋଜକ ଥିଲେ ନଟବର ଆଚାର୍ଯ୍ୟ । ଏହି ସମାବେଶ ଗତ ଚାରି ବର୍ଷ ହେଲା ନିୟମିତ ଭାବେ ଆୟୋଜିତ ହେଉଛି ।

# ମୟୂରଭଞ୍ଜରେ ସାଧାରଣ ନିର୍ବାଚନ ପରିଚାଳନା ପାଇଁ ସାମ୍ବାଦିକ ସମ୍ମିଳନୀ

ବାରିପଦା, (ସବ୍ୟୁ) : ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ ୨୦୨୪କୁ ସୂଚାରୁ ରୂପେ ଆୟୋଜନ କରି ଏହାର ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ତତ୍ପରତା ଦେଖାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ନିର୍ବାଚନୀ ପରିଚାଳନା ଓ ଆଦର୍ଶ ଆଚରଣ ବିଧିର ଅନୁପାଳନ ସଂକ୍ରାନ୍ତରେ ମୟୂରଭଞ୍ଜ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ ସିନ୍ଧେ ସମସ୍ତ ଗଣମାଧମ ପ୍ରତିନିଧି ମାନଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାରେ ହେବାକୁ ଥିବା ସାଧାରଣ ନିର୍ବାଚନ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ଭାରତୀୟ ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ, ମୟୂରଭଞ୍ଜରେ କରଞ୍ଜିଆ ବିଧାନସଭା ପାଇଁ ଷଷ୍ଠ ପର୍ଯ୍ୟାୟରେ ଏବଂ ଅନ୍ୟ ବିଧାନସଭା ପାଇଁ ୭ମ ପର୍ଯ୍ୟାୟରେ ନିର୍ବାଚନ ଆୟୋଜନ କରାଯିବ । ଷଷ୍ଠ ପର୍ଯ୍ୟାୟ ପାଇଁ ଗେଜେଟ୍ ବିଜ୍ଞପ୍ତି ୨୯ଏପ୍ରିଲ ୨୦୨୪ରେ ପ୍ରକାଶ ପାଇବାକୁ ଥିବାବେଳେ, ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ୬ମଇ ରଖଯାଇଛି । ୯ମଇ ସୁଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବାକୁ ସ୍ଥିର ହୋଇଥିବାବେଳେ ୨୫ମଇ ଦିନ ମତଦାନ ଏବଂ ୪ଜୁନ ଦିନ ଭୋଟ ଗଣତି ହେବ ବୋଲି ଜିଲ୍ଲାପାଳ କହିଥିଲେ । ସେହିପରି ଭାବରେ, ଜିଲ୍ଲାରେ ୭ମ ପର୍ଯ୍ୟାୟ ପାଇଁ ଗେଜେଟ୍ ବିଜ୍ଞପ୍ତି ୭ମଇ ୨୦୨୪ରେ ପ୍ରକାଶ ପାଇବାକୁ ଥିବା ବେଳେ, ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ୧୪ମଇ ରଖାଯାଇଛି । ୧୭ମଇ ସୁଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବାକୁ ସ୍ଥିର ହୋଇଥିବା ବେଳେ ୧ ଜୁନ ଦିନ ମତଦାନ ଏବଂ ୪ଜୁନ ଦିନ ଭୋଟ ଗଣତି ହେବାର କାର୍ଯ୍ୟକ୍ରମ ରହିଛି ।




ଏହି ସନ୍ଦର୍ଭରେ ଜିଲ୍ଲାପାଳ ଜିଲ୍ଲାସ୍ତରରେ ଖର୍ଚ୍ଚ ମନିଟରିଂ ପାଇଁ ବ୍ୟବସ୍ଥା, ଜିଲ୍ଲାସ୍ତରୀୟ ମିଡିଆ ସାର୍ଟିଫିକେଟ୍ ଏବଂ ମନିଟରିଂ କମିଟି, ନିର୍ବାଚନ ପରିଚାଳନାରେ ବ୍ୟବହୃତ ନାଗରିକ/ପ୍ରାର୍ଥୀ କେନ୍ଦ୍ରିକ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଗୁଡ଼ିକ ଯଥା ସି-ଭିଜିଲ ଆପ, ସୁବିଧା ପୋର୍ଟାଲ, ପ୍ରାର୍ଥୀ ଆଫିଡେଭିଟ୍ ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ, ଭୋଟର ହେଲ୍ପଲାଇନ ଏବଂ ସକ୍ଷମ ଆପ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ ।

ଜିଲ୍ଲା ନିର୍ବାଚନ ପରିପ୍ରେକ୍ଷୀରେ ଅଧିକ ସୂଚନା ଦେବାକୁ ଯାଇ ଶ୍ରୀ ସିନ୍ଧେ କହିଥିଲେ, ଯେ ଜିଲ୍ଲାରେ ମତଦାତା ସଂଖ୍ୟା ୧୯,୩୧,୭୦୫ ଥିବାବେଳେ ପୁରୁଷ- ୯,୫୬,୮୭୦ ଏବଂ ମହିଳା-୯,୭୪,୭୪୮ । ସମୁଦାୟ ଭୋଟର ମାନଙ୍କ ମଧ୍ୟରୁ ୨୬୮୨୪ ଜଣ ଶାରୀରିକ ଅକ୍ଷମ ବ୍ୟକ୍ତି ଥିବାବେଳେ ନୂତନ ଭୋଟର ସଂଖ୍ୟା ୩୮,୭୫୭ ହୋଇଥିବା ବେଳେ ୮୫ବର୍ଷ ବୟସରୁ ଅଧିକ ୧୫,୬୨୯ ଭୋଟର ଜିଲ୍ଲାରେ ଏହି ସାଧାରଣ ନିର୍ବାଚନରେ ଭାଗ ନେବାକୁ ଯାଉଛନ୍ତି ।

ସେହିପରି ଭାବରେ ଜିଲ୍ଲାରେ ୯ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୮ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ରିଟର୍ଣ୍ଣିଙ୍ଗ ଅଫିସର ଭାବେ ନିୟୋଜିତ ହୋଇଛନ୍ତି । ଜିଲ୍ଲାରେ ସଖୀ ବୁଥ ୪୨୪, ଯୁବ ବୁଥ ୮୦, ମିଶ୍ରିତ ବୁଥ ୭୦୦, ଭିନ୍ନକ୍ଷମ ବୁଥ ୯, ସମସ୍ତ ପୁରୁଷ ବୁଥ ୧୧୫୫ ସମେତ ୨୩୬୮ଟି ବୁଥରେ ମତଦାନ ହେବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ କହିଥିଲେ । ଏହାପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ଏସ ସୁଶ୍ରୀ ଗଣମାଧମକୁ ବାର୍ତ୍ତା ଦେଇ କହିଥିଲେ ଯେ, ଏହି ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । କୌଣସି ପ୍ରକାର ଦ୍ୱନ୍ଦ୍ୱ, ହିଂସା ଏବଂ ଅପରାଧିକ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ତତ୍ସହିତ କିଭଳି ଠିକ ସମୟରେ ଏବଂ ଠିକ ଉପାୟରେ ନିର୍ବାଚନ ପରିଚନ କରିହେବ ସେଠି ପ୍ରତି ପୋଲିସ ପ୍ରଶାସନ ସର୍ବଦା ଜାଗ୍ରତ ରହିବ ।

ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୂତି ଭୂଷଣ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଡେପୁଟି କଲେକ୍ଟର ଇଲେକ୍ସନ ଦୁର୍ଗା ଚରଣ ମୁର୍ମୁ, ଡେପୁଟି କଲେକ୍ଟର ଶୁଭଙ୍କରୀ ସୁଦେସ୍ନା ଦାଶ, ଡେପୁଟି କଲେକ୍ଟର ସୁଶ୍ରୀ ବସୁନ୍ଧରା ଭିଟ୍ରିଆ, ଡେପୁଟି କଲେକ୍ଟର ସୁଶ୍ରୀ ଶ୍ରଦ୍ଧା ସୁମନ ଓ ନିର୍ବାଚନ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଜିଲ୍ଲା ସଦର ମହକୁମାର ସମସ୍ତ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ ।

# ବ୍ରହ୍ମପୁର ଲୋକସଭା ଆସନରୁ ପୀତବାସ ପଣ୍ଡା କଂଗ୍ରେସରୁ ଆଶାୟୀ ପ୍ରାର୍ଥୀ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁରର ଜଣାଶୁଣା ଆଇନଜୀବୀ ତଥା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ,ପୂର୍ବତନ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ବିଭିନ୍ନ ଶ୍ରମିକ ସଂଗଠନ ମାନଙ୍କର ଜିଲ୍ଲାରେ ନେତୃତ୍ୱ ନେଉଥିବା ଶ୍ରମିକ ନେତା ପୀତବାସ ପଣ୍ଡା ବ୍ରହ୍ମପୁର ଲୋକସଭା ଆସନ ପାଇଁ କଂଗ୍ରେସ ଦଳ ତରଫରୁ ଲଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିଥିବା ଜଣାପଡିଛି ।



୨୦୧୮ ମସିହାରେ ଗଞ୍ଜାମ ଜିଲ୍ଲାରେ ବହୁ କଂଗ୍ରେସ ନେତା ଦଳତ୍ୟାଗ କରିବା ପରେ ଗଞ୍ଜାମ ଜିଲ୍ଲା କଂଗ୍ରେସର ଦାୟୀତ୍ୱ ନେଇ ଗଂଜାମ କଂଗ୍ରେସକୁ ଚଳଚଂଚଳ କରିବା, ବିଜେଡି ବିରୁଦ୍ଧରେ ରାସ୍ତାଘାଟରେ ଲଢେଇ କରିବା, ଜିଲ୍ଲାର ଚାଷୀ ଓ ଶ୍ରମିକ ମାନଙ୍କୁ ସଂଗଠିତ କରିବା, କୋରନା ସମୟରେ ଗରିବ ଖଟିଖିଆ ଶୋଷିତ ବର୍ଗଙ୍କୁ ବସ୍ତା ବସ୍ତା ଚାଉଳ ପ୍ରଦାନ କରି ଶ୍ରୀ ପଣ୍ଡା ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଥିଲେ ଏବଂ ହଜାର ହଜାର ଦାଦନ ଶ୍ରମିକଙ୍କୁ ଜାତୀୟ ରାଜପଥରେ ସାତ ଦିନ ଧରି ରନ୍ଧା ଖାଦ୍ୟ ମଧ ଯୋଗାଇ ଥିଲେ। ନିକଟରେ ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନରେ ରାଜ୍ୟରେ ସର୍ବାଧିକ ଭୋଟ୍ ପାଇ ରେକର୍ଡ ସୃଷ୍ଟି କରିଥିବା ଶ୍ରୀ ପଣ୍ଡା, ଛାତ୍ର କଂଗ୍ରେସରୁ ରାଜନୀତି ଆରମ୍ଭ କରି ଯୁବ କଂଗ୍ରେସ, ଖଲ୍ଲିକୋଟ କଲେଜ, ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ଛାତ୍ର ସାଂସଦ ମାନଙ୍କରେ ଏକାଧିକବାର ବିଜୟୀ ହୋଇଛନ୍ତି ।

ନିଖିଳ ଓଡିଶା ଆଇନଜୀବି ସଙ୍ଘ ଓ ଗଂଜାମ ଓକିଲ ସଂଘର କର୍ମକର୍ତ୍ତା ରହିଥିବା ଶ୍ରୀ ପଣ୍ଡା ଗଂଜାମ ଜିଲ୍ଲା ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ଜିଲ୍ଲା ସଭାପତି ଅଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀ ପଣ୍ଡା ବ୍ରହ୍ମପୁର ଲୋକସଭା ପାଇଁ କଂଗ୍ରେସ ଦଳ ତରଫରୁ ପ୍ରତିଦ୍ୱନ୍ଦିତା କରିବାକୁ ଆଶାୟୀ ଥିବା ଜାଣି ଗଞ୍ଜାମ ଓ ଗଜପତି ଜିଲ୍ଲାର ସାଧାରଣ କଂଗ୍ରେସ କର୍ମୀମାନେ ଉତ୍ସାହିତ ଥିବା ଅନୁମାନ କରାଯାଉଛି ।

# ରାଷ୍ଟ୍ରୀୟ କଳାମଞ୍ଚ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଭା ସଂଗମ

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରାମହରି ନଗର ଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗଞ୍ଜାମ ଜିଲ୍ଲା ପକ୍ଷରୁ ଜିଲ୍ଲା ସ୍ତରୀୟ ପ୍ରତିଭା ସଂଗମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରତିଷ୍ଠିତ କରିବା ନିମନ୍ତେ ପ୍ରତିଭା ସଙ୍ଗମ ପ୍ରତି ଦୁଇ ବର୍ଷକୁ ଥରେ ଅନୁଷ୍ଠିତ ହେଉଛି। ଜିଲ୍ଲାର ବିଭିନ୍ନ ସ୍ଥାନରୁ କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ରୁଚି ରଖୁଥିବା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାନ୍ତ ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ସଂକେତ କୁମାର ସାହୁ ଯୋଗ ଦେବା ସହ ଗଂଜାମ ବିଭାଗ ସଂଯୋଜକ ଅନିଲ କୁମାର ସ୍ୱାଇଁ, ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ କିରଣ ସେଠୀ, ଜିଲ୍ଲା ପ୍ରମୁଖ କେ କୃଷ୍ଣମୂର୍ତ୍ତି ଦାସ, ଜିଲ୍ଲା ସହ ସଂଯୋଜକ ଆୟୁଷ କୁମାର ରଥ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଗଞ୍ଜାମ ଜିଲ୍ଲାର କୋଣ ଅନୁକୋଣରେ ଥିବା ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଓ ଜିଲ୍ଲାରୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ବିଭାଗ ସଂଗଠନ ମନ୍ତ୍ରୀ ଟୁକୁନା ମଲ୍ଲିକ, ପ୍ରାନ୍ତ ସୋସିଆଲ ମିଡ଼ିଆ ସହସଂଯୋଜକ ସୁନୀଲ ଦୋରା, ଗଞ୍ଜାମ ବିଭାଗ ବ୍ୟବସ୍ଥା ପ୍ରମୁଖ ରଜତ ପାଢ଼ୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିକାଶ ପାତ୍ର, କାର୍ଯ୍ୟଳୟ ସଂପାଦକ ଅଜୟ, ଛାତ୍ର ନେତା ରାହୁଲ ବେହେରା ଯୋଗଦେଇଥିଲେ। ଆୟୁଷ କୁମାର ରଥ ମଂଚ ପରିଚାଳନା କରିଥିଲେ। ଏଥି ସହ ବିଚାରକ ମଣ୍ଡଳୀ ରୁପେ ଅନୀଲ ସେଠୀ (ନୃତ୍ୟ), ଧନଞ୍ଜୟ ପାଣିଗ୍ରାହୀ, ରାକେଶ ପଟ୍ଟନାୟକ (ଚିତ୍ର), ଲିଲୁ ସେଠୀ (ଡ୍ରାମା), ଦିଗାମ୍ବର ନାୟକ (ସଂଗୀତ), ନଳିନୀ ସାହୁ (ରଙ୍ଗୋଳି) ଭାଷଣ, ସତ୍ୟ (ଏକାଙ୍କିକା)ଝୋଟି, ଏକକ ଅଭିନୟର ନେତୃତ୍ୱ ନେଇଥିଲେ। ବ୍ୟବସ୍ଥା ଦାୟିତ୍ୱ ରୂପେ ଶୁଭକାନ୍ତ ମଲ୍ଲିକ, ସୋଭାବିନି ଝୁଡ଼ିଆ, ବଳରାମ ଦାସ, ସୁଭଦ୍ରା ସାବତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଥିଲେ । ଏହି ବିଭାଗରେ କତିପ୍ତ ଛାତ୍ରଛାତ୍ରୀ ଆଗାମୀ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜ କଳା ପ୍ରଦର୍ଶନ କରିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

# ଭାରସାମ୍ୟ ହରାଇ ଓଲଟିଲା ଅଟୋ : ୧୧ ଆହତଙ୍କ ମଧ୍ୟରୁ ୫ ଗୁରୁତର



ବୁଗୁଡା, (ସବ୍ୟୁ): ବୁଗୁଡା ଥାନା ଅନ୍ତର୍ଗତ ପଙ୍କଳସାହି ଗାଁ ଛକ ନିକଟ ବୁଲାଣି ରାସ୍ତାରେ ଏକ ଯାତ୍ରୀବାହି ଅଟୋ ଓଲଟି ୧୧ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଗୁରୁତର ଯାତ୍ରୀମାନେ ହେଲେ ବ୍ରହ୍ମପୁର ସିଦ୍ଧାର୍ଥ ନଗର ବାସିନ୍ଦା ନୁତୁନି ନାଇକ (୨୮) , ଦମୟନ୍ତୀ ଦାସ(୫୫), ରାଜଲକ୍ଷ୍ମୀ ଦାସ(୫), ସୁମତି ଦାସ ଓ ଦିପକ ଦାସ ଏବଂ ଆହତ ଅଟୋ ଚାଳକ ଜଣକ ହେଲେ ବ୍ରହ୍ମପୁର ଗୋଇଲୁଣ୍ଡିର ଆପାରାଓ ଦୋରା ।

ଘଟଣାରୁ ପ୍ରକାଶ ଯେ, ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତର କଣ୍ଡରାଇ ଗାଁର ଏକ ଭୋଜିକାର୍ଯ୍ୟରେ ଯୋଗ ଦେଇ ଅଟୋରେ ଫେରୁଥିବା ବେଳେ ପଙ୍କଳସାହି ଗାଁ ନିକଟ ବୁଲାଣି ରାସ୍ତାରେ ଭାରସାମ୍ୟ ତାହା ଓଲଟି ପଡିଥିଲା। ଫଳରେ ସେଥିରେ ବସିଥିବା ୧୪ ଜଣଙ୍କ ମଧ୍ୟରୁ ୧୧ ଜଣ ଆହତ ହୋଇଥିଲେ । ସେହି ରାସ୍ତା ଦେଇ ଆସୁଥିବା ଲକ୍ଷ୍ମୀ ବସରେ ସେମାନଙ୍କୁ ସେଠାରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ଦୁର୍ଘଟଣାରେ ନୁତୁନିଙ୍କ ବାମ ହାତ ଓ ଦମୟନ୍ତୀଙ୍କ ଡାହାଣ ହାତ ଭାଙ୍ଗିବା ସହ ମୁଣ୍ଡ ଫାଟି ଯାଇଥିବା ବେଳେ ଡ୍ରାଇଭରଙ୍କ କାନମୁଣ୍ଡାକୁ ରାଜଲକ୍ଷ୍ମୀ ଓ ସୁମତିଙ୍କ ମୁଣ୍ଡକୁ ଏବଂ ଦିପକଙ୍କ ଅଣ୍ଟାରେ ଆଘାତ ଲାଗିଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ଦୁର୍ଘଟଣାଗ୍ରସ୍ତ ଅଟୋ(ନଂ ଓଡି-୦୭ ଏଏଫ୍ ୧୬୪୬)କୁ ପୋଲିସ ଜବତ କରିବା ସହ ଆହତ ଡ୍ରାଇଭରକୁ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ଏକଡାଳ ଗ୍ରାମରେ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ ଅନ୍ତରପଡ଼ା ପଞ୍ଚାୟତ ଅନ୍ତର୍ଗତ ଏକଡାଳ ଗ୍ରାମରେ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି । ଶନିବାର ଦିନ ଆରମ୍ଭ ହୋଇଥିବା ଏହି ଷଷ୍ଠ ଦିନାତ୍ମକ ଉତ୍ସବ ଅବସରରେ ଗତକାଲି ଦୀକ୍ଷା ଗ୍ରହଣ, କଳସ ଯାତ୍ରା ଓ ମହାଦୀପ ସ୍ଥାପନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମୁଣ୍ଡରେ କଳସ ଧରି ଢୋଲ ବାଦ୍ୟର ତାଳେ ତାଳେ ଗ୍ରାମ୍ୟ ପରିକ୍ରମା କରିଥିଲେ ।

ରବିବାର ମଣ୍ଡଳ କରଣ, ବନଯୋଗ, ଅଙ୍କୁରାରୋପଣ ଓ ନାମାଧିବାସ ଅନୁଷ୍ଠିତ ହୋଇଥିଲା । ଏ ଅବସରରେ ଘୃତଯଜ୍ଞ, ଅନ୍ନଯଜ୍ଞ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ନାମଯଜ୍ଞରେ ଏକଡାଳ, ଝୋଲୋରୀ, ମହୁଲପଲ୍ଲୀ, ପଙ୍କଳବାଡ଼ି, କଞ୍ଚୁରୁ ଓ ଖରିଡା ଗ୍ରାମର ୬ଟି ନାମ ଦଳ ଯୋଗ ଦେଇ ୨୪ ପ୍ରହର ନାମ ସଂକୀର୍ତ୍ତନ କରିଥିଲେ ।

ସୋମବାର ଦିନ ସୂର୍ଯ୍ୟ ପୂଜା, ଶାଳା ପୂଜା, ଅଗ୍ନି ସ୍ଥାପନ ପରେ ମଙ୍ଗଳବାର ଦିନ ଜୀବନ୍ୟାସ ଦିଆଯାଇ ବୁଧବାର ଦିନ ସିଂହାସନ ଆରୋହଣ କାର୍ଯ୍ୟକ୍ରମ ହେବା ନେଇ ଆୟୋଜକ କମିଟି ପକ୍ଷରୁ ପ୍ରକାଶ ପାଇଛି ।

ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ସଦାଶିବ ଖାଡ଼ଙ୍ଗା, ପ୍ରମୋଦ ହୋତା ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ କର୍ତ୍ତା ଭାବେ କୋକୋରାମ ଜେନା ଦାୟିତ୍ୱ ତୁଲାଇଛନ୍ତି । ଯଜ୍ଞ କମିଟି ସଭାପତି କାଳୁ ଚରଣ ନାୟକ, ଉପସଭାପତି ଉମେଶ ଚନ୍ଦ୍ର ନାୟକ, ସମ୍ପାଦକ ଜିତେନ୍ଦ୍ର ଗୌଡ଼, କୋଷାଧକ୍ଷ ଧରଣୀ ଜେନାଙ୍କ ସମେତ କମିଟି ସଦସ୍ୟଗଣ ଓ ଗ୍ରାମବାସୀବୃନ୍ଦ ଏଥିରେ ସହଯୋଗ କରୁଥିବାର ଦେଖିବାକୁ ମିଳିଛି ।

# ଗଞ୍ଜାମ ଥାନା ପକ୍ଷରୁ ରକ୍ତଦାନ ଶିବିର

ଗଞ୍ଜାମ, (ସବ୍ୟୁ) : ସ୍ଥାନୀୟ ଗଞ୍ଜାମ ଥାନା ପରିସରରେ ଥାନା ଅଧିକାରିଣୀ ସୁମିତ୍ରା ପାତ୍ରଙ୍କ ପୌରାହିତ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଥାନା ଷ୍ଟାପ, ଗଞ୍ଜାମ ସହରର ଗଣମାଧମ ପ୍ରତିନିଧି, ବରିଷ୍ଠ ନାଗରିକ ସଙ୍ଘ, ଅଟୋ ଚାଳକ ସଙ୍ଘ, ଡ୍ରାଇଭର ସଙ୍ଘ ଅଂଚଳର ଗ୍ରାସୀମ କମ୍ପାନୀ ଓ ଅନ୍ୟାନ୍ୟ ଛୋଟ ବଡ କମ୍ପାନୀ, ଗଞ୍ଜାମ ଯୁବକ ସଙ୍ଘ, ପ୍ରତ୍ୟକ ରାଜନୈତିକ ଦଳର ନେତା କର୍ମୀ ମାନଙ୍କୁ ଏକତ୍ରିତ ହୋଇ ଏହି ରକ୍ତଦାନ କରିଥିଲେ ।




ଗ୍ରୀଷ୍ମଦିନେ ରକ୍ତ ଅଭାବ ଦୃଷ୍ଟିରେ ରଖି ଏହି ଛୋଟିଆ କାର୍ଯ୍ୟକ୍ରମ ଟି କରିବାକୁ ମୋର ଇଚ୍ଛା ପ୍ରକଟ ହୋଇଥିଲା। ଯାହାକୁ ଆପଣ ମାନେ ପୂରଣ କଲେ ବୋଲି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ଥାନାଅଧିକାରୀଣୀ । ଏହି ରକ୍ତଦାନ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ । ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସୁମିତ୍ରା ପାତ୍ର ଶୁଭେଚ୍ଛା ଜଣାଇଥିଲେ । ପୁଣି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବରିଷ୍ଠ ନାଗରିକ ସଙ୍ଘର ସଭାପତି ଲିଙ୍ଗରାଜ ପଟ୍ଟନାୟକଙ୍କୁ ସେ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ରକ୍ତଦାନ ଶିବିରରେ ଗଞ୍ଜାମର ଗଞ୍ଜାମ ପ୍ରେସ କ୍ଲବର ଉପଦେଷ୍ଟା ଉମାକାନ୍ତ ବେହେରା ସଭାପତି ଶବର କୁମାର ତରାଇ ସମ୍ପାଦକ ବିଦ୍ୟାଧର ସାହୁ ବଟକୃଷ୍ଣ ରାଉଳ, ପ୍ରଦୀପ ପଣ୍ଡା ନିରଞ୍ଜନ ପରିଡା, ସହ ମିଡ଼ିଆ ହାଉସର ଦୁର୍ଗା ମାଧବ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ ଏବଂ ବିଜୁ ଜନତା ଦଳର ଯୁବ ନଗର ସଭାପତି ସୁଧୀର କୁମାର ପାଢ଼ୀ ସମ୍ପାଦକ ରାକେଶ ରଞ୍ଜନ ଦାସ ଓ ଅନ୍ୟାନ୍ୟ ସହଯୋଗୀ ଯୋଗ ଦେଇଥିଲେ ।

ଅଟୋ ଚାଳକ ମହା ସଙ୍ଘର ସଭାପତି ଭଗବାନ ପ୍ରଧାନଙ୍କ ସମେତ ସମସ୍ତ ଅଟୋ ଚାଳକ ଡ୍ରାଇଭର ମହା ସଙ୍ଘର ସଭାପତି ଧରଣୀଧର ସାହୁଙ୍କ ସମେତ ସମସ୍ତ ଡ୍ରାଇଭର ବନ୍ଧୁ ବରିଷ୍ଠ ନାଗରିକ ସଙ୍ଘର ଉପଦେଷ୍ଟା ଇଂ ବିନୋଦ ଚନ୍ଦ୍ର ପାଢ଼ୀ ସଭାପତି ଲିଙ୍ଗରାଜ ପଟନାୟକ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର କୁମାର ପଣ୍ଡା ଓ ବୁଦ୍ଧିଜୀବି ମାନେ ଯୋଗଦେଇଥିବା ଦେଖିବାକୁ ମିଳିଛି ଏବଂ ପୋଲିସ କର୍ମଚାରିଙ୍କ ମଧ୍ୟରୁ ସୁପ୍ରଭା ସାହୁ ଅନନ୍ତ ରାଓ ସୋମନାଥ ରେଡି କାଳିଆ ବେହେରା ସ୍ୱାଇଁ ବାବୁ ମିଶ୍ର ବାବୁ ଥାନା ରାଇଟର ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା ଓ ବ୍ରହ୍ମପୁର ମହାରାଜ କୃଷ୍ଣ ଚନ୍ଦ୍ର ଗଜପତି ମେଡିକାଲ କଲେଜ ରକ୍ତ ବିଭାଗ ଡାକ୍ତରଙ୍କ ସହିତ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ । ଛତ୍ରପୁର ଅତିରିକ୍ତ ତହସିଲଦାର ରକ୍ତଦାନ କରିଥିଲେ ଏବଂ ଗଞ୍ଜାମ ଥାନା ସେକଣ୍ଡ ଅଫିସର ସୁପ୍ରଭା ସାହୁ ଝିଅ ରକ୍ତଦାନ କରିଥିଲେ । ଏମାନଙ୍କ ସହିତ ସର୍ବ ମୋ ଶହେ ସତା ବନ ୟୁନିଟ ବ୍ଲଡ଼ ସଂଗ୍ରହ ହୋଇଥିଲା ।

# ବାଇକ୍-ସ୍କୁଟି ଧକ୍କା
## ୫ ଆହତରୁ ଜଣେ ଗୁରୁତର

ବୁଗୁଡା, (ସବ୍ୟୁ): ବୁଗୁଡା ଥାନା ଅନ୍ତର୍ଗତ କୁଆଁନଳା ବ୍ରିଜ୍ ନିକଟରେ ବାଇକ୍ ଓ ସ୍କୁଟି ଧକ୍କା ହେବା ଫଳରେ ୫ ଆହତଙ୍କ ମଧ୍ୟରୁ ଗୁରୁତର କଲେଜ ଛାତ୍ରୀ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଗୁରୁତର ଛାତ୍ରୀ ଜଣକ ହେଲେ ଗୋଲିଆ ଗ୍ରାମର ନିରିମା ପୋଲେଇ(୧୮) ଏବଂ ଆହତମାନେ ହେଲେ ପଟାଧର ଗ୍ରାମର ମିସ୍ତ୍ରୀ ପ୍ରଦୀପ ନାୟକ ଓ ଶ୍ରମିକ ବେଣୁ ନାୟକ, ଢୁଙ୍କାପଡା ଗ୍ରାମର ମିସ୍ତ୍ରୀ ଶୁକ୍ରୁ ନାହାକ , ଗୋଲିଆ ଗ୍ରାମର କାମିନୀ ବାଡତ୍ୟା(୧୬)।

ପ୍ରକାଶ ଯେ, ପୋଲସରାରେ ଘର ତିଆରି କାମ ସାରି ଗୋଟିଏ ବାଇକରେ ପ୍ରଦୀପ, ବେଣୁ ଓ ଶୁକ୍ରୁ ବୁଗୁଡା ଅଭିମୁଖେ ଆସୁଥିଲା ବେଳେ ବୁଗୁଡାରୁ ସ୍କୁଟି ଯୋଗେ ନିରିମା ଓ କାମିନୀ ନିଜ ଗାଁ ଗୋଲିଆକୁ ଯାଉଥିଲେ । କୁଆଁନଳା ବ୍ରିଜ୍ ନିକଟରେ ଉଭୟ ଗାଡି ମଧରେ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁର୍ଘଟଣାରେ ଆହତ ସମସ୍ତଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଦୁର୍ଘଟଣାରେ ନିରିମାଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବା ବେଳେ ଅନ୍ୟ ଚାରି ଜଣ ଖଣ୍ଡିଆ ଖାବରା ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ନିରିମାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ସିଦ୍ଧ ବିନାୟକ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣ୍ଟା ପଞ୍ଚାୟତର ପଞ୍ଚମା ଠାରେ ଆଜି ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତାକୁ ସାଂସଦ ଚନ୍ଦ୍ରଶେଖର ସାହୁ ଏବଂ ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ବିକ୍ରମ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଖେଳ ଶୁଭ ଆରମ୍ଭ କରିଥିଲେ ।

ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଯଥା ଗଞ୍ଜାମ, ଭୁବନେଶ୍ୱର, ଯାଜପୁର, କଟକ, ପୁରୀ, କିଟ ବିଶ୍ୱବିଦ୍ୟାଳୟ, ଆସ୍କା, ପଞ୍ଚମାରୁ ବହୁତ ଖେଳାଳି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ପଞ୍ଚମା ଯୁବକ ସଙ୍ଘ ପକ୍ଷରୁ ଉକ୍ତ ପ୍ରତିଯୋଗିତାର ଆୟୋଜନ ଦାୟିତ୍ୱ ନେବା ସହ ଖେଳାଳି ମାନଙ୍କ ରହିବା, ଖାଇବା ବ୍ୟବସ୍ଥା ତଦାରଖ କରୁଛନ୍ତି। ଆଜିର ଉକ୍ତ କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା ବିଜେଡି ସଭାପତି ଅଜିତ ଦାସ, ରଣ୍ଟା ସରପଞ୍ଚ ଅଜିତ ରାଉଳ, ଜିଲ୍ଲା ପରିଷଦ ଉପାଧ୍ୟାକ୍ଷା ରାଜେଶ୍ୱରୀ ଦୋରା, ସମାଜସେବୀ ରାମହରି ପାତ୍ର, ବ୍ଲକ ଅଧକ୍ଷା ଚିନି, ଉଷାରାଣି, ଉପାଧ୍ୟାକ୍ଷା ଅନିତା ମାହାଙ୍କୁଡ, ଯୁବ ସମାଜସେବୀ ଏ, ସନ୍ତୋଷ ପାତ୍ର, ସୁଭାଶିଷ ସାହୁ, (ବର୍ଣ୍ଣି ), ସମିତି ସଭ୍ୟା ପ୍ରତିମା ନାହାକ, ଭକ୍ତ ନାହାକ, ଛାତ୍ର ବିଜେଡି ସଭାପତି ମିଳେନ୍ଦ୍ର ପ୍ରଧାନ, ଲଳିତ ପ୍ରଧାନ, ସୁମନ ବେହେରାଙ୍କ ସମେତ ଶତାଧିକ ଖେଳ ପ୍ରେମୀ ଉପସ୍ଥିତ ଥିଲେ ।



# ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ବୈଠକ

ବାରିପଦା, (ସବ୍ୟୁ) : ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କକ୍ଷ ଠାରେ ସାଧାରଣ ନିର୍ବାଚନ ୨୦୨୪ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ବୈଠକରେ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳ ଗୁଡିକର ପ୍ରତିନିଧିଙ୍କ ସମେତ ଆରକ୍ଷୀ ଅଧିକ୍ଷିକା ଏସ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୂତି ଭୂଷଣ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଡେପୁଟି କଲେକ୍ଟର ଇଲେକ୍ସନ ଦୁର୍ଗା ଚରଣ ମୁର୍ମୁ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ଏହି ବୈଠକରେ ଜିଲ୍ଲାପାଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା । ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ୍ତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ଅନୁରୋଧ କରିଥିଲେ । ଏହାବ୍ୟତୀତ, ରାଜନୈତିକ ଦଳର ପ୍ରତିନିଧିମାନେ ନିର୍ବାଚନ ପ୍ରକ୍ରିୟାରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆହ୍ୱାନର ମୁକାବିଲା କରିବା ଲାଗି ଗଠନମୂଳକ ଆଲୋଚନା, ବିଚାରର ଆଦାନ ପ୍ରଦାନ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ସହଯୋଗର ମନୋଭାବକୁ ପ୍ରଶଂସା କରିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସମସ୍ତଙ୍କର ମିଳିତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିବା ସହ ଗଠନମୂଳକ ଯୋଗଦାନ ଦେଇଥିବାରୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।



ବୈଠକରେ ଆରକ୍ଷୀ ଅଧିକ୍ଷକ ଏସ. ସୁଶ୍ରୀ ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ନିର୍ବାଚନର ବିଭିନ୍ନ ଦିଗ ଯଥା କର୍ମଚାରୀ ମୁତୟନ, ଜନଗହଳି ପରିଚାଳନା, ସର୍ଭେଲାନ୍ସ ବ୍ୟବସ୍ଥା, ନିର୍ବାଚନରେ ହେଉଥିବା ଅନିୟମିତତାକୁ ରୋକିବା ଉପରେ ଆଲୋଚନା ହୋଇଥିଲା । ସମ୍ବେଦନଶୀଳ ଅଞ୍ଚଳରେ ପୁଲିସର ଉପସ୍ଥିତିକୁ ଅଧିକରୁ ଅଧିକ କରିବା, ଶାନ୍ତିପୂର୍ଣ୍ଣ ଭାବେ ରାଲି ଓ ସାଧାରଣ ସଭା ଆୟୋଜନ କରିବା ଏବଂ କୌଣସି ପ୍ରକାର ବିଶୃଙ୍ଖଳା କିମ୍ବା ବେଆଇନ ଘଟଣାକୁ ରୋକିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ପ୍ରକାଶ କରିଥିଲେ ।

ପରିଶେଷରେ ଶ୍ରୀ ସିନ୍ଧେ ଉପସ୍ଥିତ ସମସ୍ତ ରାଜନେତା ଯଥା- ଆମ ଆଦମୀ ପାର୍ଟିର ମୁଷୁଙ୍ଗି ସିଂ, ବହୁଜନ ସମାଜବାଦୀ ପାର୍ଟିର ଜାତିଓ ସଙ୍ଗ, ବିଜେପିର କେ ସୋରେନ, କଂଗ୍ରେସର ସ୍ୱରୂପ ମିଶ୍ର ଏବଂ ବିଜେଡିର ଶୈଳେନ୍ଦ୍ର ପତ୍ରଙ୍କୁ ଏବଂ ଅଧିକାରୀଗଣଙ୍କୁ ଆଗାମୀ ନିର୍ବାଚନ ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପାଦନା କରିବାପାଇଁ ପରାମର୍ଶ ଦେଇଥିଲେ ଏବଂ ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନା କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଧୋବାପାଳ ଗ୍ରାମ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ
## ସୁରକ୍ଷା ପାଇଁ ଏସପିଙ୍କୁ ଗୁହାରି କଲେ ଗ୍ରାମବାସୀ

କଣିହାଁ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନା ଅନ୍ତର୍ଗତ ଧୋବାପାଳ ଗ୍ରାମର ସଭାପତି ଭୀମସେନ ସାହୁ(୫୪)ଙ୍କୁ ପୂର୍ବ ରାଗ ରଖି ସେହି ଗ୍ରାମର କେତେକ ଲୋକ ମରଣାନ୍ତକ ଆକ୍ରମଣ କରିଛନ୍ତି । ୪ଜଣ ଦୃବୃର୍ତ୍ତ ବନ୍ଧୁକ ଦେଖାଇ ଲୁହା ରଡ ରେ ବାଡ଼େଇ ଭୀମସେନଙ୍କ ଗୋଡ଼ ହାତ ଭାଙ୍ଗି ଦେଇଛନ୍ତି ।

ଏଥି ନେଇ ଭୀମସେନଙ୍କ ସ୍ତ୍ରୀ ମାମୀ ସାହୁ କଣିହାଁ ଥାନାରେ ଗ୍ରାମର ମାଧବ ପ୍ରଧାନ, ତାର ପୁଅ ପ୍ରଦ୍ୟୁମ୍ନ ପ୍ରଧାନ, ଅଜିତ କୁମାର ପ୍ରଧାନ ଓ ବଳରାମ ପ୍ରଧାନଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ କଣିହାଁ ପୁଲିସ ଏଥିନେଇ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଶୁକ୍ରବାର ଦିନ ସନ୍ଧ୍ୟାରେ ଭୀମସେନ କଣିହାଁ (ଜରଡ଼ା) କୋଇଲା ଖଣି ରୁ ଗ୍ରାମକୁ ଫେରୁଥିବା ସମୟରେ ବାଟରେ ସାନତ୍ରିବିଡା ରୁ ଧୋବାପାଳ ଯିବା ବାଟରେ ସିଙ୍ଗଡ଼ା ପୋଲ ପାଖରେ ୨ବାଇକରେ ୪ଜଣ ଲୋକ ପହଞ୍ଚି ବନ୍ଧୁକ ଦେଖାଇ ଅଟକାଇବା ସହ ଗ୍ରାମରେ ସଭାପତି ରହି ଦେଖାଇ ହେଉଛୁ କହି ଲୁହା ରଡ଼ ସାହାଯ୍ୟରେ ପିଟି ଚାଲିଥିଲେ । ଫଳରେ ତାଙ୍କର ଗୋଡ ହାତ ଭାଙ୍ଗି ଯାଇଥିଲା ।

ଚିତ୍କାର ଶୁଣି ଗ୍ରାମ ଲୋକ ଆସି ତାଙ୍କୁ ଉଦ୍ଧାର କରି କଣିହାଁ ମେଡ଼ିକାଲକୁ ନେଇଥିଲେ ଓ ପରେ ଭୁବନେଶ୍ୱର ଶ୍ରୀ ହସ୍ପିଟାଲକୁ ପଠାଇଥିବା ଜଣାଯାଇଛି । ଉପରୋକ୍ତ ଲୋକମାନେ ଗ୍ରାମରେ ଆତଙ୍କ ରାଜ ଖେଳାଉଥିବା ବେଳେ ଗ୍ରାମର ଲୋକଙ୍କ ସୁରକ୍ଷା ପାଇଁ ଗ୍ରାମବାସି ଅନୁଗୋଳ ଏସପିଙ୍କୁ ଭେଟି ଅଭିଯୋଗ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି ।

# ରାସ୍ତା ନିର୍ମାଣ ନିମ୍ନମାନର : ଭିଜିଲାନ୍ସ ତଦନ୍ତ ଦାବି
## ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

ଠାକୁରଗଡ଼ / ପାଇକସାହି, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଠାରୁ କନ୍ତପଡା ପର୍ଯନ୍ତ ଯାଇଥିବା ରାସ୍ତା କୁ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ ଭାବରେ ରାସ୍ତା ନିର୍ମାଣ କରାଯାଉଛି । ହେଲେ ଏହି ରାସ୍ତା ଅତି ନିମ୍ନମାନର ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି । ଠିକାଦାରଙ୍କ ସହ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା କାମ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ମଇମୁରା ଗ୍ରାମବାସୀ ମାନେ ଶନିବାର ଦିନ ଅନୁଗୋଳ ଜିଲ୍ଲାପାଳ ଙ୍କ ଠାରେ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ ଠାକୁରଗଡ଼ ରୁ କନ୍ତପଡା ପର୍ଯନ୍ତ ୧୭ କିମି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ଉକ୍ତ ରାସ୍ତା କୁ ସମ୍ପ୍ରସାରଣ ସହ ନୂତନ ରାସ୍ତା ନିର୍ମାଣ କରାଯାଉଛି ।

ଏ ନେଇ୧୭ କୋଟି ଟଙ୍କା ଅଟକଳ କରାଯାଇଛି । କିଛି ମାସ ତଳେ ଉକ୍ତ ରାସ୍ତା କାର୍ଯ ଆରମ୍ଭ କରାଯାଇଥିବା ବେଳେ ଅତି ନିମ୍ନମାନର କାର୍ଯ କରାଯାଉଛି ।



ବିଶେଷ କରି ଏହି ରାସ୍ତା ପୂର୍ବରୁ ୩ .୭୫ ମିଟର ଥିବା ବର୍ତ୍ତମାନ ୫.୦୫ ମିଟର ରାସ୍ତା ନିର୍ମାଣ କରାଯାଉଛି । ରାସ୍ତାର ଦୁଇ ପାର୍ଶ୍ୱ ଚଉଡ଼ା କରାଯାଉଥିବା ବେଳେ ଆବଶ୍ୟକ ମେଣ୍ଟାଲ ପକାଯାଉନାହି ।

ସେହିପରି ପିଚୁ ହୋଇଥିବା ରାସ୍ତା ଗୁଡିକ କମ ଖୋଳା ଯାଇ ନୂତନ ପିଚୁ କାମ କରାଯାଉଛି । ଯେଉଁ ପରିମାଣ ର ପିଚୁ କରାଯିବା କଥା ଠିକାସଂସ୍ଥା ବିଭାଗୀୟ ଅଧିକାରୀଙ୍କ ଆଖିରେ ଧୂଳି ଦେଇ ଅତି ନିମ୍ନମାନର କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବିଶେଷ କରି ରାସ୍ତା କାମ କରାଯାଉଥିବା ବେଳେ ପୂର୍ତ୍ତ ବିଭାଗର କୌଣସି ଅଧିକାରୀ ତଦାରଖ କରୁନାହାନ୍ତି । ଜଙ୍ଗଲ ଅଧୁଶୀତ ଅଞ୍ଚଳକୁ ଏହି ରାସ୍ତା ନିର୍ମାଣ କରାଯାଉଥିବା ଯୋଗୁଁ ଠିକାସଂସ୍ଥା ମନ ଇଛା କରୁଥିବା ଅଭିଯୋଗ ହୋଇଛ । ସେହି ଏହି ରାସ୍ତାରେ ଅନେକ ଶାଗୁଆନ, ଶିଶୁ, ଶାଳ ଭଳି ଅନେକ ଗଛ ଥିବା ବେଳେ ଠିକାସଂସ୍ଥା ପକ୍ଷରୁ ବିଳମ୍ବିତ ରାତି ବନ ବିଭାଗ ପକ୍ଷରୁ କୌଣସି ଅନୁମତି ନ ଆଣି କିଛି ବନ ବିଭାଗ ର ତଳିଆ କର୍ମଚାରୀ ଙ୍କୁ ହାତ କରି ରାତା ରାତି ଗଛ ଗୁଡିକ କାଟି ନେଇ ବାହାରକୁ ଚାଲାଣ କରାଯାଉଛି ।

ଏନେଇ ବନ ବିଭାଗକୁ ଅଭିଯୋଗ କଲେ ମଧ ବନବିଭାଗ ପକ୍ଷରୁ ସେଭଳି କୌଣସି ତଦନ୍ତ କରାଯାଉନାହି । ଯେଉଁ ପରି ରାସ୍ତା ନିର୍ମାଣ ହେଉଛି ବିଭାଗୀୟ ଅଧିକାରୀ ମାନେ ତଦାରଖ ନ କରିଲେ ଆଗାମୀ ଦିନ ରେ ରାସ୍ତା ଅଳ୍ପ ଦିନେରେ ଶୋଚନୀୟ ଅବସ୍ଥା ହୋଇଯିବ ବୋଲି ମଇମୁରା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।

ତୁରନ୍ତ ଏହି ରାସ୍ତା କୁ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି । ଏ ନେଇ ପୂର୍ତ୍ତ ବିଭାଗର କନିଷ୍ଠଯନ୍ତ୍ରୀ ସିନିବାସ ମଲ୍ଲିକ କୁହନ୍ତି ମୋ ଦେହ ଅସୁସ୍ଥ ଥିବା ଯୋଗୁଁ ରାସ୍ତା କାମକୁ ଯାଇପାରି ନଥିଲି । ରାସ୍ତା କାମ ସଠିକ ଭାବରେ ଚାଲିଛି କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ ।

# ବାମୁରରେ ବିଜେଡ଼ି କର୍ମୀ ସମ୍ମିଳନୀ




ଠାକୁରଗଡ଼, (ସବ୍ୟୁ) : ଆଉ କିଛିଦିନ ପରେ ନିର୍ବାଚନ ହେବାକୁ ଥିବା ବେଳେ ଆଠମଲ୍ଲିକ ବିଧାନସଭାରେ ବିଜେଡ଼ି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି । ରବିବାର ଦିନ ବାମୁର ପଞ୍ଚାୟତର ଡଙ୍ଗାପାଳ ଠାରେ ଅନୁଷ୍ଠିତ ବିଜେଡ଼ି ପକ୍ଷରୁ କର୍ମୀ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି । ବାମୁର ସରପଞ୍ଚ ସଂଜୀବ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନି ରେ ମୁଖ୍ୟ ଅତିଥି ଭାବରେ ବିଜେଡ଼ି ନେତା ନଳିନୀକାନ୍ତ ପ୍ରଧାନ ଯୋଗ ଦେଇ ରାଜ୍ୟ ସରକାର ଙ୍କର ଲୋକାଭିମୁଖୀ ଯୋଜନା ସମ୍ପର୍କରେ ପରାମର୍ଶ ଦେବା ସହ ଗ୍ରାମଞ୍ଚଳରେ ଥିବା ସମସ୍ତ ସମସ୍ୟାଗୁଡିକ ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଏ ପରିକି ନବୀନଙ୍କ ହାତ ମୁଠାକୁ ଟାଣ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧକ୍ଷ୍ୟା ବବିତା ପ୍ରଧାନ, ବ୍ଲକ ଉପାଧକ୍ଷ ଲବ କୁମାର ପ୍ରଧାନ, ଗୁନୁବାଳା ବେହେରା, ଖଗେଶ୍ୱର ପ୍ରଧାନ, ପଦ୍ମଲୋଚନ ଲୁହା, ହୀରା ବେହେରା, ବବୃବାହାନ ପ୍ରଧାନ, ମନୋରଂଜନ ପ୍ରଧାନ, ସତ୍ୟାନନ୍ଦ ପ୍ରଧାନଙ୍କ ସମେତ ବହୁ ବିଜେଡ଼ି କର୍ମୀ ଯୋଗ ଦେଇଥିଲେ ।

# ଗ୍ରାହକ ଦିବସ ପାଳନ କରୁନାହାଁନ୍ତି
## ଅଗ୍ରଣୀ ଦୂର ସଂଚାର ସେବା ପ୍ରଦାନକାରୀ

ରମ୍ଭା, (ସବ୍ୟୁ): ଭାରତର ଅଗ୍ରଣୀ ଦୂର ସଂଚାର ସେବା ପ୍ରଦାନକାରୀ ଏୟାରଟେଲ, ଜିଓ, ଆଇଡିଆ ସମେତ ଅନେକ ବିଭାଗ ରହିଥିଲେ ମଧ୍ୟ ରମ୍ଭା ଅଞ୍ଚଳରେ ଲକ୍ଷଲକ୍ଷ ଟଙ୍କାର ବିଜନେସ କରୁଥିଲେ ମଧ କାର୍ଯ୍ୟାଳୟ ପକ୍ଷରୁ ଗ୍ରାହକ ଦିବସ ପାଳନ କରିବା ପାଇଁ ଶିଥିଳତା କାହିଁକି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଗ୍ରାହକଙ୍କୁ ସାମ୍ନା କରିବା ପଦପଦବି ତଥା ଏସିରେ ରହୁଥିବା ବାବୁ ଭାଇ ମାନେ ବାହାରକୁ ଆସି ଛାମୁଆ ବା ଫ୍ରଣ୍ଟ ଲାଇନ ସମକକ୍ଷଙ୍କ ସହିତ ସାମିଲ ହୋଇ ଗ୍ରାହକଙ୍କ ସହିତ ସିଧାସଳଖ ମତ ବିନିମୟ ହେଲେ ଅଭାବ ଅସୁବିଧା ଦୂର ସାଙ୍ଗକୁ ଲୋକଙ୍କ ସମସ୍ୟା ସମାଧାନ ହେବା ସହିତ ବେପାର ବାଣିଜ୍ୟରେ ଅଧିକ ବୃଦ୍ଧି ଘଟିଥାନ୍ତା ବୋଲି ଆଲୋଚନା ହେଉଛି। ଲକ୍ଷ୍ୟ ହେଉଛି ଗ୍ରାହକଙ୍କ ମନୋଭାବ ବୁଝିବା ସେମାନଙ୍କ ଚିନ୍ତା ଓ ପରାମର୍ଶକୁ ଜାଣିବା ଲାଗି ନିବିଡ଼ ସମ୍ପର୍କ ସ୍ଥାପନ କରିବା କମ୍ପାନୀର ଗ୍ରାହକ ଦିବସ ରହିଛି। ଏପରି କାର୍ଯ୍ୟକ୍ରମ ରହିଥିଲେ ମଧ ଡିଷ୍ଟ୍ରୀବୋଟର, ଡିଲର ମାନଙ୍କ ଅଫିସରଙ୍କ ସହିତ ମଧୁଚନ୍ଦ୍ରିକା ଯୋଗୁଁ ଗ୍ରାହକଙ୍କ ଆବଶ୍ୟକତା ବୁଝିବା ଲାଗି ଏକ ସମ୍ପୂର୍ଣ୍ଣ ନୂଆ ମାନସିକତା ଓ ସଂସ୍କୃତିକୁ ଉଜାଗର କରିବାରେ ବାଧା ସୃଷ୍ଟି ହେଉଥିବା ଗ୍ରାହକ ମାନେ ଅଭିଯୋଗ ବାଢିଛନ୍ତି ।

# ୨ଥର ବଦଳି ପରେ ମଧ ଯିବାକୁ ରାଜି ନୁହଁନ୍ତି ଯନ୍ତ୍ରୀ

ନୀଳଗିରି, (ସବ୍ୟୁ): ନୀଳଗିରିର ମହୁଆ ଆକର୍ଷଣ ପ୍ରେମରେ ସଦାସର୍ବଦା ସରକାରୀ ବାବୁମାନେ । ଯିଏ ଥରେ ନୀଳଗିରି ମାଟି ମାଡ଼ିଲା ସିଏ ଆଉ ଫେରିବାକୁ ନାରାଜ । ଏମିତି ପ୍ରୀତି ବନ୍ଧନରେ ବାନ୍ଧି ଯାଆନ୍ତି ଯେ ସରକାରୀ ଆଦେଶକୁ ମଧ ଖାତିର କରି ନଥାନ୍ତି । ତେବେ କଣ ପାଇଁ ନୀଳଗିରି ପ୍ରେମରେ ସରକାରୀ ବାବୁମାନେ ଏତେ ପାଗଳ ଏହାର ରହସ୍ୟ କଣ ବୁଝି ହୁଏନା । ତେବେ କିଛି ବୁଦ୍ଧିଜୀବୀଙ୍କ ମତରେ ନୀଳଗିରିର ଖଣି, ଖାଦାନ, ଠିକାଦାରମାନଙ୍କ ହାତଗୁଞ୍ଜା ସହିତ ବ୍ୟକ୍ତି ସ୍ୱାଧିନତା ପାଇବାରେ କୃପଣତା କରି ନାହାଁନ୍ତି ନୀଳଗିରି ବାସୀ । ସେଇଥିପାଇଁତ ବାବୁମାନେ ନୀଳଗିରି ଛାଡ଼ିବାକୁ ନାରାଜ । ଗତ ୬ ତାରିଖ ଦିନ ଓଡ଼ିଶା ସରକାରଙ୍କ ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିର ଚିଠି ନମ୍ବର ୫୪୭୦ ମୂଳେ ନୀଳଗିରି ବ୍ଲକରେ ଅବସ୍ଥାପିତ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଦୀପ୍ତାଂଶୁ ପରିଡ଼ାଙ୍କ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକକୁ ବଦଳି ହୋଇଥିବା ବେଳେ ବାବୁଜଣଙ୍କ ନିଜର ବାହାଘର ବାହାନାରେ ନୀଳଗିରି ଛାଡୁ ନଥିବାରୁ ତାଙ୍କ ସ୍ଥାନରେ ନିଯୁକ୍ତି ପାଇଥିବା ରେମୁଣାରେ ଅବସ୍ଥାପିତ ଶରତ କୁମାର ଉପାଧ୍ୟାୟ କାର୍ଯ୍ୟରେ ଯୋଗଦାନ କରି ପାରୁ ନାହାଁନ୍ତି । ଫଳରେ ନୀଳଗିରି ବ୍ଲକରେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ ହୋଇ ନପାରିବା ଯୋଗୁଁ ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ଜିଲ୍ଲାପାଳ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ମଦ ଜବତ ଜଣେ ଗିରଫ

ଠାକୁରଗଡ଼, (ସବ୍ୟୁ) : ହଣ୍ଡପା ପୋଲିସ ଶନିବାର ଦିନ ଲୁହାମୁଣ୍ଡା ଗ୍ରାମରେ ଚଢଉ କରି ଚୋରା ମଦ ଜବତ କରିଛି ଛ ଏଥିସହ ବିପ୍ଳବ ସାହୁଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ ୧୮ ଲିଟର ଚୋରା ମଦ ଜବତ କରାଯାଇଛି ।

ସେ ବେଆଇନ ଭାବରେ ମଦ ବିକ୍ରି କରୁଥିବା ବେଳେ ଖବର ପାଇଁ ହଣ୍ଡପା ପୋଲିସ ଚଢଉ କରି ଗିରଫ କରିଥିଲା । ଏ ନେଇ ନମ୍ବର ୧୧୫/୨୪ରେ ଏକ ମାମଲା ରୁଜୁ କରାଯାଇଛି ।

# ଯୁବକଙ୍କୁ ଠେଙ୍ଗାରେ ଆକ୍ରମଣ

ଠାକୁରଗଡ଼, (ସବ୍ୟୁ) : ହଣ୍ଡପା ଥାନା ବାଲିଆମ୍ବ ଗ୍ରାମର ସୁରେଶ ମାହାରଙ୍କୁ ସେହି ଗ୍ରାମର ରସବତୀ ମାହାର, ପାଣ୍ଡୁ ମାହାର, ଜନ୍ମ ମାହାର, ସ୍ୱପ୍ନା ମାହାର, ଏକ ଠେଙ୍ଗାରେ ଆକ୍ରମଣ କରିଥିବା ସୁରେଶ ହଣ୍ଡପା ଥାନାରେ ଶନିବାର ଦିନ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ନମ୍ବର ୧୧୬/୨୪ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ସୁରେଶ ଘରେ ଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ମାଡ଼ ମାରିବା ସହ ତାଙ୍କ ଘରକୁ ଭାଙ୍ଗି ଦେଇଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



ବଇଣ୍ଡା, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଛକ ର ପୂର୍ବତନ ଗ୍ରାମ ସଭାପତି ସ୍ୱର୍ଗତ ଚିନ୍ତାମଣି ପ୍ରଧାନଙ୍କର ଧର୍ମପତ୍ନୀ ରତ୍ନପ୍ରଭା ପ୍ରଧାନ (୭୦)ଙ୍କର ରବିବାର ଦିନ ତାଙ୍କ ବାସଭବନ ରେ ପରଲୋକ ହୋଇଯାଇଛି । ସେ ରବିବାର ସକାଳେ ଅସୁସ୍ଥ ହୋଇପଡ଼ିଥିଲେ । ପରେ ତାଙ୍କୁ ତାଙ୍କ ପରିବାର ଲୋକ ଉଦ୍ଧାର କରି ଚିକିତ୍ସା ପାଇଁ ବଇଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ତାଙ୍କ ପରଲୋକ ଖବର ପ୍ରଚାର ହେବା ପରେ ବହୁ ଲୋକ ତାଙ୍କ ବାସ ଭବନକୁ ଆସି ଶେଷ ଦର୍ଶନ କରିଥିଲେ । ତାଙ୍କ ପରଲୋକକୁ ନେଇ ବଇଣ୍ଡା ଅଂଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ତାଙ୍କ ବିୟୋଗରେ ବିଜେଡି ନେତା ନଳିନୀ ପ୍ରଧାନ, ଭାଜପା ନେତା ଭାଗିରଥି ପ୍ରଧାନ, ଅର୍ଜୁନ ସାହୁ, ପୂର୍ବତନ ବିଧାୟକ ସଂଜୀବ ସାହୁ ଶୋକ ପ୍ରକାଶ କରିଛନ୍ତି ।

# କୁପାରୀ ଶୂନ୍ୟ ମଣ୍ଡପରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁପାରୀସ୍ଥିତ ଐତିହାସିକ ଶୂନ୍ୟ ମଣ୍ଡପକୁ ବର୍ଷସାରା ଭକ୍ତମାନଙ୍କ ଆଗମନ ହୋଇଥାଏ । ବିଶେଷ କରି କାର୍ତ୍ତିକ ପୂର୍ଣ୍ଣମୀ ତଥା ମଣ୍ଡପର ପ୍ରତିଷ୍ଠାତା ପ୍ରଭାକର ବାବାଙ୍କ ପୂର୍ଣ୍ଣ୍ୟତିଥିରେ ଶୂନ୍ୟମଣ୍ଡପ ପରିସରରେ ହଜାର ହଜାର ସଂଖ୍ୟାଙ୍କ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥାଏ । ମଣ୍ଡପ ପରିସରରେ ପାନୀୟ ଜଳ ଅଭାବ ସମ୍ପର୍କରେ ବାଲେଶ୍ୱର -ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗଣେଷ ପ୍ରସାଦ ମହାପାତ୍ର ଜାଣିବା ପରେ ଏଠାରେ ବ୍ୟାଙ୍କ ସୌଜନ୍ୟରେ ଏକ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ମେସିନ୍ ବସାଇବାକୁ ନିଷ୍ପତ୍ତି ନେଇଥିଲେ । ଶୁକ୍ରବାର ଦିନ ଭକ୍ତଙ୍କ ପାଇଁ ଏହି ଥଣ୍ଡା ପାନୀୟ ମେସିନ୍ ଲୋକର୍ପିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସଭାପତି ଶ୍ରୀ ମହାପାତ୍ରଙ୍କ ସମେତ ସମବାୟ ବ୍ୟାଙ୍କ ଜିଲ୍ଲା ସମ୍ପାଦକ ଅଶୋକ କୁମାର ଦାସ, ଶୂନ୍ୟ ମଣ୍ଡପର ସଂଚାଳକ ରାଜୁ ବାବା ଏହି ବ୍ୟବସ୍ଥାର ଶୁଭ ଲୋକାର୍ପଣ କରିଥିଲେ । ଖଇରା ଶାଖାର ପରିଚାଳକ ଯଦୁନାଥ ସ, କୁପାରୀ ଶାଖାର ପରିଚାଳକ ପ୍ରଦୀପ କୁମାର ଜେନା, ସୁପର ଭାଇଜର ପ୍ରଦୀପ କୁମାର ମହାପାତ୍ର, ଗଡ଼ପୋଖରୀ ସେବା ସମବାୟ ସମିତିର ସମ୍ପାଦିକା ଶ୍ରଦ୍ଧାଞ୍ଜଳୀ ବିଶ୍ୱାଳ,କର୍ମଚାରୀ ପ୍ରଦୀପ କୁମାର ଆଇଜ୍, କାର୍ତ୍ତିକ କୁମାର ବେହେରା,ରାକେଶ ଗଦାଧର ବରାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡିଶା ମୋଟର ଚାଳକ ସଂଘ ସାଧାରଣ ବୈଠକ
## ସୁରକ୍ଷିତ ଚାଳକ, ସୁରକ୍ଷିତ ଭାରତକୁ ପ୍ରାଧାନ୍ୟ

କାମାକ୍ଷାନଗର, (ସବ୍ୟୁ) : କାମାକ୍ଷାନଗର ଠାରେ ଓଡିଶା ମୋଟର ଚାଳକ ସଙ୍ଘ ତରଫରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରାମେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏହି ବୈଠକ ରେ ସଙ୍ଘ ର ବିଭିନ୍ନ ସମସ୍ୟା, ଉନ୍ନତି ଉପରେ ଆଲୋଚନା କରାଯାଇଛି ।

ମୁଖ୍ୟତଃ ସୁରକ୍ଷିତ ଚାଳକ, ସୁରକ୍ଷିତ ଭାରତ, ଗାଡି ଚଳାଇବା ବେଳେ ଡ୍ରାଇଭର ମାନେ ନିଶାଦ୍ରବ୍ୟ ଗ୍ରହଣ ନକରିବା, ନିର୍ବାଚନ ପରେ ଓଡିଶା ବିଧାନସଭାରେ ଚାଳକ ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଚାଳକ କଲ୍ୟାଣ ଆଇନ ଗଠନ ଓ ଢେଙ୍କାନାଳ ଜିଲ୍ଲାରେ ଥିବା ୭ଟି ଶାଖାକୁ ନେଇ ଢେଙ୍କାନାଳ ଜିଲ୍ଲା ମୋଟର ଚାଳକ ସଙ୍ଘ ଗଠନ କୁ ନେଇ ବୈଠକ ରେ ଆଲୋଚନା ହୋଇଥିଲା ।

ଏହି ବୈଠକରେ ଓଡିଶା ମୋଟର ଚାଳକ ସଙ୍ଘ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ରାଉରକେଲା ଶାଖା ସଭାପତି ନୀଳାଞ୍ଚଳ ପ୍ରଧାନ, କଟକ ଶାଖା ସଭାପତି ଅର୍ଜୁନ ବେହେରା, କାମାକ୍ଷାନଗର ଶାଖା ସଭାପତି ରବିନାରାୟଣ ମିଶ୍ରଙ୍କ ସମେତ ଢେଙ୍କାନାଳ ଜିଲ୍ଲାର ସମସ୍ତ ୭ଟି ଶାଖାର ଶତାଧିକ କାର୍ଯ୍ୟକର୍ତା ମାନେ ଯୋଗଦେଇଥିଲେ ।

# ବିଧାୟକଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



ଛେଣ୍ଡିପଦା, (ସବ୍ୟୁ) : ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଙ୍କ ୫୫ ତମ ଜନ୍ମ ଦିନ ଅବସରରେ ଛେଣ୍ଡିପଦାବ୍ଲକ ଅନ୍ତର୍ଗତ ଛେଣ୍ଡିପଦା ଶିଶୁ ବିଦ୍ୟା ମନ୍ଦିର ଠାରେ,ବିଜୁ ଜନତା ଦଳ ଓ ବିଜୁ ଯୁବ ଜନତା ଦଳ ଦ୍ୱାରା ଓଡିଶା ମୋ ପରିବାର ଆନୁକୁଲ୍ୟରେ ଏକ ରକ୍ତଦାନ ଶିବୀର ଆୟୋଜିତ ହୋଇଥିଲା । ଶିବୀରରେ ୧୧୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହା ପରେ ଛେଣ୍ଡିପଦା ସ୍ଥିତ ବୃଦ୍ଧାଶ୍ରମକୁ ଯାଇ କେକ କାଟି ଆଶ୍ରମର ସମସ୍ତ ଅନ୍ତେବାସୀଙ୍କୁ କେକ ଖୁଆଇ ସେମାନଙ୍କ ଗହଣରେ ସମୟ ଅତିବାହିତ କରିବା ସହିତ ସମସ୍ତ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରିଥିଲେ ।

ଏହି ରକ୍ତଦାନ ଶିବୀରରେ ମୁଖ୍ୟ ଅତିଥୀ ଭାବେ ବିଧାୟକ ବିଧାୟକ ସୁଶାନ୍ତ କୁମାର ବେହେରା ଉପସ୍ଥିତ ରହି ସମସ୍ତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଅତିଥୀ ଭାବେ ବିଜୁ ଯୁବ ଜନତା ଦଳ ର ଜିଲ୍ଲାସଭାପତି ଦିନେଶ ପ୍ରଧାନ, ଜିଲ୍ଲା ପରିଷଦ ପ୍ରଦୀପ କୁମାର ସାହୁ, ଛେଣ୍ଡିପଦା ବ୍ଲକ ଅଧକ୍ଷ ସୁମୀତ୍ରା ସାହୁ , ଜିଲ୍ଲା ପରିଷଦ ନଗେନ୍ଦ୍ର ପ୍ରଧାନ, ବ୍ଲକ ସଭାପତି ଶରତ ଗଡନାୟକ, ବ୍ଲକ ଉପାଧକ୍ଷା ଝରଣା ସ୍ୱାଇଁ, ମହିଳା ସଭାପତି ତୃପ୍ତିମଞ୍ଜରୀ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୧୫ ୟୁନିଟ ରକ୍ତ ସଂଗ୍ରହ କରିଥିବାରୁ ସମସ୍ତ ରକ୍ତଦାତାମାନଙ୍କୁ ସାଧୁବାଦ ଜଣାଇଥିଲେ । ନନ୍ଦିନୀ ପ୍ରଧାନ, ପରେଶ ମାଝୀ, ଅମରେଶ ନାଥ, ଅନୁସୟା ସାହୁ, ପ୍ରଣତି ପ୍ରଧାନ, ଉଦିତ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ବହୁ ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ ।

# ଟ୍ରକ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

କଣିହାଁ, (ସବ୍ୟୁ) : କଣିହାଁ ଖୋଲା କୋଇଲା ଖଣି ମୁଖ୍ୟ ଫାଟକ ନିକଟରେ ଏକ ଟ୍ରକ ଧକ୍କାରେ ବାଇକ ଆରୋହୀ ଅନିରୁଦ୍ଧ ସାହୁ ଗୁରୁତର ହୋଇଥିବା ଜଣା ଯାଇଛି । କଣିହାଁ ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଭୁବନେଶ୍ୱର ଉତ୍କଳ ହସ୍ପିଟାଲକୁ ପଠାଯାଇଥିବା ଜଣାଯାଇଛି ।




ଶନିବାର ଅପରାହ୍ନ ସାଢ଼େ ୨ ଘଟିକା ସମୟରେ ଅନିରୁଦ୍ଧ କଣିହାଁ କୋଇଲା ଖଣିରେ ଡ୍ୟୁଟି ସାରି ବାଇକ୍ ଯୋଗେ ଫେରୁଥିବା ସମୟରେ ପଛ ପାଖରୁ କୋଇଲା ଟ୍ରକ ଓଡି ୩୫ଜି ୭୯୯୭ ଧକ୍କା ଦେଇ ଚାପି ଦେଇଥିଲା । ଫଳରେ ଅନିରୁଦ୍ଧର ଦୁଇ ଗୋଡ ଉପରେ ଚକା ଚଢ଼ି ଗୋଡ ଭାଙ୍ଗିଯାଇଥିବା ଜଣାଯାଇଛି । ଅନିରୁଦ୍ଧର ଘର କଣିହାଁ ଥାନା କଂସମୁଣ୍ଡା ଗ୍ରାମରେ । ସେ ଏମସିଏଲର ଜଣେ କର୍ମଚାରୀ । ଦୁର୍ଘଟଣା ସଂପର୍କରେ ଥାନାରେ ଅଭିଯୋଗ ହୋଇନଥିବା ପୁଲିସ ସୂତ୍ରରୁ ପ୍ରକାଶ ।

# ବିପଦମୁଖୀ ରେଙ୍ଗାଳୀ ଦକ୍ଷିଣ କେନାଲ : ଉଭୟ ପାର୍ଶ୍ୱରେ ବଡ଼ବଡ଼ ଗର୍ତ୍ତ
## କେନାଲ ରାସ୍ତାରେ ଭାରିଯାନ ଚଳାଚଳକୁ ନେଇ ଅଧିକାରୀଙ୍କ ପଡୁନି ଦୃଷ୍ଟି

ତାଳଚେର, (ସବ୍ୟୁ) : ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ କୃଷି ଓ କୃଷକଙ୍କର ବିକାଶ ପାଇଁ ରେଙ୍ଗାଳୀ ଦକ୍ଷିଣ କେନାଲ ନିର୍ମାଣ କରାଯାଇଥିଲା । ଏହି କେନାଲରେ ସେହି ସମୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ ଆଜି ଏହି କେନାଲର ରକ୍ଷଣ ବେକ୍ଷଣା ଯୋଗୁଁ ଚାଷୀଙ୍କ ଚାଷକାର୍ଯ୍ୟରେ ଆସି ପାରିନଥିବା ଦୁର୍ଭାଗ୍ୟ ଜନକ ବିଷୟ ହୋଇଛି । ଏହି କେନାଲ ପାଖାପାଖି ପ୍ରାୟ ୩୦ବର୍ଷରୁ ଉର୍ଦ୍ଧ୍ୱ ହେବ ନିର୍ମାଣ କରାଯାଇଥିଲା ।

ମାତ୍ର ଆଜି ଏହି କେନାଲ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ସହ କେନାଲ ଉଭୟ ପାର୍ଶ୍ୱ ରାସ୍ତାରେ ଭାରୀଯାନ ଚଳାଚଳ ଫଳରେ କେନାଲ ଭିତରେ ଗର୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ପ୍ରାୟ ରାତ୍ରୀ ସମୟରେ ଏହି କେନାଲ ରାସ୍ତାରେ ସହସହ ଟ୍ରିପ ମାଟି, ଚୋରା କୋଇଲା ଯାତାୟତ କରୁଥିବା ଫଳରେ ସେଠିକାର ଅଂଚଳବାସୀ ଏହାକୁ ନେଇ ଅଭିଯୋଗ କରିଛନ୍ତି । ଏଥିସହ କେନାଲର ଉଭୟ ପାର୍ଶ୍ୱରେ ରହିଥିବା ବାଡ଼ା ଗୁଡ଼ିକ କେବେ ଠାରୁ ଭାଙ୍ଗି ରୁଜି ଚୁରମାର ହୋଇଥିବା ଦେଖିବାକୁ ମିଳିଛି । ଏହା ଫଳରେ ଗାଈ ଗୋରୁ ସମେତ ବାଟୋଇ ସେଥିରେ ପଡ଼ି ମୃତାହତ ଓ ବିପଦମୁଖୀ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ।



ତାଳଚେର ବ୍ଲକ ଅନ୍ତର୍ଗତ ଗୁରୁଜାଙ୍ଗ ଗ୍ରାମ ଠାରୁ ଆରମ୍ଭ କରି ବହ୍ଲର ବନ୍ତୋଲ ରେଳଫାଟକ ପର୍ଯ୍ୟନ୍ତ ରାତ୍ରୀ ସମୟରେ ଅହରହ ମାଟି, ବାଲି, କୋଇଲା, ସିମେଂଟ, ଗେଟି ଇତ୍ୟାଦି ଭାରୀଯାନ ଗୁଡ଼ିକ ଯାତାୟତ ପ୍ରଭାବରେ ଏହି କେନାଲ ରାସ୍ତା ଦୁର୍ବଳ ହେବା ସହ କେତେ ବେଳେ ଯେ, କେନାଲ ଭୂଷୁଡ଼ି ପଡ଼ିବ ତାହା କିଏବା କହିବ! ତେବେ ଭାରୀଯାନ ଚଳାଚଳକୁ କିଏ ଓ କିପରି ପ୍ରୋତ୍ସାହନ ଦେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏହି କେନାଲ ଉଭୟ ରାସ୍ତାରେ ଭାରୀଯାନ ଚଳାଚଳ ପାଇଁ ନିଷିଦ୍ଧ କରାଯାଇ ଲୁହାର ବାର ଲଗାଇବା କଥା ମାତ୍ର କେଉଁଠାରେ ବି ଏହା ଦେଖିବାକୁ ମିଳୁନାହିଁ । ତେଣୁ ଏହି ଗାଡ଼ିଗୁଡ଼ିକ ଅନାୟଶରେ ଚଳାଚଳ କରିଥାନ୍ତି । ଏହି କେନାଲ ନିକଟରେ କେନାଲ ବିଭାଗ, ତାଳଚେର ଉପଜିଲ୍ଲାପାଳ କାର୍ଯ୍ୟାଳୟ, ତାଳଚେର ଟାଉନ ଥାନା, ପରିବହନ କାର୍ଯ୍ୟାଳୟ, ଖଣି ନିର୍ଦ୍ଦେଶକ କାର୍ଯ୍ୟାଳୟ ରହିଥିଲେ ମଧ କେହି ହେଲେ ଏଥିପ୍ରତି ଦୃଷ୍ଟି ଦେଉନଥିବା ଦୁର୍ଭାଗ୍ୟ ଜନକ ବିଷୟ ହୋଇଛି । ଏସମ୍ପର୍କରେ କେନାଲ ବିଭାଗକୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇପାରି ନଥିଲା ।

# ରକ୍ତଦାନ ଶିବିର, ୮୫ ୟୁନିଟ୍ ସଂଗ୍ରହ

ସମଲ, (ସବ୍ୟୁ) : ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ ବିଜିଗୋଳ ପଂଚାୟତସ୍ଥ କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ ରବିବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସମୁଦାୟ ୮୫ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ସ୍ଥାନୀୟ ସରପଂଚ ରୁକ୍ମିଣୀ ପ୍ରଧାନ, ଏନ୍‌ଟିପିସି ସିଆଇଏସ୍‌ଏଫ୍ ଡେପୁଟି କମାଣ୍ଡାଟ୍ ବ୍ରିଜ୍ ମୋହନ ସିଂ, ସନ୍ତୋଷ କୁମାର ସାହୁ, ବିରୁପାକ୍ଷ ବିଶ୍ୱାଳ, ସୁନୀଲ୍ କୁମାର ଚୌଧୁରି, ପ୍ରସ୍ମଜିତ୍ ପଡିଆରି ପ୍ରମୁଖ ବରିଷ୍ଠ ସିଆଇଏସ୍‌ଏଫ୍ ଅଧିକାରୀ ଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିଲେ । ବିଜିଗୋଳ ସୁରକ୍ଷା ସଂଘ, ଓଡିଶା ଡ୍ରାଇଭର ମହାସଂଘ, ଲକ୍ଷ୍ମୀ ନାରାୟଣ ୟୁଥ୍ ଟ୍ରଷ୍ଟ, କଣିହାଁ ଶାଖା ସାମ୍ବାଦିକ ସଂଘ, ଆଂଚଳିକ ଟ୍ରକ୍ ମାଲିକ ସଂଘ, ଏନ୍‌ଟିପିସି ବଣିକ ସଂଘ ପ୍ରମୁଖ ସହଯୋଗ କରିଥିଲେ ।

ଉପଖଣ୍ଡ ରକ୍ତ ଭଣ୍ଡାର ସଂଯୋଜକ ବଳରାମ ପତି, ଟେକ୍ନିସିଆନ କୁମୁଦ ସାହୁ ଓ ଗୋପାଳ ବେହେରା, ଷ୍ଟାଫ୍ନର୍ସ ପଦ୍ମିନି ସାହୁ ଏବଂ ତ୍ରିନାଥ ହୋତା, ରାଜକିଶୋର ପ୍ରଧାନ, ଚନ୍ଦ୍ରମଣି ନାଏକ, ପଦି ମହାପାତ୍ର ପ୍ରମୁଖ ରକ୍ତଭଣ୍ଡାର କର୍ମଚାରୀ ରକ୍ତସଂଗ୍ରହ କରିଥିଲେ । କଣିହାଁ ମହାବିଦ୍ୟାଳୟ ଅଧାପକ ସତ୍ୟନାରାୟଣ ପରିଡାଙ୍କ ୪୨ଥର ଏବଂ ଅଧାପିକା ସାଗରିକା ମଲ୍ଲିକଙ୍କର ୨୫ଥର ଏବଂ ତ୍ରିନାଥ ହୋତା ୮ଥର ରକ୍ତଦାନ କରିଥିବା ପ୍ରମାଣ କରିଥିଲେ । ଏହି ଅବସରରେ ବିଜିଗୋଳ ସୁରକ୍ଷା ସଂଘ ପକ୍ଷରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା । ସେମାନଙ୍କ ଆଦର୍ଶରେ ଯୁବପିଢି ଅନୁପ୍ରାଣିତ ହୋଇ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିବାକୁ ଶିବିର ପକ୍ଷରୁ କୁହାଯାଇଥିଲା ।



ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଜେପି ଜିଲ୍ଲା ସଭାପତି ଅଶୋକ ମହାନ୍ତି ଅତିଥି ଭାବରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ବିଜିଗୋଳ ସୁରକ୍ଷା ସଂଘ ପୂର୍ବତନ ସଭାପତି ଟିକନ ସାହୁ, ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରଧାନ, କୋଷାଧକ୍ଷ ସୁଲେନ୍ କୁମାର ଧର, ଓଡିଶା ଡ୍ରାଇଭର ମହାସଂଘ ସଭାପତି ଧୀରେନ୍ ବିଶ୍ୱାଳ, ସ୍ଥାନୀୟ ସାମ୍ବାଦିକ ସଂଘ କଣିହାଁ ଶାଖା ସଭାପତି କଷ୍ଟ ଚରଣ ସାମଲ, ଉପସଭାପତି ଅଲେଖ ଭୁତିଆ ଓ ଟୁନା ସାହୁ, କୋଷାଧକ୍ଷ ମହେଶ୍ୱର ନାଏକ, ଟୋଲୋକବେଡା ଲକ୍ଷ୍ମୀନାରାୟଣ ୟୁଥ୍ ଟ୍ରଷ୍ଟର ବବୁଲ୍ ପ୍ରଧାନ ପ୍ରମୁଖ ସମାଜସେବୀ ସାମିଲ ହୋଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

# ଟାଇକୋଣ୍ଡୋ କଲର୍ ବେଲ୍ଟ ପରୀକ୍ଷା

ଭଦ୍ରକ,(ସବ୍ୟୁ):'ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଭଦ୍ରକ' ଆନୁକୂଲ୍ୟରେ ରବିବାର ଦିନ ବାର୍ଷିକ କଲର୍ ବେଲ୍ଟ ପରୀକ୍ଷା ହେପ୍ପୀହୋମ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୭ ଟା ଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୧୫୦ ଶିକ୍ଷାର୍ଥୀ ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨୦ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇ କଲର୍ ବେଲ୍ଟ ସହିତ ପ୍ରମାଣପତ୍ର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଓଡିଶା ର ସାଧାରଣ ସଂପାଦକ ରବିନାରାୟଣ ପାଣିଗ୍ରାହୀ ମୁଖ୍ୟ ପରୀକ୍ଷକ ରୂପେ ଯୋଗ ଦେଇଥିଲା ବେଳେ କୋଷାଧକ୍ଷା ସଂଘମିତ୍ରା ନନ୍ଦିନୀ ଦାସ, ସଦସ୍ୟ ବିଦ୍ୟାଧର ବାରିକ, ବିଶାଲ୍ ଗୋପାଲ୍ ଲଖାନୀ, ଅଜୟ କୁମାର ଧଳ, ସୁରେଶ ଚନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ। ପରୀକ୍ଷା ଅନ୍ତେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ 'ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶା' (ତାଓ) ର କାର୍ଯ୍ୟକାରୀ ସଭାପତି, ପ୍ରଫେସର ବିଜୟ କୁମାର ଜେନା ସଭାପତିତ୍ୱ କରିଥିଲେ। ବରିଷ୍ଠ ଆଇନଜୀବୀ ଯତିକାନ୍ତ ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ତାଓ ସଦସ୍ୟ ଆଇନଜୀବୀ ପବନ କୁମାର ଶର୍ମା, ଜ୍ୟୋତି କନଭେଟ୍ ସ୍କୁଲର ଅଧକ୍ଷ ଫାଦର୍ ଆଲେକ୍ସ, ହେପ୍ପୀହୋମ୍ ସ୍କୁଲର ମ୍ୟାନେଜିଂ ଡାଇରେକ୍ଟର ପ୍ରଜ୍ଞା ପରିମିତା ପଲାଇ, ଅଧାପିକା ଶାଳିନୀ ଗୁପ୍ତା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ସହ ବେଲ୍ଟ ପ୍ରଦାନ କରାଯାଇଥିଲା। ଶେଷରେ ଅତିଥି ତଥା ଦର୍ଶକ ମାନଙ୍କ ଉଦ୍ଦେଶ୍ୟରେ ଜିଲ୍ଲାରେ ପ୍ରତିଷ୍ଠିତ ତାଏକ୍ୱୋଣ୍ଡୋ କେନ୍ଦ୍ରର ଶିକ୍ଷାର୍ଥୀ ମାନେ ଏହି ସାମରିକ କଳାର କୌଶଳ ପ୍ରଦର୍ଶନ କରିଥିଲେ। ଏହି କେନ୍ଦ୍ର ଗୁଡିକ ଥିଲେ : କଦମବେଡା, ଦୋଳସାହି, ବାଇପାସ୍, ବନ୍ତ ଛକ, ତିହିଡି ଓ ହେପ୍ପୀହୋମ୍। ସବୁଠାରୁ ଆକର୍ଷଣୀୟ ଥିଲା ମିସ୍ ଜାଗୃତି ପ୍ରିୟଦର୍ଶିନୀ ଦାସଙ୍କ ଏକକ ପ୍ରଦର୍ଶନ। ଏହି କାର୍ଯ୍ୟକ୍ରମ ଦର୍ଶକ ମାନଙ୍କୁ ବେଶ୍ ଆମୋଦିତ କରିଥିଲା। ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଭଦ୍ରକର ସାଧାରଣ ସମ୍ପାଦକ ସଂଗ୍ରାମ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କଲର୍ ବେଲ୍ଟ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ ବ୍ଲାକ୍ ବେଲ୍ଟ ମର୍ଯ୍ୟାଦା ପ୍ରାପ୍ତ ରେଫେରୀ ଓ କୋଚ୍ ଗଣ ଯଥା : ତାରିଣୀ ସାହୁ, ଧନେଶ୍ୱର ଜେନା, ସୁରେଶ କୁମାର ନାୟକ, ହରିହର ବାରିକ, ବାଣୀ ପ୍ରସନ୍ନ ପାଣିଗ୍ରାହୀ, ବିବେକ କୁମାର ବେହେରା, ସେକ୍ ସର୍ମୀ, ଦେବାଶିଷ ପହୀ ଓ ଆଶୁତୋଷ ନାୟକ

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହାୟତାରେ କେନ୍ଦୁଡିହି ସୌର ଶକ୍ତି ଗ୍ରାମରେ ରୂପାନ୍ତରିତ

କେନ୍ଦୁଝର /ଯୋଡା, (ସ୍ୱପ୍ର/ସବ୍ୟୁ) : କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ କେନ୍ଦୁଡିହି ଗ୍ରାମକୁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହାୟତାରେ ସୌର ଶକ୍ତି ଗ୍ରାମ ରେ ରୂପାନ୍ତରିତ କରାଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ, ଏହି ଗ୍ରାମରେ ଥିବା ସମସ୍ତ ୭୦ ଗୋଟି ଘରକୁ ସୌରଶକ୍ତି ଯୋଗାଇ ଦିଆଯିବା ସହ ଚାରି ଗୋଟି ବଲବ, ଗୋଟିଏ ଟେବୁଲ୍ ପଙ୍ଖା ଏବଂ ଚାର୍ଜ ସରଞ୍ଜାମ ଦିଆଯାଇଛି ।ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ କେନ୍ଦୁଝର ଡି ଏଫ୍ ଓ ଧନରାଜ ହନୁମନ୍ତ ଧମଧେରା ଉଦଘାଟନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର କଳମଙ୍ଗ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ ଦୀପକ ବେହେରା ଙ୍କ ସମେତ ରଞ୍ଜନ କଓଲୋ, ରେଞ୍ଜ ଅଫିସର, ବଡବିଲ, କବିନ୍ଦ୍ର ନାଏକ, ଚେୟାରମ୍ୟାନ, ଯୋଡା ବ୍ଲକ, ବିଦ୍ୟାଧର ନାଏକ, ସରପଞ୍ଚ, ଗୁଆଲି ଗ୍ରାମପଞ୍ଚାୟତ, କେନ୍ଦୁଡିହି ଗ୍ରାମର ସମସ୍ତ ୱାର୍ଡ ମେମ୍ବର ଏବଂ ଟି ଏସ୍ ଏଫ୍ ର ଅନ୍ୟାନ୍ୟ ଅଧିକାରୀ ମାନେ ମଧ ଉପସ୍ଥିତ ଥିଲେ ।ଶ୍ରୀ ଧନରାଜ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ । ଟାଟା ଷ୍ଟିଲ୍ ଫାଉଣ୍ଡେସନର ଏହି ସୌରଶକ୍ତି ପଦକ୍ଷେପ ଅନ୍ତର୍ଗତ କେନ୍ଦୁଡିହି ଗ୍ରାମରେ ୧୫ ଗୋଟି ଷ୍ଟ୍ରିଟ ଆଲୁଅ ଲଗାଯିବା ସହ ସୌରଶକ୍ତି ଦ୍ୱାରା ଚାଳିତ ୫୦୦୦ ଲିଟର କ୍ଷମତା ବିଶିଷ୍ଟ ପାଞ୍ଚ ଗୋଟି ପାଣି ବିତରଣ ପଏଣ୍ଟ ସ୍ଥାପନ କରାଯାଇ ପାଣି ସମସ୍ୟା ଦୂର କରାଯାଇଛି ।ଏ ସମ୍ପର୍କରେ କେନ୍ଦୁଡିହି ଗ୍ରାମର ମନି



ମୁଣ୍ଡା କହନ୍ତି, ଟାଟା ଷ୍ଟିଲ୍ ଫାଉଣ୍ଡେସନ ଏଭଳି ଏକ ନିଆରା ପଦକ୍ଷେପ ଦ୍ୱାରା ଏହା ଏକ ଆଦର୍ଶ ଗ୍ରାମରେ ରୂପାନ୍ତରିତ ହୋଇ ପାରିଛି।ଯାହାକି ଆମ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ସେହି ଗ୍ରାମର ପ୍ରଫୁଲ୍ଲ ନାଏକ କହନ୍ତି, ଏହି ଆଲୋକ ବ୍ୟବସ୍ଥା ଦ୍ୱାରା ସମସ୍ତ ଗ୍ରାମବାସୀ ଏବେ ନିଜକୁ ସୁରକ୍ଷିତ ମଣିବା ସହ ରାତିରେ ଅନାୟାସରେ ଚଳପ୍ରଚଳ କରିପାରିବେ ଏବଂ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ। ବିଶେଷ କରି ମହିଳାମାନେ ଏହି ବିରାଟ ପରିବର୍ତ୍ତନର ସୁଫଳ ନେଇ ପାରିବେ ଏବଂ ସୂର୍ଯ୍ୟାସ୍ତ ପରେ ନିଭୟରେ ବୁଲାବୁଲି କରିପାରିବେ । କେନ୍ଦୁଡିହି ଗ୍ରାମରେ ଏହି ଭଳିକି ମୂଳକ କାର୍ଯ୍ୟ ଗୁଡ଼ିକ ବ୍ୟତୀତ, ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଜଳ ସଂରକ୍ଷଣ ଯୋଜନା, ବର୍ଷା ଜଳ ସଞ୍ଚୟ, ଭିତ୍ତିଭୂମି ସ୍ଥାପନ ଏବଂ ଜୀବନ ଜିବିକା ରେ ଉନ୍ନତି ପାଇଁ ବହୁ ପ୍ରକଳ୍ପ ହାତକୁ ନିଆଯାଇଛି ।ଏହା ବ୍ୟତୀତ, ନିକଟ ଅତୀତରେ କେନ୍ଦୁଡିହି ବିଦ୍ୟାଳୟରେ ଦୁଇଟି ନୂଆ ଶ୍ରେଣୀ ଗୃହ ନିର୍ମାଣ, ସ୍କୁଲ ପିଲାଙ୍କ ପାଇଁ ଖେଳ ଉପକରଣ, ବର୍ଷା ଜଳ ସଂରକ୍ଷଣ ଯୋଜନା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଛେଳି ଗୃହ ନିର୍ମାଣ, କିଚେନ୍ ଗାଡେନ ଓ ଛତୁ ଚାଷ ପାଇଁ ସମସ୍ତ ସହାୟତା ପ୍ରଦାନ କରାଯାଇଛି ।

# ବିଜେଡି ନେତାଙ୍କ ଉପରୁ ଉଠିଲା ନିଲମ୍ବନ ଆଦେଶ

ତିହିଡି,(ସବ୍ୟୁ):ବାସୁଦେବପୁର ନିର୍ବାଚନମଣ୍ଡଳୀ ତଥା ତିହିଡି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ବିଜେଡି ନେତା ବିଷ୍ଣୁ ଚରଣ ମହାନ୍ତିଙ୍କ ଉପରୁ ନିଲମ୍ବନ ଆଦେଶ ଉଠାଇ ଦିଆଯାଇଛି । ପଞ୍ଚାୟତ ନିର୍ବାଚନରେ ଦଳକୁ ସହଯୋଗ କରିନଥିବା କାରଣରୁ ଗତ ୨୦୧୭ରେ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା । ଚଳିତ ମାସ ୯ ତାରିଖରେ ବିଜେଡି ବ୍ଲକ ସଭାପତି ରଘୁନାଥ ପଣ୍ଡା ତାଙ୍କ ଚିଠି ନଂ-୪୨୮ବଳରେ ଶ୍ରୀ ମହାନ୍ତିଙ୍କ ଉପରୁ ଉକ୍ତ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିବା ସହିତ ଶ୍ରୀ ମହାନ୍ତି ପୂର୍ବଭଳି ଦଳରେ ତାଙ୍କର ଦାୟିତ୍ୱକୁ ସୂଚାରୁ ରୂପେ ସଂପନ୍ନ କରିବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

# ବିଜେପିର ବିଜୟ ସଂକଳ୍ପ ସମାବେଶ

ଢ଼େଙ୍କିକୋଟ , (ସବ୍ୟୁ) : ରବିବାର ଘଟଗାଁ ହାଟ ପଡ଼ିଆରେ ବିଜେପି ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଆୟୋଜିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଗୋଲକ ବଳଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମାବେଶରେ ଯଜ୍ଞ ପ୍ରସାଦ ବିଧାୟକଙ୍କୁ ସମାଲୋଚନା କରିଥିଲେ ମଧ ନବୀନଙ୍କ ସମ୍ପର୍କରେ ପଦେ ବି କହି ନଥିଲେ। ସମାବେଶରେ ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ବିଧାନସଭା ପ୍ରଭାରୀ ସୁବ୍ରତ କୁମାର ମହାନ୍ତି, ବରିଷ୍ଠ ନେତା ରାଜେନ୍ଦ୍ର ପଟ୍ଟନାୟକ, ପୂର୍ବତନ ମଣ୍ଡଳ ସଭାପତି ଗୋଲକ ବଳ, ଯୁବ ସଂଗଠକ ସତ୍ୟମ୍ ଦେହୁରୀ, ସରପଞ୍ଚ ରିମାଲତା ନାୟକ, ମୁକୁନ୍ଦ ମୁଣ୍ଡା, ସମିତି ସଭ୍ୟା ପାର୍ବତୀ ବାର୍ଲ୍ଲା, ବରିଷ୍ଠ ନେତା ଜଗବନ୍ଧୁ ସା, ଯୁବ ସଂଗଠକ ଜିତେନ୍ଦ୍ର ପଲେଇ, ବିଷ୍ଣୁନନ୍ଦ ବେହେରା, ମଳୟ ନାୟକ, ଭଜନ ସେଠୀ, ସେକ ଜାମୁଲ, ସେକ ଦାଉଦ୍, ଗୋଲବାସ ଦେହୁରୀ, ଆନନ୍ଦ ମହାନ୍ତ, ବନମାଳୀ ମହାନ୍ତ, ଶରତ ବେଜ, ପ୍ରଶାନ୍ତ ଗିରି, ମହିଳା ମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସନ୍ଧ୍ୟାରାଣୀ ବେହେରା, କାହ୍ନୁ ଗିରି, ଅନନ୍ତ ସାହୁ, ପରୀକ୍ଷିତ ନାୟକ, ଉତ୍ତମ ପ୍ରଧାନ, ମକରଧ୍ୱଜ ବେହେରା, ଅଜୟ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଗାମୀ ର୍ନିବାଚନରେ ବିଜେପିର ବିଧାୟକ ପ୍ରାର୍ଥୀଙ୍କୁ ର୍ନିବାଚିତ କରି ବିଧାନସଭାକୁ ପଠାଇବାକୁ ଆହ୍ୱାନ ଦେଇଥିଲେ।ଏହି ସମାବେଶରେ ଘଟଗାଁ ଜୋନର ୭ଟି ପଞ୍ଚାୟତରୁ ୨ ହଜାରରୁ ଅଧିକ ଜନସାଧାରଣ ସାମିଲ ହୋଇଥିଲେ।

# ପୂର୍ବଶତ୍ରୁତାକୁ ନେଇ ଆକ୍ରମଣ : ୪ଆହତ

ଖଇରା, (ସବ୍ୟୁ) :ଖଇରା ଥାନା ନହଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ରୁସ୍ତମପୁର ଗ୍ରାମରେ ପୁର୍ବଶତ୍ରୁତାକୁ ନେଇ ଆକ୍ରମଣ ଯୋଗୁଁ ଉକ୍ତ ଗ୍ରାମର ରତିକାନ୍ତ ବେହେରା ଓ ତାଙ୍କ ପତ୍ନୀ କୌଶଲ୍ୟା,ମା ସାବିତ୍ରୀ ଓ ରତିକାନ୍ତଙ୍କ ସାନଭାଇ ସରୋଜ କୁମାର ବେହେରା ଆହତ ହୋଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି । କୌଶଲ୍ୟା ବେହେରାଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ରବିବାର ରାସ୍ତା ପାଖରେ ସ୍ୱାମୀ ଓ ଦିଅରଙ୍କ ସହ ବାଡ ବୁଜୁଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଅପରପକ୍ଷର ବାସନ୍ତୀ ଦାସ,ରଣଜିତ ଦାସଙ୍କ ସମେତ ଅନ୍ୟ ୩ଜଣ ଆକ୍ରମଣ କରିଥିଲେ । ଏକ ଲୁହା ରଡରେ ପିଟିବା କାରଣରୁ କୌଶଲ୍ୟାଙ୍କ ଶାଶୁ ସାବିତ୍ରୀ ବେହେରାଙ୍କର ଗୋଡର ହାଡ ଭାଙ୍ଗି ଯାଇଥିଲା । ସମସ୍ତଙ୍କୁ ଚିକିତ୍ସାପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଖଇରା ଥାନା ଏଏସଆଇ ଉମାକାନ୍ତ ଧଳ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି ।

# ଜଳେଶ୍ୱର-ଚନ୍ଦନେଶ୍ୱର ରେଳ ଲାଇନ୍ ନିର୍ମାଣ ପାଇଁ ବ୍ୟୟ ବରାଦ

ଜଳେଶ୍ୱର,(ସବ୍ୟୁ) : ଜଳେଶ୍ୱର ଠାରୁ ଚନ୍ଦନେଶ୍ୱର ୪୨ କି.ମି. ପର୍ଯ୍ୟନ୍ତ ଏକ ନୂତନ ରେଳ ଲାଇନ୍ ନିର୍ମାଣ ପାଇଁ ୧ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି ପ୍ରସ୍ତାବିତ ନୂତନ ରେଳଲାଇନ୍ ନିର୍ମାଣ ପାଇଁ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିକଟରେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ନିବେଦନ କରିଥିଲେ । ଏହି ରେଳଲାଇନ୍ ନିର୍ମାଣ ହେଲେ ଉତ୍ତର ବାଲେଶ୍ୱର ବାସୀଙ୍କର ଦୀର୍ଘଦିନର ସ୍ୱପ୍ନ ସାକାର ହେବା ସହିତ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର, ଭୁଷଣ୍ଡେଶ୍ୱର ମନ୍ଦିର, ତାଳସାରୀ-ଉଦୟପୁର ବେଳାଭୂମି, ବିଚିତ୍ରପୁର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଅଞ୍ଚଳ ପ୍ରଭୃତି ଦେଖିବାପାଇଁ ପର୍ଯ୍ୟଟକମାନେ ସୁବିଧା ପାଇପାରିବେ ସେହିପରି ଏହି ରେଳଲାଇନ୍ ନିର୍ମାଣ ହେବା ଫଳରେ ଭଦ୍ରକ ଠାରୁ ହାଓଡ଼ା ଭାୟା ଜଳେଶ୍ୱର, ଚନ୍ଦନେଶ୍ୱର, ଦୀଘା, ତମଲୁକ, ପାନ୍ସକୁଡ଼ା ଷ୍ଟେସନ ଉପରେ ନିର୍ଭର କରୁଥିବା ରେଳ ଯାତ୍ରୀମାନେ ଉପକୃତ ହୋଇପାରିବେ । ତତ୍‌ସହିତ ପର୍ଯ୍ୟଟନ ଓ ବନ୍ଦର ଶିଳ୍ପର ଅଭିବୃଦ୍ଧି ହୋଇପାରିବ। ଦ୍ୱିତୀୟରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିର୍ଦ୍ଦେଶ ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉଦ୍ୟମରେ ପୁରୀ-ଯୋଗନଗରୀ ଋଷିକେଶ ଡାଉନ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ ଟ୍ରେନ୍ ନମ୍ବର ୧୮୪୭୭ର ଜଳେଶ୍ୱର ଠାରେ ପୁନଃ ରହଣୀ ସମ୍ଭବପର ହୋଇପାରିଛି । ଶୁକ୍ରବାର ରାତି ପ୍ରାୟ ୨ଟା ୨୨ ମିନିଟ୍‌ରେ ଏହି ଟ୍ରେନ୍ ଜଳେଶ୍ୱର ଷ୍ଟେସନରେ ପୁନଃ ରହଣୀ ହେବ । ଏହାଛଡ଼ା ସାଂସଦ ତାଙ୍କ ପାଣ୍ଠିରୁ ୩୫ଲକ୍ଷ ଟଙ୍କାର ଏକ ଅତ୍ୟାଧୁନିକ ଜୀବନ ରକ୍ଷା ଆମ୍ବୁଲାନ୍ସ ପ୍ରଦାନ ପାଇଁ ଘୋଷଣା କରିଛନ୍ତି । ଏହି ସବୁ ପ୍ରସଙ୍ଗକୁ ନେଇ ଶୁକ୍ରବାର ଅପରାହ୍ନରେ ଭାରତୀୟ ଜନତାପାର୍ଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ପ୍ରବୀର କୁମାର ପ୍ରଧାନ, ବ୍ରଜମୋହନ ପ୍ରଧାନ, ସମୀର ପାତ୍ର, ଫାଲଗୁନୀ ପାଣିଗ୍ରାହୀ, ତପନ ବିଶ୍ୱାଳ, ସୁମତୀ ରାଣୀ ଦେ, ବିଜୟ ସାମଲ, ସୁକୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ : ରାସ୍ତାରୋକ

ଜଳେଶ୍ୱର ,(ସବ୍ୟୁ) : ଗତ ୩ଦିନ ତଳେ କାଳବୈଶାଖି ଝଡ଼ବର୍ଷା ଯୋଗୁଁ ଜଳେଶ୍ୱର ଅଞ୍ଚଳରେ ବହୁ ଘରର ଛପର ଉଡ଼ିବା ସହିତ ଗଛଡାଳ ଭାଙ୍ଗି ଥିଲା । ଜଳେଶ୍ୱର ଥାନା କଲ୍ୟାଣପୁର ଗ୍ରାମରେ ବିଦ୍ୟୁତ ତାର ଛିଡ଼ି ପଡ଼ିଥିବା ବେଳେ ଗ୍ରାମବାସୀମାନେ ତୁରନ୍ତ ମରାମତି ପାଇଁ ଟାଟା ପାୱାରକୁ ଜଣାଇଥିଲେ । ମାତ୍ର ବିଭାଗୀୟ କର୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନଥିଲେ । ରବିବାର ମଧ୍ୟାହ୍ନ ସମୟରେ କଲ୍ୟାଣପୁର ଗ୍ରାମର ପୁରୁଷୋତ୍ତମ ଜେନା ରାସ୍ତାରେ ଯିବାବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ । ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରି ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ହସ୍ପିଟାଲକୁ ନେଇଥିବା ବେଳେ ଆଉଟଡୋରରେ ଥିବା ଡାକ୍ତର ପୁରୁଷୋତ୍ତମକୁ ମୃତ ଘୋଷଣା କରିଥିଲେ । ଏହି ଘଟଣାପରେ ଜଳେଶ୍ୱର କୃଷକ ସଂଗ୍ରାମ ମଂଚ ପକ୍ଷରୁ ପୁରୁଷୋତ୍ତମଙ୍କ ମୃତ ଦେହକୁ ଜଳେଶ୍ୱର -ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥରେ ରଖି ରାସ୍ତା ଅବରୋଧ କରିଥିଲେ । ମଂଚ ପକ୍ଷରୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରାଯାଇଥିଲା । ଖବର ପାଇ ଜଳେଶ୍ୱର ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀମାନଙ୍କ ସହିତ ଆଲୋଚନା କରୁଥିବାର ଜଣାପଡ଼ିଛି ।

# ପୋଲିସର ଫ୍ଲାଗମାର୍ଚ୍ଚ

ଆଗରପଡ଼ା,(ସବ୍ୟୁ): ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀ ପୋଲିସ ପକ୍ଷରୁ ଆଗରପଡ଼ାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନା ଆଇଆଇସି ଅମିତ ଭୂୟାଁଙ୍କ ନେତୃତ୍ୱରେ ପୋଲିସ ସମଗ୍ର ବଜାର ଅଂଚଳରେ ଏହି ଫ୍ଲାଗମାର୍ଚ୍ଚ କରିଥିଲା।

# ମଦ ଜବତ ଜଣେ ଗରଫ

ସୋର, (ସବ୍ୟୁ) :ସୋର ପୁଲିସ ପକ୍ଷରୁ ବିଦୁଛକ ନିକଟରେ ଚଢ଼ାଉ କରାଯାଇ ବିଦେଶୀ ମଦ ଓ ବାଇକ ଜବତ କରାଯିବା ସହିତ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁସାରେ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏସଆଇ ସୁଦର୍ଶନ ପ୍ରଧାନ, ମଧୁସ୍ମିତା ପାଲ ଏଏସଆଇ ନନ୍ଦକିଶୋର ବିଶ୍ୱାଳ, ଜୟପ୍ରକାଶ ବେହେରା,ସୁନୀଲ ରାଜ କନେଷ୍ଟବଳ ମାହା ହେମ୍ବ୍ରମ,ଜୟସେନ ମୁଦୁଲି, ରାଜେନ୍ଦ୍ର ହାଁସଦା ପ୍ରମୁଖ ପେଟ୍ରୋଲିଂ କରୁଥିବା ବେଳେ ବାହାନଗାରୁ ସୋର ଅଭିମୁଖେ ଆସୁଥିବା ଓଡ଼ି ୦୧ ୨୬୮୧ ନମ୍ବର ବିଶିଷ୍ଟ ଏକ ମୋଟର ସାଇକେଲକୁ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ୪୨ ଲିଟରରୁ ଅଧିକ ବିଦେଶୀମଦ ଓ ବାଇକକୁ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ସୋର ଥାନା ପିତାଳପଦା ଗ୍ରାମର ସୁରେନ୍ଦ୍ର ଦାସକୁ ଗିରଫ କରିଥିଲେ।

# ସମବାୟ ସମିତି କୃଷକର ଆର୍ଥିକ ସ୍ଥିତିକୁ ସୁଦୃଢ କରିଛି

ଭୋଗରାଇ, (ସବ୍ୟୁ) : ନାହିଁ ମହାଜନ, ସାହୁକାର ଓ ଧନୀମାନଙ୍କ ଜୁଲମ । ସମବାୟ ସମିତି ଗଠନ ହେବାଠାରୁ କୃଷି ଓ କୃଷକର ଉନ୍ନତି ସାଧିତ ହୋଇଥିବା ବେଳେ କୃଷକର ଆର୍ଥୀକ ଓ ସାମାଜିକ କ୍ଷେତ୍ରରେ ପରିବର୍ତନ ହୋଇଛି ବୋଲି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦେହୁର୍ଦା ସମବାୟ ସମିତିର ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି । ଏହି ସମବାୟ ସମିତିର ସଭାପତି ଶ୍ରୀପତି ଭୂଷଣ ସେଠୀଙ୍କ ଅଧକ୍ଷତା ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବାଲେଶ୍ୱର -ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭୋଗରାଇ ଶାଖା ପରିଚାଳକ ଅନନ୍ତ କୁମାର ଦାସ, ମୂଖ୍ୟ ବକ୍ତାଭାବେ ବ୍ୟାଙ୍କ ନିର୍ଦ୍ଦେଶକ ଆଶିଷ ପାତ୍ର,ବିଶିଷ୍ଟ ଅତିଥିଭାବେ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ବସନ୍ତ କୁମାର ଗିରି, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା,ସମ୍ମାନୀତ ଅତିଥିଭାବେ ପୂର୍ବତନ ସରପଞ୍ଚ ରମାକାନ୍ତ କରଣ,ଦେହୁର୍ଦା ସରପଞ୍ଚ ସରସ୍ୱତୀ କରଣ, ସମିତିର ପୂର୍ବତନ ବୋର୍ଡ ନିର୍ଦ୍ଦେଶକ ସୁବଳ କୁମାର ଜେନା,ସମିତିର ଉପସଭାପତି ଅରୁନ୍ଧତୀ ଦତ୍ତ ପ୍ରମୁଖ ଯୋଗଦେଇ କୃଷି ଓ କୃଷକର ଉନ୍ନତୀରେ ଏହି ସମବାୟ ସମିତିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଗ୍ରାମାଞ୍ଚଳରେ ଚାଷୀମାନଙ୍କୁ ବିଭିନ୍ନ ପ୍ରକାର କୃଷିଋଣ, ଛେଳିକୁକୁଡ଼ା ଆଦି ଫାର୍ମ ପ୍ରତିଷ୍ଠା, ପାନଚାଷ ଓ ମହିଳାଗୋଷ୍ଠୀଙ୍କ ଉଦ୍ୟୋଗ ବିକାଶ ନିମନ୍ତେ ଆବଶ୍ୟକ ଋଣ ଯୋଗାଇ ଦେବା ସହିତ କୃଷକମାନଙ୍କୁ ଦୁର୍ଘଟଣା ଜନିତ ବୀମା ପ୍ରଦାନ କରି ସମବାୟ ସମିତି ଗାଁର ଆର୍ଥୀକ ଓ ସାମାଜିକ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ନିର୍ଦ୍ଦେଶକ ଦୀପକ କୁମାର ଗାରୁ ମଙ୍ଗଳାଚରଣ ସହିତ ସମିତିର ୨୦୨୩-୨୪ଆର୍ଥିକ ବର୍ଷର ବିବରଣୀ ପାଠ କରିଥିଲେ । ୨୦୨୩-୨୪ ଆର୍ଥିକ ବର୍ଷର ଆୟ, ବ୍ୟୟ ରିପୋର୍ଟ ସହିତ ଆସନ୍ତା ୨୦୨୪ -୨୫ ଆର୍ଥିକ ବର୍ଷ ନିମନ୍ତେ ବଜେଟ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଥିଲା । ବୋର୍ଡ ନିର୍ଦ୍ଦେଶକ/ନିର୍ଦ୍ଦେଶିକା ସର୍ବଶ୍ରୀ ରାମପଦ ପଣ୍ଡା, ଆରତୀ ଦାସ, ପ୍ରଶାନ୍ତ କୁମାର ଜେନା, ମାନସ ରଂଜନ ବାରିକ, ମଦନମୋହନ ବାରିକ, ହରେକୃଷ୍ଣ ମଣ୍ଡଳ, ଦୀନବନ୍ଧୁ ଜେନା, ପରେଶ ଚନ୍ଦ୍ର ଦାସ, ହରେକୃଷ୍ଣ ଦାସ, ରାଜେନ୍ଦ୍ର କର, ଶରତ କୁମାର ଜେନା, ନିମାଇଁ ଚରଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗ୍ରାମର ସଦସ୍ୟ ସେବା ସମବାୟ ସମିତି ନିର୍ଦ୍ଦେଶକ ଓ ଚାଷୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

# ସାଧାରଣ ନିର୍ବାଚନ ୨୦୨୪ ପରିଚାଳନା ପାଇଁ ପ୍ରଶାସନର ବିବରଣୀ ପ୍ରଦାନ

ବାଲେଶ୍ୱର, (ସବ୍ୟୁ) : ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବଚନ -୨୦୨୪କୁ ସୂଚାରୁରୂପେ ଆୟୋଜନ କରି ଏହାର ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ବାଲେଶ୍ୱର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଶିଷ ଠାକରେ ସମସ୍ତ ଗଣମାଧମ ପ୍ରତିନିଧି ମାନଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାରେ ହେବାକୁ ଥିବା ସାଧାରଣ ନିର୍ବାଚନ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ଭାରତୀୟ ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ ବାଲେଶ୍ୱରରେ ସପ୍ତମ ପର୍ଯ୍ୟାୟରେ ନିର୍ବାଚନ ଆୟୋଜନ କରାଯିବ ଜିଲ୍ଲାରେ ସପ୍ତମ ପର୍ଯ୍ୟାୟ ପାଇଁ ଗେଜେଟ ବିଜ୍ଞପ୍ତି ମେ ମାସ ୭ ତାରିଖରେ ପ୍ରକାଶ ପାଇବାକୁ ଥିବା ବେଳେ ନାମାଙ୍କନ ପତ୍ର ଦାଖଲର



ଶେଷ ତାରିଖ ୧୪ ମଇ ରଖାଯାଇଛି । ମଇମାସ ୧୭ ତାରିଖ ସୁଦ୍ଧା ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ହେବାକୁ ସ୍ଥିର ହୋଇଥିବା ବେଳେ ଜୁନ୍ ୧ତାରିଖ ଦିନ ମତଦାନ ଓ ଜୁନ୍ ୪ତାରିଖ ଦିନ ଭୋଟ ଗଣତି ହେବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଜିଲ୍ଲାସ୍ତରରେ ଖର୍ଚ୍ଚ ମନିଟରିଂ ପାଇଁ ବ୍ୟବସ୍ଥା, ଜିଲ୍ଲାସ୍ତରୀୟ ମିଡ଼ିଆ ସାର୍ଟିଫିକେଟ ଏବଂ ମୋନିଟରିଂ କମିଟି, ନିର୍ବାଚନ ପରିଚାଳନାରେ ବ୍ୟବହୃତ ନାଗରିକ/ପ୍ରାର୍ଥୀ କେନ୍ଦ୍ରୀକ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗଗୁଡ଼ିକ ଯଥା ସି-ଭିଜିଲ ଆପ୍, ସୁବିଧା ପୋଟାଲ,ପ୍ରାର୍ଥୀ ଆଫିଡେଭିଟ୍ ପୋର୍ଟାଲ, ଭୋଟର ହେଲ୍ପଲାଇନ୍ ଏବଂ ସକ୍ଷମ ଆପ୍ ବିଷୟରେ ଜିଲ୍ଲାପାଳ ବିସ୍ତୃତ ବିବରଣୀ ଦେଇଥିଲେ । ଶ୍ରୀ ଠାକରେ କହିଥିଲେ ଯେ ଜିଲ୍ଲାରେ ମତଦାତା ସଂଖ୍ୟା ୧୮,୭୮,୨୩୪ ଥିବାବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୯୫,୬୧,୯୪ ଓ ମହିଳା ଭୋଟରଙ୍କ ସଂଖ୍ୟା ୯୨,୧୮,୯୪ । ସେହିପରି ଭାବରେ ଜିଲ୍ଲାରେ ୮ଗୋଟି ବିଧାନ ସଭା ନିର୍ବାଚନ ମଣ୍ଡଳୀ ପାଇଁ ୫ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ରିଟର୍ଣ୍ଣିଂ ଅଫିସର ଭାବେ ନିୟୋଜିତ ହୋଇଛନ୍ତି । ଜିଲ୍ଲାରେ ୨୮ଟି ଅଗଜୀଲାରୀ ବୁଥ୍ ସମେତ ୧୯୨୬ ବୁଥ୍‌ରେ ମତଦାନ ହେବବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଂଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ନିରଂଜନ ବେହେରା, ବାଲେଶ୍ୱରର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଦର ମହାଳିକ, ଅତିରିକ୍ତ ଜିଲ୍ଲାପାଳ ଶୁଭଶ୍ରୀ ରଥ ଓ ନିର୍ବାଚନ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ସମେତ ବାଲେଶ୍ୱର ସଦର ମହକୁମାର ସମସ୍ତ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ବାଲେଶ୍ୱର ଦର୍ପଣର ରୌପ୍ୟ ଜୟନ୍ତୀ ସମାରୋହ




ବାଲେଶ୍ୱର, (ସବ୍ୟୁ) :ଉତ୍ତରଓଡ଼ିଶାର ପ୍ରଥମ ବୈଦ୍ୟୁତିକ ଗଣମାଧମ ବାଲେଶ୍ୱର ଦର୍ପଣର ରୌପ୍ୟ ଜୟନ୍ତୀ ସମାରୋହ ଓଟିରୋଡ଼ସ୍ଥିତ ଉଦ୍ୟୋଗ ଭବନରେ ପାଳିତ ହୋଇଯାଇଛି । କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ସଦସ୍ୟ କାଳୀଙ୍କିକର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ରୌପ୍ୟ ଜୟନ୍ତୀ ସମାରୋହରେ ଉଦ୍ଘାଟକ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇଥିଲେ । ମୁଖ୍ୟ ଅତିଥିଭାବେ ଦୈନିକ ସମ୍ବାଦପତ୍ର ସମ୍ବାଦର ପୂର୍ବତନ ସମ୍ପାଦକ ସୌମ୍ୟରଂଜନ ଓ ବିଶିଷ୍ଟ ଚଳଚିତ୍ର ସାମ୍ବାଦିକ ବୀରେନ ଦାସ, ଓଡ଼ିଶାର ସାମ୍ବାଦିକ ଅଶୋକ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ବାଲେଶ୍ୱର ଦର୍ପଣର କାର୍ଯ୍ୟଶୈଳୀକୁ ଉଚ୍ଚ ପ୍ରଶଂସା କରିବା ସହ ଏହାର ସମ୍ବାଦ ପ୍ରସାରଣ ଶୈଳୀ ଉନ୍ନତମାନର ବୋଲି ପ୍ରକାଶ କରିଥିଲେ।ଅତିଥିମାନଙ୍କ ଗହଣରେ ବାଲେଶ୍ୱର ଦର୍ପଣର ୨୫ବର୍ଷ ଯାତ୍ରାର ଏକ ସକ୍ଷିପ୍ତ ବୃତ ଚିତ୍ର ସୂତନୁ ଫୌଜଦାରଙ୍କ ସମ୍ପାଦନାରେ ପ୍ରଦର୍ଶିତ ହୋଇଥିଲା ଓ ବାଲେଶ୍ୱର ଦର୍ପଣ ନାମକ ଏକ ସ୍ମରଣୀକାକୁ ଅତିଥିମାନେ ଲୋକାର୍ପିତ କରିଥିଲେ । ବାଲେଶ୍ୱର ଦର୍ପଣରୁ ନିଜର ଜୀବନ ଆରମ୍ଭ କରିଥିବା କନକ ନ୍ୟୁଜର ବାଲେଶ୍ୱର ମୁଖ୍ୟ ସୁମନା ପରିଡ଼ା, ବିଶିଷ୍ଟ କେମେରାମ୍ୟାନ ଭବାନୀ ଶଙ୍କର ବେହେରାଙ୍କୁ ବାଲେଶ୍ୱର ଦର୍ପଣ ଶ୍ରେଷ୍ଠ ପ୍ରତିଭା ସମ୍ମାନ ଓ ବାଲେଶ୍ୱର ଦର୍ପଣ କୁଶଳୀ କେମେରାମ୍ୟାନ ସମ୍ମାନ ପ୍ରଦାନ କରାଯାଇଥିଲା । ବାଲେଶ୍ୱର ଦର୍ପଣକୁ ସବୁବେଳେ ସହଯୋଗ ଓ ଶ୍ରଦ୍ଧା କରିଆସୁଥିବା ବିଶିଷ୍ଟ ଶିଳ୍ପପତି ସ୍ୱର୍ଗତଃ ହିମାଂଶୁ ଦାସଙ୍କୁ ବାଲେଶ୍ୱର ଦର୍ପଣ ଶ୍ରେଷ୍ଠ ମିତ୍ର ସମ୍ମାନ ଓ ସ୍ୱର୍ଗତଃ ସମାଜସେବୀ ତଥା ବିଶିଷ୍ଟ ସଂଗଠକ ଅମିତ ବେହେରାଙ୍କୁ ବାଲେଶ୍ୱର ଦର୍ପଣ ଶ୍ରେଷ୍ଠ ସୃଜନ ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ସମ୍ମାନକୁ ସ୍ୱର୍ଗତଃ ହିମାଂଶୁ ଦାସ ଓ ଅମିତ ବେହେରାଙ୍କ ପରିବାର ଗ୍ରହଣ କରିଥିଲେ । ପ୍ରାରମ୍ଭରେ କବି ପ୍ରଶାନ୍ତ ଦାସଙ୍କ ଦ୍ୱାରା ରଚିତ ଓ ଗୁରୁ ନନ୍ଦ କିଶୋର ଦାସଙ୍କ ନିର୍ଦ୍ଦେଶିତ ସ୍ୱାଗତ ସଙ୍ଗୀତକୁ ବହ୍ନିମାନ, ମଣିଚରଣ, ସନ୍ତୋଷ, ସତ୍ୟସୁନ୍ଦର, ଧରିତ୍ରୀ,ଉର୍ବଶୀ, ମୌସୁମୀ, ପ୍ରିୟାଶା ପ୍ରମୁଖ ପରିବେଷଣ କରିଥିଲେ । ବାଲେଶ୍ୱର ଦର୍ପଣର ପରିଚାଳନା ନିର୍ଦ୍ଦେଶକ ବ୍ୟୋମନାଥ ରଥ ଶେଷକଥା ରଖିଥିଲେ ।

# ଗଣମାଧମ ଓ ରାଜନୈତିକ ଦଳ ପାଇଁ ଜିଲ୍ଲା ପ୍ରଶାସନର ନିର୍ବାଚନୀ ବୈଠକ

ଭଦ୍ରକ,(ସବ୍ୟୁ):ଆଗାମୀ ଲୋକସଭା ଓ ବିଧାନ ସଭା ପାଇଁ ସାଧାରଣ ନିର୍ବାଚନ - ୨୦୨୪ ନିମନ୍ତେ ନିର୍ବାଚନ ଆୟୋଗ ଦ୍ୱାରା କାର୍ଯ୍ୟସୂଚୀ ଘୋଷଣା ଓ ଆଦର୍ଶ ଆଚରଣ ବିଧି ଲାଗୁ କରାଯିବା ପରେ ରବିବାର ପୂର୍ବାହ୍ନରେ ଭଦ୍ରକ ଜିଲ୍ଲା ପ୍ରଶାସନ ଦ୍ୱାରା ଗଣମାଧମ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ଗଡ଼ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ଡେ଼ପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମାର୍ଚ୍ଚ ୧୬ରେ ନିର୍ବାଚନ ଆୟୋଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଭଦ୍ରକ ଜିଲ୍ଲାରେ ଶେଷ ଆର୍ଥାତ ୭ମ ପର୍ଯ୍ୟାୟରେ ଜୁନ୍ ୧ ତାରିଖରେ ଭୋଟ ଗ୍ରହଣ କରାଯିବ । ସେହି ଅନୁଯାୟୀ ମଇ ୭ରେ ନୋଟିଫିକେସନ୍, ମଇ ୭ ରୁ ୧୪ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ, ମଇ ୧୫ରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର ର ଶେଷ ତାରିଖ ମଇ ୧୭ଥିବା ନେଇ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ । ଜୁନ୍ ୧ରେ ମତଦାନ ଓ ଜୁନ୍ ୪ରେ ଗଣତି କରାଯିବା ନେଇ ଜିଲ୍ଲା ପ୍ରଶାସନର ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ସମ୍ବନ୍ଧରେ ପ୍ରକାଶ କରିଥିଲେ । ଅବାଧ, ମୁକ୍ତ, ନିରପେକ୍ଷ, ହିଂସାମୁକ୍ତ, ସ୍ୱଚ୍ଛ ନିର୍ବାଚନ ପାଇଁ ପ୍ରଶାସନ ସହିତ ସମସ୍ତ ଗଣମାଧମ ପ୍ରତିନିଧି, ରାଜନୈତିକ ଦଳର କର୍ମକର୍ତ୍ତା, ପ୍ରାର୍ଥୀ ସମସ୍ତଙ୍କର ସହ ଯୋଗ ଏକାନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ପ୍ରତି ନିର୍ବାଚନ ମଣ୍ଡଳୀ ପାଇଁ ୩ଟି ଲେଖାଏଁ ସମୁଦାୟ ୧୫ଟି ଫ୍ଲାଇଂ ସ୍କ୍ୱାଡ଼ ମାର୍ଚ୍ଚ ୧୬ ଠାରୁ କାମ ଆରମ୍ଭ କରିଥିବା ନେଇ ମଧ ସେ ସୂଚନା ପ୍ରଦାନ କରିଥିଲେ । ଆଦର୍ଶ ଆଚରଣ ବିଧି ଉଲଂଘନ ନେଇ ଫୋନ୍ ଦ୍ୱାରା ୧୧୨ ନମ୍ବରରେ ଜଣାଇ ପାରିବେ । ଡ଼ିସ୍‌ପରସାଲ ଓ ଗଣତି ପାଇଁ ୪ଟି ନିର୍ବାଚନ ମଣ୍ଡଳୀ ନିମନ୍ତେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଓ କେବଳ ଧାମନଗର ପାଇଁ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜନ କରାଯିବା ନେଇ ବ୍ୟବସ୍ଥା କରାଯାଉଛି । ରାଜନୈତିକ ଦଳର ପ୍ରତିନିଧି, ପ୍ରାର୍ଥୀମାନେ ଇ.ଭି.ଏମ୍. ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରନ୍ତୁ, ଇ.ଭି.ଏମ୍. କମିଶନିଂ ଓ ସଂପୃକ୍ତ ଅନ୍ୟ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭାବେ ସାମିଲ ହୁଅନ୍ତୁ ବୋଲି ଜିଲ୍ଲାପାଳ ଜଣାଇଥିଲେ । ଆହୁରି ମଧ୍ୟ ସୂଚନା ଦେଇଥିଲେକି ସକାଳ ୭ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ମତଦାନ ଗ୍ରହଣ କରାଯିବ । ଜିଲ୍ଲାର ସମୁଦାୟ ୧୩୦୯ ବୁଥ୍‌ରୁ ଶତାକଡ଼ା ୬୦ ଭାଗ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା ରହିବ । ପ୍ରଚାର ପାଇଁ ଶୋଭାଯାତ୍ରା, ସଭା ହେବାକୁ ଥିବା ପଡ଼ିଆ, ରାସ୍ତା, ଡ଼ାକବାଜି ଯନ୍ତ୍ର, ଯାନ ଆଦି ପାଇଁ ଶତକଡ଼ା ଶହେ ଭାଗ ଅନ୍‌ଲାଇନ୍‌ରେ ଆବେଦନ କରିବେ । କୌଣସି ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଆଦି ଧାର୍ମିକ ପୀଠରେ ସଭା ସମିତି ନିଷେଧ ଅଟେ । ରାତ୍ରି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ପ୍ରଚାର ବନ୍ଦ ରହିବ । ଗଣମାଧମ ଉପରେ କଡ଼ା ନଜର ରଖାଯିବ । ଦୁରୁପୋଯୋଗକାରୀଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ସରକାରୀ କୋଠବାଡ଼ି, ବିଦ୍ୟୁତ୍ ଖୁଣ୍ଟ, ସରକାରୀ ଜାଗା ଆଦିରେ ପୋଷ୍ଟର, ବ୍ୟାନର ମାରିବା ନିଷେଧ । ଭୋଟର ମାନଙ୍କୁ ପ୍ରଭାବିତ କରାଗଲା ଭଳି ଅବୈଧ କାରବାର ସବୁ ରୋକିବା ପାଇଁ ସୂଚନା ମିଳିଲା ମାତ୍ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଗଣମାଧମ ପ୍ରତିନିଧିମାନେ ସମାଜର ଆଖି କାନ ସଦୃଶ କାର୍ଯ୍ୟ କରୁଥିବାରୁ ସେମାନଙ୍କ ଜରିଆରେ ଗଣତନ୍ତ୍ରର ମହତ ଉଦ୍ଦେଶ୍ୟ ପ୍ରତି ଭୋଟର ପାଖରେ ପହଞ୍ଚି ପାରିବ ଏବଂ କ୍ଷେତ୍ର ସ୍ତରୀୟ ଦୋଷ ଦୁର୍ବଳତା ସମ୍ବନ୍ଧରେ ଅବଗତ ହେଲେ ଜିଲ୍ଲା ପ୍ରଶାସନ ନିର୍ବାଚନ ପ୍ରକ୍ରିୟାରେ ସୁଧାର ଆଣିପାରିବ । ବିଶେଷ କରି ଆଗାମୀ ନିର୍ବାଚନରେ ମତଦାନ ହାର ବୃଦ୍ଧି କରିବା ଦିଗରେ ଗଣମାଧମର ସହଯୋଗ କାମ୍ୟ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଗତ ଜାନୁୟାରୀ ୫ରେ ପ୍ରକାଶିତ ଭୋଟର ତାଲିକା ଅନୁଯାୟୀ ବୁଥ୍ ଅନୁଯାୟୀ ଭୋଟର ସଂଖ୍ୟା ଯୋଗ, ବିୟୋଗ ବା ଅନ୍ୟାନ୍ୟ ତ୍ରୁଟି ଥିଲେ ରାଜନୈତିକ ଦଳର ପ୍ରତିନିଧିମାନେ ତୁରନ୍ତ ଜଣାଇବାକୁ ମଧ୍ୟ ସେ ଅବଗତ କରାଇଥିଲେ ।

(ଶ୍ରୀମଭଗବଦ୍ ଗୀତା ୪/୨୮)

–ଜ୍ଞାନଯୋଗଃ–

(ଶ୍ରୀଭଗବାନୁବାଚ )

**ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞା ସ୍ତଥାପରେ ।**
**ସ୍ୱାଧ୍ୟାୟଜ୍ଞାନଯଜ୍ଞାୟ ଯତୟଃ ସଂଶିତବ୍ରତାଃ ।।୨୮।।**

କେହି କେହି ଦ୍ରବ୍ୟ ଜ୍ଞାନରୂପ ଯଜ୍ଞ କରନ୍ତି । କେହି କେହି କୃଚ୍ଛ୍ରଚାନ୍ଦ୍ରାୟଣାଦି ତପୋରୂପ ଯଜ୍ଞ କରନ୍ତି, କେହି କେହି ବା ଯୋଗରୂପ (ଚିତ୍ତବୃତ୍ତି ନିରୋଧ ରୂପ) ଯଜ୍ୟ କରନ୍ତି, ଆଉ କେହି କେହି ଦୃଢ଼ବ୍ରତ ମୋକ୍ଷାର୍ଥେ ଯତ୍ନଶୀଳ ଯତି ବେଦାଧ୍ୟୟନ ଓ ଶ୍ରବଣାଦି ଦ୍ୱାରା ତାହାର ଅର୍ଥଜ୍ଞାନରୂପ ଯଜ୍ଞରେ ବ୍ୟାପୃତ ଥାଆନ୍ତି । ।।୨୮।।

# ମିଳିତ ମଞ୍ଚ

ସମ୍ପାଦକୀୟ

ଭାରତୀୟ ଜନତା ପାର୍ଟିର ସହଯୋଗୀ ଦଳଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଦଳ ମଧ ବେଶ କିଛି ମାସ ଧରି ଏ ଦିଗରେ ପ୍ରୟାସ କରିଆସୁଛି । ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱାଧୀନ ତେଲୁଗୁ ଦେଶମ ପାର୍ଟି (ଟିଡିପି) ଏବଂ ଆନ୍ଧ୍ରପ୍ରଦେଶର ପୱନ କଲ୍ୟାଣଙ୍କ ଜନସେନା ବିଜେପି ସହ ଗୋଟିଏ ମଞ୍ଚରେ ଏକାଠି ହେଇଛନ୍ତି ଏବଂ ଆନ୍ଧ୍ରପ୍ରଦେଶ ବିଧାନସଭା ଓ ଲୋକସଭା ନିର୍ବାଚନ ଏକାଠି ଲଢ଼ିବେ ବୋଲି ଘୋଷଣା କରିଛନ୍ତି । ଓଡିଶାରେ ବିଜୁ ଜନତା ଦଳ (ବିଜେଡି) ସହିତ ବିଜେପିର ନିର୍ବାଚନୀ ବୁଝାମଣା ହେବା ନେଇ ଚର୍ଚ୍ଚା ଚାଲିଛି । ଏଇ ମାତ୍ର କିଛି ସପ୍ତାହ ତଳେ, ବିଜେପିର ମିତ୍ରରୁ ଶତ୍ରୁ ପାଲଟି ଯାଇଥିବା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ପୁଣି ବିଜେପି ନିଜର ସହଯୋଗୀ ଭାବରେ ଗ୍ରହଣ କରିଛି । ଜୟନ୍ତ ଚୌଧୁରୀଙ୍କ ନେତୃତ୍ୱରେ ଥିବା ରାଷ୍ଟ୍ରୀୟ ଲୋକ ଦଳ (ଆରଏଲଡି) କୁ ମଧ ଉତ୍ତରପ୍ରଦେଶର ସମାଜବାଦୀ ପାର୍ଟି ନେତୃତ୍ୱାଧୀନ ବିରୋଧୀ ଦଳଠାରୁ ଦୂରେଇ ରଖିଛି । କେତେକ ବିଜେପି ବିରୋଧୀ ଦଳକୁ ବିଜେପି ଗ୍ରହଣ କଲା ପରେ, ସମ୍ପୃକ୍ତ ଦଳଗୁଡିକର ନେତାମାନେ ଏବଂ ବିଜେପିର ରାଜ୍ୟ ନେତୃତ୍ୱ ଏ ପ୍ରକାର ବୁଝାମଣାକୁ ନାପସନ୍ଦ କରିଥିଲେ ଏବଂ କରିବା ମଧ ସ୍ୱାଭାବିକ । କିନ୍ତୁ ବିଜେପି କେନ୍ଦ୍ରୀୟ ନେତୃତ୍ୱ, ଏହି ପରିସ୍ଥିତିକୁ ଅତି ସହଜରେ ନମ୍ରତାର ସହ ସାମ୍ନା କରୁଛନ୍ତି ଯାହା ପରିସ୍ଥିତିକୁ ସ୍ୱାଭାବିକ କରିବାରେ ସହାୟକ ହେଉଛି । ଗତ ବର୍ଷ ମେ ମାସରେ ବିଜେପିର ସ୍ୱଭାବ ଏବଂ ବିଜେପିର ବର୍ତ୍ତମାନର ଆଭିମୁଖ୍ୟ ଭିତରେ ଆକାଶ ପାତାଳ ପାର୍ଥକ୍ୟ ରହିଛି । ବିଜେପି ଶାସନର କିଛି ବର୍ଷ ମଧ୍ୟରେ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଇନ୍ସ (ଏନଡିଏ) ର ଗୁରୁତ୍ୱ କମିବାରେ ଲାଗିଥିଲା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିଁ ସଂଗଠନର ସବୁକିଛି ବୋଲି ପ୍ରତ୍ୟୟ ହେଉଥିଲା । ପୂର୍ବ ଏନଡିଏ ସରକାର ତୁଳନାରେ ଯେଉଁଥିରେ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିଲେ, ମୋଦି ସରକାର ଏହାର ସହଯୋଗୀ ଦଳର ଚିନ୍ତାଧାରା ପ୍ରତି ସେତିକି ଧ୍ୟାନ ଦେଇ ନ ଥିଲେ । କାରଣ ସାମୂହିକ ବିକାଶ ହିଁ ମୋଦିଙ୍କ ଶାସନର ମୂଳମନ୍ତ୍ର ଥିଲା । ପୂର୍ବରୁ ସରକାରରେ ରହିବା ପାଇଁ ବିଜେପି ଅନ୍ୟ ଦଳର ସହାୟତା ଦରକାର କରୁଥିଲା ଏବଂ ସେହି ଅନୁସାରେ ସେମାନଙ୍କର ଦାବି ଓ ଯତ୍ନ ନେବା ପାଇଁ ବାଧ ଥିଲା । ମୋଦି ସରକାର ଏଭଳି ପ୍ରତିବନ୍ଧକ ସାମ୍ନା କରିନାହାଁନ୍ତି । ଦଳ ସରକାରରେ ରହିବା ପାଇଁ କିଛି ବି ଚିନ୍ତା ନଥିଲା । ଅପରପକ୍ଷେ, ଅଂଶୀଦାରମାନେ ସେମାନଙ୍କର ପଦ ହରାଇବା ଭୟରେ ଅଧିକ ସଚେତନ ହେଲେ । କ୍ରମାଗତ ଭାବରେ ବିଜେପି ଏହାର ଆସନ ସଂଖ୍ୟା ବଢ଼ାଇ ଚାଲିଛି ଏବଂ ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରୁଛି । ଅନେକ କିଛି ନିଷ୍ପତ୍ତି ଯାହା ଅସମ୍ଭବ ମନେ ହେଉଥିଲା ତାହା ସମ୍ଭବ ହେବାରେ ଲାଗିଛି । ଯଥା, ଟ୍ରିପଲ୍ ତଲାକ୍ ବିଲ୍, ଜାମ୍ମୁ କାଶ୍ମୀରର ସ୍ଥିତି, ନାଗରିକତା (ସଂଶୋଧନ) ବିଲ୍ (ସିଏଏ) ପରି କେତେକ ନିଷ୍ପତ୍ତି ନେବା ଏବଂ ସେ ସବୁକୁ ଗ୍ରହଣୀୟ କରିବାରେ ସରକାର ସଫଳ ହେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ଯୋଗୁଁ ଦଳ ବର୍ତ୍ତମାନ ଭଲ ପରିସ୍ଥିତିରେ ଅଛି । କିନ୍ତୁ ଏହାଭିତରେ ଦଳ ଏହାର ରଣନୀତିରେ ପରିବର୍ତ୍ତନ କରିଛି ବୋଲି ମନେହେଉଛି । ସହଯୋଗୀ ଦଳଙ୍କୁ ଏହା ଆଗ ଅପେକ୍ଷା ଅଧିକ ଗୁରୁତ୍ୱ ଦେଉଛି ଏବଂ ଅଧିକରୁ ଅଧିକ ଦଳକୁ ନିଜ ପକ୍ଷକୁ ଆଣିବା ନେଇ ପ୍ରୟାସ କରୁଛି । ବିଭିନ୍ନ ରାଜ୍ୟରେ ଅନ୍ୟ ଦଳ ସହ ଆସନ ବୁଝାମଣା କରୁଛି । ପ୍ରଶ୍ନ ଉଠୁଛି, ଏନଡିଏ ଏହି ନିର୍ବାଚନରେ ୪୦୦ ପାର ହେବ ବୋଲି ଦୃଢୋକ୍ତି ପ୍ରକାଶ କରୁଥିଲେ ମଧ ପୁଣି କେତେକ ଦଳ ସହ ବୁଝାମଣା କରିବାକୁ କାହିଁକି ଆଗ୍ରହ ପ୍ରକାଶ କରୁଛି । ସମୁଦାୟ ମିଳିତ ସହଯୋଗୀଙ୍କ ସଂଖ୍ୟା ବର୍ତ୍ତମାନ ସର୍ବାଧିକ ହେଇଥିଲେ ମଧ ପୁଣି କାହିଁକି ନୂଆ ନୂଆ ଦଳକୁ ନିଜ ସପକ୍ଷକୁ ଆଣିବାକୁ ଚେଷ୍ଟା କରୁଛି ? ଅନ୍ୟପକ୍ଷରେ, ବିଜେପିର ଲୋକପ୍ରିୟତା ଦେଖି ବିଜେପି ମଞ୍ଚକୁ ଆସିବା ସୁଯୋଗକୁ ହାତଛଡା କରିବାକୁ ଚାହୁଁ ନାହାନ୍ତି ଦଳ । ଆଦର୍ଶଗତ ପାର୍ଥକ୍ୟ ଥିଲେ ମଧ ସେମାନେ ଗୋଟିଏ ମଞ୍ଚରେ ଏକାଠି ହେଉଥିବାର ଲକ୍ଷ୍ୟ କରାଯାଉଛି । ଭାରତ ଏକ ବହୁ–ପାର୍ଟି ଗଣତନ୍ତ୍ର ହେବା ସତ୍ତ୍ୱେ ରାଜନୈତିକ ଦଳଗୁଡ଼ିକ ପାରମ୍ପରିକ ଭାବେ ନୀତି ଓ ଆଦର୍ଶ ଆଧାରରେ ମିଳିତ ମଞ୍ଚ ଗଠନ କରି ନ ଥାନ୍ତି । ଆରମ୍ଭରୁ ରାଜନୈତିକ ସହଭାଗୀତାରେ ଆଦର୍ଶ ସାମାନ୍ୟ ଭୂମିକା ଗ୍ରହଣ କରିଥିଲା । ମେ ୧୯୬୩ ରେ, ଭାରତୀୟ ଜନ ସଂଘ ସମେତ ପ୍ରମୁଖ ଆଦର୍ଶଗତ ଭିନ୍ନ ବିରୋଧୀ ଦଳ ଏକ ପରୀକ୍ଷଣ ଭାବରେ କଂଗ୍ରେସ ବିରୁଦ୍ଧରେ ଚାରିଟି ଲୋକସଭା ଉପ–ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ସେମାନେ ତିନିଟି ଆସନ ଜିତିଥିବାରୁ ଏହି ପରୀକ୍ଷା ସଫଳ ହୋଇଥିଲା । ଚାରି ବର୍ଷ ମଧ୍ୟରେ, ଏହା ବିଭିନ୍ନ ରାଜ୍ୟରେ ସଂଯୁକ୍ତ ବିଧାୟକ ଦଳ ଭାବରେ ବିଭିନ୍ନ ରାଜ୍ୟରେ କ୍ଷମତାକୁ ଆସିଲା । ମିଳିତ ମଞ୍ଚ ନେଇ ଏହା ଥିଲା ପ୍ରଥମ ଅନୁଭୂତି ଏବଂ ଯଦିଓ ଏହି ଦଳର ଶୀଘ୍ର ପତନ ଘଟିଲା, କିନ୍ତୁ ଭାରତୀୟ ରାଜନୀତିରେ ଏହିଠାରୁ ଗୋଟିଏ ପରିବର୍ତ୍ତନ ଆରମ୍ଭ ହେଲା । ୧୯୭୭ରେ, କେତେକ ବିରୋଧୀ ଦଳ ଏକତ୍ରିତ ହୋଇ ଇନ୍ଦିରା ଗାନ୍ଧିଙ୍କୁ ପରାସ୍ତ କରିଥିଲେ । ୧୯୮୯ରେ ମଧ କିଛି ରାଜନୈତିକ ଦଳ ଆଦର୍ଶଗତ ପାର୍ଥକ୍ୟ ଭୁଲି ଏକାଠି ହେଇଥିଲେ ଏବଂ ଲକ୍ଷ୍ୟ ଥିଲା, କଂଗ୍ରେସକୁ କ୍ଷମତାରୁ ଦୂରେଇ ରଖିବା । ଠିକ୍ ସେହିପରି ଆଦର୍ଶଗତ ପାର୍ଥକ୍ୟ ଭୁଲି ବିଜେପିକୁ ପରାସ୍ତ କରିବାପାଇଁ ବିରୋଧୀ ଦଳଗୁଡିକ ଗୋଟିଏ ମଞ୍ଚରେ ଏକାଠି ହେଲେ ଏବଂ ମଞ୍ଚର ନା ଦେଲେ 'ଇ –ଣ୍ଡି–ଆ' । କିନ୍ତୁ ନିଜର ସ୍ୱାର୍ଥକୁ ପଛରେ ପକାଇ ଗୋଟିଏ ମନ ନେଇ ମଞ୍ଚରେ ନିଜକୁ ସାମିଲ କରି ପାରିଲେନି ଯାହାଫଳରେ ଏବେ ମଧ ପରସ୍ପର ପରସ୍ପର ବିରୋଧରେ ଅଭିଯୋଗ–ପ୍ରତ୍ୟାଭିଯୋଗ କରି ଚାଲିଛନ୍ତି । ଅପରପକ୍ଷରେ, ବିଜେପି ସହଯୋଗୀଙ୍କ ମଧ୍ୟରେ ସେମିତି କିଛି ଘଟଣା ଘଟୁନାହିଁ ବା ଘଟୁଥିଲେ ମଧ ବାହାରେ ପ୍ରକାଶ ପାଉନାହିଁ ଯାହା ମଞ୍ଚକୁ ଆହୁରି ମଜଭୁତ କରିଚାଲିଛି ଏବଂ ଯଦି ଏହି ଅବସ୍ଥା ଜାରି ରହେ, ଅର୍ଥାତ ଏନଡିଏ ଧୀରେ ଧୀରେ ଦୃଢ ହେଇ ଚାଲେ ଏବଂ ଇ–ଣ୍ଡି–ଆ ଦୁର୍ବଳ ହେଇଚାଲେ ତା'ହେଲେ ଲକ୍ଷ୍ୟ ପୂରଣ କରିବାରେ ଏନଡିଏକୁ ଅସୁବିଧା ନ ହେଇପାରେ । ବିଜେପି ଗୋଟିଏ ପରେ ଗୋଟିଏ ଦଳକୁ ସଫଳତାର ସହ ନିଜ ସପକ୍ଷକୁ ଆଣିବାଦ୍ୱାରା ବିଭିନ୍ନ ରାଜ୍ୟରେ ବିରୋଧୀ ଶକ୍ତି ଦୁର୍ବଳ ହେବାରେ ଲାଗିଛି । ଯେଉଁ ଦଳ ଯେଉଁ ରାଜ୍ୟ ବା ଅଞ୍ଚଳରେ ଭଲ କରିବ ବୋଲି ଆଶା କରାଯାଉଛି, ତାକୁ ବିଜେପି ନିଜ ସପକ୍ଷକୁ ନେଇଆସୁଛି ଯାହାର ବଡ ଉଦାହରଣ ହେଉଛି ତେଲୁଗୁ ଦେଶମ ପାର୍ଟି । କିନ୍ତୁ ହୁଏତ ଏହା ବିଜେପି ପାଇଁ ଭବିଷ୍ୟତରେ ସମସ୍ୟା ଆଣିପାରେ । ଏତେ ସଂଖ୍ୟାର ସହଯୋଗୀଙ୍କୁ ନେଇ ଅନେକ ସମୟରେ ଅସୁବିଧା ହେଇଥାଏ । କାରଣ ବିଭିନ୍ନ ଦଳର ବିଭିନ୍ନ ସ୍ୱାର୍ଥ ରହିଛି । ଯେମିତି ତେଲୁଗୁ ଦେଶମ ପାର୍ଟି (ଟିଡିପି) ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ ତାଙ୍କ ରାଜ୍ୟ ପାଇଁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ତଥା ଆର୍ଥିକ ସହାୟତା ଦାବି ପୂରଣ ନ ହେବାରୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମିଳିତ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିଲେ । ଅର୍ଥାତ୍ ବିଭିନ୍ନ ଦଳର ବିଭିନ୍ନ ଏଜେଣ୍ଡା ରହିଛି । ଯଦି ଏନଡିଏ ସରକାର ଗଠନ କରେ, ବିଜେପି ଏ ସବୁ ଦଳଙ୍କୁ କେମିତି ଭାବରେ ପରିଚାଳନା କରୁଛି ତାହା ସବୁଠାରୁ ବଡ ଆହ୍ୱାନ । ବର୍ତ୍ତମାନର ରାଜନୀତିରେ କୌଣସି ବାସ୍ତବିକ ଚିନ୍ତାଧାରା ନେଇ ଗଠବନ୍ଧନ ହେଉନାହିଁ । କେବଳ ଜିତିବା ହିଁ ମିଳିତମଞ୍ଚ ଗଠନର ମୂଳମନ୍ତ୍ର । ଏହି ମିଶ୍ରଣ ଏବଂ ମିଳିତ ମଞ୍ଚ ଗଠନ କରିବା ଯେ' ସବୁବେଳେ ଚିରସ୍ଥାୟୀ ହେବ, ତାର କିଛି ମାନେ ନାହିଁ । କିନ୍ତୁ ଏହାକୁ ନେଇଆଣି ଥୋଇ ପାରିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଯେଉଁ କ୍ଷେତ୍ରରେ ଇ–ଣ୍ଡି–ଆ ମେଣ୍ଟ ବିଫଳ ହେବାରେ ଲାଗିଛି ଏବଂ ଅନ୍ୟପକ୍ଷରେ ବିଜେପି ସଫଳ ହେବାରେ ଲାଗିଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ସବୁ କ୍ଷେତ୍ରରେ ପାରଦର୍ଶୀ

**ଜୟଶ୍ରୀ ପଟ୍ଟନାୟକ**

ଭଗବାନଙ୍କ ସୃଷ୍ଟିରେ ନାରୀ ଓ ପୁରୁଷ ହେଉଛନ୍ତି ଗୋଟିଏ ରଥର ଦୁଇଟି ଚକ ସଦୃଶ । ନାରୀ ଓ ପୁରୁଷ ଉଭୟେ ପରିପୂରକ । ଜଣକ ବିନା ଅନ୍ୟ ଜଣର ଜୀବନ ଅଧୁରା । ପ୍ରତ୍ୟେକ ବ୍ୟକ୍ତିର ଜୀବନ ପରିପୂର୍ଣ୍ଣ ହୁଏ ନାରୀର ସହଯୋଗରେ । ସୃଷ୍ଟି ଓ ବିକାଶରେ ଉଭୟଙ୍କ ଉପସ୍ଥିତି ଜରୁରୀ । ଘରଟିଏ ଗଢ଼ା ହୋଇଥାଏ ଇଟା କାଛରେ ହେଲେ ଘରର ଭିତର ଗଢ଼ା ହୋଇଥାଏ ନାରୀ ପୁରୁଷର ସ୍ନେହ ମମତାରେ ଯେଉଁଠି ମାନସିକ ଶାନ୍ତି ମିଳେ ପରିବାରର ବନ୍ଧନଟିଏ ଥାଏ । ସକାଳୁ ଶେଯରୁ ଉଠିବା ଠାରୁ ରାତିକୁ ଶେଯକୁ ଯିବା ଯାଏଁ । ରୋଷେଇ ଘର କଥା ବୁଝିବା ଠାରୁ ରୋଜଗାର ଯାଏଁ ।

ପିଲାଙ୍କୁ ପାଳିପୋଷି ବଡ଼ କରିବା ଠାରୁ ସେମାନଙ୍କୁ ବଡ଼ କରାଇ ସମାଜରେ ଛିଡ଼ା କରିବା ଯାଏଁ ଅହରହ ନିଜ ଶକ୍ତିକୁ ଅପଚୟ କରି ନିଜେ ତିଳ ତିଳ ଜଳି, କାନିରେ ଝାଳ ପୋଛି ସବୁରି ଓଠରେ ହସ ଭରୁଥିବା ନାରୀଟିଏ ପ୍ରତିଦାନରେ କିଛି ପାଏନାହିଁ ବରଂ ନିଜ ଖୁସିକୁ ଭୁଲିଯାଇ ଅନ୍ୟକୁ ସୁଖରେ ରଖିବାର ପ୍ରୟାସ ଜାରିରଖେ ସବୁବେଳେ । ସେ ଏମିତି ଏକ ବ୍ୟାଙ୍କ ସଂସ୍ଥା ଯେଉଁଠି ରାଗ, ଦ୍ୱେଷ, ଅହଂକାର, ଦୁଃଖ ,ସୁଖ ସବୁକୁ ଜମା କରି ରଖିହୁଏ ଏମିତି ଏକ ଅଠା ଯାହା ବାନ୍ଧି ରଖିଥାଏ ପାଞ୍ଚ ମନ ପଚିଶ ପ୍ରକୃତିକୁ । ଏମିତି ଏକ କାନି ପଣତ ଯାହା ଛାଇରେ ଜୀବନର ସବୁ ସନ୍ତୁଷ୍ଟି ପାଇହୁଏ । ଏମିତି ଏକ କୋଳ ଯେଉଁଠି ସନ୍ତାନକୁ ପାଳି ପୋଷି ବଡ଼ କରିବାରେ ଥାଏ ମାତୃତ୍ୱର ମହତ ଗୁଣ । ସ୍ୱାମୀକୁ ପତନରୁ ଉଦ୍ଧାର କରେ ବୋଲି ସେ ପତ୍ନୀ, ଗୃହର ମଣି ହେତୁ ଗୃହିଣୀ, ଧର୍ମ କାର୍ଯ୍ୟ ସହ ଯୋଗାଯୋଗ ହେତୁ ସହଧର୍ମିଣୀ, ବିପଦରୁ ଉଦ୍ଧାର କରେ ବୋଲି ବୋଉ, ମାଟିଠୁ ଆକାଶ ପର୍ଯ୍ୟନ୍ତ ସ୍ନେହରେ ବିସ୍ତରୀ ଥାଏ ବୋଲି ମାଆ, ଦୁଇ କୁଳର ହିତ ସାଧନ କରୁଥିବାରୁ ଦୁହିତା, ଦୁଇ କୁଳକୁ ଧନ୍ୟ କରିଥାଏ ବୋଲି କନ୍ୟା, ଗୃହ ଭାର ସମ୍ଭାଳେ ବୋଲି ଭାର୍ଯ୍ୟା, ପ୍ରେମର ପ୍ରାପ୍ତି ,ଅପ୍ରାପ୍ତି, ଆଶା, ନିରାଶାକୁ ଗଣ୍ଠେଇ ଥାଏ ବୋଲି ପ୍ରେମିକା, ମଙ୍ଗଳା ଓଷା କରି ଭାଇର ମଙ୍ଗଳ ମନାସୁଥାଏ ବୋଲି ଭଉଣୀ । ସ୍ୱାମୀର ଦୁଃଖରେ ଦୁଃଖୀ ଓ ସୁଖରେ ସୁଖୀ ହୋଇ ଚାଲୁଥାଏ ବୋଲି ସ୍ତ୍ରୀ, ବାର ବ୍ରତ ଉପାସନା କରି ପରିବାରର ମଙ୍ଗଳ ମନାସୁଥାଏ ବୋଲି ନାରାୟଣୀ, ଗୃହର ସବୁ କଥାକୁ ବୁଝିପାରେ ବୋଲି ସେ ଗୃହଲକ୍ଷ୍ମୀ । ସବୁ ରୂପରେ ଥାଏ ସେ । ନାରୀ ଭୂମିକା ପରିବାରରେ ଗୁରୁତ୍ୱପୂର୍ଣ୍ଣ । ଜନନୀ, ଜାୟା,ଭଗିନୀ ବିଭିନ୍ନ ଭୂମିକା ସେ ତା ଜୀବନରେ ତୁଲାଇଥାଏ ବାସ୍ ଟିକେ ସ୍ନେହ ,ଶ୍ରଦ୍ଧା ଓ ଭଲପାଇବାର ବିନିମୟରେ । ସେଥିପାଇଁ କୁହାଯାଏ– 'କାର୍ଯ୍ୟେସୁ ମନ୍ତ୍ରୀ, କର୍ମେସୁ ଦାସୀ, ଧର୍ମେସୁ ପତ୍ନୀ, କ୍ଷମୟା ଧରିତ୍ରୀ, ସ୍ନେହ୍ନେସୁ ମାତା, ଶୟନେସୁ ରମ୍ଭା, ସଙ୍ଗେସୁ ସଖା ।'

ଦୁଃଖ ଓ ପରିତାପର ବିଷୟ ଏସବୁ ସତ୍ତ୍ୱେ ବି ନାରୀ ତାର ଅଧିକାର ପାଇପାରିନି । ବହୁ କ୍ଷେତ୍ରରେ ଅବହେଳିତା, ନିର୍ଯ୍ୟାତିତା । ବହୁ କ୍ଷେତ୍ରରେ ନାରୀମାନଙ୍କ ଠାରୁ ପୁରୁଷମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି । ନାରୀ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ହେଲେ ମଧ ପୁରୁଷକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ । ଯେତେ ପ୍ରତିଭା ଥିଲେ ମଧ ତାର ସ୍ୱାଧୀନତାକୁ ବଳି ଦିଆଯାଏ । ସମାଜରେ ଅଶିକ୍ଷା, ଯୌତୁକ ପ୍ରଥା, ଭ୍ରୁଣ ହତ୍ୟା, ପୁଅ ଝିଅର ଅସମାନତା, ଦୁଷ୍କର୍ମ ପରି ରୁଗ୍ଣ ମାନସିକତା ତାର ଉନ୍ନତି ପଥରେ ଅନ୍ତରାୟ ସୃଷ୍ଟି କରେ । ଭଲ ପାଠ ପଢିଲେ ବି ଉପଯୁକ୍ତ ବରପାତ୍ର ନ ମିଳିବାର ଆଳ ଦେଖାଇ ପାଠରେ ଡୋରୀ ବନ୍ଧାଯାଏ । ସ୍ଥଳବିଶେଷରେ ତାର ଜ୍ଞାନ ଓ ପ୍ରତିଭାକୁ ଚାପି ଦିଆଯାଏ । ସୃଷ୍ଟି ଓ ବିକାଶରେ ଉଭୟଙ୍କର ଭୂମିକା ରହିଥିବାବେଳେ ନାରୀଟିଏ ପ୍ରାୟତଃ ଉପେକ୍ଷିତା ହୋଇଥାଏ । ଆଗକୁ ବଢିବାର ସତ୍‌ସାହସ କଲେ ତାକୁ ନାନା କଥା, ଅତ୍ୟାଚାର, ନିର୍ଯାତନାକୁ ସାମ୍ନା କରିବାକୁ ପଡେ । ସୁପ୍ରିମକୋର୍ଟ କହିଛନ୍ତି ଗୃହିଣୀଙ୍କ କାମ ଦରମା ପାଉଥିବା କୌଣସି ବ୍ୟକ୍ତିଠାରୁ କମ୍ ନୁହେଁ । ଘରେ କାମ କରୁଥିବା ମହିଳା ପୁରୁଷ ଠାରୁ ଦୁଇଗୁଣ ଅଧିକ କାମ କରନ୍ତି । ଜଣେ ମହିଳା ଘରର ସମସ୍ତ ସଦସ୍ୟ ପାଇଁ ଖାଦ୍ୟ ପ୍ରସ୍ତୁତ କରେ, ସଫାସୁତୁରା ରଖେ ଘର, ପିଲାଙ୍କ ଓ ବୟସ୍କଙ୍କ ଦାୟିତ୍ୱ ନିଏ, ଘରର ମାସିକ ବଜେଟ ପରିଚାଳନା କରେ । ଗ୍ରାମାଞ୍ଚଳ ମହିଳା ଘର କାମ ସହିତ ଚାଷ କାମରେ ସାହାଯ୍ୟ କରେ । ମହିଳା ଚାକିରି କରି ଦରମା ଆଣୁଥିଲେ ବି ଘରର କାମ କରେ ତେଣୁ ଏ ସମାଜରେ ସମସ୍ତେ ନାରୀ ବା ମହିଳାଙ୍କ ଗୁରୁତ୍ୱ ଉପଲବ୍ଧି କରିବା ଉଚିତ । ତେଣୁ ତ କୁହାଯାଇଛି–

*'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର*
*ଦେବତା ଯତ୍ରୈୟା ତାସ୍ତୁ ନ ପୂଜ୍ୟନ୍ତେ*
*ସର୍ବାସ୍ତତ୍ରା ଫଳାହ କ୍ରିୟାହ ଅତୁଳମ ତତ୍ର*
*ତତ୍ତେଜହ ସର୍ବେ ଶରୀରଜମ, ଏକସ୍ଥମ*
*ତଦଭୁନାରୀ ବ୍ୟାପ୍ତତ୍ରୟ ଲୋକମ ତିଷା ।'*

ଅର୍ଥାତ୍ ସମସ୍ତ ଦେବଦେବୀଙ୍କ ଶରୀରରୁ ଉତ୍ପନ୍ନ ଦୀପ୍ତି ବା ତେଜ ତିନିଲୋକ ପରିକ୍ରମା କରିସାରିବା ପରେ ପୁନଶ୍ଚ ଏକତ୍ରିତ ହୋଇ ଯେଉଁ ରୂପ ଧାରଣ କରିଥିଲା ତାହା ହିଁ ନାରୀ ଏବଂ ଯେଉଁ ଘରେ ନାରୀର ପୂଜା ହୁଏ, ଆଦର ହୁଏ ସେହିଘରେ ବାସ କରନ୍ତି ଦେବତା । ଆଜି ବି ସମାଜରେ ନାରୀମାନେ ପ୍ରକୃତ ଅଧିକାର ପାଇବାରୁ ଅନେକ କ୍ଷେତ୍ରରେ ବଞ୍ଚିତ ହେଉଛନ୍ତି । ଦିନ ଥିଲା ପରଦା ପ୍ରଥା, ବାଲ୍ୟ ବିବାହ, ଯୌତୁକ ପ୍ରଥା, ସତୀଦାହ ପ୍ରଥା ସମାଜକୁ କୁସଂସ୍କାର ଭିତରେ ଢାଙ୍କି ରଖିଥିଲା । ଖାଦ୍ୟ ପ୍ରସ୍ତୁତ ଓ ସନ୍ତାନ ଜନ୍ମ ଭିତରେ ଜୀବନ ସନ୍ତୁଳି ହେଉଥିଲା । ପାଟି ଖୋଲିଲେ ତାକୁ ମରଣର ସାମ୍ନା ନତୁବା ଦୁଷ୍କର୍ମର ସାମ୍ନା ହେବାକୁ ପଡୁଥିଲା । ସମୟ ବଦଳିଲା ସମାଜ ବୁଝିଲା । ନାରୀର ଔରସରୁ ଜନ୍ମ ହୋଇଥିଲେ ଶଙ୍କର, ରାମାନୁଜ, ବୁଦ୍ଧ, ନାନକ, ମହମ୍ମଦ, ଯିଶୁ, କନ୍‌ଫୁସିଅସ୍ ପ୍ରଭୃତି ଅନେକ ଆଦର୍ଶବାଦୀ ପୁରୁଷ ଯୋଦ୍ଧମାନେ ଏ ସମାଜକୁ ନିଜର ଆଦର୍ଶ ଗୁଣରେ, ଉପଦେଶରେ ଆଲୋକିତ କରିଯାଇଛନ୍ତି । ନାରୀ ବିନା ଘର ଘର ନୁହେଁ, ସଂସାର ସଂସାର ନୁହେଁ । ନାରୀ ବିନା ସୃଷ୍ଟି ସୃଜନକ୍ରିୟା ଅଧୁରା ରହିଯିବ । ଏ କଥା ବୁଝିଥିଲେ ସମାଜ ସଂସ୍କାରକ ରାଜା ରାମ ମୋହନ ରାୟ, ଦୟାନନ୍ଦ ସରସ୍ୱତୀ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ବିବେକାନନ୍ଦ, ମହାତ୍ମା ଗାନ୍ଧି, ଗୌରୀ ଶଙ୍କର ରାୟ । ବୁଝିଥିଲେ ବି ଲର୍ଡ୍ ଉଇଲିୟମ ବେଣ୍ଟିକ ,ଲର୍ଡ୍ ମ୍ୟାକଲେ ଯେଉଁମାନେ କି ସତୀଦାହ, ବାଲ୍ୟବିବାହ, ପରଦା ପ୍ରଥା ଉଚ୍ଛେଦ କରି ନାରୀ ଶିକ୍ଷା ଓ ପ୍ରଗତିକୁ ଧ୍ୟାନ ଦେଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧି ବୁଝିଥିଲେ ସମାଜର ଦୁଇଟି ଚକ ନାରୀ ଓ ପୁରୁଷ । ଯଦି ଦେଶର ପ୍ରଗତି ଚାହଁ ତେବେ ନାରୀ ଶିକ୍ଷା ଓ ସ୍ୱାଧୀନତାକୁ ପ୍ରାଧାନ୍ୟ ଦିଅ । ଯଦିଓ ବେଦରେ ଆପାଲା ଗାର୍ଗୀ, ମୈତ୍ରେୟୀ, ବିଶ୍ୱବାରା ସମ୍ମାନ ପାଉଥିଲେ ଐତିହାସିକ ଯୁଗର ଲୀଳାବତୀ, ଝାଂସି ରାଣୀ ଲକ୍ଷ୍ମୀବାଈ, ରାଣୀ ଦୁର୍ଗାବତୀ, ରାଣୀ ପଦ୍ମିନୀ,ମୀରାବାଈ ଇତିହାସର ପୃଷ୍ଠା ମଣ୍ଡନ କରିଛନ୍ତି ଏ ଯୁଗର ସରୋଜିନୀ ନାଇଡୁ, କସ୍ତୁରବା, କମଳା ନେହେରୁ, ବିଜୟଲକ୍ଷ୍ମୀ, ଅମୃତା ପ୍ରୀତମ, କୁନ୍ତଳା କୁମାରୀ ଆଦି ନାରୀ ପ୍ରତିଭା ଆମର ଗର୍ବ ଓ ଗୌରବ । ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ଆହ୍ୱାନରେ ଅନେକ ନାରୀ ସଂଗ୍ରାମୀ ସ୍ୱାଧୀନତାର ମଙ୍ଗ ଧରିଥିଲେ । ଓଡ଼ିଶାର ରମାଦେବୀ, ସାରଳା ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ମାଳତୀ ଚୌଧୁରୀଙ୍କ ଅବଦାନ ଆଜିବି ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ତେବେ ନାରୀ କାହିଁକି ପୁରୁଷର ସମକକ୍ଷ ହୋଇପାରିବନି ? ଯଦି ଧନ ପାଇଁ ଲକ୍ଷ୍ମୀ, ବିଦ୍ୟା ପାଇଁ ସରସ୍ୱତୀ, ଶକ୍ତି ପାଇଁ ଦୁର୍ଗାଙ୍କୁ ମନ୍ଦିରରେ ପୂଜୁଛୁ ତେବେ ଘର ଭିତରେ ଥିବା ରକ୍ତ ମାଂସ ଧାରୀ ଦେବୀ ପ୍ରତିମାଟିଏ କାହିଁକି ହେବ ଅବହେଳିତା, ନିର୍ଯାତିତା ? ଆମକୁ ବୁଝିବାକୁ ହେବ ଯେ ନାରୀ ପୁରୁଷର ସହଚରୀ । ନାରୀ ପ୍ରତିଭାକୁ ଚିହ୍ନି ତାକୁ ଉପଯୋଗ କରି ଆମେ ସାମାଜିକ, ଅର୍ଥନୈତିକ, ରାଜନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିପାରିଲେ ସମାଜରେ ରହିବନି ନାରୀ ଅବଳା ଦୁର୍ବଳାର ମାନସିକତା । ଶରୀରଗତ ଦୃଷ୍ଟିକୋଣରୁ ନାରୀ ହୁଏତ ଦୁର୍ବଳ ହୋଇପାରେ କିନ୍ତୁ ମାନସିକ ସ୍ତରରେ ସେ ଦୁର୍ବଳ ନୁହେଁ । ନାରୀ ଶିକ୍ଷାର ପ୍ରସାର ପରେ ନାରୀ ଆଜି ସବୁ କ୍ଷେତ୍ରରେ ତାର ପାରଦର୍ଶିତା ଦେଖେଇ ପାରିଛି । ନାରୀ ନିଜେ ସଂସ୍କାରିତ, ସୁସଂଯତ, ସୁମାର୍ଜିତ ହୋଇ ନିଜର, ପରିବାରର, ସମାଜର, ଦେଶର ପ୍ରଗତି ପାଇଁ ଢାଲ ପରି ଛିଡାହେଲେ ସେହି ହେବ ତାର ସୌନ୍ଦର୍ଯ୍ୟ ,ସଶକ୍ତ ହେବାର ମହାମନ୍ତ୍ର । ଜନ୍ମିତ ଶିଶୁକୁ ଯେପରି ନିଜର ସ୍ନେହ ଶ୍ରଦ୍ଧା, ଭଲପାଇବା, ଆଦର, ଯତ୍ନ ସହକାରେ ବଢ଼ାଏ ସମାଜକୁ ସେହିପରି ସୁମାର୍ଜିତ, ସୁସଂଯତ ହୋଇ ଗଢିବା ଦରକାର । ଗଢ଼ି ଜାଣିଲେ ଘର ସୁନ୍ଦର, ବାନ୍ଧି ଜାଣିଲେ ବେଣୀ ସୁନ୍ଦର ପରି ମାନସିକତା ରଖିଲେ ନିଜପାଇଁ ସଂସାର ପାଇଁ ଅନ୍ୟ ନାରୀମାନଙ୍କ ପାଇଁ ଉଦାହରଣ ପାଲଟିବ ନଚେତ ନିଜ କୁରାଢ଼ୀରେ ନିଜ ଗୋଡ଼କୁ ଛେଦନ କରିବା । ଏକଥା ବି ପ୍ରତ୍ୟେକ ନାରୀକୁ ବୁଝିବା ଦରକାର । ତେବେ ଯାଇ ସମସ୍ତଙ୍କର ଉନ୍ନତି ହୋଇପାରିବ । ସ୍ୱପ୍ନକୁ ସାକାର କରିବା ପାଇଁ ଚେଷ୍ଟା କରି ଉଡାଣ ଭର । ପଥଭ୍ରଷ୍ଟ ହେଲେ ନିଜ ପଥ ହି ନିଜକୁ ଅନ୍ଧାର ଲାଗିବ । ଏବେ ଆସିଛି ସେହି ନାରୀ ଜାଗରଣର ସମୟ । ଯୁକ୍ତରାଷ୍ଟ୍ର ଆମେରିକାରେ ୧୯୦୩ ମସିହା ମାର୍ଚ୍ଚ ୮ ତାରିଖରେ ଏକ ନାରୀ ଜାଗରଣର ସୂତ୍ରପାତ ହୋଇଥିଲା ୨୦୦୩ ମାର୍ଚ୍ଚ ୮ ତାରିଖରେ ସମଗ୍ର ବିଶ୍ୱରେ ନାରୀ ସଶକ୍ତିକରଣ ବା ମହିଳା ଦିବସ ରୂପେ ପାଳନ କରାଯାଏ । ମହିଳାମାନେ ବହୁ ପ୍ରତିକୂଳ ପରିବେଶକୁ ସମ୍ମୁଖୀନ ହୋଇଥିଲେ ହେଁ ବର୍ତ୍ତମାନ ଏହା ଏକ ସାମାଜିକ ଜାଗରଣର ରୂପ ନେଇଛି ଏବଂ ଏହି ଜାଗରଣ ମାଧ୍ୟମରେ ବିଶ୍ୱର ନାରୀ ଜାତି ସୁସଙ୍ଗଠିତ ହୋଇ ନିଜର କ୍ଷମତା ଓ ଅଧିକାର ସାବ୍ୟସ୍ତ କରିବାର ସୁଯୋଗ ପାଇଛନ୍ତି । ସରକାରଙ୍କ ପ୍ରଦତ୍ତ ସମସ୍ତ ସୁବିଧାକୁ ସତ ବାଟରେ ଲଗେଇବା ସମାଜରେ ନିଜେ ବଢ଼ିବା ଅନ୍ୟମାନଙ୍କୁ ବଢାଇବା, ନିଜେ ପଢିବା ଅନ୍ୟମାନଙ୍କୁ ପଢାଇବା । ନିଜର ଉନ୍ନତି ସାଥେ ସାଥେ ସମାଜରେ ଅବହେଳିତ, ଅଜ୍ଞାନ ମହିଳାଙ୍କ ଉନ୍ନତିରେ ମଧ ସହାୟକ ହେବା । ସେମାନଙ୍କ ଆଖିର ଅନ୍ଧ ପୁଟୁଳି ଖୋଲି ଜ୍ଞାନର ଆଲୋକ ଦେଖାଇବା । ଆସନ୍ତୁ ଆଜି ସମାଜରୁ କନ୍ୟା ଭ୍ରୁଣ ହତ୍ୟା, ଉଚ୍ଚ ଶିକ୍ଷାରୁ ବଞ୍ଚିତ, ଦୁଷ୍କର୍ମ, ପୁଅ ଝିଅର ଅସମାନତା ,ପ୍ରତିଭାରେ ଅନ୍ତରାୟ ହେବା ,ଅସମ୍ମାନ ପ୍ରଦର୍ଶନ କରିବା ଏସବୁ କଥା ଭୁଲିଯାଇ ତାଙ୍କ ପ୍ରଗତିରେ ସହାୟକ ହୋଇ ସେମାନଙ୍କୁ ଆଗକୁ ନେବା । ପାଠ ପଢ଼ାଇବା,ସବୁ କ୍ଷେତ୍ରରେ ସମାନ ସୁଯୋଗ ଦେବା ସମାଜର ଅଗ୍ରଗତି ତଥା ପରିବାରର କଲ୍ୟାଣରେ ସହାୟକ ହେବା । କାରଣ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ନାରୀ ଓ ପୁରୁଷ । ସେ ଫକୀରମୋହନଙ୍କ ରେବତୀ ଚରିତ୍ରରେ ସୀମିତ ନ ହୋଇ ସଶକ୍ତ ହେଉ ପ୍ରଗତି ରଥର ସାରଥି ହେଉ । ଉଡ଼ିବାକୁ ଚେଷ୍ଟା କରୁଥିବା ପକ୍ଷୀର ଡେଣା ନ କାଟି ତାକୁ ଉଡ଼ିବାର ସାମର୍ଥ୍ୟ ଦେବା ।

**ଭୁବନେଶ୍ୱର,ମୋ–୭୯୭୮୧୧୦୪୭୪**

# ଗ୍ରୀଷ୍ମରେ ମାଇଗ୍ରେନର ଭୟ



**ଡାକ୍ତର ମିତାଲୀ କର**

ମାଇଗ୍ରେନ ଏଭଳି ଏକ ରୋଗ ଯାହାକି ଯେକୌଣସି ବୟସରେ ଦେଖାଦେଇପାରେ । ବିଶେଷତଃ କୈଶୋର ଅବସ୍ଥାରେ ଓ ୩୦ ବର୍ଷ ବୟସ ବେଳକୁ ଏହି ରୋଗ ପ୍ରାୟତଃ ଦେଖାଦେଇପାରେ । ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ନିକଟରେ ମାଇଗ୍ରେନର ପ୍ରଭାବ ୩ ଗୁଣା ଅଧିକ ହୋଇଥାଏ । ଏହାର ଅବଧି ୪ରୁ ୭୨ ଘଣ୍ଟା ପର୍ଯ୍ୟନ୍ତ ରହିପାରେ । ମାଇଗ୍ରେନକୁ ଅନେକଗୁଡ଼ିଏ ପର୍ଯ୍ୟାୟକୁ ନିଆଯାଇ ଶ୍ରେଣୀବିଭକ୍ତ କରାଇଯାଇପାରେ । ସେଗୁଡ଼ିକ ହେଲା ପ୍ରି–ଡ୍ରୋମ, ମୁଣ୍ଡବିନ୍ଧା ଓ ପୋଷ୍ଟଡ୍ରୋମ । ତେବେ କହିବାକୁ ଗଲେ ମାଇଗ୍ରେନ ୨ ପ୍ରକାରର ।

ଗୋଟିଏ ହେଉଛି ଔରା ସହିତ ମାଇଗ୍ରେନ ଯାହାକୁ କୁହାଯାଏ କ୍ଲାସିକ ମାଇଗ୍ରେନ । ଦୃଷ୍ଟିଶକ୍ତିରେ ସମସ୍ୟା ଓ ଅନ୍ୟାନ୍ୟ ସ୍ନାୟବିକ ଲକ୍ଷଣ ଯାହାକି ମାଇଗ୍ରେନ ଦେଖାଦେବାର ପ୍ରାୟ ୧୦ରୁ ୬୦ମିନିଟ୍ ପୂର୍ବରୁ ସୃଷ୍ଟି ହୋଇଥାଏ । ଏହା ଏକ ଘଣ୍ଟାରୁ ଅଧିକ ସମୟ ଧରି ରହେ ନାହିଁ । ଏହି ପର୍ଯ୍ୟାୟରେ ରୋଗୀମାନଙ୍କଠାରେ ଅସ୍ଥାୟୀ ଭାବରେ କିଛି ଅଂଶର ବ୍ୟାଘାତ କିମ୍ବା ସେମାନଙ୍କ ଦୃଷ୍ଟିଶକ୍ତି ପ୍ରଭାବ ଆସିବା, କଥା କହିବାରେ ଅସୁବିଧା ହେବା ଏକ ଅସ୍ୱାଭାବିକ ସମ୍ବେଦନଶୀଳତା ସୃଷ୍ଟି ହେବା, କାଲୁଆପଣ କିମ୍ବା ଶରୀରର ଗୋଟିଏ ପାର୍ଶ୍ୱର ମାଂସପେଶୀରେ ଦୁର୍ବଳତା, ହାତ କିମ୍ବା ମୁହଁରେ ଛୁଞ୍ଚି ଫୁଟାଇବା ପରି ଅନୁଭବ ଓ ଦ୍ୱନ୍ଦ୍ୱ ଦେଖାଦେଇପାରେ । ବାନ୍ତିଭାବ, ଭର୍ଟିଗୋ, ଖାଦ୍ୟ ଖାଇବାକୁ ଇଚ୍ଛା କମିଯିବା ଏବଂ ଆଲୋକ ଶବ୍ଦ ବା କୋଳାହଳ ପ୍ରତି ସମ୍ବେଦନଶୀଳତା ବୃଦ୍ଧି ପାଇ ମୁଣ୍ଡବିନ୍ଧା ଅଧିକ ହେବା ଦେଖାଦେଇଥାଏ ।

ଅନ୍ୟଟି ହେଉଛି ବିନା ଔରାରେ ମାଇଗ୍ରେନ କିମ୍ବା ସାଧାରଣ ମାଇଗ୍ରେନ । ଏହି ମାଇଗ୍ରେନ ବାରମ୍ବାର ଦେଖାଦେଇଥାଏ। ଏହି ପର୍ଯ୍ୟାୟରେ ରୋଗୀମାନଙ୍କଠାରେ ମୁଣ୍ଡବିନ୍ଧା ଅନୁଭବ ହୁଏ, ଯାହା ବିନା କୌଣସି ଲକ୍ଷଣରେ ସୃଷ୍ଟି ହୁଏ ଓ ଏହା ମୁଣ୍ଡର ଗୋଟିଏ ପାର୍ଶ୍ୱରେ ସାଧାରଣତଃ ଆରମ୍ଭ ହୋଇଥାଏ । ଏହାସହିତ କ୍ଲାନ୍ତି ଓ କ୍ଲାସିକ ମାଇଗ୍ରେନରେ ଲକ୍ଷଣଗୁଡ଼ିକ ସଂପୃକ୍ତ ରହିଥାଏ ।

ଏହାର କାରଣ ସମ୍ପର୍କରେ ବିଶେଷଜ୍ଞମାନେ କୁହନ୍ତି ଯେ, ମାଇଗ୍ରେନ ହେବାର ଅନେକ କାରଣ ରହିଛି । ମାନସିକ ଚାପ ବା ବିଚଳତା, ଶାରିରୀକ ଭାବେ ଦେଖିବାକୁ ଗଲେ ନିଦ୍ରାରେ ଅଭାବ ଅବା କ୍ଲାନ୍ତି ବା ହରମୋନର ପରିବର୍ତ୍ତନ ମଧ୍ୟ କାରଣ ହୋଇଥାଏ । ସେହିଭଳି ପରିବେଶ ମଧ୍ୟ ଏହି ରୋଗର କାରଣ ହୋଇଥାଏ । ଯେପରି ବ୍ୟାୟାମ, ଅତ୍ୟଧିକ ଆଲୋକ, ଜଳବାୟୁ ଓ ପରିବର୍ତ୍ତନଜନିତ ଉଚ୍ଚ ପ୍ରଭାବ ଏବଂ ଧୂମପାନ । ସେହିଭଳି ଡାଏଟିଂ, ଜଳୀୟଅଂଶର ଅଭାବ, ଆଲକହଲ ଓ ଅନିୟମିତ ଭାବେ ଭୋଜନ ଗ୍ରହଣ ମଧ୍ୟ ମାଇଗ୍ରେନର କାରଣ ହୋଇଥାଏ । ଏହା ବ୍ୟତୀତ ବଂଶଗତ କାରକ ଏହାର ପ୍ରମୁଖ କାରଣ ହୋଇପାରେ ।

ସତର୍କ ରହିଲେ ଏହାର ପ୍ରତିକାର କରିପାରିବେ। ଏହାସହିତ ମାଇଗ୍ରେନର ସଠିକ୍ ଚିକିତ୍ସା ନିମନ୍ତେ ଡାକ୍ତରଙ୍କ ପରାମର୍ଶ ନେବା ନିତ୍ୟାନ୍ତ ଜରୁରୀ । ମାଇଗ୍ରେନ ହେବାର ବିଭିନ୍ନ ଲକ୍ଷଣ ରହିଛି, ଯଥା– ମାଇଗ୍ରେନ ସହିତ ବାନ୍ତିଭାବ, ବାନ୍ତି ହେବା ଓ ଆଲୋକ ଏବଂ ଶବ୍ଦ ପ୍ରତି ସମ୍ବେଦନଶୀଳତା ସୃଷ୍ଟି ହୁଏ । ଏହା ଆରମ୍ଭ ହେବାର ଗୋଟିଏ ବା ଦୁଇ ଦିନ ପୂର୍ବରୁ ପ୍ରୋଡ୍ରୋମ ସୃଷ୍ଟି ହୋଇଥାଏ । ଏହି ପର୍ଯ୍ୟାୟରେ କେତେକ ପରିବର୍ତ୍ତନ ଯଥା– କୋଷ୍ଠକାଠିନ୍ୟତା, ମନ ପରିବର୍ତ୍ତନ, ଖାଦ୍ୟ ପ୍ରତି ଲୋଭ, ବେକ ଟାଣି ଧରିବା ପରି ସମସ୍ୟା ସୃଷ୍ଟି ହୋଇପାରେ । ଏହା ହେଉଛି ମୁଣ୍ଡବିନ୍ଧା ଯେଉଁ କାରଣରୁ ଗୁରୁତର ଶୁଳବିଦ୍ଧ ପରି ସମସ୍ୟା ସୃଷ୍ଟି ହୋଇ ଯନ୍ତ୍ରଣା ଦେଖାଦିଏ କିମ୍ବା ମୁଣ୍ଡର ଗୋଟିଏ ପାର୍ଶ୍ୱରେ ପଲସେଟିଂ ସମ୍ବେଦନଶୀଳତା ସୃଷ୍ଟି ହୋଇଥାଏ । ଏହାର ପ୍ରଭାବ ଗୋଟିଏ ଘଣ୍ଟାରୁ ଗୋଟିଏ ଦିନ ପାଇଁ ରହିପାରେ ।

ଏହି ଯନ୍ତ୍ରଣା ଅତିଶୟ ହୋଇପାରେ ଏବଂ ଦୈନନ୍ଦିନ କାର୍ଯ୍ୟ ଉପରେ ପ୍ରଭାବ ପକାଇଥାଏ । ମାଇଗ୍ରେନ ଆକ୍ରମଣ ପରେ ପୋଷ୍ଟଡ୍ରୋମ ଦେଖା ଦେଇଥାଏ । ରୋଗୀମାନେ ଏହି ସମୟରେ ନିଜ ଶରୀରକୁ ଶୁଷ୍କ ହେବା ପରି ଅନୁଭବ, ଦ୍ୱନ୍ଦ ଏବଂ ଗୋଟିଏ ଦିନ ପର୍ଯ୍ୟନ୍ତି ଏହି ସମସ୍ୟା ଅନୁଭବ କରନ୍ତି ।

**ବରିଷ୍ଠ ସ୍ନାୟୁରୋଗ ବିଶେଷଜ୍ଞ,**
**କେୟାର ହସ୍ପିଟାଲ,ଭୁବନେଶ୍ୱର,**
**ମୋ–୭୦୯୩୩୯୧୭୪୬**

# ସହିଷ୍ଣୁତା

ଅମୃତବାଣୀ

ସହିଷ୍ଣୁତାର ଅର୍ଥ ସହନଶୀଳତା । ଏକ ଭାବନାତ୍ମକ ଶକ୍ତି ହେଉଛି ସହନଶୀଳତା । ଭାବ ଇନ୍ଦ୍ରିୟ ଚେତନା ଓ ମନ ବାହ୍ୟ ଚେତନା । ମନ ଭାବ ଦ୍ୱାରା ସଞ୍ଚାଳିତ ଏବଂ ଇନ୍ଦ୍ରିୟ ମଧ ଭାବ ଦ୍ୱାରା ସଞ୍ଚାଳିତ । ଭାବ ସବୁଠାରୁ ଉଚ୍ଚରେ । ସହିଷ୍ଣୁତା ବିକଶିତ କରିବାକୁ ଚାହୁଁଥିବା ବ୍ୟକ୍ତି ନିଜର ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ଶାନ୍ତି ଓ ସହିଷ୍ଣୁତା ମନୁଷ୍ୟ ଭିତରେ ରହିବା ଦରକାର ।

ଶାନ୍ତି କେବଳ ମଣିଷ ମନ ପାଇଁ ଉଦ୍ଦିଷ୍ଟ ନୁହେଁ, ପରିବେଶ ପାଇଁ ମଧ ଅଭିପ୍ରେତ । ଦିଗଦିଗନ୍ତରେ ଶାନ୍ତି, ଜଳରେ ଶାନ୍ତି, ଆକାଶରେ ଶାନ୍ତି, ବୃକ୍ଷଲତାରେ ଶାନ୍ତି ତଥା ସର୍ବତ୍ର ଶାନ୍ତି ପ୍ରତିଷ୍ଠିତ ହେଉ–ଏହି ଇଚ୍ଛା ଆର୍ଯ୍ୟ ଋଷିମାନେ କହିଛନ୍ତି । ଏହା ହିଁ ଦିବ୍ୟ ମନର କ୍ରିୟା ଓ ପ୍ରକ୍ରିୟା । ଅଶିକ୍ଷା ହିଁ ଅଶାନ୍ତି । ଅସନ୍ତୋଷ ଓ ଅସହିଷ୍ଣୁତାର ମୂଳ କାରଣ ଅହଂକାର । ଏହାହିଁ ହେଉଛି ମୂଳ ମଞ୍ଜି । ସେହି ମଞ୍ଜିକୁ ଗଛ କରିବାରେ ଗର୍ବ, ଦମ୍ଭ, ଅଭିମାନ ସାହାଯ୍ୟ କରନ୍ତି । ଜନବଳ, ବାହୁବଳ, ଧନବଳ, ମଦବଳ ଏହି ଗଛକୁ ବଢ଼ାନ୍ତି । ସେଇ ଗଛରେ ଯେଉଁ ଫୁଲ ଫୁଟେ, ତାହାର ଦୁର୍ଗନ୍ଧରେ ବାତାବରଣ ନଷ୍ଟ ହୋଇଯାଏ । ଶାନ୍ତି, ସନ୍ତୋଷ ଓ ସହିଷ୍ଣୁତାର ଫୁଲ ଫୁଟିଲେ ପରିବେଶ ସୁଗନ୍ଧଯୁକ୍ତ ଓ ସୁଶୋଭିତ ହୁଏ, ଏଥିରେ ସନ୍ଦେହ ନାହିଁ । ରାମ ପ୍ରଧାନ ସନ୍ଥଙ୍କ ଭକ୍ତିରେ ଖୁବ୍ ପ୍ରଭାବିତ । ତାଙ୍କୁ ନିଜର ଗୁରୁ କରିବାକୁ ଇଚ୍ଛା କରି ସେ ତାଙ୍କୁ ଖୋଜିବାକୁ ବାହାରିଲା । ପ୍ରାୟ ଜଙ୍ଗଲର ଦଶ ପନ୍ଦର କିଲୋମିଟର ଅତିକ୍ରମ କରିବା ପରେ ଜଣେ ସାଧାରଣ ଲୋକ ଧୋତି ପିନ୍ଧି ଧ୍ୟାନରେ ବସି ଥିବାର ଦେଖିଲା । ତାଙ୍କ ପାଖକୁ ଯାଇ ପଚାରିଲା, 'ଆପଣ ଜାଣନ୍ତି କି ସନ୍ଥ ମହାରାଜଙ୍କ ଆଶ୍ରମ କେଉଁଠି ? ବ୍ୟକ୍ତି ଜଣକ ରାମ ପ୍ରଧାନଙ୍କୁ ଅଣଦେଖା କରି ନିଜ କାମ ଜାରି ରଖିଲେ ।

ପ୍ରଧାନେ ଏସବୁକୁ ବ୍ୟବହାରକୁ କେମିତି ସହ୍ୟ କରିପାରିଥାନ୍ତେ ? ସେ ଏହାକୁ ଦେଖି ରାଗିଗଲେ । ମନଇଛା ଗାଳିଗୁଲଜ କଲେ । ଏହା ପରେ ବି ବ୍ୟକ୍ତି ଜଣକ ନିରବରେ ନିଜ କାମ ଜାରି ରଖିଲେ । ରାମ ପ୍ରଧାନ କ୍ରୋଧିତ ହୋଇ କ'ଣ ନା କ'ଣ କଥା କହି ଚାଲିଗଲା । ଆଉ ଟିକିଏ ଆଗକୁ ଯାଇଛି, ଜଣେ ଲୋକ ଆସୁଥିବାର ଦେଖିଲା । ପ୍ରଧାନେ ତାଙ୍କୁ ପଚାରିଲେ, ଆପଣ ଜାଣନ୍ତି କି ସନ୍ଥ ମହାରାଜ କେଉଁଠାରେ ରୁହନ୍ତି ? ତୁମେ ଯେଉଁ ମାର୍ଗ ଦେଇ ଆସିଲ, ସେ ତ ସେହି ରାସ୍ତାରେ ରହୁଛନ୍ତି । ତାଙ୍କ ଆଶ୍ରମ ଏଠାରୁ ଅଳ୍ପ ଦୂରରେ । ମୁଁ ମଧ ତାଙ୍କୁ ଦେଖା କରିବାକୁ ଯାଉଛି । ତୁମେ ମୋ ସହିତ ଆସ ।



ଲୋକଟି କହିଲା । ରାମ ପ୍ରଧାନଙ୍କ ହୃଦୟରେ ଖୁସି ଭରିଗଲା ଏବଂ ତା' ସହିତ ଚାଲିଲେ । ଯେଉଁ ବ୍ୟକ୍ତିଙ୍କୁ ସେ ମନଇଚ୍ଛା ଗାଳିଗୁଲଜ କରିଥିଲା ତାଙ୍କ ପାଖକୁ ନେଇଗଲେ । ରାମ ପ୍ରଧାନ ତାଙ୍କୁ ଦେଖି ଲଜ୍ଜିତ ହୋଇଗଲା, କାରଣ ସେ ହିଁ ସନ୍ଥ ମହାରାଜ । ସେ ମହାରାଜାଙ୍କ ପାଦ ତଳେ ପଡ଼ି କ୍ଷମା ମାଗିଲା । କହିଲା, 'ମହାତ୍ମା, ମୋତେ କ୍ଷମା କରି ଦିଅନ୍ତୁ । ମୁଁ ଅଜାଣତରେ ଏକ ଅପରାଧ କରିଦେଲି । ପ୍ରଧାନଙ୍କ କଥା ଶୁଣି ସନ୍ଥ ମହାରାଜ ହସି କହିଲେ, 'ଭାଇ, ଖରାପ ଭାବିବାର କ'ଣ ଅଛି ? କିଏ ଯଦି ମାଟିର ମଠିଆଟେ କିଣେ ତାକୁ ବି ସେ ଠଣା ବଜାଇ ପରଖି କିଣିଥାଏ ।

ତୁମେ ମୋତେ ତୁମର ଗୁରୁ କରିବାକୁ ଆସିଛ । ରାମ ପ୍ରଧାନ ସନ୍ଥ ମହାରାଜାଙ୍କ କଥା ଆଗରେ ସହିଷ୍ଣୁ ହୋଇ ମୁଣ୍ଡ ନୁଆଁଇଲା । ଗୁରୁ ପୂର୍ବରୁ ସହିଷ୍ଣୁ ଥିଲେ ଏବେ ଶିଷ୍ୟ ବି ଗୁରୁଙ୍କ ଠାରୁ ସହିଷ୍ଣୁତା ଶିଖିଲା... ।

**ଲଳିତ ମୋହନ ମିଶ୍ର,**
**ନୟାଗଡ଼, ମୋ–୯୪୩୭୯୮୫୮୬୬**

# ବ୍ରିଜରୁ ଖସିଲା ଗାଡ଼ି : ୨ ମୃତ, ୧୨ ଆହତ



କୋରାପୁଟ (ସବ୍ୟୁ) : କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଖଟଲାପଦର ବ୍ରିଜରୁ ତଳକୁ ଖସିଲା ବରଯାତ୍ରୀ ଗାଡ଼ି । ଫଳରେ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୨ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି । ୩ ଗୁରୁତରଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏଣେ ଆହତମାନଙ୍କର କୁନ୍ଦୁରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ଚାଲିଛି । ତେଣେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସୂଚନା ଅନୁଯାୟୀ, ଗାଡ଼ିଟି ବୈପାରିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଧଳପୁରରୁ ପ୍ରାୟ ୪୦ଜଣ ବରଯାତ୍ରୀଙ୍କୁ ନେଇ ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ ନୂଆଗାଁକୁ ଯାଉଥିଲା ।

# ପେନ୍‌ସନ ବଦଳରେ ଅବସରକାଳୀନ ଭତ୍ତାକୁ କଲେଜ ସଂଘର ତୀବ୍ର ବିରୋଧ

ସୋର (ସବ୍ୟୁ) : ରାଜ୍ୟ କ୍ୟାବିନେଟରେ ଅବସର ନେଉଥିବା କଲେଜ ଅଧ୍ୟାପକ ଓ କର୍ମଚାରୀମାନଙ୍କ ପାଇଁ ଆଇନଗତ ନ୍ୟାୟୋଚିତ ପେନ୍‌ସନ ବଦଳରେ ଏକକାଳୀନ ସେବାନିବୃତ୍ତ ଭତ୍ତା ନିଷ୍ପତ୍ତିକୁ କଲେଜ ଶିକ୍ଷକ ଓ କର୍ମଚାରୀମାନଙ୍କ ତରଫରୁ ତୀବ୍ର ବିରୋଧ କରାଯାଇଛି। ସୂଚନାଯୋଗ୍ୟ ଯେ ଏହି ବର୍ଗର ଶିକ୍ଷକ ଓ କର୍ମଚାରୀମାନେ ୧୯୯୦ ମସିହାରୁ ନିଯୁକ୍ତି ପାଇ ନିରନ୍ତର ସେବା ପ୍ରଦାନ କରିବା ସତ୍ତ୍ୱେ ସରକାର ଆର୍ଥିକ ସଂକଟ ଆଳରେ ୨୦୦୯ ମସିହାରେ ସରକାର ବ୍ଲକଗ୍ରାଣ୍ଟ ପ୍ରଦାନ କଲେ। ୨୦୧୮ ମସିହାରେ ମୁଖ୍ୟମନ୍ତ୍ରୀ ବ୍ଲକଗ୍ରାଣ୍ଟ ବଦଳରେ ପ୍ରତ୍ୟକ୍ଷ ଅନୁଦାନ ଘୋଷଣା କଲେ। ୧୯୮୧ ପେନ୍‌ସନ ରୋଲ ଅନୁଯାୟୀ ଏମାନେ ପେନ୍‌ସନ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ହେଁ ସରକାର ଆଇନକୁ କାର୍ଯ୍ୟକାରୀ ନକରି ମାନ୍ୟବର ହାଇକୋର୍ଟ ଆଶ୍ରୟ ନେଲେ। ୧୨.୧.୨୦୨୪ରି ହାଇକୋର୍ଟ ଏକ ଯୁଗାନ୍ତକାରୀ ରାୟ ପ୍ରକାଶ ୩ ମାସ ମଧ୍ୟରେ ଶିକ୍ଷକ କର୍ମଚାରୀମାନଙ୍କୁ ପେନ୍‌ସନ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁସାରେ ପେନ୍‌ସନ୍ ପ୍ରଦାନ ନକରି ହାଇକୋର୍ଟ ରାୟକୁ ବିଭ୍ରାନ୍ତ କରିବା ପାଇଁ ଏକ ଭାଡିଆ ଘୋଷଣା କରିଛନ୍ତି, ଯାହା ଏହା ଏକ ଭ୍ରମାତ୍ମକ ଘୋଷଣା। ଏ ପ୍ରକାର ନିଷ୍ପତ୍ତିକୁ ପ୍ରତ୍ୟାହାର କରି ତୁରନ୍ତ ପେନ୍‌ସନ ପ୍ରଦାନ ନିଷ୍ପତ୍ତି ନ ନେଲେ ନ୍ୟାୟକ ଲଢ଼େଇ ଏବଂ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ବୋଲି ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି। ସୋର କେଲଜରେ ଅନୁଷ୍ଠିତ ଏହି ବୈଠକରେ ନିଷ୍ପତ୍ତି ଅନୁସାରେ ବନମାଳୀ ବାରିକ, ପ୍ରସାନ୍ତ କୁମାର ମହାନ୍ତ, ମାନସ କୁମାର ପଣ୍ଡା, ବିସମ୍ଭର ମହାପାତ୍ର, ରତ୍ନାକର ମହାପାତ୍ର, ଅଜୟ କୁମାର ବାରିକ, ଅଜିତ କବି, ପୁଷ୍ପାରାଣୀ ପାଢ଼ୀ, ସଂଧ୍ୟାରାଣୀ ଜେନା, ସୁଶାନ୍ତ କୁମାର ରାଉଳ ଏବଂ ଡ.ପଙ୍କଜ କୁମାର ଜେନା ପ୍ରମୁଖ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି।

# ସ୍ୱାମୀ ପରିତ୍ୟକ୍ତାଙ୍କୁ ଆବାସ ଯୋଜନା ମନା

ଆଗରପଡ଼ା,(ସବ୍ୟୁ):ଥିଲାବାଲାଙ୍କୁ ମିଳୁଛି ସରକାରୀ ଆବାସ ଅଥଚ ଗୁରୁବାରୀ ମୁଣ୍ଡାଙ୍କ ପରି ସ୍ୱାମୀ ପରିତ୍ୟକ୍ତା ଆଦିବାସୀ ମହିଳାଙ୍କୁ ମିଳିପାରୁନି ଘର ଖଣ୍ଡେ। ଆଗରପଡ଼ା ନିକଟସ୍ଥ ବର୍ତ୍ତନା ପଂଚାୟତ ସାନକମାରୀ ଗ୍ରାମର ଗୁରୁବାରୀ ସରକାରଙ୍କ ପକ୍ଷରୁ ମିଳିଥିବା ଜାଗାରେ ନୁଆଁଣିଆ ଚାଳଘର ଖଣ୍ଡେ କରି ରହୁଛନ୍ତି ଓ ଦିନ ମଜୁରୀଆ ଭାବେ ପରଘରେ ପାଇଟି କରି ପେଟ ଚାଖଣ୍ଡେକୁ ପୁରାଉଛନ୍ତି ମାତ୍ର ସରକାରୀ ଯୋଜନାରେ ଆବାସ ଖଣ୍ଡେ ପାଇବା ପାଇଁ ପଂଚାୟତରୁ ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେବାପରେ ମଧ୍ୟ ଏହି ଯୋଜନାରେ ସାମିଲ ହେବାପାଇଁ ତାଙ୍କ ଭାଗ୍ୟରେ ଜୁଟି ପାରିନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ଏକୀକରଣ ଶିବିର

ବାଲେଶ୍ୱର , (ସବ୍ୟୁ) ବସୁଧୈବ କୁଟୁମ୍ବକମ ତଥା ଏକତା ଭାବର ଉତ୍ସାହ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ଓ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ମିଳିତ ସହଯୋଗରେ ଏକ ୭ଦିବସୀୟ ଜାତୀୟ ଏକୀକରଣ ଶିବିର ଆୟୋଜିତ କରାଯାଇଛି । ଚଳିତମାସ ୧୬ ତାରିଖ ଠାରୁ ୨୨ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବାଲେଶ୍ୱର ସହର ନିକଟବର୍ତ୍ତୀ ଯୁଧିଷ୍ଠିରପୁର ଠାରେ ଥିବା ପଦ୍ମାବତୀ ୱାଟର ପାର୍କ ଓ ରିସୋର୍ଟ ଠାରେ ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ଭାରତ ସରକାରଙ୍କ ଅଧିନସ୍ଥ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ମୁଖ୍ୟ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଆମନ୍ତ୍ରିତ ଅତିଥିମାନେ ହେଲେ ଶ୍ରୀ ଜଗନ୍ନାଥ ବେଦ-କର୍ମକାଣ୍ଡ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଜଗବନ୍ଧୁ ମିଶ୍ର, ପଦ୍ମାବତୀ ୱାଟର ପାର୍କ ଓ ରିସୋର୍ଟର ପ୍ରବନ୍ଧ ନିର୍ଦ୍ଦେଶକ ମୌସୁମ କୁମାର ସିଂ, ବିଶ୍ୱବିଦ୍ୟାଳୟର ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ପ୍ରମୁଖ ଯୋଗଦେଇଥିଲେ । ୭ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଶିବିରରେ ଓଡ଼ିଶାର ୧୩ଟି ବିଶ୍ୱବିଦ୍ୟାଳୟ , ଭାରତର ମୋଟ ୨୦ଟି ବିଶ୍ୱବିଦ୍ୟାଳୟରୁ ୨୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଛନ୍ତି । ଏହି ଜାତୀୟ ଶିବିରରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଆସାମ, କର୍ଣ୍ଣାଟକ, ତାମିଲନାଡୁ, କେରଳ, ପଞ୍ଜାବ, ହରିୟାନା, ଉତ୍ତରପ୍ରଦେଶ, ଛତିଶଗଡ଼, ବିହାର ଆଦି ବିଭିନ୍ନ ରାଜ୍ୟରୁ ସ୍ୱେଚ୍ଛାସେବୀମାନେ ଆସିଥିଲେ ।

# ବିନ୍ଦୁ ବଳୟର ନୂତନ କର୍ମକର୍ତ୍ତା ନିର୍ବାଚନ

ବାଲେଶ୍ୱର,(ସବ୍ୟୁ) : ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବିନ୍ଦୁବଳୟର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇ ଆଗାମୀ ବର୍ଷ ପାଇଁ ଉପଦେଷ୍ଟା ମଣ୍ଡଳୀ ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଉପଦେଷ୍ଟା ମଣ୍ଡଳୀରେ ଡାକ୍ତର ପ୍ରଦୀପ ଭୌମିକ,କୃଷ୍ଣ ମିଶ୍ର, ଶୋଭନ ଦାଶ, ଚନ୍ଦ୍ରଶେଖର ଖିଲାର, ଉତ୍ତମ ଚାନ୍ଦ, ଖୁଦିରାମ ପ୍ରଧାନ ହୋଇଥିବା ବେଳେ ସଭାପତି ଭାବେ ଆଇନଜୀବୀ ରଘୁନାଥ ପ୍ରଧାନ, ଉପସଭାପତି ଭାବେ ବିଶ୍ୱନାଥ ମହାରଣା, ସାଧାରଣ ସମ୍ପାଦକ ଭାବେ ଦେବାଶିଷ ଚାଟାର୍ଜୀ, ସହସମ୍ପାଦକ ଭାବେ ଅଜୟ ଗୁହ, କୋଷାଧ୍ୟକ୍ଷ ଭାବେ ସତ୍ୟନାରାୟଣ ସାହୁ ନିର୍ବାଚତ ହୋଇଛନ୍ତି । ସେହିପରି ସାଂସ୍କୃତିକ ସମ୍ପାଦକ ଭାବେ ବିଜୟ ମହାକୁଡ଼, ଗୀତିକାର ରମାକାନ୍ତ ଦାସ ଓ ସ୍ମରଣିକା ସମ୍ପାଦକ ଭାବେ ତାପସ ପଣ୍ଡା ନିର୍ବାଚିତ ହୋଇଛନ୍ତି । ଏହି ସଭାରେ ବିନ୍ଦୁ ବଳୟର ଆଗାମୀ ନାଟକ ଏବଂ ଆଗାମୀ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିଷଦ୍ ଭାବେ ଆଲୋଚନା କରାଯାଇଥିଲା ।




ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ର ନିର୍ଦ୍ଦେଶିକା ଇଶା ଏମ୍ ଅମ୍ବାନୀ ବୁଲଗରୀ ସିଇଓ ଜିନ୍ ଖ୍ରୀଷ୍ଟୋଫ୍ ବାବିନ, ବୁଲଗରୀ କ୍ରିଏଟିଭ୍ ଡାଇରେକ୍ଟର ଜୁଏଲାରୀ ଲୁସିଆ ସିଲଭରଷ୍ଟି ଏବଂ ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଙ୍କ ସହ ରଙ୍ଗ ଏବଂ କାରିଗରୀର ଏକ ଅନନ୍ୟ ସନ୍ଧ୍ୟାର 'ଏକ ରୋମାନ ହୋଲି' ପାଳନ କରିଛନ୍ତି ।

## ୨ଟି ୫ଫୁଟିଆ ନାଗସାପ ଉଦ୍ଧାର

ନୀଳଗିରି,(ସବ୍ୟୁ) :ନୀଳଗିରି ଏନ୍‌ଏସି ଅଧିନ କ୍ଷେତ୍ରସନସାହି ଅଞ୍ଚଳର ବାସିନ୍ଦା ଖଗେଶ୍ୱର ପରମାଣିକଙ୍କ ଘର ନିକଟରେ ଥିବା ଏକ କାଠଭାଡ଼ିରେ ୫ଫୁଟ ଲମ୍ବର ନାଗସାପ ରହିଥିବା ଦେଖି ଘର ଲୋକମାନେ ସାପ ଧରାଳି ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ । ହରେକୃଷ୍ଣ ରାଉତ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ । ସେହିପରି ନୀଳଗିରି ଏନ୍‌ଏସି ଅନ୍ତର୍ଗତ କଦମସାହି ଛକରେ ଥିବା ବୁନା ଜେନାଙ୍କ ଚପଲଷ୍ଟାଣ୍ଡରେ ଏକ ନାଗସାପ ଗର୍ଜନ କରୁଥିବା ଶୁଣି ସାପଧରାଳିଙ୍କୁ ଖବର ଦିଆଯାଇଥିଲା । ଘଟଣାସ୍ଥଳରେ ସାପଧରାଳି ହରେକୃଷ୍ଣ ରାଉତ ପହଞ୍ଚି ସାପକୁ ଧରି ସ୍ୱର୍ଣ୍ଣଚୂଡ଼ ଜଙ୍ଗଲରେ ଛାଡ଼ିଦେଇଥିବା ଜଣାପଡ଼ିଛି ।

# ଆଇଆଇଏ ଓଡ଼ିଶା ଚାପ୍ଟର ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ



ଭୁବନେଶ୍ୱର (ସବ୍ୟୁ) : ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍, ଓଡ଼ିଶା ଚାପ୍ଟର ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ୨୦୨୪ ପାଳନ କରାଯାଇଛି। ଏହିକାର୍ଯ୍ୟକ୍ରମ ଓଡ଼ିଶାର ଉଲ୍ଲେଖନୀୟ ମହିଳା ସ୍ଥାପତ୍ୟ ଓ ଡିଜାଇନ୍ କ୍ଷେତ୍ରରେ ସେମାନଙ୍କ ଗଭୀର ଅବଦାନକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ଏହି ଅବସରରେ , ଯାମିନୀ ଷଡ଼ଙ୍ଗୀ, ରୂପା ରୋଶନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଗୌରବାନ୍ୱିତ କରିଥିଲେ। ଓଡ଼ିଶାର ଅଗ୍ରଣୀ ମହିଳା ଆର୍କିଟେକ୍ଟ (ସ୍ଥପତି)ଙ୍କ ଦ୍ୱାରାବୈଷୟିକ ଉପସ୍ଥାପନା ସହ ସେମାନଙ୍କ ଅଭିନବ ପଦ୍ଧତି ଓ ପ୍ରମୁଖ ପ୍ରକଳ୍ପ ଉପରେ ଆଲୋକପାତ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।ଏହି ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲା ନାରୀ- ଯୁଗ ଯୁଗ ଧରି ମହିଳାଙ୍କ ଯାତ୍ରା' ଶୀର୍ଷକ ଏକ ଆକର୍ଷଣୀୟବିଷୟବସ୍ତୁ ଭିତିକ ଫ୍ୟାସନ୍ ସୋ। ପ୍ରାଚୀନ କାଳରୁ ଆରମ୍ଭ କରି ସ୍ୱାଧୀନତା ପରବର୍ତ୍ତୀ ଭାରତ ପର୍ଯ୍ୟନ୍ତ ଓଡ଼ିଶାରବିଭିନ୍ନ ମହିଳା ସ୍ଥପତି ବିଭିନ୍ନ ଯୁଗର ପ୍ରତିନିଧିତ୍ୱ କରୁଥିବା ପୋଷାକ ପରିଧାନ କରିଥିଲେ। ଏହି ଫ୍ୟାସନ୍ ସୋ'ଇତିହାସରେ ମହିଳାଙ୍କ ବିକଶିତ ଭୂମିକା ଏବଂ ସଶକ୍ତୀକରଣର ମାର୍ମିକ ଚିତ୍ରଣ ଭାବରେ କାର୍ଯ୍ୟ କରିଥିଲା।ଏହି ବୃତିର ଉଲ୍ଲେଖନୀୟ ନେତୃତ୍ୱ ଓ ଅବଦାନ ପାଇଁ ସ୍ଥପତି ପ୍ରଫେସର ଡ. ଭାରତୀ ମହାପାତ୍ର, ସ୍ଥପତି ନମିତାମହାପାତ୍ର ଓ ସ୍ଥପତି ଏ ଶୁଭଲକ୍ଷ୍ମୀ ପାଟ୍ଟଯୋଶୀଙ୍କ ସମେତ ବିଶିଷ୍ଟ ବରିଷ୍ଠ ମହିଳା ସ୍ଥପତିମାନଙ୍କୁ ସମ୍ମାନିତକରାଯାଇଥିଲା।ଆନୁଷ୍ଠାନିକ ପ୍ରକ୍ରିୟା ପରେ ଏହି କାର୍ଯ୍ୟକ୍ରମ ଏକ ନେଟୱାର୍କିଂ ଅଧିବେଶନରେ ପରିଣତ ହୋଇଥିଲା। ଯାହା ପେସାଦାରମାନଙ୍କୁ ଯୋଗାଯୋଗ ସ୍ଥାପନ କରିବା, ବୁଝାମଣା ବାଂଟିବା ଏବଂ ଅର୍ଥପୂର୍ଣ୍ଣ ସହଯୋଗ ସୃଷ୍ଟି କରିବାପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା।ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍, ଓଡ଼ିଶା ଚାପ୍ଟର ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ୨୦୨୪ ପାଳନକରାଯିବା ଦ୍ୱାରା ସ୍ଥାପତ୍ୟ କ୍ଷେତ୍ରରେ ମହିଳାମାନଙ୍କୁ ସ୍ୱୀକୃତି ଓ ସଶକ୍ତ କରିବା ପାଇଁ ସଂଗଠନର ପ୍ରତିବଦ୍ଧତାକୁଦର୍ଶାଯାଇଛି ଯାହା ଏକ ଅଧିକ ସମାବେଶୀ ଏବଂ ବିବିଧ ଶିଳ୍ପ ପାଇଁ ପଥ ପ୍ରଶସ୍ତ କରୁଛି।

# ଯୁବତୀଙ୍କୁ ଦୁଷ୍କର୍ମ, ଦୁଇ ଅଭିଯୁକ୍ତ ଫେରାର

ସଇଁତଳା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ସଇଁତଳା ଥାନା ଅନ୍ତର୍ଗତ ବେନିଆବନ୍ଧ ଗାଁର ଜୈନେକ ଯୁବତୀଙ୍କୁ ଦୁଷ୍କର୍ମ କରି ଦୁଇ ଅଭିଯୁକ୍ତ ଯୁବକ ଫେରାର ଥିବା ନେଇ ସଇଁତଳା ଥାନାରେ ଅଭିଯୋଗ ହୋଇଛି । ସୂଚନା ଯୋଗ୍ୟ ଯେ ସମ୍ପୃକ୍ତ ଯୁବତୀଙ୍କ ସହ ଉକ୍ତ ଗାଁର ଶିଶିର ସାଗର ସହ ଦୀର୍ଘ ଦିନରୁ ପ୍ରେମ ସମ୍ପର୍କ ଥିଲା । ତେବେ କୌଣସି ଉଦେଶ୍ୟ ନେଇ ସଂପୃକ୍ତ ଯୁବକ ଓ ତା' ବନ୍ଧୁ ସହ ଗାଁ ର ଖେଳ ପଡ଼ିଆ ନିକଟରେ ଉକ୍ତ ଯୁବତୀ ସହ ଗତ ୧୫ ତାରିଖରେ ସାକ୍ଷାତ କରିବା ପାଇଁ କହିଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଗାଁ ର ଖେଳ ପଡିଆ ଠାରେ ଶିଶିର ଓ ଯୁବତୀ ସେଠାରେ ସାକ୍ଷାତ କରିଥିଲେ । ସାକ୍ଷାତ ସମୟରେ ଶିଶିରର ବନ୍ଧୁ ପ୍ରିତମ ସୁନା ମଧ ସେଠାରେ ଉପସ୍ଥିତ ଥିଲେ । ସେଠାରେ ଶିଶିର ସାଗର ତାଙ୍କ ମହିଳା ବନ୍ଧୁଙ୍କୁ ବାହାଘର ପାଇ ନିବେଦେନ କରିଥିଲେ । ହେଲେ ଯୁବତୀ ଜଣକ ଶିଶିର କଥାରେ ବାହାଘର ପାଇଁ ରାଜି ହୋଇନଥିଲେ । ପରେ ଶିଶିର ଓ ତାଙ୍କ ସହ ଯାଇଥିବା ତାଙ୍କ ବନ୍ଧୁ ପ୍ରିତମ ସୁନା ଦୁହେଁ ମିଶି ଯୁବତୀକୁ ଦୁଷ୍କର୍ମ କରିଥିଲେ । ପରେ ଯୁବତୀ ଜଣକ ସେଠାରୁ ଫେରାର ହେବାରେ ସକ୍ଷମ ହୋଇଥିଲେ । ଏନେଇ ଯୁବତୀର ପରିବାର ପକ୍ଷରୁ ସଇଁତଳା ଥାନାରେ ଲିଖିତ ଭାବେ ଅଭିଯୋଗ କରାଯାଇଛି । ଅଭିଯୋଗ ପରେ ଉଭୟ ଯୁବକ ଫେରାର ଥିବା ଜଣାପଡିଛି । ଅନ୍ୟ ପଟେ ସଇଁତଳା ପୋଲିସ ଅଭିଯୁକ୍ତଙ୍କୁ ଖୋଜାଖୋଜି କରୁଛି।

# ପିଲା ଚୋରି ସନ୍ଦେହ, ଦୁଇ ଯୁବକଙ୍କୁ ନିର୍ଦ୍ଧୁମ ମାଡ଼

କୋରାପୁଟ,(ସବ୍ୟୁ): ପିଲା ଚୋରି ସନ୍ଦେହରେ ଦୁଇ ଯୁବକଙ୍କୁ ନିର୍ଦ୍ଧୁମ ଛେଚିଲେ ଗାଁ ଲୋକେ। ହାତ ଗୋଡ ବାନ୍ଧି ନିସ୍ତୁକ ମାଡ ମାରିଛନ୍ତି। କୋରାପୁଟ ବନ୍ଧୁଗାଁ ସୁନପାଲମୁଣ୍ଡା ଗାଁରେ ଘଟିଛି ଏପରି ଘଟଣା। ହାତ ବାନ୍ଧି ୨ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି ଗ୍ରାମବାସୀ। ଆକ୍ରମଣରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସନ୍ଦିଗ୍ଧ ଦୁଇ ଯୁବକ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ ଅଞ୍ଚଳର ବୋଲି ଜଣାପଡ଼ିଛି।

# ବାଇକ ଦୁର୍ଘଟଣାରେ ଦୁଇ ଯୁବକ ମୃତ

କଲମପୁର,(ସବ୍ୟୁ): କଲମପୁର ଥାନା ଅନ୍ତର୍ଗତ ଦେପୁର ନିକଟରେ ଶନିବାର ବିଳମ୍ବିତ ରାତ୍ରିରେ ଏକ ବାଇକ ଦୁର୍ଘଟଣାରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ମାନେ ହେଲେ ଜୁନାଗଡ଼ ଥାନା ଦାସିଗାଁ ଗ୍ରାମର ସମରେନ୍ଦ୍ର ନାଗ (୨୮) ଏବଂ ଦାସିଗାଁ ନିକଟସ୍ଥ ଭେଜିପଡା ଗ୍ରାମର କ୍ଷେତ୍ର ମାଝୀ (୩୦) ବୋଲି ପୋଲିସ ସୂଚନା ଦେଇଛି । ସମରେନ୍ଦ୍ର ଏବଂ କ୍ଷେତ୍ର କୌଣସି କାର୍ଯ୍ୟରେ ଆସି ଏକ ଟିଭିଏସ ବାଇକରେ କଲମପୁର ପଟୁ ଦାସିଗାଁ ପ୍ରତ୍ୟାବର୍ତନ କରୁଥିବା ସମୟରେ କଲମପୁର – ଜୁନାଗଡ଼ ମୁଖ୍ୟ ରାସ୍ତାର ଦେପୁର ନିକଟରେ ଦୁର୍ଘଟଣା ଘଟିଥିଲା । ସେମାନଙ୍କୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । କଲମପୁର ପୋଲିସ ଏକ ମାମଲା ୩୭/୨୦୨୪ ରୁଜୁ କରି ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା । ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଦୁଇଟି ମୃତ ଦେହ ହସ୍ତାନ୍ତର କରାଯାଇଛି । ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ତଦନ୍ତ ଭାର ନେଇଥିବା ଏସ ଆଇ ଡୋଳାମଣୀ ବିଶି ପ୍ରକାଶ କରିଛନ୍ତି ।

# ଦାଦନ ଦୁଃଖ : ୫ ଦିନ ହେଲାଣି ଘରକୁ ଫେରୁନି ମୃତଦେହ

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ବାରି ଗାଁର ମୋହନ ସୁନାମୁଦିଙ୍କ ପୁଅ ରାଜୀବ ସୁନାମୁଦି। ଗାଁରେ କାମ ମିଳିଲାନି। ସେଥିପାଇଁ ଦାଦନ ଖଟିବାକୁ ରାଜୀବ ଦୀର୍ଘ ୬ ମାସ ପୂର୍ବେ ବେଙ୍ଗାଲୁରୁ ଯାଇଥିଲେ। ସେଠାରେ ସେ ଏକ ନଡ଼ିଆ କାରଖାନାରେ ଶ୍ରମିକ ଭାବେ କମ କରୁଥିଲେ। ସେଥିପାଇଁ ତାଙ୍କୁ ମାସିକ ୧୮ ହଜାର ଟଙ୍କା ଦରମା ମିଳୁଥିଲା। ଯାହା ରୋଜଗାର କରୁଥିଲେ, ଘରକୁ ପଠାଇ ଦେଉଥିଲେ। ଆଜିକୁ ୫ ଦିନ ପୂର୍ବେ କମ୍ପାନୀ ଗାଡ଼ି ଧକ୍କାରେ ସେ ଗୁରୁତର ଆହତ ହୋଇଥିଲେ। ରାଜୀବଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ହଲେ କମ୍ପାନୀ ଗାଡ଼ି ଧକ୍କାରେ ପର ରାଇଜରେ ତା'ର ମୃତ୍ୟୁ ହେଲା। ପୁଅ ମୃତ୍ୟୁକୁ ୫ ଦିନ ବିତିଲାଣି। ଆଜି ଯାଏଁ ତା' ମୃତଦେହ ଘରକୁ ଫେରୁନି। ଚିନ୍ତାରେ ପରିବାର ଲୋକେ। କମ୍ପାନୀ ପକ୍ଷରୁ ଏନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ହେଲେ ମୃତଦେହ ଘରକୁ କେମିତି ଫେରିବ ସେ ନେଇ କମ୍ପାନୀ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନି। ଯେଉଁଥିପାଇଁ ୫ ଦିନ ହେଲା ସେଠାରେ ମୃତଦେହ ପଡ଼ି ରହିଛି। ମୃତଦେହ ଘରକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଗତ ଦୁଇ ମାସ ଭିତରେ ନାରାୟଣପାଟଣା ଅଞ୍ଚଳରୁ ୩ ଜଣ ଦାଦନ ଖଟିବାକୁ ଯାଇ ମୃତ୍ୟୁ ବରଣ କରିଛନ୍ତି। ହେଲେ ସେମାନଙ୍କ ମୃତଦେହ ଘରକୁ ଫେରିନି। ଏପରିକି ମୃତକଙ୍କ ପରିବାରକୁ କମ୍ପାନୀ ପକ୍ଷରୁ କ୍ଷତିପୂରଣ ମିଳିନଥିବା ଅଭିଯୋଗ ହୋଇଛି।

# କୋଳି ଚାଷରୁ ସ୍ୱାବଲମ୍ବୀ ହୋଇଛନ୍ତି ସର୍ବେଶ୍ୱର

ସିମୁଳିଆ, (ସବ୍ୟୁ) : ଚାଷ ଦେଇଛି ସର୍ବେଶ୍ୱର ସାହୁଙ୍କୁ ନୂଆ ପରିଚୟ । ଥାଇଲାଣ୍ଡ କୋଳି ଚାଷ କରି ଆଖପାଖ ଅଞ୍ଚଳ ପାଇଁ ବନି ଯାଇଛନ୍ତି ଆଦର୍ଶ । ଆଉ ଏହି ଚାଷ କରିବା ପାଇଁ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଉଛନ୍ତି ସେ । ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅଡା ପଞ୍ଚାୟତର ହଳିଶ ଗ୍ରାମରେ ତାଙ୍କ ଘର । ଦୁଇ ବର୍ଷ ଧରି ନିଜର ୩ଏକର ଜମିରେ ଗ୍ରୀନଆପେଲ,ରେଡ ଟାଉମିନ ବରକୋଳି ଚାଷ କରି ବର୍ଷକୁ ୪ଲକ୍ଷ ଟଙ୍କା ରୋଜଗାର କରି ପାରୁଛନ୍ତି। ଦୁଇ ବର୍ଷ ତଳେ ୟୁଥଟ୍ୟୁବରୁ ଏହି ଚାଷ ପାଇଁ ପ୍ରେରଣା ପାଇଥିଲେ । ଏଥି ସହିତ ବିଭିନ୍ନ ଫାର୍ମ ହାଇଉସକୁ ଯାଇ ଏହି ଚାଷ ସଂପର୍କରେ ଜ୍ଞାନ ଆହରଣ କରିଥିଲେ । ପରେ ଏ ସବୁକୁ ନିଜ ବାଡିରେ ଲଗାଇ କୋଳି ଉତ୍ପାଦନରେ ନିଜର ଉତ୍କର୍ଷ ପ୍ରମାଣ କରିଥିଲେ । ଗଛ ଲଗାଇବାର ୬ମାସ ବ୍ୟବଧାନରେ ଗଛରେ କୋଳି ଧରିଥାଏ । ବିଭିନ୍ନ କିସମର ବରକୋଳି ଗଛକୁ ଥରେ ଲଗାଇଲେ ୨୦ବର୍ଷ ପର୍ଯ୍ୟନ୍ତ ଫଳିଥାଏ । ଏଥି ପାଇଁ ସର୍ବେଶ୍ୱର ୮ଜଣ ଲୋକଙ୍କୁ ମଧ୍ୟ ରୋଜଗାର ଦେଇ ପାରିଛନ୍ତି । ଏହି ଥାଇଲାଣ୍ଡ ବର କୋଳିକୁ ୬୦ଟଙ୍କାରେ ସ୍ଥାନୀୟ ବଜାରରେ ବିକ୍ରି କରୁଥିବାବେଳେ ଭଦ୍ରକ, ଭୁବନେଶ୍ୱର, ବାଲେଶ୍ୱର ଆଦି ଜିଲ୍ଲାକୁ ମଧ୍ୟ ବିକ୍ରି ନିମନ୍ତେ ପଠାଇ ଥାନ୍ତି । ଏହି ଥାଇଲାଣ୍ଡ କୋଳି ଚାଷ କରିବାକୁ ଯେଉଁ ଚାଷୀ ଚାହୁଁଛନ୍ତି ସେ ତାଙ୍କୁ ଏହାର ଚାଷ ସଂପର୍କରେ ଅବଗତ କରାଇବା ସହିତ ସ୍ୱାବଲମ୍ବୀ କରାଇବାକୁ ପ୍ରକାଶ କରିଥିଲେଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ କମଳାକାନ୍ତ ଓଝା, ବାଲେଶ୍ୱରର ଗୌରାଙ୍ଗ ପଣ୍ଡା, କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ, ପ୍ରଫେସର ଡକ୍ଟର ପ୍ରତିମା ପ୍ରଧାନ, ଆସିଷ୍ଟାଣ୍ଟ ପ୍ରଫେସର ଜଗନ୍ନାଥ ବେହେରା, ଏନ୍‌ଏସ୍‌ଏସ୍‌ର ଭୁବନେଶ୍ୱର ଯୁବ ଅଧିକାରୀ ଅଜିତ ଖୁସୱାହା ପ୍ରମୁଖ ଯୋଗଦେଇଥିଲେ ।

# ନିଆଁ କବଳରୁ ଜଙ୍ଗଲକୁ ରକ୍ଷା ନିମନ୍ତେ ସଚେତନତା ଶିବିର

ନୀଳଗିରି,(ସବ୍ୟୁ) : ଗ୍ରୀଷ୍ମଋତୁରେ ପାହାଡ଼ ଓ ଜଙ୍ଗଲମାନଙ୍କର ଅଧିକାଂଶ ସ୍ଥାନରେ ନିଆଁ ଲାଗୁଥିବାରୁ ଏହା ଦ୍ୱାରା ବହୁ ଔଷଧିୟ ଗୁଳ୍ମ ଲତା ପୋଡ଼ି ଛାରଖାର ହେବା ସହ ବନ୍ୟପ୍ରାଣୀମାନେ ବିପଦରେ ପଡ଼ିଥାନ୍ତି । ଏଥିପାଇଁ ଜଙ୍ଗଲ ସମ୍ପଦର ସୁରକ୍ଷା ନିମନ୍ତେ ଜଙ୍ଗଲ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା ମୂଳକ ପଦକ୍ଷେପ ନିଆଯାଇଛି । ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତ ବିଭାଗ ପକ୍ଷରୁ ନୀଳଗିରି କୁଲଡ଼ିହା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଗୋଡ଼ିଖୁଲା ଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପଞ୍ଚଲିଙ୍ଗେଶ୍ୱର ବନପାଳ ଭାଗ୍ୟଶ୍ରୀ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ସରପଞ୍ଚ ପୁରଷୋତ୍ତମ ସେଠୀ, ମୁଖ୍ୟବକ୍ତାଭାବେ କୁଲଡ଼ିହା ରେଞ୍ଜ ଅଧିକାରୀ ପ୍ରବୀର ମୁର୍ମୁ, ସମ୍ମାନୀତ ଅତିଥିଭାବେ ପରିବେଶ ବିତ ମନୋରଂଜନ ଦାସ ପ୍ରମୁଖ ଯୋଗଦେଇ ଆଗାମୀ ଗ୍ରୀଷ୍ମଋତୁରେ ଲାଗୁଥିବା ନିଆଁ କିଭଳି ନଲାଗିବ ଓ ଜୀବଜନ୍ତୁ ବିଶେଷ କରି ପକ୍ଷୀମାନେ ନିଆଁ ଦାଉରୁ ରକ୍ଷା ପାଇପାରିବେ ସେ ବିଷୟରେ ସବିଶେଷ ତଥ୍ୟ ରଖିଥିଲେ । ଶେଷରେ ସମିତି ସଭ୍ୟ ଭୋଳାନାଥ ମାଝୀ ଧନ୍ୟବାଦ ଦେଇଥିଲେ । ଏହି ଶିବିରରେ ଦ୍ୱାରିକା ଜଙ୍ଗଲ କମିଟିର ସଭାପତି ଲକ୍ଷ୍ମୀଧର ସଙ୍କ ସମେତ କୁଲଡ଼ିହା ପାଦଦେଶରେ ବସବାସ କରୁଥିବା ଅନେକ ଅଞ୍ଚଳର ଅଧିବାସୀ ଯୋଗଦେଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ଶପଥ ନେଇଥିଲେ ।

# ଏନ୍‌ଏସ୍‌ଇ ପକ୍ଷରୁ ଏନ୍‌ଏସ୍‌ଇ-ଏସ୍‌ଏସ୍‌ଇରେ ପ୍ରଥମ ୫ ଲିଷ୍ଟିଂ ସମାରୋହ




ଭୁବନେଶ୍ୱର (ସବ୍ୟୁ) : ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ପକ୍ଷରୁ ଏହାର ଏନ୍‌ଏସ୍‌ଇ-ସୋସିଆଲ୍ ଷ୍ଟକ୍ ଏକ୍ସଚେଞ୍ଜ(ଏସ୍‌ଏସ୍‌ଇ) ପ୍ଲାଟଫର୍ମରେ ପ୍ରଥମ ପାଂଚ ଲିଷ୍ଟିଂକୁ ପାଳନ କରାଯାଇଛି। ସ୍ୱାମୀ ବିବେକାନନ୍ଦ ଯୁବ ଆନ୍ଦୋଳନ, ଟ୍ରାନ୍ସଫର୍ମ ରୁରାଲ୍ ଇଣ୍ଡିଆ, ମୁକ୍ତି, ଏକଲବ୍ୟ ଫାଉଣ୍ଡେସନ୍ ଓ ଏସ୍‌ଜିବିଏସ୍ ଉନ୍ନତି ଫାଉଣ୍ଡେସନ ଏନ୍‌ଏସ୍‌ଇଏସ୍‌ଏସ୍‌ଇରେ ତାଲିକାଭୁକ୍ତ ହୋଇଛନ୍ତି। ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ (ବିକେସି)ରେ ଥିବା ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।ଏହି ଲିଷ୍ଟିଂ ଯୋଗୁଁ ପାଖାପାଖି ୮ କୋଟି ଟଙ୍କାର ପାଣ୍ଠି ସଂଗ୍ରହ ହୋଇଛି ଯାହା ଶିକ୍ଷା, ଦକ୍ଷତା ବିକାଶ, କୃଷି, ଜୀବିକାମହିଳା ସଶକ୍ତୀକରଣ ଇତ୍ୟାଦି କ୍ଷେତ୍ରରେ ଅନେକ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ବ୍ୟବହୃତ ହେବ ।

ଏହି କାର୍ଯ୍ୟକ୍ରମରେ ସେବିର ଅଧ୍ୟକ୍ଷା ଶ୍ରୀମତୀ ମାଧବୀ ପୁରୀ ବୁଚ, ସେବିର ସୋସିଆଲ ଷ୍ଟକ ଏକ୍ସଚେଞ୍ଜପରାମର୍ଶଦାତା କମିଟିର ଅଧ୍ୟକ୍ଷ ଡ. ଆର ବାଲାସୁବ୍ରମଣ୍ୟମ, ସେବିର ପୂର୍ଣ୍ଣକାଳୀନ ସଦସ୍ୟ (ଡବ୍ଲ୍ୟୁଟିଏମ୍) ଶ୍ରୀ ଅଶ୍ୱିନୀ ଭାଟିଆ, ଆଦିତ୍ୟ ବିର୍ଲା ସନଲାଇଫ୍ ଏଏମସିର ଏମଡି ଏବଂ ସିଇଓ ଶ୍ରୀ ଏ ବାଲାସୁବ୍ରମଣ୍ୟମ ଏବଂ ଅନେକ ବିଶିଷ୍ଟବିଶିଷ୍ଟ ବ୍ୟକ୍ତି, ଅଧିକାରୀ ଏବଂ ଅଣଲାଭକାରୀ ସଂଗଠନ (ଏନପିଓ) ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ।ସେବିର ଅଧ୍ୟକ୍ଷା ଶ୍ରୀମତୀ ମାଧବୀ ପୁରୀ ବୁଚ୍ କହିଛନ୍ତି ଯେ, ଦେଶର ମୁଖ୍ୟ ସ୍ରୋତରେ ସମସ୍ତ ନାଗରିକଙ୍କୁ ସାମିଲ କରିବାରେ ଅଣଲାଭକାରୀ ସଂଗଠନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି ଭୂମିକାକୁ ପ୍ରଭାବଶାଳୀଭାବରେ ନିର୍ବାହ କରିବା ପାଇଁ ସେମାନେ ଦାତା ଏବଂ ସେମାନଙ୍କ ଅବଦାନ ଆବଶ୍ୟକ କରନ୍ତି। ସାମାଜିକ କ୍ଷେତ୍ରରେ ବିଶ୍ୱାସ ଓ ପାରଦର୍ଶିତାକୁ ପ୍ରୋତ୍ସାହିତ କରିବାରେ ଏସଏସଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।''ସେବିର ସୋସିଆଲ ଷ୍ଟକ୍ ଏକ୍ସଚେଞ୍ଜ ଆଡଭାଇଜରୀ କମିଟିର ଅଧ୍ୟକ୍ଷ ଡକ୍ଟର ଆର ବାଲାସୁବ୍ରମଣ୍ୟମ କହିଛନ୍ତିଯେ, ଭାରତରେ ସାମାଜିକ କ୍ଷେତ୍ରର ବିକାଶ ପାଇଁ ଏକ ନୂତନ ଆର୍ଥିକ ସ୍ରୋତ ଖୋଲିବା ବ୍ୟତୀତ ସୋସିଆଲ ଷ୍ଟକଏକ୍ସଚେଞ୍ଜ ଅମୃତ କାଳରେ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ବହୁ ସଂଖ୍ୟକ ଲୋକଙ୍କଅଂଶଗ୍ରହଣକୁ ନିଶ୍ଚିତ କରିବ।''

ଏନଏସଇର ଏମଡି ଏବଂ ସିଇଓ ଶ୍ରୀ ଆଶିଷ କୁମାର ଚୌହାନ ଏନଏସଇ-ଏସଏସଇ ପ୍ଲାଟଫର୍ମରେ ସମସ୍ତ ପ୍ରଥମ୫ଟି ଏନପିଓଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ ଏନଏସଇ ତାଲିକାଭୁକ୍ତ କମ୍ପାନିଗୁଡିକବଜାରରେ ସାଧାରଣ ଲୋକଙ୍କ ଅଂଶଗ୍ରହଣ ମାଧମରେ ସମ୍ପତି ସୃଷ୍ଟି, ନିଯୁକ୍ତି ସୁଯୋଗ ଏବଂ ସାମଗ୍ରିକ ଅର୍ଥନୈତିକଅଭିବୃଦ୍ଧି ମାଧ୍ୟମରେ ସାମାଜିକ ପ୍ରଭାବର ଏଜେଂଟ୍ ହୋଇଛନ୍ତି । ଏସ୍‌ଏସ୍‌ଇରେ ତାଲିକାଭୁକ୍ତ ହେବା ପରେ ଏହାରପ୍ରଭାବ ବହୁଗୁଣିତ ହେବାକୁ ଯାଉଛି। ଏହି ଢାଂଚାରେ ପାରଦର୍ଶିତା, ବିଶ୍ୱାସ, ଦକ୍ଷତା, ଖର୍ଚ୍ଚ ସଂଚୟ, ଆବିଷ୍କାର, ପ୍ରଭାବ ମାପକାଠି ଏବଂ ଫଳାଫଳଭିତିକ ପରୋପକାର ଭଳି ଅନେକ ସୁବିଧା ପ୍ରଦାନ କରାଯାଇଛି। ଭାରତରେସୋସିଆଲ ଷ୍ଟକ ଏକ୍ସଚେଞ୍ଜ ଢାଂଚା ଆରମ୍ଭ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସେବିକୁ ସେ କୃତଜ୍ଞତାଜଣାଇଛନ୍ତି।ଏହି ଅବସରରେ ନାବାର୍ଡ ସିଜିଏମ୍ ଆର୍ ଆନନ୍ଦ, ସିଡ୍‌ବିର ଉପ ପରିଚାଳନା ନିର୍ଦ୍ଦେଶକ ପ୍ରକାଶ କୁମାର, ଜିରୋଧାରଏଭିପି ବିରାଜ ଯୋଶୀ, ଏସ୍‌ଭିୱାଇଏମ୍‌ର ସିଇଓ ସବିତା ସୁଲୋଗୁଡ୍ଡୁ, ଟ୍ରାନ୍ସଫରମର ରୁରାଲ୍ ଇଣ୍ଡିଆର ସହକାରୀନିର୍ଦ୍ଦେଶକ ନିରଜ ଆହୁଜା, ଏକଲବ୍ୟ ଫାଉଣ୍ଡେସନର ଏବଂ ଏସ୍‌ଜିବିଜି ଉନ୍ନତି ଫାଉଣ୍ଡେସନର ପ୍ରତିଷ୍ଠାତା ରମେଶ ସ୍ୱାମୀ ଉପସ୍ଥିତ ଥିଲେ।

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

# ସନାତନ ଧର୍ମ ପୁସ୍ତକ ଉନ୍ମୋଚିତ



କଟକ, (ସ୍ୱପ୍ର): ମୁନିଋଷି ପ୍ରଧାନ ଭାରତବର୍ଷରେ ବହୁ ପୁରାତନ କାଳରୁ ଦେବଦେବୀ ଓ ପ୍ରକୃତିକୁ ଆରାଧନା କରି ତଥା ନିଜର କଠୋର ତପସ୍ୟା ବଳରେ ଜୀବନର ମହାସତ୍ୟକୁ ଉପଲବ୍ଧି କରିବାର ମାର୍ଗ ସନାତନ ଧର୍ମରେ ହିଁ ନିର୍ଦ୍ଦେଶିତ ହୋଇଛି ବୋଲି କହିଛନ୍ତି କ୍ରିୟାଯୋଗ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ସ୍ୱାମୀ ଶଙ୍କରାନନ୍ଦ ଗିରି । କଟକ ଗୋପବନ୍ଧୁ ଭବନ ଠାରେ ସୁଲେଖକ ଶୋଭାକର ଦାସ ଫତେସିଂହଙ୍କ ଦ୍ୱାରା ରଚିତ ସନାତନ ଧର୍ମ ପୁସ୍ତକର ଉନ୍ମୋଚନ ଉତ୍ସବରେ ଯୋଗଦେଇ ସ୍ୱାମିଜୀ ଏହି ଆଧ୍ୟାତ୍ମିକ ସଦଗ୍ରନ୍ଥ ଆଧୁନିକ ଭାରତୀୟ ସମାଜକୁ ପ୍ରେରଣା ଦେବ ବୋଲି କହିଥିଲେ । ପୁସ୍ତକର ଲେଖକ କହିଥିଲେ ଯେ, ସମୟର ପରିବର୍ତ୍ତନ ସହିତ ସନାତନ ଧର୍ମର ତତ୍ତ୍ୱ ଓ ଦର୍ଶନ ଆଜିବି ଅଧିକ ଋଦ୍ଧିମନ୍ତ ହୋଇଛି । ପୁସ୍ତକ ଉନ୍ମୋଚନ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ସମାଜର ପ୍ରକାଶକ ଓ ମୁଦ୍ରାକର ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ସମାଜ ସଂପାଦକ ଡ. ପ୍ରମୋଦ କୁମାର ମହାପାତ୍ର, ମୁଖ୍ୟ ପରିଚାଳକ ଶିବରାମ ମିଶ୍ର, ଶିଶୁ କଲମର ସଂପାଦକ ଜନ୍ମେଜୟ ପ୍ରଧାନ, ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ସ୍ତମ୍ଭକାର ଶୁଭେନ୍ଦୁ କୁମାର ଭୂୟାଁ, ସଂଜୟ କୁମାର ମିଶ୍ର, ପ୍ରଦୀପ ସର, ସମାଜସେବୀ ବିଜୟ ପାତ୍ର, ମନୋଜ ପତି, କଣ୍ଠଶିଳ୍ପୀ ଅମିତା ମିଶ୍ର, ଶଙ୍କର୍ଷଣ ମିଶ୍ର, କସ୍ତୁରୀ ଚରଣ ଦାସ, ବିଶ୍ୱ ହିନ୍ଦୁ ପରିଷଦର ଧର୍ମାଚାର୍ଯ୍ୟ ସଂପର୍କ ପ୍ରମୁଖ ଅଜୟ ଦାସ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ସ୍ୱାମିଜୀ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ନନ୍ଦନକାନନରେ ନୂଆ ଅତିଥି

ବାରଙ୍ଗ, (ସବ୍ୟୁ) :ପ୍ରାଣୀ ଉଦ୍ୟାନ ନନ୍ଦନ କାନନର ବିଦେଶୀ ମାଙ୍କଡ଼ ଖୁଆଡରେ ରହୁଥିବା ଗୁଣ୍ଡୁଚି ମାଙ୍କଡ ରବିବାର ଦିନ ଏକ ଶାବକ ଜନ୍ମ ଦେଇଛି ।ଏହି ଶାବକ ଜନ୍ମ ପରେ ମା ଓ ଛୁଆ ସୁସ୍ଥ ଥିବା ଜଣାପଡିଛି ।ଏହି ଶାବକ ଜନ୍ମ ହେବା ପରେ ଗୁଣ୍ଡୁଚି ମାଙ୍କଡ ସଂଖ୍ୟା ବୃଦ୍ଧି ପାଇ ୫ ରେ ପହଁଚିଛି ।ପ୍ରକାଶ ଥାଉକି , ପୂର୍ବରୁ ଗୁଣ୍ଡୁଚି ମାଙ୍କଡ ବଂଶ ଲୋପ ପାଇଯାଇଥିଲା । କର୍ତ୍ତୃପକ୍ଷ ପର୍ଯ୍ୟଟକ ଙ୍କୁ ଭେଟି ସ୍ୱରୂପ ହାଇଦ୍ରାବାଦ ରୁ କ୍ରୟ କରି ଗତ ୨୦୨୩ ଅଗଷ୍ଟ ୩୧ ତାରିଖରେ ଏଠାକୁ ଆଣିଥିଲେ। ଏହି ଗୁଣ୍ଡୁଚି ମାଙ୍କଡ଼ ଗୋଟିଏ ଶାବକ ଜନ୍ମ ଦେବାପରେ କର୍ମଚାରି ଙ୍କ ଠୁ ଆରମ୍ଭ କରି କର୍ତ୍ତୃପକ୍ଷ ମହଲରେ ଖୁସିର ବାତାବରଣ ଖେଳିଯାଇଛି ।

# ଡ୍ରିମ୍ସ ସ୍କୁଲ ଅଫ ଫାର୍ମାସୀରେ ଆଲୋଚନାଚକ୍ର




କଟକ, (ସବ୍ୟୁ): ଡ୍ରିମ୍ସ ସ୍କୁଲ ଅଫ ଫାର୍ମାସୀରେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଓ ଜାତୀୟ ଫାର୍ମାସୀ ଶିକ୍ଷା ଦିବସ ପାଳିତ ହୋଇଯାଇଛି । ପଦ୍ମିନୀ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଉଦଘାଟନ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଫାର୍ମାସୀ ଶିକ୍ଷା ସଂପର୍କରେ ଉଲ୍ଲେଖ କରି ଏହି ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଶୁଭେଚ୍ଛା ଜଣାଇଥିଲେ । ବିଶିଷ୍ଟ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ନୂତନ ଜାତୀୟ ଶିକ୍ଷା ନୀତି ଓ ଫାର୍ମାସୀ ଶିକ୍ଷା, ଗବେଷଣାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ରାଜ୍ୟ ସରକାରଙ୍କ ସହକାରୀ ରାସାୟନିକ ପରୀକ୍ଷକ ତଥା ଆନାଲିଷ୍ଟ ଆଶୁତୋଷ ମହାପାତ୍ର ଫାର୍ମାସୀ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସରକାରଙ୍କ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଫେସର ନିହାର ରଂଜନ କର, ପ୍ରଫେସର ସନ୍ତୋଷ କୁମାର ବଳ, ଡା. ବିଶ୍ୱରଂଜନ ମହାନ୍ତି, ଡା. ତାପସ ଖୁଣ୍ଟିଆ, ଡା. ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଆଲୋଚ୍ୟ ପ୍ରସଙ୍ଗ ଉପରେ ନିଜର ଅଭିମତ ପ୍ରଦାନ କରିଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ଅମୂଲ୍ୟ କୁମାର ବେହେରା ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଏହି ଅବସରରେ ଦକ୍ଷତା ଭିତ୍ତିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

# ଓୟୋ ପକ୍ଷରୁ ଓଡିଶାରେ ପ୍ରଥମ ହୋମ୍‌ଷ୍ଟେ' ଉନ୍ମୋଚିତ



ଭୁବନେଶ୍ୱର (ସବ୍ୟୁ): ଗ୍ଲୋବାଲ ହସ୍ପିଟାଲିଟି ଟେକ୍ନୋଲୋଜି କମ୍ପାନୀ ଓୟୋ ଓଡିଶାର ତୀର୍ଥଯାତ୍ରା ସହର ପୁରୀରେ ନିଜର ପ୍ରଥମ ହୋମ୍‌ଷ୍ଟେ'ର ଶୁଭାରମ୍ଭ କରିବା ପାଇଁ ଓଡିଶା ଦକ୍ଷତା ବିକାଶ ନିଗମ (ଓଏସ୍‌ଡିଏ) ସହ ହାତ ମିଳାଇଛି। ଏହି ହୋମ୍‌ଷ୍ଟେକୁ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନ ଅବସରରେ କ୍ରୀଡା ମନ୍ତ୍ରୀଙ୍କ ସହ ଓଏସ୍‌ଡିଏର ଅଧ୍ୟକ୍ଷ ଶ୍ରୀମତି ଅଳକା ମିଶ୍ର ଉପସ୍ଥିତ ଥିଲେ । ଏହି ସହଭାଗିତା ହୋମ୍‌ଷ୍ଟେକୁ ସଫଳ ଭାବେ ପରିଚାଳନା କରିବା, ଉଦ୍ୟୋଗିକତା ବିକଶିତ କରିବା ଏବଂ ଏକ ଅତିରିକ୍ତ ଆୟ ଉତ୍ସ ସୃଷ୍ଟି କରିବା ପାଇଁ ସ୍ଥାନୀୟ ଲୋକମାନଙ୍କୁ ଆବଶ୍ୟକୀୟ ଦକ୍ଷତା ଓ ତାଲିମ ସହ ସୁସଜ୍ଜିତ କରିବା ଉପରେ ଗୁରୁତ୍ୱ ଦେବ । ଗତ ଫେବୃଆରୀ ୧୯ ତାରିଖରେ ଭୁବନେଶ୍ୱରରେ 'ଦ ଗ୍ଲୋବାଲ ସମିଟ୍ ଅନ୍ ଗ୍ରୋଥ୍ ଆଣ୍ଡ ଏମ୍ପ୍ଲୋୟମେଂଟ୍ ୨୦୨୪'ରେ ଓୟୋ ଏବଂ ଓଏସ୍‌ଡିଏ ମଧ୍ୟରେ ହୋମ୍‌ଷ୍ଟେଗୁଡିକୁ ସ୍ଥାପନ କରିବା ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଓୟୋର ପ୍ରତିଷ୍ଠାତା ଓ ଗ୍ରୁପ୍ ସିଇଓ ରିତେଶ ଅଗ୍ରୱାଲ ଏବଂ ଓଏସ୍‌ଡିଏର ସିଇଓ, ଆଇଏଏସ୍ ରଘୁ ଜି.ଙ୍କ ମଧ୍ୟରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଭବିଷ୍ୟତକୁ ଦୃଷ୍ଟିରେ ରଖି ଓୟୋ ଓଡିଶାର କୋଣାର୍କ, ପୁରୀ, ରଘୁରାଜପୁର ଓ ଅନ୍ୟାନ୍ୟ ଲୋକପ୍ରିୟ ଗନ୍ତବ୍ୟସ୍ଥଳୀଗୁଡିକରେ ଆସନ୍ତା କିଛି ବର୍ଷ ମଧ୍ୟରେ ଅତିରିକ୍ତ ୫୦ଟି ହୋମ୍‌ଷ୍ଟେର ଶୁଭାରମ୍ଭ କରି ରାଜ୍ୟରେ ନିଜର ଉପସ୍ଥିତି ବିସ୍ତାର କରିବାକୁ ଯୋଜନା ରଖିଛି ।

# ବୈଶାଖୀ ବାଣିଜ୍ୟ ମେଳାରେ ଫ୍ରିଡମ୍ ଷ୍ଟଲରେ ଗୃହିଣୀଙ୍କ ଭିଡ




କଟକ, (ସ୍ୱପ୍ର): କଟକ ଉପର ବାଲିଯାତ୍ରା ପଡିଆରେ ଆରମ୍ଭ ହୋଇଛି ବୈଶାଖୀ ବାଣିଜ୍ୟ ମେଳା । ଏହି ବୈଶାଖୀ ମେଳାର ଚତୁର୍ଥ ସନ୍ଧ୍ୟାରେ ଦେଖିବାକୁ ମିଳିଥିଲା ପ୍ରବଳ ଜନଗହଳି । ଏହି ସନ୍ଧ୍ୟାର ଦେଶର ଏକ ନମ୍ବର ବ୍ରାଣ୍ଡ ଭାବେ ପରିଚିତ ଫ୍ରିଡମ୍ ତେଲ ଷ୍ଟଲର ଉଦଘାଟନ ହୋଇଥିଲା । ଏହି ଉତ୍ସବ ଅବସରରେ ଖ୍ୟାତନାମା ସର୍ଜରୀ ବିଶେଷଜ୍ଞ ଡାକ୍ତର ଉମେଶ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଷ୍ଟଲ୍‌କୁ ଉଦ୍‌ଘାଟନ କରିଥିଲେ । ପ୍ରତ୍ୟେକ ମଣିଷ ଦୀର୍ଘଜୀବି ହେବା ପାଇଁ ସନ୍ତୁଳିତ ଆହାର ସାଙ୍ଗକୁ ସୁସ୍ଥ ବାତାବରଣର ଆବଶ୍ୟକତା ରହିଛି ବୋଲି ଡାକ୍ତର ରାୟ ମତବ୍ୟକ୍ତ କରିଥିଲେ। ଜନଗହଳିପୂର୍ଣ୍ଣ ମେଳା ଭିତରେ ଗୃହିଣୀମାନେ ଫ୍ରିଡମ୍ ଷ୍ଟଲରେ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା । ମେଳାରେ ଫ୍ରିଡମ୍ ପକ୍ଷରୁ ପ୍ରତ୍ୟେକ ତେଲ କିଣିଲେ ନିଶ୍ଚିତ ଉପହାର ରହିଥିବା ସାଙ୍ଗକୁ କମ୍ବୋ ଅଫର ଏବଂ କଚିଘନୀ ପାଞ୍ଚ ଲିଟର ସୋରିଷ ତେଲର ପୁନଃ ବ୍ୟବହୃତ ହେଉଥିବା ଜାର ଗୃହିଣୀମାନଙ୍କର ବେଶ୍ ପ୍ରିୟଭାଜନ ହୋଇପାରିଛି ବୋଲି ଫ୍ରିଡମ୍ ତେଲର ଓଡ଼ିଶା ହେଡ୍ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରମୋଦ ଖଲାର, ଅମିତ୍ ମହାନ୍ତି, ପ୍ରକାଶ କୁମାର ପାତ୍ର ଏବଂ ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ଟାଟା ପାୱାର ଉପରେ ଜିଲ୍ଲା ପ୍ରଶାସନର ରହୁନି ଅଙ୍କୁଶ

କଟକ (ସବ୍ୟୁ) : ଟାଟା ପାୱାର ଉପରେ ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ଅଙ୍କୁଶ ରଖିନାହନ୍ତି, ପ୍ରଶାସନର ବଡ ବଡିଆ ମାନଙ୍କ ସେବା ଆଗତୁରା ତତ୍ପରତାର ସହ ସାରି ଦେଉଛନ୍ତି ଟାଟା ପାୱାର ଅଧିକାରୀମାନେ । ମାତ୍ର ସାଧାରଣ ଉପଭୋକ୍ତାଙ୍କୁ ସେବା ପ୍ରଦାନରେ ଅସଫଳ ଓ ଶୋଷଣ କରିଚାଲିଛି ବୋଲି କଟକ ଜିଲ୍ଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ଅଶୋକ ସ୍ୱାଇଁ ଏକ ପ୍ରେସ ମିଟ୍ ଆୟୋଜନ କରି ଜଣାଇଛନ୍ତି । ଆଗୁଆ କୌଣସି ତଥ୍ୟ ପ୍ରଦାନ ନକରି ମନଇଛା ପାୱାର କାଟ କରୁଛି , ଗତ ୧୫ ତାରିଖ ମଧ୍ୟରାତ୍ରି ପାଖାପାଖି ପ୍ରାୟ ୧୨ଟା ଠାରୁ ପରଦିନ ୧୬ ତାରିଖ ଭୋର ୬ଟା ସମୟ ପର୍ଯ୍ୟନ୍ତ କଲ୍ୟାଣୀ ନଗର ଗ୍ରୀଡ ଅନ୍ତର୍ଗତ ମଧୁପାଟଣା,ରାଜେନ୍ଦ୍ର ନଗର, କଲ୍ୟାଣୀ ନଗର, ଅନ୍ଦରପୁର, ଦରଖାପାଟଣା, ଖପୁରିଆ, ନୂଆପଡ଼ା, ଗୋଶାଳା ଓ ଚାଉଳିଆଗଞ୍ଜ ଆଦି ଅଞ୍ଚଳ ସମ୍ପୂର୍ଣ ଭାବେ ପାୱାର କଟ ହେଇ ଯାଇ ଥିଲାଛ ଏବାବଦ ଟାଟା ପାୱାର ଖପୁରିଆ ଇଲେକ୍ଟ୍ରିକ ଅଫିସ ଓ ଜେଇ, ଏବଂ ନିର୍ବାହୀ ଅଧିକାରୀ ଙ୍କୁ ବାରମ୍ବାର ଫୋନ କରିବା ସତ୍ତ୍ୱେ କେହି ମଧ୍ୟ ଫୋନ ଉଠାଇ ନଥିଲେ । ସାରାରାତି ଅସହ୍ୟ ଗରମରେ ଛଟପଟ ହୋଇଥିଲେ ଶିଶୁ, ରୋଗୀ ବୟସ୍କ ଓ ସାଧାରଣ ଜନତା । ଶନିବାର ମଧ୍ୟ ଦିନତମାମ ଅଧିକାଂଶ ଅଞ୍ଚଳ ଲାଇନ୍ ବାରମ୍ବାର କଟିଥିଲା । ଟାଟା ପାୱାର ଅଧିକାରୀ ମାନଙ୍କ ଅତି ଖାମଖିୟାଲି ମନୋଭାବ ଗ୍ରାହକ ଅତ୍ୟଧିକ ମାନଙ୍କୁ ନିର୍ଯ୍ୟାତନା ପ୍ରଦାନ କରୁଅଛି । ଏହାସହ ରାଜପଥରୁ ଉଠୁନି ଅବ୍ୟବହୃତ ୩୩ କେଭି ଟାୱାର, ଓଏମପି ଛକରୁ ଶିଖରପୁର ଆଧା ରାଜପଥ ଅବରୋଧ, ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଓଏମପି ଛକରୁ ଶିଖରପୁର ୩୩ କେଭି ବିଶାଳ ଟାୱାର ମାନଙ୍କୁ ହଟାଇବା ବାବଦ ବାରମ୍ବାର ଅଭିଯୋଗ ଓ ଦାବି କରାଯିବା ସତ୍ତ୍ୱେ ନ ଉଠାଯିବା ଟାଟା ପାୱାର ଅଧିକାରୀମାନଙ୍କ ମନମୁଖୀ କାର୍ଯ୍ୟ ସାଧାରଣ ଲୋକଙ୍କ ଧନ ଜୀବନ ହାନିର କାରଣ ପାଲଟିଛି । ସାଧାରଣ ଜନତାଙ୍କ ପ୍ରଶ୍ନର ଉତ୍ତର ରଖୁନାହାନ୍ତି ଅଧିକାରୀ ଯେ ମୂଲ୍ୟବାନ ପୁରୁଣା ଯନ୍ତ୍ରାଂଶ ସବୁକୁ କିଏ ସବୁ ମିଳି ମିଶି ବିକ୍ରି କରି ଚଳୁ କରିଦେଉଛନ୍ତି, ସାର୍ବଜନୀନ କରୁନାହାନ୍ତି ଏସବୁର । ନିର୍ବାହୀ ଯନ୍ତ୍ରୀଙ୍କୁ ଏ ବାବଦ ଜିଲ୍ଲା କଂଗ୍ରେସ ବାରମ୍ବାର ଅବଗତ ଓ ଅଭିଯୋଗ ପ୍ରଦାନ କରିବା ସତ୍ତ୍ୱେ ମଧ୍ୟ ସେ ଅଭିଯୋଗ ପତ୍ର ସବୁକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ ନକରି ଚାପି ଦେଇଛନ୍ତି ବୋଲି ଜିଲ୍ଲା କଂଗ୍ରେସ ଅଭିଯୋଗ କରୁଛି । ହାଇୱେ ମଝି ଅଂଶରେ ଅଲଗା ଭାବେ ବଙ୍କାଟଙ୍କା ହେଇ ପୋତାଯାଇଛି ୧୧ କେଭି ସର୍ଭିସ ତାର । ଖୁଣ୍ଟି ସଂସ୍ପର୍ଶରେ ଆସୁଥିବା ନିକଟସ୍ଥ କୋଠା ବା ଘରମାନଙ୍କର ଅତି ନିକଟରେ ଜାଲି ପରି ଛନ୍ଦି ରହିଛି ତାର । ଅଧିକାରୀମାନେ ଉପରିସ୍ଥଙ୍କୁ ଦବା ନବା କରି ଏ ଅଞ୍ଚଳକୁ ଦୀର୍ଘ ବର୍ଷ ବର୍ଷ ଧରି ନିଜ କବଜାକୁ ନେଇ ସାଥି ଠିକାଦାରଙ୍କ ଜରିଆରେ ରାଜସ୍ୱ ଲୁଟପାଟ କରୁଥିବା ଅଭିଯୋଗ ପରେ ମଧ୍ୟ ପ୍ରଶାସନର ନିରବତା ଭାଗୀଦାରୀରେ ଭାଗ ବ୍ୟବସ୍ଥାକୁ ସିଧା ସଳଖ ଇଙ୍ଗିତ କରୁଛି । ଏ ଦୁର୍ନୀତିଗ୍ରସ୍ତ ଟାଟା ପାୱାର ଅଧିକାରୀମାନଙ୍କୁ ପ୍ରଶାସନ ତରଫରୁ ତୁରନ୍ତ ବଦଳି କରି ହଟାଇ ଯୋଗ୍ୟ ସଚ୍ଚୋଟ ବ୍ୟକ୍ତି ନିଯୁକ୍ତି ବ୍ୟବସ୍ଥା ପାଇଁ କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ଅଶୋକ ସ୍ୱାଇଁ ଦାବି କରିଛନ୍ତି ।

# ୭୨ ଘଣ୍ଟା ମଧ୍ୟରେ ସବୁ ବ୍ୟାନର ହଟାଯିବ: ବିଡିଓ

ନିରାକାରପୁର,(ସବ୍ୟୁ) : ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ଏବେ ରାଜ୍ୟରେ ରାଜନୀତି ସରଗରମ ହୋଇଛିଛ ଏହି ଅବସରରେ ନିର୍ବାଚନ କୁ କିଭଳି ଭାବେ ସ୍ୱଓ ନିର୍ମଳ କରାଯିବ ସେଥିପାଇଁ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ପ୍ରଶାସନ ତତ୍ପର ହୋଇ ଉଠିଛି। ଟାଙ୍ଗୀ ବ୍ଲକ ପ୍ରଶାସନ ଓ ତହସିଲ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଟାଙ୍ଗୀ ସହରର ବିଭିନ୍ନ ସର୍ବ ସାଧାରଣ ସ୍ଥାନରେ ଲାଗିଥିବା ଦଳୀୟ ପତାକା. ଦଳୀୟ ପୋଷ୍ଟର ଓ ହୋର୍ଡିଙ୍ଗର ଉଚ୍ଛେଦ ଆରମ୍ଭ କରିଛି। ଏହି କାର୍ଯ୍ୟରେ ବ୍ଲକ ଓ ତହସିଲ ପ୍ରଶାସନ କର୍ମଚାରୀମାନେ ନିୟୋଜିତ ରହିଛନ୍ତି।କିନ୍ତୁ ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ସର୍ବସାଧାରଣ ରାସ୍ତାଘାଟ,ବଜାରରେ ଲାଗିଛି ମାଳମାଳ ହୋର୍ଡିଂ, ବ୍ୟାନର ଓ ପୋଷ୍ଟର ଛ ପ୍ରଶାସନର କଟକଣା ଓ ନିର୍ଦ୍ଦେଶ ଥିଲେ ବି ଆଜି କୌଣସି ସରକାରୀ କର୍ମଚାରୀ ଏହି ଅଞ୍ଚଳର ପଞ୍ଚାୟତ କାର୍ଯ୍ୟାଳୟ ସହ କୌଣସି ସରକାରୀ କାର୍ଯ୍ୟାଳୟରୁ ବ୍ୟାନର, ପୋଷ୍ଟର ହଟାଇବା କାର୍ଯ୍ୟକୁ ଆରମ୍ଭ କରିନାହାଁନ୍ତି।ଏ ବିଷୟରେ ବ୍ଲକ ବିଡି ଓ ରେଷ୍ମା ଟେଟେ ଙ୍କୁ ପଚାରିବାରୁ ସେ ଜଣାଇଥିଲେ କି ଆଜିଠାରୁ ଆରମ୍ଭ ହୋଇଛି। ଆସନ୍ତା ୭୨ ଘଣ୍ଟା ମଧ୍ୟରେ ସବୁ ସର୍ବସାଧାରଣ ସ୍ଥାନରୁ ଏ ସବୁକୁ ଉଚ୍ଛେଦ କରାଯିବ।

# ରକ୍ତଦାନ ଶିବିର ଆୟୋଜନ କରି ପାଳିଲେ ଜନ୍ମ ଦିନ



ଭୁବନେଶ୍ୱର (ସବ୍ୟୁ): ରକ୍ତ ଦାନ ଶିବିର ଆୟୋଜନ କରି ନିଆରା ଢଙ୍ଗରେ ପାଳନ କରିଛନ୍ତି ନିଜର ଜନ୍ମ ଦିନ ପ୍ରଭାସିନୀ ଷଡଙ୍ଗୀ , ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ରକ୍ତ ଭଣ୍ଡାର ବିଭାଗ ପରିସରରେ ନିଆରା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା, ୪୬ ନମ୍ବର ୱାର୍ଡ଼ର କରପରେଟର ପୁଷ୍ପା ରାଉତ , ଯଶୋଦା ମା ଫାଉଣ୍ଡେସନ ର ପ୍ରତିଷ୍ଠାତା ନିବେଦିତା ଲେଙ୍କା, ଯୋଗ ଦେଇ ରକ୍ତ ଦାନ ଶିବିର କୁ ଉଦ୍‌ଘାଟନ କରି ପ୍ରଭାସୀନି ଷଡଙ୍ଗୀଙ୍କୁ ଶୁଭେଚ୍ଛା ଜଣାଇ ଦୀର୍ଘ ନିରାମୟ ଜୀବନ କାମନା କରିବା ସହିତ ରକ୍ତ ଦାତା ମାନଙ୍କୁ ଏଭଳି କାର୍ଯ୍ୟକ୍ରମରେ ସହଯୋଗ କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ବିଧାୟକ ଏଥିରେ ବିଭିନ୍ନ ସଂଗଠନ ପକ୍ଷରୁ ରକ୍ତ ଦାନ କରିବା ପାଇଁ ପହଞ୍ଚି ଥିଲେ ସେମାନଙ୍କ ମଧ୍ୟରେ ଓଡିଶା ଡ୍ରାଇଭର ମହାସଂଘ ମହାପରିବାର, ଟ୍ରାଫିକ ଜାମ ଟ୍ରଷ୍ଟ ଓଡିଶା, ଜୟ ହିନ୍ଦ୍ ଫାଉଣ୍ଡେସନ୍, ନବଜୋତି କଲେଜ, ଏଥିରେ ପ୍ରାୟ ୨୫ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ମିଶନ ରକ୍ତ ଦାନ ର ମୁଖ୍ୟ ହରପ୍ରସାଦ ମହାପାତ୍ରଙ୍କ ସମେତ ଗୁରୁ ଆଚାର୍ଯ୍ୟ, ଚନ୍ଦ୍ରକାନ୍ତ, ପ୍ରଜ୍ଞା ଦାସ, ନାରାୟଣ ବେହେରା ,ବିଭୂତିଭୂଷଣ ସାହୁ, ଡାଇରେକ୍ଟର ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ସହଯୋଗରେ କରାଯାଇଥିଲା ।

## ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ

# ବିଧାୟକଙ୍କ ପ୍ରତିନିଧି ହେଲେ ବ୍ୟୋମକେଶ୍

କଟକ, (ସ୍ୱପ୍ର) : ରାଜ୍ୟର ସର୍ବବୃହତ କର୍କଟ ସ୍ୱାସ୍ଥ୍ୟ କେନ୍ଦ୍ର ଭାବେ ପରିଚିତ ଏସ୍‌ସିବିର ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ ନିଜର ପ୍ରତିନିଧି ନିଯୁକ୍ତ କରିଛନ୍ତି । ବିଧାୟକଙ୍କ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ପାଇଁ ସେ ଡ଼ଃ ବ୍ୟୋମକେଶ କାନୁନଗୋଙ୍କୁ ତାଙ୍କ ପ୍ରତିନିଧି ଭାବେ ନିଯୁକ୍ତ କରିଛନ୍ତି। ବିଧାୟକଙ୍କ ଅନୁପସ୍ଥିତିରେ ସେ କର୍କଟ କେନ୍ଦ୍ରରେ ହେଉଥିବା ବିଭିନ୍ନ କାର୍ଯ୍ୟଭାର ତୁଲାଇବେ। ତାଙ୍କ ନିଯୁକ୍ତି ନେଇ ସେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ସୌଭିକ୍ ବିଶ୍ୱାଳ, କର୍ପୋରେଟର ଅରବିନ୍ଦ ଜେନାଙ୍କ ସମେତ ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇବା ସହ କର୍କଟ କେନ୍ଦ୍ରରେ ରୋଗୀ ସେବା ଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିବେ ବୋଲି ନବ ନିଯୁକ୍ତ ପ୍ରତିନିଧି ଡ଼ଃ କାନୁନ୍‌ଗୋ କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ବାଇକ୍ ଟ୍ୟାକ୍ସି ଚାଳକଙ୍କ ଚିଠି

# ହଳଦିଆ ନମ୍ବର ପ୍ଲେଟ୍‌କୁ ସର୍ତ୍ତମୂଳକ ଭାବେ ବଦଳାଯାଉ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରରେ ଧଳା ନମ୍ବର ପ୍ଲେଟ୍ ବାଇକ୍ ଟ୍ୟାକ୍ସିକୁ ପର୍ଯ୍ୟାୟକ୍ରମେ ପରିବର୍ତ୍ତନ କରିବାକୁ ଦାବି କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି ଅଲ୍ ଓଡ଼ିଶା ଅନଲାଇନ୍ ବାଇକ୍ ଆସୋସିଏସନ୍ (ଅଖିଳ ଓଡ଼ିଶା ଅନଲାଇନ୍ ବାଇକ୍ ସଂଘ) । ନିକଟରେ ଭୁବନେଶ୍ୱରରେ ଧଳା ନମ୍ବର ପ୍ଲେଟ୍ ବାଇକ୍ ଟ୍ୟାକ୍ସି ଉପରେ କଟକଣା ଲାଗିବା ପରେ ପ୍ରମୁଖ ବାଇକ୍ ଟ୍ୟାକ୍ସି ଅପରେଟର ଉବର ଓ ଓଲା କେବଳ ହଳଦିଆ ନମ୍ବର ପ୍ଲେଟ୍ ବାଇକ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ସହ ନିଜର କାରବାର ସୀମିତ ରଖିଛନ୍ତି । ଏଗ୍ରିଗେଟରମାନେ ଉଭୟ ଚାଳକ ଓ ଡ୍ରାଇଭରଙ୍କ ସହ ଇମେଲ୍ ଏବଂ ଇନ୍-ଆପ୍ ମେସେଜ୍ ସେୟାର କରି ନିଷ୍ପତ୍ତି ବିଷୟରେ ଅବଗତ କରାଇବା ସହ ଡ୍ରାଇଭରମାନଙ୍କୁ ହଳଦିଆ ନମ୍ବର ପ୍ଲେଟ୍‌ରେ ପରିବର୍ତ୍ତନନ କରି ପୁନର୍ବାର ଫ୍ଲିଟ୍‌ରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି ।

ଚିଠିରେ ବାଇକ୍ ଟ୍ୟାକ୍ସି ଚାଳକମାନେ ଅଭିଯୋଗ କରିଛନ୍ତି ଯେ ହଠାତ୍ ରାଇଡ୍ ହେଲିଂ ଏଗ୍ରିଗେଟର୍ ଉବର୍ ଏବଂ ଓଲା ସେମାନଙ୍କ ପ୍ଲାଟଫର୍ମରେ ଧଳା ନମ୍ବର ପ୍ଲେଟ୍ ବାଇକ୍‌କୁ ଅନୁମତି ଦେବା ବନ୍ଦ କରିବା ନିଷ୍ପତ୍ତି ସେମାନଙ୍କ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ଡ୍ରାଇଭର ସଂଘ ଭୟ କରୁଛି ଯେ ଖାଦ୍ୟ ଡେଲିଭରି ପ୍ଲାଟଫର୍ମ ଜୋମାଟୋ ଏବଂ ସ୍ୱିଗିଙ୍କ ସମାନ ନିଷ୍ପତ୍ତି ଅତ୍ୟନ୍ତ ଅସୁବିଧାର ପରିସ୍ଥିତି ସୃଷ୍ଟି କରିବ ଯେଉଁଠାରେ ସେମାନଙ୍କ ପାଇଁ ବାଣିଜ୍ୟିକ ନମ୍ବର ପ୍ଲେଟ୍ ହାସଲ କରିବା ଏବଂ ପୁନର୍ବାର ଡ୍ରାଇଭିଂ ଆରମ୍ଭ କରିବା କଷ୍ଟକର କରୁଛି ।



ଏହି ସମୟ ମଧ୍ୟରେ ଗାଡ଼ି ସେମାନେ 'ରୋଜଗାର କରିବାକୁ ଏବଂ ସେମାନଙ୍କ ପରିବାରର ଭରଣପୋଷଣ କରିବାକୁ ସମର୍ଥ ହେବେ ନାହିଁ । ଏହି ଚିଠିରେ ପରିବହନ ବିଭାଗର ବ୍ୟାଙ୍କ ଗୁଡ଼ିକ ଠାରୁ ନୋ-ଡ୍ୟୁ ସାର୍ଟିଫିକେଟ୍‌ର ଆବଶ୍ୟକତା ସମ୍ପର୍କରେ ନିଷ୍ପତ୍ତି ଏବଂ ଧଳା ନମ୍ବର ପ୍ଲେଟ୍‌କୁ ହଳଦିଆ ବାଣିଜ୍ୟିକ ନମ୍ବର ପ୍ଲେଟ୍‌ରେ ପରିଣତ କରିବା ପ୍ରକ୍ରିୟାର ଏକ ଅଂଶ ଭାବରେ ସମସ୍ତ ଅଟକି ରହିଥିବା ଟ୍ରାଫିକ୍ ଚାଲାଣକୁ ହଟାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଡ୍ରାଇଭରମାନେ କହୁଛନ୍ତି ଯେ ସେମାନେ 'ସାଧାରଣ ପୃଷ୍ଠଭୂମିରୁ' ଆସିଛନ୍ତି ଏବଂ ନମ୍ବର ପ୍ଲେଟ୍ ପରିବର୍ତ୍ତନ ପାଇଁ ଏହି ସର୍ତ୍ତ ଚଳାଇବାକୁ ଅନୁମତି ଦେବା ସହିତ ଚାଳକମାନେ ସେମାନଙ୍କ ବାଇକକୁ ବାଣଜ୍ୟିକ ଯାନରେ ପରିଣତ କରିବାକୁ ଅନୁମତି ଦେବା ପାଇଁ ଚିଠିରେ ଅନୁରୋଧ କରାଯାଇଛି। ଡ୍ରାଇଭର ସଂଘ ପକ୍ଷରୁ ଗତ ମାସରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ। ସହରରେ ଉବର ଓ ଓଲା ପାଇଁ ଧଳା ନମ୍ବର ପ୍ଲେଟ ବାଇକ୍ ଟ୍ୟାକ୍ସି ଚଳାଚଳ ବନ୍ଦ ରହିଥିବାରୁ ଭୁବନେଶ୍ୱରରେ ଆନୁମାନିକ ୧୦ ହଜାରରୁ ଅଧିକ ବାଇକ ଟ୍ୟାକ୍ସି ଚାଳକଙ୍କ ଭବିଷ୍ୟତ ଜୀବିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଆଇଆଇଟି ଭୁବନେଶ୍ୱର ପକ୍ଷରୁ ବାର୍ଷିକ ସାଂସ୍କୃତିକ ମହୋତ୍ସବ ଆଲମାଫିଏଷ୍ଟା




ଭୁବନେଶ୍ୱର (ସବ୍ୟୁ): ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ବାର୍ଷିକ ସାମାଜିକ ଓ ସାଂସ୍କୃତିକ ମହୋତ୍ସବ ଆଲମାଫିଏଷ୍ଟାର ପଞ୍ଚଦଶ ସଂସ୍କରଣକୁ ୧୫ରୁ ୧୭ ମାର୍ଚ୍ଚ୍ ୨୦୨୪ ପର୍ଯ୍ୟନ୍ତ ମହାସମାରୋହରେ ପାଳନ କରିଛି । ଏହି ବର୍ଷର ସାମସ୍ୟ । ଏହି ତିନିଦିନିଆ କାର୍ଯ୍ୟକ୍ରମକୁ ଓଡିଶାର ବିଶିଷ୍ଟ କଳାକାର ରଘୁନାଥ ସାହୁ ଉଦଘାଟନ କରିଥିଲେ । ଏହି ଅବସରରେ ଭାଷଣ ଦେଇ ରଘୁନାଥ ସାହୁ ଆମଦେଶର ସଂସ୍କୃତିକୁ ଉଭୟ ଶବ୍ଦ ଓ ଆତ୍ମାରେ ବିଶ୍ୱାସ କରିବ । ଏବଂ ଏହାକୁ ନେଇ ବଞ୍ଚିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଆମ ଦେଶର ସଂସ୍କୃତି ଏବଂ ପରମ୍ପରାରମହତ୍ତ୍ୱ ଏବଂ ମାନବ ସମାଜ ପାଇଁ ସେମାନଙ୍କର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ସେ କେବଳ ସାଂସ୍କୃତିକ ଉତ୍ସବ ଆୟୋଜନରେ ସୀମିତ ନରହି ଭାରତର ସଂସ୍କୃତିକୁ ସମ୍ମାନ ଏବଂ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରିଥିଲେ । ପ୍ରଫେସର ରାଜେଶ ରୋଶନ ଦାଶ ଆଲମାଫିଏଷ୍ଟାର ପୃଷ୍ଠଭୂମି ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ଚଳିତ ବର୍ଷର ଉତ୍ସବର ସଫଳତା କାମନା କରିଥିଲେ। ଆଲମାଫିଏଷ୍ଟା ୨୦୨୪ର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ଜି. ସ୍ୱାଗତଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ପରିଚୟ ଦେଇଥିଲେ। ମୁଖ୍ୟସଂଯୋଜକ ତେଜସସିଂରାଜପୁତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଏସପି ମ୍ୟୁଚୁଆଲ ଫଣ୍ଡ ପ୍ରଚଳନ କଲା ଡିଏସପି ଏସଆଣ୍ଡପି ବିଏସଇ ଲିକ୍ୱିଡ ରେଟ ଇଟିଏଫ

ଭୁବନେଶ୍ୱର (ସବ୍ୟୁ): ଡିଏସପି ମ୍ୟୁଚୁଆଲ ଫଣ୍ଡ ଏସଆଣ୍ଡପି ବିଏସଇ ଲିକ୍ୱିଡ ରେଟ ଇଣ୍ଡେକ୍ସକୁ ନକଲ / ପିଛା କରୁଥିବା ଏକ ଓପନ ଏଣ୍ଡେଡ ଫଣ୍ଡ ଡିଏସପି ଏସଆଣ୍ଡପି ବିଏସଇ ଲିକ୍ୱିଡ ରେଟ ଇଟିଏଫ (ଡିଏସପି ବିଏଲଆରଇଟିଏଫ) ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହି ଫଣ୍ଡ କମ ଆପଦରେ ପର୍ଯ୍ୟାପ୍ତ ଲିକ୍ୱିଡିଟି ସୁବିଧା ଥିବା ନିବେଶକଙ୍କ ପାଇଁ ସହଜ ଅର୍ଥ ପରିଚାଳନା ସୁଯୋଗ ଯୋଗାଇ ଦେଉଛି । ଯେଉଁ ନିବେଶକଙ୍କ ନିକଟରେ ମାର୍ଜିନ ଆକାଉଣ୍ଟରେ ଅର୍ଥ ସେହିଭଳି ଅଚଳ ଅବସ୍ଥାରେ ପଡିରହିଛି ଏବଂ କୌଣସି ଆୟ ଦେଉନାହିଁ, ସେମାନଙ୍କ ପାଇଁ ଏହି ସ୍କିମ ଉପଯୁକ୍ତ ହେଉଛି ଏବଂ ବରଂ ଡିଏସପି ବିଏଲଆରଇଟିଏଫରେ ଟଙ୍କା ରଖିବା ଦ୍ୱାରା ତାହା ସେମାନଙ୍କୁ ଅତିରିକ୍ତ ରିଟର୍ଣ୍ଣ ଦେଉଛି। ଏହି ସ୍କିମ ୧ଦିବସୀୟ ପରିପକ୍ୱ ଅବଧିରେ ରାତିକ ପାଇଁ ଉଦ୍ଦିଷ୍ଟ ଇନଷ୍ଟ୍ରୁମେଣ୍ଟରେ ନିବେଶ କରୁଛି। ଡିଏସପି ବିଏଲଆର ଇଟିଏଫ ନିମନ୍ତେ ନିୟୁ ଫଣ୍ଡ ଅଫର ସବସ୍କ୍ରିପସନ ୨୦୨୪ ମାର୍ଚ୍ଚ ୧୫ରେ ଉନ୍ମୁକ୍ତ ହୋଇଛି ଏବଂ ଏହା ୨୦୨୪ ମାର୍ଚ୍ଚ ୨୦ରେ ଶେଷ ହେବ ।

## ପ୍ରାର୍ଥୀଙ୍କ ଅପରାଧ ରେକର୍ଡ କହିବ ମୋବାଇଲ ଆପ

**ନୂଆଦିଲ୍ଲୀ:** ନିର୍ବାଚନ ଆୟୋଗ (ଇସି) ଶନିବାର ଦେଶର ପରବର୍ତ୍ତୀ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି । ଘୋଷିତ ତାରିଖ ଅନୁଯାୟୀ ଏପ୍ରିଲ ୧୯ରୁ ସାତୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ ଏବଂ ଫଳାଫଳ ଜୁନ୍ ୪ରେ ଘୋଷଣା କରାଯିବ । ଏହା ବିଶ୍ୱର ସର୍ବବୃହତ ନିର୍ବାଚନ ପ୍ରକ୍ରିୟା ହେବ । ଏହି ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରମାଗତ ତୃତୀୟ ଥର କ୍ଷମତାକୁ ଆସିବାକୁ ଚେଷ୍ଟା କରୁଥିବାବେଳେ ବିରୋଧୀ ଦଳ ତାଙ୍କ ବିଜୟକୁ ରୋକିବା ପାଇଁ ଚେଷ୍ଟା କରିବେ । ଶନିବାର ନିର୍ବାଚନ କାର୍ଯ୍ୟକ୍ରମ ଘୋଷଣା କରି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି ଯେ ୪୪ ଦିନରେ ୧୦.୫ ଲକ୍ଷ ମତଦାନ କେନ୍ଦ୍ରରେ ଭୋଟ୍ ଦେଇ ୯୭ କୋଟିରୁ ଅଧିକ ଭୋଟର ଗଣତନ୍ତ୍ରର ଏହି ମହୋତ୍ସବରେ ଭାଗ ନେଇପାରିବେ । ଏଥିମଧ୍ୟରେ ୪୯.୭ କୋଟି ପୁରୁଷ, ୪୭.୧ କୋଟି ମହିଳା ଏବଂ ୪୮ ହଜାର ଟ୍ରାନ୍ସଜେଣ୍ଡର ଭୋଟର ଅନ୍ତର୍ଭୁକ୍ତ । କୁମାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ନିର୍ବାଚନ ଆୟୋଗ ଏକ ମୋବାଇଲ୍ ଆବେଦନ ଆରମ୍ଭ କରିଛନ୍ତି । ଯାହା ମାଧ୍ୟମରେ ଭୋଟରମାନେ ନିଜ ନିର୍ବାଚନମଣ୍ଡଳୀର ନିର୍ବାଚନ ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ରେକର୍ଡ ଦେଖିପାରିବେ । ନୋ ୟୋର କ୍ୟାଣ୍ଡିଡେଟ ନାମକ ଏହି ଆପ୍ ମାଧ୍ୟମରେ ତୁମେ ସହଜରେ ଜାଣିପାରିବ ଯେ ନିର୍ବାଚନ ପ୍ରାର୍ଥୀଙ୍କ କୌଣସି ଅପରାଧିକ ଇତିହାସ ଅଛି କି ନାହିଁ । ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ଡାଉନଲୋଡ୍ ପାଇଁ ଏହି ଆବେଦନ ଉପଲବ୍ଧ କରାଯାଇଛି ବୋଲି



ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି । ସେ କହିଛନ୍ତି, ଆମେ ଏକ ନୂତନ ମୋବାଇଲ୍ ଆପ୍ଲିକେସନ୍ ଆଣିଛୁ ଯାହା ଭୋଟରଙ୍କୁ ସେମାନଙ୍କ ନିର୍ବାଚନମଣ୍ଡଳୀରେ ନିର୍ବାଚନ ପ୍ରାର୍ଥୀଙ୍କ ଅପରାଧିକ ପୃଷ୍ଠଭୂମି ଅଛି କି ନାହିଁ ତାହା ଜାଣିବାରେ ସକ୍ଷମ ହେବ । ଏହି ଆବେଦନ 'ତୁମର ପ୍ରାର୍ଥୀ ଜାଣ' କିମ୍ବା 'କେୱାଇସି'ଭାବରେ ଜଣାଶୁଣା ହେବ । ସିଇସି କହିଛନ୍ତି ଯେ ଭୋଟରମାନେ ସେମାନଙ୍କ ନିର୍ବାଚନମଣ୍ଡଳୀରେ ଥିବା ପ୍ରାର୍ଥୀଙ୍କ ତଥା ସେମାନଙ୍କ ସମ୍ପତ୍ତି ଏବଂ ଦାୟିତ୍ୱ ବିଷୟରେ ଅପରାଧିକ ରେକର୍ଡ ବିଷୟରେ ଜାଣିବାର ଅଧିକାର ରହିଛି । ଏଠାରେ କହି ରଖୁ ଯେ ୧୯ ଏପ୍ରିଲରୁ ନିର୍ବାଚନ ଆରମ୍ଭ ହେବ ଏବଂ ଏହା ପରେ ୨୬ ଏପ୍ରିଲ, ୭ ମଇ, ୧୩ ମଇ, ୨୦ ମଇ, ୨୫ ମଇ ଏବଂ ୧ ଜୁନରେ ଭୋଟ୍ ଅନୁଷ୍ଠିତ ହେବ ।

## ସରକାରଙ୍କ ଇସାରାରେ କାମ କରୁଛି ନିର୍ବାଚନ ଆୟୋଗ

**ମୁମ୍ବାଇ:** 'ସରକାରଙ୍କ ଇସାରାରେ କାମ କରୁଛି ନିର୍ବାଚନ ଆୟୋଗ । ଏଭଳି କିଛି ବୟାନ ଦେଇଛନ୍ତି ରାଜ୍ୟସଭା ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା କପିଲ ସିବଲ । ନିର୍ବାଚନ ବଣ୍ଡ ପ୍ରସଙ୍ଗରେ ସେ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ବର୍ଷିଛନ୍ତି । କେବଳ ସେତିକି ନୁହେଁ ଦେଶରେ ୭ଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି ।

ସେ କହିଛନ୍ତି ଯେ ନିର୍ବାଚନ ବଣ୍ଡ ନାମରେ ଏକ ବଡ ଦୁର୍ନୀତି ହୋଇଛି । ଏଥିରୁ ବିଜେପି ସିଧାସଳଖ ଲାଭ କରିଛି । ଏହି ଦୁର୍ନୀତି ବିଷୟରେ ଏବେ ଆରଏସଏସ ଏବଂ ବିଜେପି କ'ଣ କହିବେ? ସେମାନେ ଏହାର ଉତ୍ତର ଦେବା ଉଚିତ ଇଡି କେବଳ ବିରୋଧୀ ଦଳର ନେତାଙ୍କ ଉପରେ ଆକ୍ରମଣ କରୁଛି । ଅରବିନ୍ଦ କେଜରିୱାଲଙ୍କୁ ଶୀଘ୍ର ଗିରଫ କରାଯିବ । ନିର୍ବାଚନ ଆୟୋଗ ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରନ୍ତି । ସାତଟି




ପର୍ଯ୍ୟାୟରେ ନିର୍ବାଚନ କରି ଆୟୋଗ ଏହା ପ୍ରମାଣ କରିବାକୁ ଚାହୁଁଛନ୍ତି ।

ଏହାପୂର୍ବରୁ ନିର୍ବାଚନ ବଣ୍ଡ ବିଷୟରେ ସୂଚନା ସାର୍ବଜନୀନ ହେବା ପରେ ସିବଲ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରିଥିଲେ । ନିର୍ବାଚନ ବଣ୍ଡର ସବିଶେଷ ତଥ୍ୟ ଦର୍ଶାଉଛି ଯେ କେଉଁଠି ନା କେଉଁଠି ଲାଭ ବଦଳରେ ଲାଭ ନେବା କାମ କରାଯାଇଛି ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ କଟାକ୍ଷ କରି ସେ କହିଥିଲେ ଯେ, 'ପୂର୍ବରୁ କେହି ଜଣେ କହିଥିଲେ ଯେ, ମୁଁ ଖାଇବି ନାହିଁ କିମ୍ବା କାହାକୁ ଖାଇବାକୁ ଦେବି ନାହିଁ । ୨୦୧୪ ପୂର୍ବରୁ ଦୁର୍ନୀତି ଶେଷ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରଧାନମନ୍ତ୍ରୀ ମୋଦି ଏହା କହିଥିଲେ ।

କହିରଖୁ ଯେ, ମାର୍ଚ୍ଚ ୧୪ ରେ ନିର୍ବାଚନ ଆୟୋଗ ନିର୍ବାଚନ ବଣ୍ଡର ବିବରଣୀ ସାର୍ବଜନୀନ କରିଥିଲେ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ମାର୍ଚ୍ଚ ୧୨ରେ ନିର୍ବାଚନ ଆୟୋଗଙ୍କୁ ବଣ୍ଡର ବିବରଣୀ ପ୍ରଦାନ କରିଥିଲା ଯାହା ପରେ ଏହା ସାର୍ବଜନୀନ କରାଯାଇଥିଲା । ଏହା ସାମ୍ନାକୁ ଆସିବା ମାତ୍ରେ ବିରୋଧୀ ଦଳ ବୟାନବାଜୀ ଆରମ୍ଭ କରିଦେଇଛନ୍ତି ।

## ପୁଣି ଅରବିନ୍ଦ କେଜରିୱାଲଙ୍କୁ ଇଡି ସମନ



**ନୂଆଦିଲ୍ଲୀ:** କେଜରିୱାଲଙ୍କୁ ପୁଣି ସମନ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ପୁଣି ଥରେ ସମନ ପଠାଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଇଡି । ଏହା କେଜରିୱାଲଙ୍କୁ ନବମ ସମନ ହୋଇଥିବା ବେଳେ ଏଥିରେ ତାଙ୍କୁ ମାର୍ଚ୍ଚ ୨୧ରେ ହାଜର ହେବାକୁ କୁହାଯାଇଛି । ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଏହି ନୋଟିସ୍ ପଠାଯାଇଛି ।

ଶନିବାର ଦିଲ୍ଲୀ କୋର୍ଟ ଇଡିର ଅଭିଯୋଗ ଉପରେ କେଜରିୱାଲଙ୍କୁ ଜାମିନ ପ୍ରଦାନ କରିଥିଲେ । ପୂର୍ବରୁ ବାରମ୍ବାର ସମନ ପଠାଇଥିଲେ ବି ଇଡି ପାଖରେ ହାଜର ହୋଇନାହାନ୍ତି କେଜରିୱାଲ । ଇଡିର ନୋଟିସ୍ ବେଆଇନ୍ ବୋଲି ଆପ୍ କହିଆସିଛି । କେନ୍ଦ୍ରର ମୋଦି ସରକାର ହଇରାଣ କରିବାକୁ ଇଡିକୁ ହାତବାରିସି କରିଛି ବୋଲି ଆପ୍ ଅଭିଯୋଗ କରିଆସିଛି । ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଆପ୍ ଛନ୍ଦିହୋଇପଡିଛି ଛ ଆପର ବରିଷ୍ଠ ନେତା ମନୀଷ ସିସୋଦିଆ ଜେଲ୍ ଯାଇସାରିଛନ୍ତି । ଏହାସହ ଦଳର ଅନ୍ୟ କିଛି ନେତା ଓ ମନ୍ତ୍ରୀ ମଧ୍ୟ ଗିରଫ ହୋଇସାରିଛନ୍ତି ।

## ନୀତିଶଙ୍କୁ ୧୬ଟି ଲୋକସଭା ଆସନ ଛାଡିଲା ବିଜେପି

**ନୂଆଦିଲ୍ଲୀ:** ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ଭାରତୀୟ ରାଜନୀତିରେ ଏକ ନିଆରା ଚେହେରା । କେତେବେଳେ କାହା ସାଂଗରେ ମେଣ୍ଟ କରୁଛନ୍ତି ତାହା କେବଳ ତାଙ୍କୁ ହିଁ ଜଣା । ଗତ ବିହାର ବିଧାନସଭା ନିର୍ବାଚନ ଫଳାଫଳ ମୁତାବକ ନୀତିଶ କୁମାରଙ୍କ ଜେଡିୟୁ ବିହାରର ୩ ନମ୍ବର ପାର୍ଟି । କାରଣ ଏଠାରେ ବିଜେପିର ୭୯ ବିଧାୟକ ତ ଆରଜେଡିର ୭୮ ବିଧାୟକ ହେଲେ ନୀତିଶଙ୍କ ଜେଡିୟୁ ପାଖରେ ମାତ୍ର ୪୫ ଜଣ ବିଧାୟକ ରହିଛନ୍ତି । ହେଲେ ଏବେ ନୀତିଶ କୁମାର ଆରଜେଡି ମେଣ୍ଟରୁ ବାହାରି ଆସି ପୁଣି ବିଜେପି ସହିତ ମେଣ୍ଟ କରି ସରକାର ଗଠନ କରିଛନ୍ତି । ସବୁଠାରୁ ବଡ କଥା କି ନୀତିଶ କୁମାର ପ୍ରଥମେ ବିଜେପି ସହ ମିଳିତ ଭାବେ ସରକାର ଗଠନ



କରିଥିଲେ ଓ ବିଜେପିର ୭୯ ବିଧାୟକ ଥିବା ବେଳେ ନୀତିଶ ମୁଖ୍ୟମନ୍ତ୍ରୀ ହୋଇଥିଲେ । ପୁଣି ଆରଜେଡି ସହ ମେଣ୍ଟ କରି ସରକାର ଗଠନ କଲେ । ହେଲେ ଆରଜେଡିର ୭୮ ବିଧାୟକ ଥିବା ବେଳେ ୪୫ ବିଧାୟକଙ୍କୁ ନେଇ ପୁଣି ନୀତିଶ କୁମାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏବେ ପୁଣିଥରେ ନୀତିଶ ବିଜେପି ମେଣ୍ଟରେ ମୁଖ୍ୟମନ୍ତ୍ରୀ ଅଛନ୍ତି ।

କଥା ହେଉଛି ସେ ଆରଜେଡି ହେଉ କି ବିଜେପି ନୀତିଶଙ୍କ ଜେଡିୟୁ ଠାରୁ ଏମାନଙ୍କ ପାଖରେ ଦୁଇଗୁଣା ବିଧାୟକ ଥିଲେ ବି ନୀତିଶ ମୁଖ୍ୟମନ୍ତ୍ରୀ ପଦ ନେଉଛନ୍ତି । ଏସବୁ ଭିତରେ ଆସିଛି ଲୋକସଭା ନିର୍ବାଚନ । ଏଥର ବି ନୀତିଶ କୁମାର ବିଜେପି ଉପରେ ଭାରି ପଡିଛନ୍ତି । ବିହାରର ମୋଟ ୪୦ ଲୋକସଭା ଆସନ ମଧ୍ୟରୁ ବିଜେପି ଜେଡିୟୁକୁ ୧୬ ଟି ଆସନ ଛାଡିଛି । କଥା ଉଠୁଛି କି ୭୯ ବିଧାୟକ ଥିବା ବିଜେପି ୧୯ ଆସନରେ ପ୍ରାର୍ଥୀ ଦେଉଥିବା ବେଳେ ୪୫ ବିଧାୟକ ଥିବା ଜେଡିୟୁକୁ କିଭଳି ୧୬ଟି ଆସନ ଛାଡିଛି । ଏହା ଚାପରେ ନା ଜେଡିୟୁ ଭଲ ପ୍ରଦର୍ଶନ କରିବ ବୋଲି ବିଜେପି ଆଶା କରୁଛି ।

ବିହାରରେ ଏନଡିଏ ମେଣ୍ଟର ଆସନ ବୁଝାମଣା ଫାଇନାଲ ହୋଇନାହିଁ । ଏନଡିଏ ଜିତନରାମ ମାଞ୍ଝୀ, ପଶୁପତି ପାରସ, ଉପେନ୍ଦ୍ର କୁଶୱାହାଙ୍କ ପାର୍ଟିକୁ କେତେ ଆସନ ଛାଡିବ ତାହା ସ୍ପଷ୍ଟ ହୋଇନାହିଁ । ହେଲେ ନୀତିଶ କୁମାରଙ୍କ ପାର୍ଟି ଜେଡିୟୁ ୧୬ ଟି ଆସନରେ ଲଢିବ ବୋଲି ନିଷ୍ପତ୍ତି ହୋଇଛି । ଅନୁମାନ କରାଯାଉଛି କି ବିହାରରେ ବିଜେପି ୧୯ ଟି ଆସନ, ଜେଡିୟୁ ୧୬ଟି ଆସନ, ଲୋକ ଜନଶକ୍ତି ପାର୍ଟି ୫ଟି ଆସନ, ହମ୍ ଗୋଟିଏ ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ଗୋଟିଏ ଆସନରେ ନିର୍ବାଚନ ଲଢିପାରନ୍ତି ।

## ହ୍ୱାଟ୍ସଆପରେ ମୋଦିଙ୍କ ମେସେଜକୁ ନେଇ ବିବାଦ

**ନୂଆଦିଲ୍ଲୀ:** ନିର୍ବାଚନ ବେଳେ ମୋବାଇଲ ହ୍ୱାଟସଆପକୁ ଆସୁଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମେସେଜ । ଯେଉଁଥିରେ 'ବିକଶିତ ଭାରତ ସମ୍ପର୍କ'ର ଏକ




ହ୍ୱାଟ୍ସଆପ୍ ମେସେଜ୍ ବିବାଦ ସୃଷ୍ଟି କରିଛି । ଜନସାଧାରଣଙ୍କ ମତାମତ ଓ ପରାମର୍ଶ ଲୋଡ଼ିଥିବା ଏହି ବାର୍ତ୍ତାକୁ ରାଜନୈତିକ ଉଦ୍ଦେଶ୍ୟରେ ସରକାରୀ ଡାଟାବେସ୍ ଏବଂ ମେସେଜିଂ ପ୍ଲାଟଫର୍ମକୁ ବ୍ୟବହାର କରୁଥିବା ଅଭିଯୋଗରେ ବିରୋଧୀମାନେ ଏହାକୁ ସମାଲୋଚନା କରିଛନ୍ତି ।

କେରଳ କଂଗ୍ରେସ ୟୁନିଟ୍ ଭେରିଫାଏଡ୍ ବିଜନେସ୍ ଆକାଉଣ୍ଟ 'ବିକଶିତ ଭାରତ ସମ୍ପର୍କ'ର ଏକ ସ୍ୱୟଂଚାଳିତ ବାର୍ତ୍ତାକୁ ଦର୍ଶାଇ ସୋସିଆଲ ମିଡିଆରେ ନିଜର ଚିନ୍ତା ପ୍ରକଟ କରିଛି । ଦଳ ଦାବି କରିଛି ଯେ ସଂପୃକ୍ତ ପିଡିଏଫ ସମ୍ପୂର୍ଣ୍ଣ ରାଜନୈତିକ ପ୍ରଚାର । କିନ୍ତୁ ମତାମତ ଆଳ ଦେଖାଯାଉଛି । କେରଳ କଂଗ୍ରେସ ମଧ୍ୟ ସରକାର ଏବଂ ରାଜନୈତିକ ସଂସ୍ଥାମାନଙ୍କ ଦ୍ୱାରା ଏହାର ବିଜନେସ୍ ପ୍ଲାଟଫର୍ମର ବ୍ୟବହାର ଉପରେ ହ୍ୱାଟ୍ସଆପର ନୀତି ପ୍ରତି ଦୃଷ୍ଟି ଆକର୍ଷଣ କରିଛି । ରାଜନୈତିକ ଦଳ, ରାଜନେତା, ପ୍ରାର୍ଥୀ ଏବଂ ପ୍ରଚାର ପାଇଁ ମେସେଜିଂ ଆପ୍ ବ୍ୟବହାରକୁ ଏହି ନୀତିରେ ନିଷେଧ କରାଯାଇଛି । ଯଦି ଏଭଳି ନୀତି ରହିଛି ତେବେ ଏହି ପ୍ଲାଟଫର୍ମ କିପରି ଜଣେ ରାଜନୈତିକ ନେତାଙ୍କୁ ସେମାନଙ୍କ ଏଜେଣ୍ଡା ପ୍ରଚାର କରିବାକୁ ଅନୁମତି ଦେବ ବୋଲି ଦଳ ପ୍ରଶ୍ନ କରିଛି ।

## ଜେଲ୍ ଗଲେ ଏଲଭିଶ ଯାଦବ

**ନୂଆଦିଲ୍ଲୀ:** ଜେଲ୍ ଗଲେ ବିଗ୍ ବସ୍ ଓଟିଟି ବିଜେତା ତଥା ଫେମସ ୟୁଟ୍ୟୁବର ଏଲଭିଶ ଯାଦବ । ସାପ ବିଷ ଚାଲାଣ ମାମଲାରେ ଗିରଫ ହୋଇଥିବା ଏଲଭିଶଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି କୋର୍ଟ ।



ଆଜି ନୋଏଡା ପୁଲିସ ରେଭ୍ ପାର୍ଟିରେ ସାପ ବିଷ ସପ୍ଲାଏ ମାମଲାରେ ଏଲଭିଶ ଯାଦବଙ୍କୁ ଗିରଫ କରିଥିଲା । ଏହି ମାମଲାରେ ପ୍ରଥମେ ତାଙ୍କୁ ପଚରାଉଚରା ପାଇଁ ଡକାଯାଇଥିଲା । ଏହାପରେ ତାଙ୍କ ବିରୋଧରେ ପ୍ରର୍ଯ୍ୟାପ୍ତ ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରି ସୁରଜପୁର କୋର୍ଟରେ ହାଜର କରାଯାଇଥିଲା । ଏଠାରେ କୋର୍ଟ ଏଲଭିଶଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି ।

ଏହି ୟୁଟ୍ୟୁବରଙ୍କ ଗିରଫଦାରୀ ପରେ ତାଙ୍କର ଏକ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି । ଯେଉଁଥିରେ ସେ ପୁଲିସ ଟିମ୍ ସହ ହସୁଥିବା ନଜର ଆସିଛନ୍ତି । ଏଲଭିଶ ଯାଦବଙ୍କ ଆଗକୁ ଅଡୁଆ ବିପାରେ ବୋଲି କୁହାଯାଉଛି । ଏନଡିପିସି ଆକ୍ଟ ଅଧିନରେ ତାଙ୍କୁ ୧୦ ବର୍ଷ ଯାଏଁ ଜେଲ୍ ହୋଇପାରେ ।

ଗତ ବର୍ଷ ସାପ ବିଷ ମାମଲାର ଖୁଲାସା ପରେ ନୋଏଡା ପୁଲିସ ୟୁଟ୍ୟୁବର୍ ଏଲଭିଶ ଯାଦବଙ୍କ ସମେତ ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା । ଏଥିମଧ୍ୟରୁ ୫ ଜଣଙ୍କୁ ଗିରଫ କରାଯାଇଥିଲା । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ରାହୁଲ, ଟିଟୁନାଥ, ଜୟ କରଣ, ନାରାୟଣ ଏବଂ ରବିନାଥ । ବିଜେପି ନେତା ମନେକା ଗାନ୍ଧୀଙ୍କ ପଶୁ କଲ୍ୟାଣ ସଂଗଠନ 'ପିଏଫ'ର ଉଦ୍ୟମରେ ଏହି ପାଞ୍ଚଜଣଙ୍କୁ ଗିରଫ କରାଯାଇଥିଲା । ଏହା ପରେ ରାହୁଲ ଏଲଭିଶଙ୍କ କାରନାମା ବିଷୟରେ ପ୍ରକାଶ କରିଥିଲେ । ସେତେବେଳେ ପୁଲିସ ୟୁଟ୍ୟୁବରକୁ ଅନେକ ଥର ପଚରାଉଚରା ପାଇଁ ଡାକିଥିଲା, କିନ୍ତୁ କୌଣସି ଗିରଫଦାରୀ ହୋଇପାରି ନଥିଲା । ଏଲଭିଶ ଯାଦବ ରେଭ୍ ପାର୍ଟି ପାଇଁ ସାପର ବିଷ ସପ୍ଲାଏ କରୁଥିଲେ ଏବଂ ତାଙ୍କ ଭିଡିଓ ସୁଟ୍ ପାଇଁ ସାପ ମଧ୍ୟ ବ୍ୟବହାର କରୁଥିବା ଅଭିଯୋଗ ରହିଛି ।

## ମହାଦେବ ବେଟିଂ ଆପ୍
## ଭୂପେଶ ବାଘେଲଙ୍କ ନାଁରେ ଏତଲା

**ରାୟପୁର:** ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ନାଁରେ ଏତଲା । ମହାଦେବ ବେଟିଂ ଆପ୍ ମାମଲାରେ ବାଘେଲଙ୍କ ସମେତ ଏହି ଆପ୍ ପ୍ରମୋଟରଙ୍କ ବିରୋଧରେ ମାମଲା ରୁଜୁ କରିଛି ପୁଲିସ । ଟାଇମ୍ସ ନାଓ ରିପୋର୍ଟ ଅନୁଯାୟୀ, ସେମାନଙ୍କ ବିରୋଧରେ ଠକେଇ ଅଭିଯୋଗ ହୋଇଛି ।

ଏହାପୂର୍ବରୁ ମାର୍ଚ୍ଚ ୮ରେ ମହାଦେବ ଆପ ସହ ଲିଙ୍କ୍ ଥିବା ଅର୍ଥ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦୁଇ ଜଣଙ୍କୁ ଗିରଫ କରିଥିଲା, ଯେଉଁଥିରେ ଛତିଶଗଡର ବିଭିନ୍ନ ଉଚ୍ଚ ପଦାଧିକାରୀ ତଥା ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି ।

ଗିରିଶ ତାଲରେଜା ଏବଂ ସୁରଜ ଚୋଖାନୀଙ୍କୁ ଇଡି ମାର୍ଚ୍ଚ ୨ ଏବଂ ମାର୍ଚ୍ଚ ୩ରେ ଗିରଫ କରିଥିଲା । ଇଡି ସେମାନଙ୍କୁ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ହେପାଜତକୁ ନେଇ ପଚରାଉଚରା କରୁଛି ।

ଗତ ବୁଧବାର ମହାଦେବ ବେଟିଂ ଆପ୍ ମାମଲାର ତଦନ୍ତ ସମୟରେ ଇଡି କହିଥିଲା ଯେ, ଷ୍ଟକ୍ ମାର୍କେଟରେ ପ୍ରାୟ ୧,୧୦୦ କୋଟି ବିନିଯୋଗ ପାଇଁ ଅନେକ ଡମି ଆକାଉଣ୍ଟ ଏବଂ ନକଲି ବ୍ୟାଙ୍କ ସଂସ୍ଥା ବ୍ୟବହାର କରାଯାଉଛି । ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ, ଏହି ସବୁ ଆକାଉଣ୍ଟକୁ ଅଚଳ କରିଦିଆଯିବ । ବିଧାନସଭା ନିର୍ବାଚନ ପୂର୍ବରୁ ଭୂପେଶ ବାଘେଲ ମହାଦେବ ବେଟିଂ ଆପ୍ରୁ ୫୦୮ କୋଟି ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା । ଇଡି ଗିରଫ କରିଥିବା ଜଣେ କୋରିୟର ବାଘେଲଙ୍କ ନାମରେ ଅଭିଯୋଗ ଆଣିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେ ତାଙ୍କ କଥା ବଦଳାଇ ଦେଇଥିଲେ । ବର୍ତ୍ତମାନ ପୁନର୍ବାର ଭୂପେଶ ବାଘେଲଙ୍କ ନାମରେ ଅଭିଯୋଗ ଆସିଛି ।

## ରେବନ୍ତଙ୍କ ହାତ ଧରିଲେ ୩ ସାଂସଦ

**ଚେନ୍ନାଇ:** ଲୋକସଭା ନିର୍ବାଚନ ପୂର୍ବରୁ ଦଳ ଡିଆଁ ରାଜନୀତି । ଆରମ୍ଭ ହୋଇଗଲାଣି ନେତାଙ୍କ ଇସ୍ତଫା । ଗୋଟିଏ ଦଳ ଛାଡି ଅନ୍ୟ ଦଳରେ ମିଶିଲେଣି । ତେଲେଙ୍ଗାନାରେ ମଧ୍ୟ ଏଭଳି କିଛି ମାମଲା ସାମ୍ନାକୁ ଆସିଛି । ଲୋକସଭା ନିର୍ବାଚନ ପୂର୍ବରୁ କେସିଆର୍(କେ. ଚନ୍ଦ୍ରଶେଖର ରାଓ)ଙ୍କ ଦଳ ବିଆର୍ଏସ୍କୁ ଲାଗିଛି ବଡ ଝଟକା । ବିଆର୍ଏସ୍ ସାଂସଦ ରଞ୍ଜିତ ରେଡ୍ଡୀ ଦଳରୁ ଇସ୍ତଫା ଦେଇଛନ୍ତି ।



ସେ ବିଆର୍ଏସ୍ ଛାଡିବା ପରେ କଂଗ୍ରେସର କାନି ଧରିଛନ୍ତି । ସେ ବିଧିବଦ୍ଧ ଭାବେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓ ଏଆଇସିସି ପ୍ରଭାରୀ ଦାୟିତ୍ୱରେ ଥିବା ଦୀପଦାସ ମୁନ୍ସିଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଛନ୍ତି । ସୂଚନାନୁସାରେ ରଞ୍ଜିତ ରେଡ୍ଡୀ ଚେଭେଲା ଲୋକସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ।

ଦ୍ଧଗରୁ ଇସ୍ତଫା ଦେବା ପରେ ସେ କହିଛନ୍ତି ଯେ ମୁଁ ମୋର ସମସ୍ତ ସମର୍ଥକ ଏବଂ ଲୋକଙ୍କୁ ଜଣାଇବାକୁ ଚାହୁଁଛି ଯେ ମୁଁ ମୋର ଆନୁଷ୍ଠାନିକ ଇସ୍ତଫା ପତ୍ର ଦ୍ଧଗରେ ଦାଖଲ କରିଛି । ମୁଁ ବିଆରଏସ ଦଳକୁ କୃତଜ୍ଞତା ଜଣାଉଛି ଯେ ଦଳ ମୋତେ ଚେଭେଲା ସଂସଦ ନିର୍ବାଚନମଣ୍ଡଳୀରେ ସେବା କରିବାର ସୁଯୋଗ ଦେଇଛି । ଆଉ ଏ ଅଞ୍ଚଳର ଲୋକମାନେ ମଧ୍ୟ ମୋତେ ସମର୍ଥନ କରିଛନ୍ତି । ରାଜନୈତିକ ପରିସ୍ଥିତି ହେତୁ ମୁଁ ମୋର ଇସ୍ତଫା ଦାଖଲ କରିବାକୁ ଏଭଳି କଷ୍ଟଦାୟକ ନିଷ୍ପତ୍ତି ନେଇଛି ବୋଲି କହିଛନ୍ତି ରଞ୍ଜିତ । ରାଜନୈତିକ ପରିସ୍ଥିତି ଯୋଗୁ ସେ ଦଳରୁ ଇସ୍ତଫା ଦେଇଥିବା କହିଛନ୍ତି ।

### ଋଷ ନିର୍ବାଚନ ସମୟରେ ୟୁକ୍ରେନ ଆକ୍ରମଣ

## ସୀମାନ୍ତରେ ଗୁଳି ମାଡ଼, ବିଶୋଧନାଗାରରେ ଅଗ୍ନିକାଣ୍ଡ

**ନୂଆଦିଲ୍ଲୀ:** ଋଷରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ ଶନିବାର ଦ୍ୱିତୀୟ ଦିନ ଜାରି ରହିଥିବାବେଳେ ରବିବାର ଭୋଟିଂ ପାଇଁ ଶେଷ ଦିନ ରହିଛି । ଦୁଇ ଦିନ ମଧ୍ୟରେ ବହୁ ସଂଖ୍ୟକ ଲୋକ ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି । ଏହି ନିର୍ବାଚନରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରମୁଖ ପ୍ରାର୍ଥୀ ଅଟନ୍ତି ଏବଂ ପଞ୍ଚମ ଥର ଛଅ ବର୍ଷ କାର୍ଯ୍ୟକାଳ ପାଇଁ ପୁନଃ-ନିର୍ବାଚିତ ହେବେ ବୋଲି ଆଶା କରାଯାଉଛି । ଯଦିଓ ସ୍ୱର୍ଗତ ବିରୋଧୀଦଳର ନେତା ଆଲେକ୍ସି ନାଭଲନିଙ୍କ ସମର୍ଥକମାନେ ପୁଟିନଙ୍କୁ ବିରୋଧ କରୁଛନ୍ତି କିନ୍ତୁ ସେମାନଙ୍କ ବିରୋଧ ଦୁର୍ବଳ ଏବଂ ନେତୃତ୍ୱହୀନ ରହିଛି ।



ତେଣୁ ପୁଟିନଙ୍କ ପୁନଃନିର୍ବାଚନରେ ଏହାର ଅଧିକ ପ୍ରଭାବ ପଡ଼ିବ ନାହିଁ ବୋଲି କୁହାଯାଉଛି । ଏହି ନିର୍ବାଚନରେ ୭୧ ବର୍ଷିୟ ପୁଟିନ ତିନିଜଣ ପ୍ରାର୍ଥୀଙ୍କ ସାମ୍ନା କରୁଛନ୍ତି କିନ୍ତୁ ସେମାନେ ଜୀବନ ଭୟରେ ରାଷ୍ଟ୍ରପତିଙ୍କ କଡ଼ା ସମାଲୋଚନାରୁ ଦୂରେଇ ରହୁଥିବା ଜଣାପଡିଛି ।

## ଗୁଜରାଟ ବିଶ୍ୱବିଦ୍ୟାଳୟରେ ଅଭାବନୀୟ ଘଟଣା : ବିଦେଶୀ ଛାତ୍ରଙ୍କ ଉପରେ ଆକ୍ରମଣ

**ଅହମ୍ମଦାବାଦ:** ଗୁଜରାଟ ବିଶ୍ୱବିଦ୍ୟାଳୟରେ ବିଦେଶୀ ଛାତ୍ରଙ୍କୁ ଆକ୍ରମଣ ଘଟଣା ସାମ୍ନାକୁ ଆସିଛି । ଏହି ଛାତ୍ରମାନେ ଅଭିଯୋଗ କରିଛନ୍ତି କି ରାତିରେ କିଛି ଗେରୁଆ ପୋଷାକ ପିନ୍ଧା ଲୋକ ହଷ୍ଟେଲରେ ପ୍ରବେଶ କରିଥିଲେ । ସେମାନେ ଧାର୍ମିକ ନାରା ଲଗାଇବା ସହ ହଷ୍ଟେଲ ଉପରକୁ ପଥରମାଡ କରିଥିଲେ । ଏହି ସମୟରେ କିଛି ବିଦେଶୀ ଛାତ୍ର ସେଠାରେ ନମାଜ ପଢୁଥିବା ବେଳେ ସେମାନଙ୍କ ଉପରକୁ ଆକ୍ରମଣ କରିଥିଲେ । ଏହି ଘଟଣାର ସୂଚନା ମିଳିବା ପରେ ତୁରନ୍ତ ପୋଲିସ ସେଠାରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ଏନେଇ ଗୁଜରାଟ ଗୃହ ରାଜ୍ୟମନ୍ତ୍ରୀ ହର୍ଷ ସଂଘବୀ ଜରୁରୀ ବୈଠକ ଡାକିଛନ୍ତି । ଏହାସହ ପୋଲିସ ମହାନିର୍ଦ୍ଦେଶକ



ଓ ପୋଲିସ କମିଶନରଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ମୁତାବକ ଗୁଜରାଟ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଆଫଗାନିସ୍ତାନ, ବାଂଲାଦେଶ, ଉଜବେକିସ୍ତାନ ଓ ସରିଆ ଏବଂ ଆଫ୍ରିକାର କିଛି ଛାତ୍ର ରହି ପାଠ ପଢୁଛନ୍ତି । ସେମାନେ ଅଭିଯୋଗ କରିଛନ୍ତି କି, ରମଜାନ ଅବସରରେ ସେମାନେ ରାତିରେ ନିଜନିଜ କୋଠରୀରେ ନମାଜ ପଢୁଥିଲେ । ହେଲେ ହଷ୍ଟେଲର ଅନ୍ୟ କୋଠରୀରେ ରହୁଥିବା କିଛି ଛାତ୍ର ଏହାକୁ ବିରୋଧ କରିଥିଲେ । ହେଲେ ଏମାନେ ନ ଶୁଣିବାରୁ ସେମାନେ ବାହାରୁ କିଛି ଲୋକଙ୍କୁ ଡାକି ସେମାନଙ୍କ ଉପରେ ଆକ୍ରମଣ କରିଥିଲେ ।

ଏହି ଅସାମାଜିକ ବ୍ୟକ୍ତିମାନେ ବିଦେଶୀ ଛାତ୍ରଙ୍କ ଲାପଟପ୍, ଫୋନ ଓ ଗାଡି ଭାଙ୍ଗିଦେଇଥିବା କଥା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଏଆଇଏମଆଇଏମ ନେତା ଓୱେସୀ ଗୁଜରାଟ ସରକାରଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି ।

## ଭାରତୀୟ ମହିଳା ଲିଗ୍ ଫୁଟବଲ
# ଇଷ୍ଟବେଙ୍ଗଲକୁ ଧରାଶାୟୀ କଲା ଓଡ଼ିଶା ଏଫ୍‌ସି



ଭୁବନେଶ୍ୱର,୧୭।୩(ସବ୍ୟୁ): ଭାରତୀୟ ମହିଳା ଲିଗ୍ ଫୁଟବଲରେ ଓଡ଼ିଶା ଏଫ୍‌ସି ଚମତ୍କାର ପ୍ରଦର୍ଶନ ଜାରି ରହିଛି । ରବିବାର କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨–୦ ଗୋଲ୍ ବ୍ୟବଧାନରେ ଇଷ୍ଟବେଙ୍ଗଲକୁ ଧରାଶାୟୀ କରି ୨୮ ପଏଣ୍ଟ ସହ ଟେବଲର ଶୀର୍ଷ ସ୍ଥାନ ଦଖଲ କରିଛି । ଘରୋଇ ଗ୍ରାଉଣ୍ଡରେ ଓଡ଼ିଶା ଏଫ୍‌ସି ଦଳ ହାସଲ କରିଥିବା ଜମାଣିଆ ବିଜୟରେ ଦଳର ତାରକା ଖେଳାଳି ଇନ୍ଦୁମତି ୭୦ତମ ମିନିଟ୍ ଓ ୯୧ ରନ୍ ମିନିଟ୍‌ରେ ୱିନ ଥିଙ୍ଗ ତୁନ ଗୋଲ୍‌ସ୍କୋର କରିଥିଲେ । ଓଡ଼ିଶା ଏଫ୍‌ସିର ସଞ୍ଜୁ ଯାଦବଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା ।

ମ୍ୟାଚରେ ଆରମ୍ଭରୁ ଓଡ଼ିଶା ଏଫ୍‌ସି ଗୋଲ୍‌ସ୍କୋରର ଭରପୂର ସୁଯୋଗ ମିଳିଥିଲା । ୨ୟ ମିନିଟ୍‌ରେ ଏକ କର୍ଣ୍ଣର କିକ୍ ଜରିଆରେ କାର୍ତ୍ତିକା ସାଥି ଖେଳାଳି ଜୁଲି କିଷାନ ଓ ସେଲାହ ଗୋଲ୍‌ସ୍କୋରର ସୁଯୋଗ ସୃଷ୍ଟି କରିଥିଲେ । କିନ୍ତୁ ପ୍ରଥମ ପ୍ରୟାସ ବିଫଳ ହୋଇଥିଲା । ପଞ୍ଚମ ମିନିଟ୍‌ରେ ଇଷ୍ଟ ବେଙ୍ଗଲ ଦଳ ଗୋଲ୍ କରିବା ଚେଷ୍ଟାକୁ ଓଡ଼ିଶା ଏଫ୍‌ସି ଗୋଲ୍‌କିପର ଶ୍ରେୟା ବିଫଳ କରିଥିଲେ । ନବମ ମିନିଟ୍‌ରେ ବଲ୍ ପ୍ରତିପକ୍ଷ ଇଷ୍ଟ ବେଙ୍ଗଲର ଗୋଲ୍‌ପୋଷ୍ଟ ଅଞ୍ଚଳରେ ରହିଥିଲା । କିନ୍ତୁ ଜୁଲି ଏହାକୁ ଗୋଲ୍‌ରେ ପରିଣତ କରିପାରିନଥିଲେ । ମ୍ୟାଚର ୧୫ତମ ମିନିଟ୍‌ରେ ପ୍ୟାରୀ ଏକ ସୁନ୍ଦର ହେଡ ଜରିଆରେ ଗୋଲ୍‌ସ୍କୋର ଚେଷ୍ଟା କରି ଫେଲ ହୋଇଥିଲେ । ମ୍ୟାଚର ୪୧ତମ ମିନିଟ୍‌ରେ ଓଡ଼ିଶା ଏଫ୍‌ସିକୁ ଫ୍ରି କିକ୍ ମିଳିଥିଲା । ଗୋଲ୍ ପୋଷ୍ଟର ୧୮ ଗଜ ଦୂରରୁ ଓଡ଼ିଶା ଏଫ୍‌ସିର ଶକ୍ତିଶାଳୀ ଷ୍ଟ୍ରାଇକ୍‌ରୁ ବିଫଳ କରିଥିଲେ ଇଷ୍ଟବେଙ୍ଗଲ ଗୋଲକିପର ମେଲୋଡି । କିନ୍ତୁ ୭୦ତମ ମିନିଟ୍‌ରେ ସବୁ ପ୍ରତିକ୍ରିୟାର ଅନ୍ତ ଘଟିଥିଲ । ଇନ୍ଦୁମତି ଗୋଲ୍‌ସ୍କୋର କରି ଦଳକୁ ୧–୦ରେ ଆଗୁଆ କରିଥିଲେ । ପୁଣି ଅତିରିକ୍ତ ସମୟ ଅର୍ଥାତ୍ ୯୧ତମ ମିନିଟ୍‌ରେ ୱିନ ଥିଙ୍ଗ ତୁନ୍ ଆଉ ଏକ ଗୋଲ୍ ଦେବାରୁ ଓଡ଼ିଶା ଏଫସି ୨–୦ ବ୍ୟବଧାନରେ ଇଷ୍ଟ ବେଙ୍ଗଲକୁ ହରାଇଥିଲା ।

# ଭୁବନେଶ୍ୱର ଏ, କଟକ ବି, ସୁନ୍ଦରଗଡ଼, କଟକ ଏ, ଯାଜପୁର, ବାଲେଶ୍ୱର ବିଜୟୀ

## କଳାହାଣ୍ଡି କପ୍ କ୍ରିକେଟ୍





ଭୁବନେଶ୍ୱର,୧୭।୩(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଘରୋଇ ପ୍ରତିଯୋଗିତା ସିନିୟର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ୍ କଳାହାଣ୍ଡି କପ୍ ଆରମ୍ଭ ହୋଇଛି । ଦିନିକିଆ ଫର୍ମାଟରେ ଖେଳାଯାଉଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନ ଭୁବନେଶ୍ୱର ଏ', କଟକ ବି, ସୁନ୍ଦରଗଡ଼, କଟକ ଏ', ଯାଜପୁର ଏବଂ ବାଲେଶ୍ୱର ବିଜୟୀ ହୋଇଛନ୍ତି ।

**ବାରବାଟୀ:** ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ଏ' ଦଳ ୧୦ ୱିକେଟ୍‌ରେ ପୂର୍ବତଟ ରେଳବାଇକୁ ହରାଇଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ରେଳବାଇ ୩୫.୧ ଓଭରରେ ୧୬୧ ରନ୍ କରି ଅଲ୍‌ଆଉଟ କରିଥିଲେ । ଅଙ୍କିତ ଯାଦବ ସର୍ବାଧିକ ୫୦ ରନ୍ କରିଥିଲେ । ସୋଭମ ସ୍ୱାଇଁଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା । ୧୬୨ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ଭୁବନେଶ୍ୱର ଦଳ ୨୮.୧ ଓଭରରେ ୧୬୩ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ରଘୁନାଥ ମଲ୍ଲ ୯୨ ଓ ସାନ୍ତନୁ ମିଶ୍ର ୯୮ ରନ୍ କରିଥିଲେ ।

**ରେଭେନ୍ସା ଗ୍ରାଉଣ୍ଡ:** ଏଠାରେ ଅନୁଷ୍ଠିତ ମ୍ୟାଚରେ କଟକ ବି' ୭ ୱିକେଟ୍‌ରେ ଖୋର୍ଦ୍ଧାକୁ ହରାଇଥିଲା । ଏହି ମ୍ୟାଚରେ ଖୋର୍ଦ୍ଧା ୫୦ ଓଭରରେ ୮ ୱିକେଟ୍ ହରାଇ ୨୪୭ ରନ୍ କରିଥିଲା । ଜ୍ୟୋତି ବେହେରା ୬୦, ଆର୍ଯ୍ୟଶ୍ରୀ ଭଞ୍ଜ ୫୬ ରନ୍ କରିଥିଲେ । ଜବାବରେ କଟକ ବି' ୪୨.୫ ଓଭରରେ ୨୫୧/୩ ରନ୍ କରି ବିଜୟୀ ହୋଇଥିଲା । ସମ୍ବିତ ସାହୁ ୧୧୩ ରନ୍, ଅନୀଲ ପରିଡା ୭୯ ରନ୍‌ର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ ।

**ନିମପୁର ଗ୍ରାଉଣ୍ଡ:** ନିମପୁର ପଡିଆରେ ଖେଳାଯାଇଥିବା ମ୍ୟାଚରେ ସୁନ୍ଦରଗଡ଼ ୮୬ ରନ୍ ବ୍ୟବଧାନରେ ସମ୍ବଲପୁର ଏ'କୁ ହରାଇଥିଲା । ଏହି ମ୍ୟାଚରେ ସୁନ୍ଦରଗଡ଼ ୫୦ ଓଭରରେ ୮ ୱିକେଟ୍ ହରାଇ ୨୬୭ ରନ୍ କରିଥିଲା । ଗୋବିନ୍ଦ ପୋଦ୍ଦାର ୭୫, ଅଙ୍କିତ ସିଂ ୫୦ ରନ କରିଥିଲେ । ଜବାବରେ ସମ୍ବଲପୁର ଏ' ୪୩.୨ ଓଭରରେ ୧୮୧ ରନ କରି ଅଲ୍‌ଆଉଟ୍ ହୋଇଥିଲା । ସୟଦ ଜାକି ୫୧ ରନ୍‌ର ଇନିଂସ ଖେଳିଥିଲେ ।

**ସନ୍‌ସାଇନ୍ ଗ୍ରାଉଣ୍ଡ:** ସନ୍‌ସାଇନ୍ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କଟକ ଏ' ଦଳ ୮ ୱିକେଟ୍‌ରେ ଝାରସୁଗୁଡାକୁ ହରାଇଛି । ଏହି ମ୍ୟାଚରେ ଝାରସୁଗୁଡା ୪୮.୫ ଓଭରରେ ୧୮୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ସାଗର କୁମାର ରାଉତ ସର୍ବାଧିକ ୫୬ ରନ୍ କରିଥିଲେ । ଜବାବରେ କଟକ ଏ' ଦଳ ୩୨.୧ ଓଭରରେ ୨ ୱିକେଟ ହରାଇ ୧୯୧ ରନ୍ କରି ବିଜୟୀ ହୋଇଥିଲା । ରାଜେଶ ଧୂପର ୧୧୪ ରନ୍ ଓ ରାମଚନ୍ଦ୍ର ବେହେରା ୫୨ ରନ୍ କରିଥିଲେ ।

**ଏମ୍‌ଜିଏମ୍ ସ୍ପୋର୍ଟିଂ ଗ୍ରାଉଣ୍ଡ:** ଏହି ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଯାଜପୁର ୧୦ ୱିକେଟ୍‌ରେ ଢ଼େଙ୍କାନାଳକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ଢ଼େଙ୍କାନାଳ ୩୨.୧ ଓଭରରେ ୧୧୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ଯାଜପୁର ୨୪.୩ ଓଭରରେ ୧୧୪ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ଆଦିତ୍ୟ ଜେନା ୭୩ ଓ ଏମ୍‌ଡି ଖାନ୍ ୩୧ ରନ୍ କରିଥିଲେ ।

**ଡ୍ରିମ୍ସ ଗ୍ରାଉଣ୍ଡ:** ଡ୍ରିମ୍ସ ଗ୍ରାଉଣ୍ଡରେ ବାଲେଶ୍ୱର ଦଳ ୪୨ ରନ୍ ବ୍ୟବଧାନରେ ରାଉରକେଲାକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱର ୪୬.୫ ଓଭରରେ ୧୮୪ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଏହି ବିଜୟଲକ୍ଷ୍ୟକୁ ପିଛା କରି ରାଉରକେଲା ୩୬.୧ ଓଭରରେ ୧୪୨ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ବାଲେଶ୍ୱରର ସର୍ବେଶ୍ୱର ମହାନ୍ତି ୫ ୱିକେଟ୍ ସଫଳତା ହାସଲ କରିଥିଲେ ।



ଫଟୋ: ଅତୁଲ୍ୟ

ଭୁବନେଶ୍ୱର ୟୁନିଟ୍–୪ ଅଞ୍ଚଳରେ କିଶୋର କ୍ରିକେଟ୍ ଏକାଡେମୀ ଉଦ୍‌ଘାଟିତ ହୋଇଛି । ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଶୋର କ୍ରିକେଟ୍ ଏକାଡେମୀର ଲୋକାର୍ପଣ କରିଛନ୍ତି ।

# ରାଜ୍ୟ ସ୍କୁଲ ଓପନ ଚେସ୍: ଅଞ୍ଜଳୀ ବିଜେତା

ଭୁବନେଶ୍ୱର,୧୭।୩(ସବ୍ୟୁ): କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଲକ୍ଷ୍ମୀପ୍ରିୟା ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ବ୍ରହ୍ମେଶ୍ୱର ହାଇସ୍କୁଲ ଛାତ୍ରୀ ଅଞ୍ଜଳୀ ମିଶ୍ର ପୂର୍ଣ୍ଣସଂଖ୍ୟକ ୫ ପଏଣ୍ଟ ହାସଲ କରି ଚାମ୍ପିଅନ୍ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ଜେନା, ନମସ୍ୟା ନଳିନୀ, ସିଦ୍ଧାର୍ଥ ମଲ୍ଲିକ, ଅଂଶୁମାନ ପତି, ରୁଦ୍ରପ୍ରତାପ ମିଶ୍ର, ଆର୍ଯ୍ୟନ୍ସ ମିଶ୍ର, ସୁରୋଜ ମହାପାତ୍ର, ତପୋତନ୍ମୟ ନାୟକ ଓ ଶ୍ରୀୟାଂସି ବେହେରା ଯଥାକ୍ରମେ ୨ରୁ ୧୦ମ ସ୍ଥାନରେ ରହିଛନ୍ତି । ସେହିଭଳି ବିଭିନ୍ନ ବୟସବର୍ଗ ତଥା ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ପ୍ରିୟଦର୍ଶିନୀ ନାୟକ (ଇନସ୍ପେକ୍ଟର), ଓଡ଼ିଶା ରାଜ୍ୟ ଚେସ ଆସୋସିଏସନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଆଦିତ୍ୟ କୁମାର ମହାନ୍ତି, ସୌମ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## ଅଲ୍ ଇଂଲଣ୍ଡ ବ୍ୟାଡ଼ମିଣ୍ଟନ
# ସେମିରେ ହାରିଲେ ଲକ୍ଷ୍ୟ ସେନ

ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ଭାରତୀୟ ବ୍ୟାଡ଼ମିଣ୍ଟନ ତାରକା ଲକ୍ଷ୍ୟ ସେନ ଅଲ୍‌ଇଂଲଣ୍ଡ ବ୍ୟାଡ଼ମିଣ୍ଟନ ଚାମ୍ପିଅନ୍‌ସିପ୍‌ର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ହାରିଯାଇଛନ୍ତି । ବର୍ମିଂହାମ୍‌ରେ ଅନୁଷ୍ଠିତ ଏହି ମ୍ୟାଚରେ ଲକ୍ଷ୍ୟ ସେନ ୧୨–୨୧, ୨୧–୧୦, ୧୫–୨୧ ଗେମ୍‌ରେ ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କ ନେତୃତ୍ୱରେ ପରାଜିତ ହୋଇଥିଲେ । ଫାଇନାଲ ମୁକାବିଲାରେ କ୍ରିଷ୍ଟି ଓ ଆଣ୍ଟୋନୀ ସିନିସୁକା ପରସ୍ପରକୁ ଭେଟିବେ ।

# ଏପ୍ରିଲ ୫ରେ ଲାଲ ବାହାଦୂର ପ୍ରିମିୟର ଲିଗ୍

ଭୁବନେଶ୍ୱର,୧୭।୩(ସବ୍ୟୁ): ଭୁବନେଶ୍ୱରରେ ଆରମ୍ଭ ହେବାକୁଯାଉଛି ଲାଲ ବାହାଦୂର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣ । ଚଳିତ ବର୍ଷ ଏପ୍ରିଲ ୫ରୁ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବାକୁଥିବା ବେଳେ ୮ଟି ଫ୍ରାଞ୍ଚାଇଜ୍‌କୁ ନେଇ ଖେଳାଳି ନିଲାମ ପ୍ରକ୍ରିୟା ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ତଥା ରାଜ୍ୟ ବାହାରୁ ଏହି ନିଲାମ୍ ପାଇଁ ୬୦୦ରୁ ଊର୍ଦ୍ଧ୍ୱ କ୍ରିକେଟ୍‌ର ନାମ ପଞ୍ଜିକରଣ କରିଥିଲେ । ଖେଳାଳିଙ୍କ ବ୍ରେସ ପ୍ରାଇସ ୫୦୦ ଓ ୧୦୦୦ ଟଙ୍କା ରହିଥିବା ବେଳେ ସବୁଠୁ ଦାମୀ ଖେଳାଳୀ ଭାବେ ୯୦୦୦ ଟଙ୍କାରେ ବିକ୍ରି ହୋଇଛନ୍ତି ଭିକି ଦିଗଲ । ଭିକିଙ୍କୁ ସିଟିସି ଦ କିଙ୍ଗ ଫ୍ରାଞ୍ଚାଇଜ୍ କିଣିଛି । ମନୁ ଚରଣ ରାଉତ ୭,୪୦୦ ଟଙ୍କାରେ ୱାଇଡ ପୁନେଲ ୱିରିୟର୍ସ, ଏମ୍ ରାଜା ରାଓ ୫,୩୦୦ ଟଙ୍କାରେ ଆଡା ୩୬୫ ଦଳ କିଣିଛି । ଚଳିତବର୍ଷ ଟୁର୍ଣ୍ଣାମେଣ୍ଟରେ ୩୨ଟି ମ୍ୟାଚରେ ଖେଳାଯିବାକୁଥିବା ବେଳେ ସଫଳତା ହାସଲ କରିଥିବା ଦଳ ପାଇଁ ଆକର୍ଷଣୀୟ ପୁରସ୍କାର ରାଶି ରହିଥିବା ଆୟୋଜକ ସୂଚନା ଦେଇଛନ୍ତି ।


ସୂଚନା

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


# ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା ୨୩ ରୁ




କଟକ,୧୭।୩(ସବ୍ୟୁ): କେ.ଟି ଗ୍ଲୋବାଲ୍ ସ୍କୁଲ୍ ଓ ଆଇଏସ୍ ଚେସ୍ ସେଣ୍ଟରର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ଆସନ୍ତା ୨୩ ଓ ୨୪ ଦୁଇ ଦିନ ଧରି ସ୍ଥାନୀୟ ମହାନଦୀବିହାର ସ୍ଥିତ ରିଦ୍ଧିସିଦ୍ଧି ମଣ୍ଡପରେ ଅନୁଷ୍ଠିତ ହେବ । ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୬ ଓ ୧୩ ବର୍ଷ ବୟସର ପ୍ରତିଯୋଗିମାନେ ଭାଗ ନେବେ । ଏଥିରେ ମୋଟ୍ ୩୧ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ସହ ୪୦ଗୋଟି ଆକର୍ଷଣୀୟ ଟ୍ରଫି ଏବଂ ସମସ୍ତ ପ୍ରତିଯୋଗିଙ୍କୁ ମେଡାଲ ଓ ମାନପତ୍ର ପ୍ରଦାନ କରାଯିବ । ରାଜ୍ୟର ଯେକୌଣସି ସ୍କୁଲର ଛାତ୍ରଛାତ୍ରୀମାନେ ଭାଗନେବା ପାଇଁ ଆଇଏସ୍ ଚେସ୍ ସେଣ୍ଟର ନିର୍ଦ୍ଦେଶକ ମାନସ ପାଣିଙ୍କୁ ଯୋଗାଯୋଗ କରି ପାରିବେ । ଏନେଇ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ କେ.ଟି ଗ୍ଲୋବାଲ୍ ସ୍କୁଲ୍ ଅଧ୍ୟକ୍ଷ ଡ. ଦୀପ୍ ଖାରା, ଚେୟାରମ୍ୟାନ୍ ଡ. ଅଭୟ ନାୟକ, ନିର୍ଦ୍ଦେଶକ ମନୋରଞ୍ଜନ ମିଶ୍ର, ଶଙ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।






## କାଇପଦର ପ୍ରିମିୟର ଲିଗ୍
# ବଦମାସ୍ ଇଲେଭେନ, ବାବା ୱାରିୟର୍ସ ବିଜୟୀ

ଭୁବନେଶ୍ୱର,୧୭।୩(ସବ୍ୟୁ):–ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ସାଆନ୍ତା ମା ବଘେଇ କ୍ରିକେଟ ଖେଳ ପଡିଆ ଠାରେ ସ୍ୱସ୍ତିକ କ୍ଲବ ଆନୁକୁଲ୍ୟରେ ସ୍ୱନସର୍ ପାଇକରାୟ ଷ୍ଟୋନ ଓ ସର୍ବେଶ୍ୱର ଟ୍ରେଡ଼ସ ଦ୍ୱାରା ଆୟୋଜିତ ହୋଇଥିବା ଆଜିର ମ୍ୟାଚରେ ମହାକାଳ ମାଇନ୍ସ ଓ ବଦମାସ୍ ଇଲେଭେନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା ପ୍ରଥମେ ମହାକାଳ ମାଇନ୍ସ ଦଳ ବ୍ୟାଟିଂ କରି ୧୫ ଓଭର ଖେଳି ୮ ୱିକେଟ୍ ବିନିମୟରେ ୧୪୪ ରନ୍ କରିଥିଲା । ଦଳ ତରଫରୁ ଶିବ ୧୪ବଲରୁ ୨୮ରନ କରିଥିଲେ । ଜବାବରେ ବଦମାସ୍ ଇଲେଭେନ ୧୪.୪ ଓଭର ଖେଳି ୩ ୱିକେଟ୍ ହରାଇ ୧୪୬ ରନ୍ କରିଥିଲା । ଦଳ ତରଫରୁ କୁଲଦୀପ ପାଇକରାୟ ୪୮ ବଲରୁ ୯୪ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ଫଳରେ ବଦମାସ୍ ଇଲେଭେନ ୭ ୱିକେଟରେ ବିଜୟୀ ହୋଇଥିଲେ ଏବଂ ଦ୍ୱିତୀୟ ମ୍ୟାଚଟି ପାଇକ ଫାଇଟର୍ସ ଓ ବାବା ୱାରିୟରସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପାଇକ ଫାଇଟର୍ସ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ୱିକେଟ୍ ହରାଇ ୧୧୦ ରନ୍ କରିଥିଲେ । ଦଳ ତରଫରୁ ସ୍ୱାଧିନ ମଙ୍ଗରାଜ ୧୩ ବଲରୁ ୧୭ ରନ କରିଥିଲେ । ଜବାବରେ ବାବା ୱାରିୟରସ୍ ଦଳ ୧୩ ଓଭରରେ ୫ ୱିକେଟ୍ ହରାଇ ୧୧୧ କରିଥିଲା । ଫଳରେ ବାବା ୱାରିୟରସ୍ ୫ ୱିକେଟ୍ ରେ ବିଜୟୀ ହୋଇଥିଲେ । ବାବା ୱାରିୟରସ୍ ଦଳର ଯଶୋବନ୍ତ ହରିଚନ୍ଦନ ୨୪ ବଲରୁ ୩୫ ରନ କରିଥିଲେ ଓ ୩ ଓଭରରେ ୧୮ ରନ ଦେଇ ୧ ୱିକେଟ୍ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଖେଳ ପରିଚାଳନା ଦାୟିତ୍ୱରେ ଥିଲେ । କିଶୋର ସାମନ୍ତରାୟ, ଶରତ ମଙ୍ଗରାଜ ଓ ଶ୍ରଦ୍ଧାନନ୍ଦ ପ୍ରଧାନ, କୈଳାସ ଶ୍ରୀଚନ୍ଦନ । ସ୍କୋରର ଥିଲେ ସୁବ୍ରତ ମଲ୍ଲ । ମୁଖ୍ୟ ଅତିଥି ସମିତି ସଭ୍ୟ ପ୍ରତିନିଧି ବିଭୁପ୍ରସାଦ ବଳିୟାରସିଂହ, ଭିକାରୀ ବଳିୟାର ସିଂହ ଶ୍ୟାମସୁନ୍ଦର ଶ୍ରୀଚନ୍ଦନ, ରାଜକିଶୋର ମଙ୍ଗରାଜ, ଇଶ୍ୱର ପାଇକରାୟ, ଦିପୁ ଅରିସଲ ଗୋପିନାଥ ମହାରଥି ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।




ସେ ବି ମଣିଷ ତୁମେ ବି ମଣିଷ ତେବେ କେମିତି କରିବ ତାକୁ ଘୃଣା,
ତୁମ ଭେଦଭାବ, ଛୁଆଁ ଅଛୁଆଁରେ HIV ସଂକ୍ରମିତ ହୋଇବ ବାଟବଣା ।
ନିଜ ମାନବିକତା, ମଣିଷପଣିଆ ତୁମେ ହରାଇବ ସମାଜରେ,
ହୋଇବ ପୁଣି ଦଣ୍ଡିତ HIV ନିୟନ୍ତ୍ରଣ ଓ ପ୍ରତିରୋଧ ଆଇନରେ

OSACS
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି

# ଦଧିଚି କଲେଜରେ କ୍ୟାମ୍ପସ ଚୟନ




କଣ୍ଟାପଡ଼ା, (ସବ୍ୟୁ) : କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମଠାରେ ଥିବା ଆର୍ୟ୍ୟନ ଇନଷ୍ଟିଚୁଟ ଅଫ ଇଂଜିନିୟରିଙ୍ଗ ଆଣ୍ଡ ଟେକନୋଲୋଜି ଏବଂ ଦଧିଚି । ଇଟିଆଇ ମିଳିତଭାବେ କଟକ ତେଲେଙ୍ଗାପେଣ୍ଠ ଏଡ଼ସଫ୍ଟ ଟେକ୍ନୋଲୋଜି କମ୍ପାନୀଦ୍ୱାରା କାମ୍ପସ ପ୍ଲେସମେଣ୍ଟ ଡ୍ରାଇଭ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିପ୍ଲୋମା ଇଂଜିନିୟରିଙ୍ଗର ଇଲେକ୍ଟ୍ରିକାଲ, ମେକାନିକାଲ, କମ୍ପୁଟର ସାଇନ୍ସ, ଇଲେକ୍ଟ୍ରୋନିକ୍ସ, କମୁନିକେସନ ଓ ସିଭିଲ ବ୍ରାଞ୍ଚତଚ ଏବଂଆଇଟିଆଇର ଇଲେକ୍ଟ୍ରିକାଲ, ଫିଟର ଓ ଇଲେକଟ୍ରିକାଲ କମୁନିକେସନ ବିଭାଗର ବହୁ ସଂଖକଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଡ଼ସଫ୍ଟ କମ୍ପାନି ତରଫରୁ ଜୋତିପ୍ରକାଶ ବେହେରା ଓ ଦିଲୀପକୁମାରପାମୁଲ ଯୋଗଦେଇ ୫୮ ଜଣ ସଫଳ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପାଇଁ ମନୋନୀତ କରିଥିଲେ। ଅନୁଷ୍ଠାନର ଚେୟାରମାନ ଡଃ.ମନୋଜକୁମାର ଦାଶଙ୍କ ତ୍ୱାବଧାନରେ ଏହା ଆୟୋଜନ ହୋଇଥିଲା।ପ୍ର.ଡଃ.ଅଭିମନ୍ୟୁ ଜେନା ଶିବିର ପରିଚାଳନା କରିଥିଲାବେଳେ ପ୍ରଜ୍ଞା, ସସ୍ମିତା, ଶୁଭଶ୍ରୀ, ସ୍ନେହା, ସନ୍ଦିପ୍ତ,ଜଗନ୍ନାଥ, ଉଦୟନାଥ, ସନ୍ତୋଷ, ସଂଜୟ, ସତ, ପ୍ରଦ୍ୟୁମ୍ନ, ଜୟନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ସିନର୍ଜି କଲେଜ ବାର୍ଷିକ ଉତ୍ସବ ଉଦ୍‌ଯାପିତ




ଫୁଲନଖରା, (ସବ୍ୟୁ) : ଫୁଲନଖରାସ୍ଥିତ ସିନର୍ଜି ଇଂଜିନିୟରିଙ୍ଗ କଲେଜର ବାର୍ଷିକ ଉତ୍ସବ 'ସେନସେସନ -୨୦୨୪' ଉଦଯାପିତ ହୋଇଛି । ଏହା ଦୁଇ ଦିନ ଧରି ଚାଲିଥିଲା। ଏହି ଉପଲକ୍ଷେ ଅଧକ୍ଷା ଡଃ.ଯୋଗେଶ୍ୱରୀ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଉଦଯାପନ ସଭାରେ ବିପିୟୁଟି ରାଉରକେଲାର କୁଳପତି ପ୍ର.ଡଃ. ଅମୀୟ କୁମାର ରଥ ମୁଖ ଅତିଥି ଏବଂ କଟକସ୍ଥିତ ବୋଷ କଲେଜର ଅଧକ୍ଷ ପ୍ର.ଡଃ.ହୃଷିକେଶମହାନ୍ତି ମୁଖବକ୍ତା ଭାବେ ଯୋଗଦେଇ ଶିକ୍ଷା ଓ ଶ୍ରମଦ୍ୱାରା ସଫଳତା ହାସଲ ସମ୍ଭବ ବୋଲି ମତବକ୍ତ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ପ୍ର.ଡଃ. ଅଜୟ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ସ୍ୱାଗତିକା ମହାନ୍ତି ଓ ସାଥିଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଛାତ୍ର ରୁଦ୍ରନାରାୟଣ ଦାଶ ଓ ଛାତ୍ରୀ ମଧୁମିତା ମଲିକ କଲେଜର ସଫଳତା ସମ୍ପର୍କିତ ବିବରଣୀ ପାଠ କରିଥିଲେ। ଶିକ୍ଷାନୁଷ୍ଠାନର ଚେୟାରମାନ ବିନୋଦଦାଶ, ଡିପ୍ଲୋମା କଲେଜ ଅଧକ୍ଷ ଇଂ.ଧରଣୀଧର ସାହୁ ଓ ଟ୍ରଷ୍ଟି ଇଂ.ଅଜୟ କୁମାର ସାହୁ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷତ କାମନା କରିଥିଲେ। ଏହି ଅବସରରେ ଆମନ୍ତ୍ରୀତ ଅତିଥିଙ୍କସମେତ କୃତି ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ପ୍ରଶାସନିକ ନିର୍ଦ୍ଦେଶକ ପ୍ର.ଚିତ୍ରସେନ ଜଗତଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଦେଶୀ ମଦ ଦୋକାନ ସିଲ୍



ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ସହରର ୮ନଂ ୱାର୍ଡ କୁମ୍ଭାରସାହିରେ ଥିବା ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଦୋକାନକୁ ସିଲ କରିଛି ଅବକାରୀ ବିଭାଗ ଟିମ୍ । ନୟାଗଡ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ର୍ଦ୍ଦେଶକ୍ରମେ ଖଣ୍ଡପଡା ଅବକାରୀ କର୍ମଚାରୀ ଓ ମୋବାଇଲ ଟିମ ମିଳିତ ଭାବେ ଚଢାଉ କରି ଏହିଦେଶୀ ମଦ ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜଉମୁଦ କରି ସିଲ କରିଦେଇଥିବା ଜାପଡିଛି ।ପ୍ରାପ୍ତ ସୂଚନାନୁଯାୟୀ ଉକ୍ତ ଦେଶୀ ମଦ କାଂଉଟରରେ ହାତ ତିଆରି ଦେଶୀ ମଦ ପାଉଚ ଅବାଧରେ ବିକ୍ରୀବଟା ହେଉଥିବା ନେଇ ସ୍ଥାନୀୟ ୱାର୍ଡବାସୀ ଓ କାଉନସିଲର ବିଜୁଳି ଚୌଧୁରୀ ଅବକାରୀଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଭିଯୋଗ ଆଧାରରେ ମୋବାଇଲ ଟିମ୍ ଅଚାନକ ଚଢାଉକରି ଉକ୍ତ ଦେଶୀ ମଦ ଦୋକାନ ମଧ୍ୟରୁ ୬୧ଲିଟର ମଦ ପାଉଚ୍ ଜବତ କରିବା ସହ ଦୋକାନ ଚଳାଇଥିବା ୨ ଜଣବ୍ୟକ୍ତିଙ୍କୁ ଗିରଫ କରି ଏ ସଂପର୍କରେ ଏକ ମାମଲା ରୁଜୁ କରିଥିବା ଖଣ୍ଡପଡ଼ା ଅବକାରୀ କାର୍ଯ୍ୟାଳୟସୁତ୍ରରୁ ଜଣାପଡିଛି । ତେବେ ଜନବସତି ଅଂଚଳରେ ଚାଲିଥିବା ଏହି ଲାଇସେନ୍ସ ପ୍ରାପ୍ତ ଦେଶୀ ମଦଦୋକାନଟିକୁ ଅନ୍ୟତ୍ର ସ୍ଥାନାନ୍ତର ନିମନ୍ତେ ନୟାଗଡ଼ ଅବକାରୀ ଅଧିକ୍ଷକ ଓ ଜିଲ୍ଲାପାଳ ଦୃଷ୍ଟିଦେବାକୁ ୭, ୮ ଓ୯ ନଂ ୱାର୍ଡବାସୀ ଦାବି କରିଛନ୍ତି ।

# ଡୁବୁରୀ ପାହାଡ଼ ଧ୍ୱଂସାଭିମୁଖୀ ବ୍ଲାଷ୍ଟିଂ କରି ଟ୍ରିପ୍ ଟ୍ରିପ୍ ପଥର ଚାଲାଣ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ତହସିଲ ଅଧିନ ରାଣୀଛେଲି ପଂଚାୟତର ଅଭିଯୋଗ କରିଛନ୍ତି। ଗତ ୨ ବର୍ଷ ଧରି ପଥରମାଫିଆମାନେ ବେଫିକର ଭାବେ ଉକ୍ତ ପାହାଡ଼ରୁ ଲଘୁ ଖଣିଜ ସମ୍ପଦ ଚୋରାରେଚାଲାଣ କରୁଥିଲେ ହେଁ ପ୍ରଶାସନିକ ଅଧିକାରୀ ଓ ରାଜସ୍ୱ ନୀରିକ୍ଷକମାନେ ସବୁଦେଖି କିଛି ନ ଦେଖିବା ନ୍ୟାୟରେ ନୀରବଦ୍ରଷ୍ଟା ସାଜିଥିବା ଜଣାପଡ଼ିଛି।ଦୈନିକ ଉକ୍ତ ପାହାଡ଼ରୁ ଟ୍ରାକ୍ଟର ଯୋଗେ ଟ୍ରିପ୍ ଟ୍ରିପ୍ ପଥର ଓ ମେଂଟାଲଗୁଡ଼ିକ ଚାଲାଣ ହେଉଥିବାରୁ ଉକ୍ତ ପାହାଡ଼ଟି ଏବେ ଧ୍ୱଂସାଭିମୁଖୀଆଡ଼କୁ ଗତି କରୁଥିବା ଜଣାପଡ଼ିଛି। ଏକଦା ଉକ୍ତ ପାହାଡ଼ଟିଗଛଲତାରେ ପରିପୁର୍ଣ୍ଣ ହୋଇ ରହିଥିଲା। ଏହାର ସବୁଜ ପରିବେଶପ୍ରକୃତିପ୍ରେମୀଙ୍କୁ ବେଶ୍ ଆକୃଷ୍ଟ କରୁଥିଲା। ଏବେ ମାଫିଆଙ୍କ ଯୋଗୁଁପରିବେଶ ନଷ୍ଟ ହେବା ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ହେଉଥିବାଜଣାପଡ଼ିଛି। ଉକ୍ତ ପାହାଡ଼ରେ ବେଆଇନ୍ ଭାବେ ବ୍ଲାଷ୍ଟିଂ କରି ପଥରଫୁଟା ଯିବା ଯୋଗୁଁ ପଥର ଖଣ୍ଡ ଗୁଡ଼ିକ ଏଣେତେଣେ ଛିଟିକି ପଡ଼ିପାର୍ଶ୍ୱସ୍ଥ ମୁଖ୍ୟ ରାସ୍ତା ନଷ୍ଟ ହେବା ସହ ପାର୍ଶ୍ୱବର୍ତୀ ଚାଷଜମି ଗୁଡ଼ିକ ମଧନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ଉକ୍ତପାହାଡ଼ଟିକୁ ନିଲାମ ସୁତ୍ରରେ କାହାରିକୁ ଦିଆଯାଇନଥିବା ବେଳେ ଏହାରସୁଯୋଗ ନେଇ ମାଫିଆମାନେ ସ୍ଥାନୀୟ ଅଂଚଳରେ ବେଶ୍ ସକ୍ରୀୟହୋଇଉଠିଥିବା ଜଣାପଡ଼ିଛି । ଉକ୍ତ ପାହାଡ଼ ପ୍ରତି ତହସିଲ ପ୍ରଶାସନ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ସମ୍ପର୍କରେଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକଙ୍କୁ ପଚାରିବାରେ ଅଭିଯୋଗ ପ୍ରତି ସେଦୃଷ୍ଟି ଦେବେ ବୋଲି କହିଛନ୍ତି ।

# ସୁନେତ୍ର ଯୋଜନାରେ ଚଷମା ବଣ୍ଟନ



ବାଲିପାଟଣା , (ସବ୍ୟୁ) : ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରଚଳିତ ଶୁ ନେତ୍ର ଯୋଜନା ମାଧ୍ୟମରେ ଗତ ତିନି ଦିନ ଧରି ସମସ୍ତଙ୍କର ଚକ୍ଷୁ ପରୀକ୍ଷା କରିବା ସହିତ ଚଷମା ବଣ୍ଟନ କରାଯାଇଛି।ଚକ୍ଷୁ ଜନିତ ସମସ୍ୟାର ନିରାକରଣ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଶୁନେତ୍ର ଯୋଜନାରେ ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅଭୟମୁଖି ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ସହଯୋଗରେ ଚାଲିଥିବା ଏହି ଚକ୍ଷୁ ଚିକିତ୍ସା ଶିବିରରେ ୨୦୯ ଜଣଙ୍କର ଚକ୍ଷୁ ପରୀକ୍ଷା କରିବା ସହିତ ୧୮ ଜଣଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ପଠା ଯାଇଥିଲା।ଖୋର୍ଦ୍ଧା ଡି ପି ଏମ ଡଃ ଅଜୟ ସିଂ,ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀକାନ୍ତ ବେହେରା,ଓ ଚକ୍ଷୁ ଡାକ୍ତର ଗୌତମ ଦାସଙ୍କ ସହିତ ବହୁ ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଆର୍ଯ୍ୟବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ମ ଶ୍ରେଣୀର ଛାତ୍ର ଶୁଭଙ୍କର ମିଶ୍ର, ଅର୍ପିତା ଜେନା, କୃଷ୍ଣା ପିତା ଷଡ଼ଙ୍ଗୀ ଟାଙ୍ଗୀ ବ୍ଲକ ସ୍ତରରେ ୫ମ ବୃତ୍ତି ପରୀକ୍ଷାରେ ଯଥାକ୍ରମେ ୧ମ, ୩ୟ ଓ ୪ ର୍ଥ ସ୍ଥାନ ଅଧିକାର କରି ବିଦ୍ୟାଳୟର ମାନ ବୃଦ୍ଧି କରିଛନ୍ତି। ସହିତ ୩ୟ ବୃତ୍ତି ପରୀକ୍ଷାରେ ଅଂଶୁମାନ ଦଳେଇ, ପ୍ରତ୍ୟୁଷା ପ୍ରିୟ ଦର୍ଶିନୀ ଓ ସାଇ ଶ୍ରେୟାଂସ ଦାସ ମଧ କତିତ୍ୱ ଅର୍ଜନ କରିଛନ୍ତ। ଏହି ଅବସରରେ ବିଦ୍ୟାମନ୍ଦିର ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାମନ୍ଦିରର ସଂପାଦକ ବିଭୁତି ଭୂଷଣ ଆଚାର୍ଯ୍ୟ କୃତ୍ତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସା କରିବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ଛାତ୍ର ଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟା ସଂନ୍ଧ୍ୟାରାଣୀ ବାହିନୀପତି, ସୁଜାତା ଶ୍ରୀଚନ୍ଦନ, ଅନୁରାଧା କର, ରାଜଲକ୍ଷ୍ମୀ ବଳିୟାରସିଂହ, ମମତା ମିଶ୍ର, ମମତା ମହ୍ନ, ସସ୍ମିତା ମହାରଣା,ଆଚାର୍ଯ୍ୟ ଜିତେନ୍ଦ୍ର କୁମାର ପୃଷ୍ଟି, ପବିତ୍ର କୁମାର ରାଉତରାୟ ଓ ଲଲାଟ କୁମାର ସାହୁ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କ ସଫଳତାରେ ଖୁସିବ୍ୟକ୍ତ କରିଥିଲେ।

# ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ଦେବଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ

ଟାଙ୍ଗୀ ,(ସବ୍ୟୁ) : ଆଗାମୀ ସାଧାରଣ ର୍ନିବାଚନରେ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଖୋର୍ଧା ବିଧାନସଭା ର୍ନିବାଚନ ମଣ୍ଡଳୀରେ ଜଣେ ସଭ୍ୟଙ୍କୁ ପ୍ରାର୍ଥୀ କରାଯିବା ପାଇଁ ସ୍ଥିର ହୋଇଥିବା ସୂଚନା ମିଳିଛି ।ଖୋର୍ଧା ର୍ନିବାଚନ ମଣ୍ଡଳୀରେ ଟାଙ୍ଗୀ ବ୍ଲକର ସର୍ବାଧିକ ଭୋଟର ଥିବା ବେଳେ ଏହା ସବୁବେଳେ ଅବହେଳିତ ହୋଇରହିଛି।ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଓ ନିଯୁକ୍ତି ସହିତ ଅଧିକାଂଶ କ୍ଷେତ୍ରରେ ଏହି ବ୍ଲକ ତାର ଉଚିତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇ ଆସୁଛି । ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ବଣ୍ଟନରେ ଏହି ବ୍ଲକର ବିଭିନ୍ନ ପଞ୍ଚାୟତ କୁ ଅପମାନଜନକ ଭାବେ ଅଣଦେଖା କରାଯାଉଛି ।ତେଣୁ ଟାଙ୍ଗୀ ବ୍ଲକର ସାଭିମାନ ଓ ଏହାର ସାମୁହିକ ବିକାଶ ର୍ନିମିତ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଏପରି ନିଷ୍ପତି ଗ୍ରହଣ କରିଥିବା ଜଣାପଡିଛି ।ପ୍ରକାଶ ଯୋଗ୍ୟ, ଏହି ସଂଘ ସମ୍ବାଦ ପରିବେଷଣ ସହିତ ଶିକ୍ଷା, ସାସ୍ଥ୍ୟ, ପଲିଥିନ ବର୍ଜନ, ସ୍ୱଛଭାରତ ଅଭିଯାନ,ସଡକ ସୁରକ୍ଷା, ଚାରାରୋପଣ, ସାମାଜିକ ବନୀକରଣ, ଚିଲିକା ସୁରକ୍ଷା, ବିଦେଶାଗତ ଅତିଥି ପକ୍ଷୀଙ୍କ ସୁରକ୍ଷା, ମହା ପୁରୁଷମାନଙ୍କ ସ୍ମୃତି ରକ୍ଷା, ମଦବିରୋଧୀ କାର୍ଯ୍ୟକ୍ରମ, ଅସମାନତା ବିରୋଧରେ ସ୍ୱର ଉତୋଳନ, ମହିଳା ସଶକ୍ତିକରଣ ଇତ୍ୟାଦିରେ ପ୍ରମୁଖ ଭୂମିକା ଗ୍ରହଣ କରି ସମସ୍ତଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ନିମିତ୍ତ ଅବିଶ୍ରାନ୍ତ ଉଦ୍ୟମ ଜାରି ରଖିଛି । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଟାଂଗୀ ବ୍ଲକ ସାମ୍ବାଦିକ ସଂଘକୁ ପ୍ରକୃତିମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିବା ଘଟଣା ସରକାରଙ୍କ ଭିନ୍ନ ଏକ ପଦକ୍ଷେପ । ଟାଙ୍ଗୀ ବ୍ଲକର ସଚେତନ ଜନଗଣଙ୍କ ଆସ୍ଥା ଓ ବିଶ୍ୱାସକୁ ଭିତି କରି ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ବିଧାନ ସଭାର ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦିତା କରିବା ପାଇଁ ଆପାତତଃ ସ୍ଥିର ହୋଇଛି । ସଂଘର ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ସଚେତନ ଯୁବସମାଜ, ବୁଦ୍ଧିଜୀବୀ, ସମାଜସେବୀ, ବରିଷ୍ଠ ନାଗରିକ ସମେତ ସମସ୍ତ ରାଜନୈତିକ ଦଳକୁ ନିବେଦନ କରାଯାଇ

# ଆରମ୍ଭ ହେଲା ହୋଡିଂ,ପୋଷ୍ଟର ବ୍ୟାନର ହଟା ଅଭିଯାନ



ଦଶପଲ୍ଲା, (ସବ୍ୟୁ) : ର୍ନିବାଚନ କମିଶନ ର୍ନିବାଚନ ପାଇଁ ତାରିଖ ଘୋଷଣା କରିବା ପରେ ଆରମ୍ଭ ହୋଇ ଯାଇଛି ର୍ନିବାଚନ ପାଇଁ ଆଦର୍ଶ ଆଚରଣ ବିଧି ଛ ର୍ନିବାଚନ କୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିକଟରେ ରାସ୍ତାଘାଟରେ, ବିଭିନ୍ନ ରାଜନୈତିକ ଦଳ ଗୁଡିକ ପକ୍ଷରୁ ଲାଗିଥିବା ହୁଡିଙ୍ଗ ଗୁଡିକୁ ବାହାର କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ବିଶେଷ ଭାବେ ୭୨ ଘଣ୍ଟା ମଧ୍ୟରେ ଏହି ସବୁ ରାଜନୈତିକ ହୁଡିଙ୍ଗ ଓ ପୋଷ୍ଟର ଗୁଡିକୁ ବାହାର କରିବା ପାଇଁ ର୍ନିବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଗତ କିଛି ଦିନ ତଳେ ବିଜେଡି ଦଳ ପକ୍ଷରୁ ଲଗାଯାଇଥିବା ହୁଡିଙ୍ଗ ଗୁଡିକୁ ଘୋଡାଇ ଦିଆଯାଇଛି । ଦୁଇଦିନ ମଧ୍ୟରେ ଦଶପଲ୍ଲା ଏନ ଏ ସି ମଧ୍ୟରେ ଲାଗିଥିବା ସମସ୍ତ ରାଜନୈତିକ ହୁଡିଙ୍ଗ,ପୋଷ୍ଟର ଓ ବ୍ୟାନର ଗୁଡିକୁ ହଟାଇ ଦିଆଯିବ ବୋଲି ଏନ ଏ ସି କାର୍ଯ୍ୟାଳୟ ରୁ ଜଣା ପଡ଼ିଛି ।

# ପ୍ରଶାସନ ଜଳକା : ପଥର ଖଣିରୁ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ



ନିରାକାରପୁର,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଓ ଖୋର୍ଦ୍ଧା ତହସିଲ ଅଧିନସ୍ଥ ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ସରକାରୀ ଜମି, କାଜୁ କର୍ପୋରସନ କାଜୁ ଜଙ୍ଗଲ , ବନ ବିଭାଗ ଜାଗାରୁ ପଥର ମାଫିଆମାନେ ବେଆଇନ ମାଙ୍କଡ଼ା ପଥର କାଟି କୋଟି କୋଟି ଟଙ୍କା ଉପାର୍ଜନ କରୁଥିବାବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇବା ସହଅଞ୍ଚଳ ପାଇଁ ବିପଦ ସୃଷ୍ଟି କରୁଛନ୍ତି। ସରକାରୀ ବାବୁମାନେ ଖାଲି ବିଭିନ୍ନ ବିଭାଗକୁ ଦୋଷାରୋପ କରିଲୋକଦେଖାଣିଆ କିଛି ଚଢାଉ କରୁଥିବାବେଳେ ପ୍ରକୃତ ପକ୍ଷେ ଏହି ଦୁର୍ନିତରେ କିଛି ବିଭାଗୀୟତଳିଆ କର୍ମଚାରୀଙ୍କ ସାମିଲକୁ ଏଡ଼ାଇ ଦିଆ ନଯାଇ ପାରେ। ଅହରହ ଜେସିବି ,କଟର ମେସିନ ବେଆଇନ ପଥରଖଣିରେ ପଥର ଉତ୍ତୋଳନ କରିବାରେ ଲାଗିଥିବାବେଳେ ଚଢଉ ଦିନ କିନ୍ତୁ ସବୁ କିଛି ଶାନ୍ତ ପଡ଼ିଯାଇ ଥାଏ।ଏଥିରୁ ଅନୁମୟେ ନିଶ୍ଚିତ କିଛି ଅଛି ଯିଏ କି ଏ ସବୁକୁ ସୂଚନା ଦେବାରେ ସଫଳ ହେଉଛି। ସତେ ଯେମିତି ବିଭାଗୀୟ ଅଧିକାରୀମାନଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ବର୍ତ୍ତମାନ ପଥର ଖଣି ଗୁଡ଼ିକ ଚାଲୁଛି ।ବିଭିନ୍ନ ଜାଗାରେ ଗ୍ରାମବାସୀମାନେ ବାରମ୍ବାର ଜିଲ୍ଲା ପ୍ରଶାସନକୁ ଅବଗତ କରିଲେ ବି ମାଫିଆମାନଙ୍କର ଏହିକଳାକାରନାମାକୁ ପ୍ରଶାସନ ସଂପୂର୍ଣ୍ଣ ବନ୍ଦ କରିବାରେ ସଫଳ ହେଉନି। ବର୍ତ୍ତମାନ ଟାଙ୍ଗୀ ଓ ଖୋର୍ଦ୍ଧା ତହସିଲର ବିଭିନ୍ନ ଅଞ୍ଚଳରେ ମାଫିଆମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ଯୋଗୁ ଚାଷ ଜମି, କୂଅ ଓ ପୋଖରୀଶୁଖିଲା ପଡୁଛି। ଗୃହପାଳିତ ପଶୁମାନଙ୍କ ସହ ବନ୍ୟଜନ୍ତୁମାନଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ସବୁ ଜାଣତରେବର୍ତ୍ତମାନ ଏହି ଭଳି ଚୋରା ମାଙ୍କଡ଼ା ପଥର ତସ୍କରି ଦିନ ଦ୍ୱିପ୍ରହରରେ ଚାଲୁଥିଲେ ବି ସବୁ ଚୁପ। ଯାହା ବି ଚଢାଉହେଉଛି ତାହା ଲୋକଦେଖାଳିଣିଆ ଓ ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ। ସରକାରୀବାବୁମାନେ ଚୋରା ପଥର ଖଣି ଉପରେବେଶୀ ଚଢାଉ କରିବା ପରିବର୍ତ୍ତେ ପଥର ପରିବହନ କରୁଥିବା ଗାଡ଼ିକୁଡ଼ିକୁ ଧରି ଲକ୍ଷାଧିକ ଟଙ୍କା ଫାଇନପକାଉଥିବାରୁ ଗାଡ଼ି ମାଲିକମାନେ ସର୍ବସ୍ୱାନ୍ତ ହେଉଛନ୍ତି। ତେଣୁ ଏବେ ଗାଡ଼ି ମାଲିକମାନେ ରାତି ଉଜାଗର ରହି ଗାଡ଼ିଗୁଡ଼ିକ ସୁରକ୍ଷିତ ଭାବେ ଅତିକ୍ରମ କରୁଥିବା ଦେଖିବାକୁ ମିଳୁଛି । ମୋଟାମୋଟି ଭାବେ ପଥର ମାଫିଆମାନଙ୍କର ଭୟ ଦିନକୁ ଦିନ ଛାଡୁଥିବାବେଳେ ଶନିବାର ଓ ରବିବାର ଛୁଟିଦିନରେ ଦିନରାତି ଅହରହ ଖଣି ଚାଲୁଥିବାର ଅଭିଯୋଗ ହେଉଛି। କିନ୍ତୁ ଏହି ଅଭିଯୋଗକୁ ରାଜସ୍ୱବିଭାଗ ଓ ଖଣି ନିଗମ ତରଫରୁ ଅଣଦେଖା କରାଯାଉଥିବାରୁ ଦିନକୁ ଦିନ ମାଫିଆଙ୍କର ସାହସ ବଢୁଛି।

# ବିଦ୍ୟୁତ ଆଘାତରେ ଯୁବକ ମୃତ

ନିମାପଡା,(ସବ୍ୟୁ): ରବିବାର ନିମାପଡା ବ୍ଲକ ଭୋଗଶାଳଦା ପଂଚାୟତ ଅନ୍ତର୍ଗତ ଅନଳପୁର ଗ୍ରାମରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକର ମୃତ୍ୟୁ ଘଟିଛି । ଅଷ୍ଟପ୍ରହର ଚାଲିଥିବା ବେଳେ ଆଜି ଗ୍ରାମରେ ନଗରକୀର୍ତ୍ତନ ସାରି ପୋଖରୀକୁ ଗାଧୋଇବାକୁ ଯାଉଥିବା ବେଳେ ଉକ୍ତ ଗ୍ରାମର ଅଜୟ ନାୟକ (୫୦) ନାମକ ଯୁବକ ଖୁଂଟରୁ ଓହଳିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଚିକିତ୍ସା ପାଇଁ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ନିମାପଡା ପୁଲିସ ମୃତ ଦେହକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ବ୍ୟବଚ୍ଛେଦ ପାଇଁ ଅଜୟଙ୍କ ଶବକୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି ।

# ଚାରିୟଟ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ରଣପୁର, (ସବ୍ୟୁ) : ନୟାଗଡ ଜିଲ୍ଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ଦୁଇ ନମ୍ବର ୱାର୍ଡ ହାଟସାହି ସ୍ଥିତ ଚାରିୟଟ ପବ୍ଲିକ ସ୍କୁଲ ସପ୍ତମ ବାର୍ଷିକ ଉତ୍ସବ ଚାରିୟଟ ସ୍କୁଲ ନିକଟସ୍ଥ ପଡିଆ ରେ ଅନୁଷ୍ଠିତ ହୋଇଯାଇଛି। ଚାରିୟଟ ପବ୍ଲିକ ସ୍କୁଲ ରଣପୁର ଅଞ୍ଚଳ ସର୍ବ ବୃହତ ବେସରକାରୀ ସ୍କୁଲ ରେ ପରିଚିତ ଲାଭ କରିଛି । ଏହି ସପ୍ତମ ବାର୍ଷିକ ଉତ୍ସବ ଅବସରରେ ଚାରିୟଟ ପବ୍ଲିକ ସ୍କୁଲ ଚେୟାରମ୍ୟାନ ପ୍ରଭାତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ରଣପୁର ରାଜା ଦିଲ୍ଲୀପ ଚନ୍ଦ୍ର ସିଂହଦେଓ , ସମ୍ମାନୀତ ଅତିଥି ଭାବେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ରଙ୍ଗୀନ ମହାନ୍ତ,ଯୁବରାଜ କୌଶିକ ସିଂହଦେଓ, ଅଞ୍ଚଳର ବ୍ୟବସାୟୀ ରବି ପ୍ରଧାନ , ସ୍କୁଲ କୋ ଚେୟାରମ୍ୟାନ ସୁଜାତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଖାଉଟି ଫୋରମ ବିଚାରପତି ନାରାୟଣ ମହାପାତ୍ର ଯୋଗଦେଇଥିଲେ।ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।।

# ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ




କଣ୍ଟାପଡା,(ସବ୍ୟୁ) :ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ କଣାସ ପୁରୀ ପକ୍ଷରୁ କଣ୍ଟାପଡା ବ୍ଲକ ବାଇରୋଇ ସ୍ଥିତ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦର ସୌଦାମିନୀ ପାଠାଗାର ସଭାଗୃହରେ ବାର୍ଷିକ ଉତ୍ସବ ଓ କବି ସମ୍ମିଳନୀ ରବିବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଭଞ୍ଜ ସାହିତ୍ୟ ପ୍ରବକ୍ତା କୁମାର କବି ପ୍ରଶାନ୍ତ କୁମାର ବାହିନୀ ପତିଙ୍କଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଶଶଧର ପଣ୍ଡା, ମୁଖ୍ୟବକ୍ତା ପ୍ରେମାନନ୍ଦଶ୍ରୀ ଆର୍ଯ୍ୟବ୍ରତ ଦାସ, ସମ୍ମାନୀତ ବକ୍ତା ଭାବେ ଡ଼ କୁମାର ଗୋପାଳ, ମୁଖ୍ୟଉପଦେଷ୍ଟା ଡ଼ ଲକ୍ଷ୍ମଣ ସାହୁ, ଶିକ୍ଷାବିତ୍ତ ସଂଗ୍ରାମ କେଶରୀ ରାଉତରାୟ ଓ ସମ୍ମାନୀତ ଅତିଥି ଭାବେ ଅଧାପିକା ଦେବଯାନୀ ଦାସ ପ୍ରମୁଖ ଯୋଗ ଦେଇଥିଲେ ।ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ବର୍ଗର କବୀ ମାନେସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବି ଓ ସାମ୍ବାଦିକମାନଙ୍କୁଉତ୍ତରୀୟ ଓ ଫୁଲଗଛ ପ୍ରଦାନ କରି ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

# ସରକାରୀ ବାସଗୃହ ଜବରଦଖଲ : କର୍ମଚାରୀ ରହୁଛନ୍ତି ଭଡ଼ାଘରେ

ଖଣ୍ଡପଡା,(ସବ୍ୟୁ): ବିଭିନ୍ନ ବିଭାଗରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନଙ୍କ ରହିବା ନିମନ୍ତେ ଖଣ୍ଡପଡ଼ା ସହରର ବିଭିନ୍ନ ସ୍ଥାନରେ ରାଜରାଜୁଡ଼ା ଅମଳରୁ ଏକାଧିକ ସରକାରୀ ବାସଗୃହ ଗୁଡ଼ିକ ନିର୍ମାଣକରାଯାଇଥିଲା।। ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ କେତେକ ସରକାରୀବାସଗୃହ ଭାଙ୍ଗିରୁଜି ଯାଇଥିବା ବେଳେ ଏବେ ଅଧିକାଂଶ ସରକାରୀ ବାସଗୃହଗୁଡ଼ିକୁ ଜବରଦଖଲକାରୀମାନେ ଅନଧିକାର ଭାବେ ମାଡ଼ି ବସିଥିବାପରିଲକ୍ଷିତ ହେଉଛି। ଖଣ୍ଡପଡ଼ା ସହରର ଡ଼ାକ୍ତରଖାନା ଛକ, ଅମଲାପଡ଼ା, ତହସିଲକାର୍ଯ୍ୟାଳୟ ସମ୍ମୁଖ ଓ ଜେଲ୍ ରୋଡ୍‌ରେ ଅବସ୍ଥିତ ସରକାରୀ ବାସଗୃହଗୁଡ଼ିକରେ ଏକଦା ଖଣ୍ଡପଡ଼ା ବ୍ଲକ୍, ତହସିଲ ଓ ଶିକ୍ଷା ବିଭାଗରେ କାର୍ଯ୍ୟରତକର୍ମଚାରୀ ଓ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ପରିବାରବର୍ଗ ରହିଆସୁଥିଲେ। ମାତ୍ର ଏବେସମୟ ବଦଳିଛି। ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ବାସଗୃହ ଗୁଡ଼ିକରହିଥିବା ବେଳେ ଅଧିକାଂଶ କର୍ମଚାରୀ ବାହାରେ ଘରଭଡ଼ା ନେଇ ସପରିବାର ସହରହୁଥିବା ଜଣାପଡ଼ିଛି। କେହି କେହି କର୍ମଚାରୀ ମଧ ନୟାଗଡ଼ ସହରରେଘରଭଡ଼ା ନେଇ ରହୁଥିବା ବେଳେ ଦୈନିକ ନୟାଗଡ଼ରୁ ଖଣ୍ଡପଡ଼ା ଆସିକାର୍ଯ୍ୟାଳୟ ଗୁଡ଼ିକରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଫଳରେକର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ସ୍ଥାନୀୟପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ସରକାରୀ ବାସଗୃହ ଗୁଡ଼ିକରୁଜବରଦଖଲକାରୀଙ୍କୁ ତୁରନ୍ତ ହଟାଇବା ନିମନ୍ତେ ସାଧାରଣରେ ଦାବି ହେଉଛି।ସେହିପରି ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ସରାକାରୀ ବାସଗୃହଗୁଡ଼ିକ ବ୍ଲକ୍‌ରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନଙ୍କ କବଜାରେରହିଥିବା ବେଳେ ସ୍ଥାୟୀ କର୍ମଚାରୀମାନେ ବାରଦୁଆର ଶୁଣ୍ଢିପିଣ୍ଡା ହେବାଭଳି ଅନ୍ୟତ୍ର ଘରଭଡ଼ା ନେଇ ରହୁଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ବୁଦ୍ଧିଜୀବି ମହଲରୁ ଦାବି ହେଉଛି।

## କ୍ରସର ମରାମତି ସମୟରେ ଅଘଟଣ

# ଚକରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ।

ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭଡିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ଭାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା ।. ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସଞ୍ଜୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ ।

ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ ।

ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଅଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସୃତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ । ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।

## ୬୦ ବସ୍ତା ଚୋରା ସ୍କ୍ରାପ ସହ ବସ ଜବତ, କଣ୍ଡକ୍ଟର ଗିରଫ



ପାଣିକୋଇଲି, (ସବ୍ୟୁ) : ଘରୋଇ ଯାତ୍ରୀବାହୀ ବସରେ ଚୋରା ମାଲପରିବହନ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଯାତ୍ରୀ ଅପେକ୍ଷା ବସ ମାଲିକ ମାନେ ଚୋରା ସାମଗ୍ରୀ ବୋହି ମାତ୍ରାଧିକ ଅର୍ଥ ଉପାର୍ଜନ କରିବାରେ ବ୍ୟସ୍ତ ରହୁଛନ୍ତି । ଶନିବାର ଜୟ ମାତା ଦି ନାମକ ଏକ ଘରୋଇ ବସରେ ଚୋରା ଆଲମୁନିୟକ ସ୍କାରଫ ଚାଲାଣ ଖବର ପାଣିକୋଇଲି ପୁଲିସ ପାଇଥିଲା । ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ସବଇନ୍ସପେକ୍ଟର ପ୍ରକାଶ ପ୍ରଧାନ, ହାବିଲଦାର ସୁଲୋଚନ ବେହେରା, କନେଷ୍ଟବଳ ମନମୋହନ ବାରିକ ସଦଳବଳେ ପାଣିକୋଇଲି ଥାନାରେ ସନ୍ଧ୍ୟାକାଳୀନ ପୋଟ୍ରୋଲିଙ୍ଗ ଗାଡି ସହ ଜଗିରହିଥିଲେ ।

କଟକରୁ କଲିକତା ଜୟ ମାତା ଦି ( ଡବ୍ଲ୍ୟୁବି ୪୧ଜେ ୯୪୯୯) ନାମକ ଯାତ୍ରୀବାହୀ ଘରୋଇ ବସି ପାଣିକୋଇଲିରେ ପହଂଚିବାରେ ପରେ ତାକୁ ଯାଂଚ କରିଥିଲେ । ଯାଂଚ ସମୟରେ ୬୦ବସ୍ତା ଆଲମୁନିୟମ ତାର ଓ ସମାଗ୍ରୀ ଭର୍ତି ବସ୍ତାଥିବା ଦେଖିବାକୁ ମିଳିଥିଲା । ବସଟିକୁ ଥାନାକୁ ନେଇ ସମ୍ପୂର୍ଣ୍ଣ ଯାଂଚ ବେଳେ ଏହି ସମାଗ୍ରୀର କୌଣସି କାଗଜାଦି ନଥିବା ଓ ଏହା ଚୋରା ଚାଲାଣ ବୋଲି ଜଣାପଡିଥିଲା । କଟକରୁ ଏହି ଚୋରାମାଲ କଲିକଲା ପଠାଯାଉଥିଲା । ଚୋରି ସାମଗ୍ରୀ ଓ ବସକୁ ପୁଲିସ ଜବତ କରିବା ପରେ ମାଲ ଖଲାସ କରି ବସକୁ ଛାଡିଥିଲା । କିନ୍ତୁ ବସରେ ଚୋରା ମାଲ ପରିବାହନକାରୀ କଣ୍ଡକ୍ଟରକୁ ଗିରଫ କରିଥିଲା ।

ଆଜି କଣ୍ଡକ୍ଟର ଯାଜପୁର ଥାନା ଅନ୍ତର୍ଗତ ଖଣ୍ଡରା ଗ୍ରାମର ଗଜେନ୍ଦ୍ର ବିହାରଙ୍କ ପୁଅ ଜିତେନ୍ଦ୍ର ବିହାର (୫୨)କୁ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବଇନ୍ସପେକ୍ଟର ବିଶ୍ୱରଂଜନ ଦାସଙ୍କ ସୂତ୍ରରୁ ପ୍ରକାଶ ।

## ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ : ଫଳକ ଅଛି, କେନ୍ଦ୍ର ନାହିଁ



ଏରସମା, (ସବ୍ୟୁ) : ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଂଚାୟତ ଅଧିନ ନିମୋଳ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣରେ ଘୋଟଲା ହୋଇଥିବାର ଦେଖିବାକୁ ମିଳିଛି । ଏହି କେନ୍ଦ୍ର ପାଇଁ ଆସିଥିବା ୭ଲକ୍ଷ ଟଙ୍କା ଗଲା କୁଆଡ଼େ ବୋଲି ପ୍ରଶ୍ନ ଉଠିଛି । ଫଳକ ଏହି ପଂଚାୟତର ପୁର୍ବତନ ପଂଚାୟତ ଅଧିକାରୀ ହୃଷିକେଶ ରାଉତଙ୍କ ନାମରେ ରହିଥିବାର ଲେଖାଯାଇଅଛି । ବର୍ତମାନର ଅଧିକାରୀ ଅଶୋକ କୁମାର ନାୟକଙ୍କୁ ଏହି ବିଷୟରେ ପଚାରିବାରୁ ସେ ଏହି ବିଷୟରେ କିଛି ଜାଣି ନାହାନ୍ତି ଏବଂ ତଦନ୍ତ କଲାପରେ କହିବି ବୋଲି କହିଥିଲେ । ଛୋଟ ଛୋଟ କୋମଳ ପିଲାମାନେ ନାହିଁ ନଥିବାର ହଇରାଣ ହେଉଛନ୍ତି । ଆସୁଥିବା ୧୫ଜଣ ଶିଶୁ ପାଖରେ ଥିବା କୋଠି-ନିମୋଳ ପ୍ରାଥମିକ ବିଦ୍ୟାଳୟର ଘରେ ବସୁଛନ୍ତି । ସେଠିକାର ବିଦ୍ୟାଳୟର ପରିବେଶ ଅତ୍ୟନ୍ତ ଖରାପ । ପରିସର ମଧ୍ୟରେ ଅନବନା ଗଛ ହୋଇ ଜଙ୍ଗଲରେ ପରିଣତ ହୋଇଗଲାଣି । ସରିସୃପମାନଙ୍କ ବାସସ୍ଥଳ ପାଲଟିଗଲାଣି । ପରିସର ମଧ୍ୟରେ ଏକ ପୋଖରି ରହିଛି । ଯଦି ଶିଶୁ ମାନଙ୍କର କୌଣସି କ୍ଷତି ପଂହଚେ ତେବେ ଦାୟି କିଏ ରହିବ ବୋଲି ଆଲୋଚନା କରାଯାଉଅଛି । ପିଇବା ପାଣିର ସୁବିଧା ନାହିଁ । ଶିଶୁମାନଙ୍କୁ ଆସୁଥିବା ଖାଦ୍ୟ ସାମଗ୍ରୀ ରୋଷେଇ କରିଦେବା ପାଇଁ ବହୁ ଅସୁବିଧା ହେଉଛି । ସେହି ଘରେ ବିଦ୍ୟୁତ ସଂଯୋଗ ନଥିବାରୁ ଖରାଦିନେ ଏହି କୋମଳ ଶିଶୁମାନେ ଗରମରେ ଛଟପଟ ହେଉଛନ୍ତି । ଶୌଚାଳୟ ନଥିବାରୁ ସେହି ପରିସର ମଧ୍ୟରେ ଶିଶୁମାନେ ଶୌଚ କରିବା ପାଇଁ ବାଧ୍ୟ ହେଉଛନ୍ତି । ତୁରନ୍ତ ଏହି କାର୍ଯ୍ୟାଦେଶ ଉପରେ ଉଚ୍ଚ ବିଭାଗୀୟ ତଦନ୍ତ କରିବା ପାଇଁ ସାଧାରଣରେ ଦାବି କରାଯାଇଅଛି ।

## ବିଞ୍ଝାରପୁର ବିନ୍ଧାଣୀ ସାହିରେ ଷୋହଳ ପ୍ରହର ନାମଯଜ୍ଞ

ବିଞ୍ଝାରପୁର, (ସବ୍ୟୁ) : ବିଞ୍ଝାରପୁର ବ୍ଲକର ସଦରରେ ଥିବା ବିନ୍ଧାଣୀ ସାହିରେ ଭକ୍ତ ଓ ଭଗବାନଙ୍କ ମିଳନୀର ସ୍ମାରକୀ ଭାବରେ ଅନୁଷ୍ଠିତ ହୋଇଛି ଦୀର୍ଘ ତିନିଦିନ ବ୍ୟାପୀ ଷୋହଳ ପ୍ରହର ନାମଯଜ୍ଞ । ସାହି ଓ ଗ୍ରାମ ସହିତ ଅଞ୍ଚଳରେ ଅପୂର୍ବ ଭକ୍ତିଭାବର ନିଆରା ଚିତ୍ର ଦେଖିବାକୁ ମିଳିଛି । କେଉଁ କାଳରୁ ଚଳି ଆସୁଥିବା ପରମ୍ପରା ଅନୁଯାଇ ଶ୍ରୀକ୍ରିଷ୍ଣ ଶ୍ରୀରାଧଙ୍କ ସହିତ ତାଙ୍କର ବାପଘରକୁ ବୁଲି ଆସନ୍ତି । ୩୦ଦିନର ଅବସ୍ଥାନ ପରେ ତାଙ୍କର ଫେରିବା ପ୍ରସ୍ତୁତି ସହିତ ନାମ ସଂକୀର୍ତ୍ତନର ଆୟୋଜନ ହୁଏ । ଶ୍ରୀରାଧା ମଣ୍ଡପରେ ବିରାଜିତା ହୋଇଥାନ୍ତି । ଭକ୍ତମାନେ ତାଙ୍କର ଦର୍ଶନ କରି ଧନ୍ୟ ହୁଅନ୍ତି ।

ଏହି ପରମ୍ପରାର ଅନୁପାଳନ ପୂର୍ବକ ଚଳିତ ମାସର ୧୫ତାରିଖ. ଦିନ ଶଭାଧିବାସ,ମଙ୍ଗଳ ଆଳତୀ, ପରେ ତିନିଦିନ ପର୍ଯ୍ୟନ୍ତ ତୁମୁଳ କୀର୍ତ୍ତନ ଅନୁଷ୍ଠିତ ହୋଇଛି । ବିଞ୍ଝାରପୁର,ବରୀ,ଦଶରଥପୁର ଓ ଯାଜପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ କୋଡିଏରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ଏହି ସଂକୀର୍ତ୍ତନରେ ଅଂଶ ଗ୍ରହଣ କରିଥିଲେ । ସମସ୍ତ ଅଂଶ ଗ୍ରହଣକାରୀ ଦଳ ଙ୍କୁ ଅନୁଷ୍ଠାନ ବିଞ୍ଝାରପୁର ଭାଗବତ ଟୁଙ୍ଗୀ ତରଫରୁ ପ୍ରଶଂସା ପ୍. ପ୍ରଦାନ କରା ଯାଇଥିଲା । କାର୍ଯ୍ୟକ୍ରମ ଗୁଡିକୁ ସମ୍ପାଦକ ବିଧାଧର ବିନ୍ଧାଣୀ. ସଭାପତି ବିଜୟ କୁମାର ବିନ୍ଧାଣୀ, ସହ ସମ୍ପାଦକ କମଳାକାନ୍ତ ବିନ୍ଧାଣୀ, ବିଧୁଭୂଷଣ ବିନ୍ଧାଣୀ,ବଙ୍କିମ ବିହାରୀ ବିନ୍ଧାଣୀ,ଲକ୍ଷ୍ମୀଧର ବିନ୍ଧାଣୀ,ବାବନ ଚରଣ ବିନ୍ଧାଣୀ,ତପନ ବିନ୍ଧାଣୀ, ବାଇଧର ବିନ୍ଧାଣୀ ଓ ସୁଧାକର ବିନ୍ଧାଣୀ ପ୍ରମୁଖ ସଂଚାଳନ କରିଥିଲେ ।

## ଓସ୍ତପୁର ପଂଚାୟତ ହେଲା ଆଲୋକୀକରଣ

କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର ପଂଚାୟତ ଅଚଳର ମଣିଛକ ଠାରୁ ତାରିଣୀଗଡା ପର୍ଯ୍ୟନ୍ତ ଆଲୋକୀ କରଣ କରାଯାଇ ବିଧାୟକ ଶଶି ଭୂଷଣ ବେହେରାଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ଓସ୍ତପୁର ସରପଂଚ ପ୍ରସନ୍ନ ରାଉତ ଆଲୋକୀ କରଣ ପାଇଁ ଦୀର୍ଘଦିନ ଧରି ଦାବି କରି ଆସୁଥିବାରୁ ବିଧାୟକ ଶ୍ରୀ ବେହେରା ନିଜସ୍ୱ ଅନୁଦାନ ପାଣ୍ଠିରୁ ପ୍ରାୟ ୧୦ ଲକ୍ଷ ଟଙ୍କା ମୁର କରିଥିଲେ । ଆୟୋଜିତ ଏହି ଉଦ୍ଘାଟନୀ ଉତ୍ସବରେ ସମିତି ସଭ୍ୟ ରାଜ ଅମାନତ, ପଂଚାୟତ ଯୁବ ସଭାପତି ପ୍ରଶାନ୍ତ ସାମଲଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା, ବୁଦ୍ଧିଜୀବି ଓ ମହିଳା ମାନେ ଉପସ୍ଥିତ ଥିଲେ ।

## ସରକାରୀ ଜାଗାଉପରୁ ପୋଷ୍ଟର, ବ୍ୟାନର ହଟାଗଲା

ସାଲେପୁର, (ସବ୍ୟୁ) : ନିର୍ବାଚନ ଆଚରଣ ବିଧି ଅନୁସାରେ ସରକାରୀ ଜମି ଉପରେ ଥିବା ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଫଟ ଥିବା ପୋଷ୍ଟର ହଟାଯାଇଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ପାଇଁ ୧୬-୩-୨୪ତାରିଖ ଠାରୁ ୬-୬-୨୪ ପର୍ଯ୍ୟନ୍ତ ନିର୍ବାଚନ ଆଚରଣ ବିଧି ଲାଗୁ କରାଯାଇଛି । ଏହି ପରିପ୍ରେକ୍ଷୀରେ ସାଲେପୁର ତହସିଲ ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯାଇଛି । ଆଜି ଆଡିସନାଲ ତହସିଲଦାର ଶିଶିର କୁମାର ରାଉତଙ୍କ ନେତୃତ୍ୱରେ ସାଲେପୁର ବଜାର ଠାରୁ ଶିଶୁଆ ପର୍ଯ୍ୟନ୍ତ ସରକାରୀ ଜାଗାରେ ମୁଖ୍ୟ ରାସ୍ତା କଡରେ ଥିବା ରାଜନୈତିକ ବ୍ୟକ୍ତି ବିଶେଷ ମାନଙ୍କର ଫଟ ଥିବା ୪୦ରୁ ଉର୍ଦ୍ଧ୍ୱ ପୋଷ୍ଟର, ବ୍ୟାନର, ହୋଡିଂ ଆଦିକୁ ହଟାଇ ଦିଆଯାଇଛି । ସାଲେପୁର ତହସିଲ ଓ ବ୍ଲକ ଅଞ୍ଚଳରେ ସରକାରୀ ଜାଗାରେ ଥିବା ସମସ୍ତ ରାଜନୈତିକ ଦଳ ଓ ବ୍ୟକ୍ତି ମାନଙ୍କର ଫଟ ଥିବା ପୋଷ୍ଟର, ବ୍ୟାନର ,ହୋଡିଂକୁ ହଟାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଆଜିର ଏହି ଟିମରେ ରେଭିନ୍ୟୁ ଇନିସ୍ପେକ୍ଟର ଓ ତହସିଲ କାର୍ଯ୍ୟାଳୟର କର୍ମଚାରୀ ମାନେ ରହିଥିଲେ ।

## ରାଜନଗର ବ୍ଲକ ବିଜେଡି ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ରାଜନଗର , (ସବ୍ୟୁ) : ରାଜନଗର ବ୍ଲକ ବିଜୁ ଜନତା ଦଳର ନୂତନ କାର୍ଯ୍ୟାଳୟ ଆଜି ଉଦ୍ଘାଟିତ ହୋଇଛି । ରାଜନଗର ନୂଆ ବାଇପାସ୍ ଠାରେ ଏହି ନୂତନ କାର୍ଯ୍ୟାଳୟର ପୂଜାର୍ଚ୍ଚନା ପରେ ଆଜି ଉଦ୍ଘାଟିତ ହୋଇଛ । ବ୍ଲକ ବିଜେଡି ସଭାପତି ନିରଂଜନ ରାଉତ ଏହି କାର୍ଯ୍ୟାଳୟକୁ ଉଦ୍ଘାଟନ କରିଛନ୍ତି । ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ବିଜେଡି ନେତା ବିଜୟ ନାୟକ, ନରହରି ଜେନା, ପ୍ରଦୀପ ଲେଙ୍କା, ଯୁବ ବିଜେଡି ସଭାପତି ଆର୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ ମଲ୍ଲିକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଂଜିତା ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ସରପଂଚ ଅଶୋକ କୁମାର ମହାନ୍ତି, ପ୍ରସନ୍ନ ପରିଡା, ବିଶ୍ୱାଳ, ବୀଣାପାଣୀ ପ୍ରଧାନ, ରାଣୀ ମଂଜରୀ ସେଠୀ, ମଂଜୁଳା ଦାସ, ସୁଶ୍ରୀ ସଂଗୀତା ମିଶ୍ର, ସମିତିସଭ୍ୟ ସଂଜୟ ସ୍ୱାଇଁ,ପ୍ରମୁଖ ଯୋଗଦେଇଥିଲେ ।

## ମହିଳା ଚା' ଦୋକାନୀଙ୍କୁ ଅଶ୍ଳୀଳ ଇଙ୍ଗିତ, ଥାନାରେ ମାମଲା

କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡା ପୌରାଂଚଳ ର କେଶପୁର ବଜାର ଓ ଭଗବାନପୁର ସଂଲଗ୍ନ ଲିଙ୍କ ଛକ ଠାରେ ଚା ଦୋକାନ କରି ପରିବାର ଚଳାଉ ଥିବା ଜଣେ ଅସହାୟ ଗରିବ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ, ଗାଳିଗୁଲଜ, ଜୀବନରେ ମାରି ଦେବାକୁ ଧମକ ଦେଇଥିବା ନେଇ ଗୋପ ଗ୍ରାମର ଜଣେ ଯୁବକଙ୍କ ନାମରେ ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ଗୋପାଳପୁର ଗ୍ରାମର ଏହି ମହିଳା ଜଣକ ଗୁଜୁରାଣ ମେଣ୍ଟାଇବା ପାଇଁ ଚାହା ଦୋକାନ କରିବା ସହ ଗୋପ ଗ୍ରାମର ବାବାଜୀ ଚରଣ ନାୟକଙ୍କ ଘରେ ଭଡାରେ ରହି ପିଲା ମାନଙ୍କୁ ପାଠ ପଢାଉଛନ୍ତି । ତେବେ ବାବାଜୀ ବିଭିନ୍ନ ସମୟରେ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ ଓ ଭାଷା ପ୍ରୟୋଗ କରି ନିର୍ଯ୍ୟାତନା ଦେବାରୁ ସେ ଘର ଛାଡି ଅନ୍ୟତ୍ର ରହୁଛନ୍ତି । ମହିଳା ଜଣକ ନିଜର ଓ ଟାଉନ ଥାନାରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

## ଗ୍ରାମରୋଜଗାର ସେବକମାନଙ୍କ ପଦୋନ୍ନତି : କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀଙ୍କୁ

ମାହାଙ୍ଗା , (ସବ୍ୟୁ) : ରାଜ୍ୟରେ ପଂଚାୟତ ସ୍ତରୀୟ କାର୍ଯ୍ୟରତ ଗ୍ରାମରୋଜଗାର ସେବକମାନଙ୍କର ପଦୋନ୍ନତି ସରକାର କରିଛନ୍ତି । ଦୀର୍ଘ ବର୍ଷ ହେଲା ସେମାନେ ପଂଚାୟତ ସ୍ତରରେ ଗ୍ରାମରୋଜଗାର ସେବକ ପଦବୀରେ ରହି ସ୍ୱଳ ପାରିଶ୍ରମିକରେ କାର୍ଯ୍ୟ କରି ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ସରକାରଙ୍କଠାରେ ବହୁବାର ସେମାନଙ୍କର ଦାବି ଉପସ୍ଥାପନ କରିଥିଲେ ମଧ ସରକାରଙ୍କ ପକ୍ଷରୁ ସେଭଳି କିଛି କାର୍ଯ୍ୟକ୍ରମ ଗ୍ରହଣ କରାଯାଇନଥିଲା । ଶେଷରେ ସରକାର ସେମାନଙ୍କର ଦାବିଙ୍କୁ ବିଚାରକୁ ନେଇ ସେମାନଙ୍କୁ ନୂତନ ପଦବୀ ଆକାଉଣ୍ଟାଣ୍ଟ କମ୍ ଡିଇଓକୁ ପରିବର୍ତ୍ତନ କରି ସ୍ଥାୟୀ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିଛନ୍ତି । ଏନେଇ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତରେ କାର୍ଯ୍ୟରତ ଗ୍ରାମରୋଜଗାର ସେବକମାନଙ୍କ ମହଲରେ ଆନନ୍ଦପ୍ରକାଶ ପାଇଛି । ଏନେଇ ଗ୍ରାମରୋଜଗାର ସେବକ ସର୍ବଶ୍ରୀ ସୁକାନ୍ତ ମାଢେଇ, ରାଜେଶ ସାହୁ, ଦେବାଶିଷ ଦାସ, ଶୁଭଶ୍ରୀ ଶରଣ, ମାନସୀ ନାୟକ, ତରୁଲତା ଦାସ, ରବିନାରାୟଣ ପାଲ ଏବଂ ଚନ୍ଦ୍ରଜିତ୍ ସ୍ୱାଇଁଙ୍କ ସମେତ ବହୁ ଗ୍ରାମରୋଜଗାର ସେବକମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ପାରାଦୀପରେ ପୋଲିସର ଫ୍ଲାଗମାର୍ଚ



ପାରାଦୀପ, ( ଜିପ୍ର ): ଆଗକୁ ନିର୍ବାଚନ ଆସୁଛି । ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ମଧ୍ୟ ସରିଛି । ଚଳିତ ସାଧାରଣ ନିର୍ବାଚନ କୁ ଅବାଧ ଓ ନିରପେକ୍ଷ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପେକ୍ଷୀରେ ଆଜି ପାରାଦୀପ ପୋଲିସ ପକ୍ଷ୍ୟରୁ ଫ୍ଲାଗମାର୍ଚ କରାଯାଇଛି । ସ୍ଥାନୀୟ ଅଭୟଚାନ୍ଦପୁର ଥାନା ପାଖରୁ ଏକ ବିରାଟ ପୋଲିସ ପଟୁଆର ବାହାରି ମାହାଳ , ତ୍ରିଲୋଚନପୁର , ଡିଙ୍କିଆ , ନୂଆଗାଁ , ସଣ୍ଡକୁଦ ଦେଇ ପାରାଦୀପ ସମୁଦ୍ରକୂଳ ସମେତ ବଡପଡିଆ ବଜାର ହୋଇ ପାରାଦୀପ ଆଦର୍ଶଥାନା ପାଖରେ ଶେଷ ହୋଇଛି ।

ଏହି ଫ୍ଲାଗମାର୍ଚ ରେ ପାଞ୍ଚ ପ୍ଲାଟୁନ ପୋଲିସ ଫୋର୍ସ ସମେତ ପାରାଦୀପର ଡିଏସପି ସନ୍ତୋଷ କୁମାର ଜେନା , ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ , ସୁଜାତା ବେହେରା , ବବିତା ଦେହୁରୀ , ବ୍ରଜକିଶୋର ବେହେରା , କୁଳମଣି ସେଠି ସମେତ ସମସ୍ତ ଏସଆଇ ଓ ଏଏସଆଇ ପ୍ରମୁଖ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା

## ଖର୍ତାଙ୍ଗରେ ୫୫ ତମ ନାଟକ ମହୋତ୍ସବ ଓ ସମ୍ବର୍ଦ୍ଧନା ସଭା

କୁଆଁପାଳ, (ସବ୍ୟୁ): ମାହାଙ୍ଗା ବ୍ଲକ ଖର୍ତାଙ୍ଗ ସ୍ଥିତ ଇଛାବଟ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୫୫ ତମ ନାଟକ ମହୋତ୍ସବ ଉଦଯାପିତ ହୋଇଯାଇଛି। ସାଂସ୍କୃତିକ ପରିଷଦର ସଭାପତି ପ୍ରାକ୍ତନ ଅଧକ୍ଷ ପ୍ରଫେସର ଅଜୟ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ନାଟକ ମହୋତ୍ସବ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡାକ୍ତର ସୂର୍ଯ୍ୟ ପ୍ରକାଶ ଶିବନାରାୟଣ ଚୌଧୁରୀ,ବିଶିଷ୍ଟ ଅତିଥି ଭାବେ ନାଟ୍ୟକାର ମାଧବ ଚନ୍ଦ୍ର ପଣ୍ଡା,ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ରତ୍ନାକର ମହାନ୍ତି,ସରପଞ୍ଚଙ୍କ ପ୍ରତିନିଧି ତଥା ପ୍ରାକ୍ତନ ସରପଞ୍ଚ ଲଳିତ ମହାପାତ୍ର,ସମିତି ସଭ୍ୟାଙ୍କ ପ୍ରତିନିଧି ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇ ନାଟକ ସମାଜର ପ୍ରତିଛବିକୁ ପ୍ରତିଫଳିତ କରିଥାଏ ଓ ସାମାଜିକ ଜୀବନ ସହିତ ନାଟକ ଓତଃପ୍ରୋତ ଭାବେ ଜଡିତ ବୋଲି ବକ୍ତବ୍ୟ ରଖିଥିଲେ। ପରିଷଦର ସମ୍ପାଦକ ସାହିତ୍ୟିକ ଜଳଧର ପରିଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ମୁଖ୍ୟ ଅତିଥି ଡାକ୍ତର ଚୌଧୁରୀ,ଶିକ୍ଷାବିତ ଶ୍ରୀ ମହାନ୍ତି,ନାଟ୍ୟକାର ଶ୍ରୀ ପଣ୍ଡାଙ୍କ ସମେତ ସମାଜସେବା ଓ କଳାରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷ୍ୟଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନିଲ କୁମାର ଦାସ,ସମରେଶ ପରିଡା,ସଞ୍ଜୟ ବେହେରା,ନାରାୟଣ ପାତ୍ର,ଅଜୟ ସ୍ୱାଇଁ,ଭାଗ୍ୟଧର ବାରିକ,ପ୍ରସାନ୍ତ କୁମାର ପଟ୍ଟନାୟକ,ବିଶ୍ୱଜିତ ବଳ,ସତ୍ୟାନନ୍ଦ ବାରିକ,ରତିକାନ୍ତ ନାୟକ,ପ୍ରକାସ ବାରିକ,ପବିତ୍ର ଦାସ,ଅନନ୍ତ ଚରଣ ବାରିକ,ଓ ସଞ୍ଜୟ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ନାଟକ ମହୋତ୍ସବରେ ଇଛାବଟ ସଂସ୍କୃତିକ ପରିଷଦର କଳାକାର ମାନଙ୍କ ଦ୍ୱାରା ନିର୍ଦ୍ଦେଶକ ମାଧବ ଚନ୍ଦ୍ର ପଣ୍ଡା ଓ ପ୍ରଫୁଲ୍ଲ କୁମାର ମହାରଣାଙ୍କ ନିର୍ଦ୍ଦେଶିତ ନାଟକ ଆକ୍ଷୀର ଲୁହକୁ ଛାଡିର କୋହ ଏବଂ ସେହି ଗୋଟିଏ ଭୁଲ ପାଇଁ ମଞ୍ଚସ୍ଥ ନାଟକ ଦର୍ଶକ ମାନଙ୍କୁ ବିମୁଗ୍ଧ କରିଥିଲା। ଭାଗ୍ୟଧର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି ଦକ୍ଷତା ବିକାଶ କର୍ମଶାଳା

ଡେରାବିଶ, (ସବ୍ୟୁ) : ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ କଲେଜ ଛକ ସ୍ଥିତ ମାତୃବାଟିକା କଲ୍ୟାଣ ମଣ୍ଡପରେ ବ୍ଲକ ସ୍ତରୀୟ ଉଦ୍ୟାନ କୃଷି ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ କେନ୍ଦ୍ରାପଡାଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ଡେରାବିଶ ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ଶୁଭଶ୍ରୀ ମଲିକ ସଂଯୋଜନା କରିଥିଲେ । ଏଥିରେ ଗରଦପୁର ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶ୍ରୀରାମ ରତନ ପ୍ରଧାନ ପ୍ରଶିକ୍ଷକ ଭାବେ ଯୋଗଦେଇ ଉଦ୍ୟାନ କୃଷିର ଫଳବୃକ୍ଷ ରୋପଣ ନିମନ୍ତେ ଯୋଜନା ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରାଇଥିଲେ । ଏଥିସହିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଛତୁଚାଷ ଓ ଫୁଲ ଚାଷ ପାଇଁ କିପ୍ରକାର ପ୍ରୋତ୍ସାହନ ଦିଆଯାଉଛି ଓ ସମନ୍ୱିତ ଉଦ୍ୟାନ କୃଷି ଯୋଜନା ମାଧମରେ ଉଦ୍ୟାନ କୃଷି ସମ୍ବନ୍ଧିତ କୃଷି ଯନ୍ତ୍ରପାତି ପାଇଁ ମିଳୁଥିବା ସହାୟତା ଉପରେ ଆଲୋଚନା କରିଥିଲେ । ଏହି କର୍ମଶାଳାରେ ଖମୋଳ ଓ ରତାଦିଆଖଣ୍ଡସାହି ପଂଚାୟତର ଶହେରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ । ଉଦ୍ୟାନ କୃଷି ଅଧିଦର୍ଶକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ସ୍ୱଗତଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।



## ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା



# ମଇ ୭ରୁ ୧୪ ନୋମିନେସନ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ରାଜନୈତିକ ଦଳ ଓ ଗଣମାଧ୍ୟମ ପ୍ରତିନିଧୀମାନଙ୍କ ସହିତ ବୈଠକ କରାଯାଇଛି ।୧୬ - ଜଗତସିଂହପୁର ଲୋକସଭା ଆସନ ପାଇଁ ଜଗତସିଂହପୁର ଜିଲ୍ଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ତଥା ୧୦୧-ପାରାଦ୍ୱିପ,୧୦୨-ତିର୍ତ୍ତୋଲ,୧୦୩-ବାଲିକୁଦା-ଏରସମା ଓ ୧୦୪-ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ସମେତ ପୁରୀ ଜିଲ୍ଲାର କାକଟପୁର ଓ ନିମାପଡା ,କଟକ ଜିଲ୍ଲାର ନିଆଳି ନିର୍ବାଚନ ମଣ୍ଡଳୀରେ ଆସନ୍ତା ଜୁନ ୧ରେ ଭୋଟ ଗ୍ରହଣ କରାଯିବ । ଜିଲ୍ଲାପାଳ ପାରୁଲ ପଟ୍ଟାୱରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜଗତସିଂହପୁର ଜିଲ୍ଲାରେ କିଭଳି ଅବାଧ,ନିରପେକ୍ଷ ଓ ସ୍ୱଚ୍ଛ ଭାବରେ ନିର୍ବାଚନ କରାଯିବ ସେ ବାବଦରେ ଆଲୋଚନା କରାଯିବା ସହିତ ଜିଲ୍ଲା ପ୍ରଶାସନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର,ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ଅଭିମନ୍ୟୁ ବେହେରା,ଅତିରିକ୍ତ ଜିଲ୍ଲାପାଳ ସସ୍ମିତ ରାଉତ,ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଲଳିତ ମୋହନ ବେହେରା,ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ,ଡେପୁଟୀ କଲେକ୍ଟର ସଂଧାଞ୍ଜଳୀ ମାଝୀ ପ୍ରମୁଖ ଯୋଗ ଦେଇ ନିର୍ବାଚନ ପ୍ରକ୍ରୀୟା ଉପରେ ଆଲୋଚନା କରିଥିଲେ । ମାର୍ଚ୍ଚ ୧୬ରେ ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁଯାୟୀ ଜଗତସିଂହପୁର ଜିଲ୍ଲାରେ ଶେଷ ତଥା ୭ମ ପର୍ଯ୍ୟାୟରେ ଜୁନ ୧୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ।ସେହି ଅନୁସାରେ ମଇ ୭ ତାରିଖରେ ନୋଟିଫିକେସନ,ମଇ ୭ ରୁ ୧୪ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ,ମଇ ୧୫ରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ମଇ ୧୭ ତାରିଖ ବୋଲି ଜିଲ୍ଲପାଳ ସୂଚନା ଦେଇଥିଲେ ।ଜୁନ ୧ତାରିଖରେ ମତଦାନ ଦିବସ ଥିବା ବେଳେ ଜୁନ ୪ ତାରିଖରେ ଭୋଟ ଗଣତି କରାଯିବ ।

ଜଗତସିଂହପୁର ଜିଲ୍ଲାରେ ମୋଟ ୯ ଲକ୍ଷ ୪୮ ହଜାର ୬୫୭ ଜଣ ମତଦାତା ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଲକ୍ଷ ୯୧ ହଜାର ୭୫୭ ଜଣ ପୁରୁଷ,୪ ଲକ୍ଷ ୫୬ ହଜାର ୮୦୨ ଜଣ ମହିଳା ଓ ୯୮ ଜଣ ତୃତୀୟ ଲିଙ୍ଗ ରହିଛନ୍ତି ।ଜିଲ୍ଲାରେ ଲିଙ୍ଗ ଅନୁପାତ ୯୨୯ ଥିବା ବେଳେ ୧୮ ରୁ ୧୯ ବର୍ଷର ୨୨ ହଜାର ୭୮୭ ଜଣ ଯୁବ ଭୋଟର ରହିଛନ୍ତି ଓ ୧୪୫୩ ଜଣ ସର୍ଭିସ ଭୋଟର ରହିଛନ୍ତି ।ଜିଲ୍ଲାରେ ମୋଟ ୧୦୪୭ ଟି ବୁଥ କରାଯାଇଥିବା ବେଳେ ସେଥି ମଧ୍ୟରୁ ୯୭୯ଟି ଗ୍ରାମାଞ୍ଚଳରେ ଓ ୬୮ ବୁଥ ସହରାଞ୍ଚଳରେ କରାଯାଇଛି ।ସେଥି ମଧ୍ୟରୁ ୧୩୧ଟି କେବଳ ମହିଳାମାନଙ୍କ ପାଇଁ ସଖୀ ବୁଥ,୮ଟି ଯୁବ ବୁଥ,୨ଟି ଭିନ୍ନକ୍ଷମ ବୁଥ ପ୍ରସ୍ତୁତି କରଯାଇଛି ।ସଖୀ ବୁଥରେ ମହିଳା ପୋଲିଂ କର୍ମଚାରୀ,ଯୁବ ବୁଥରେ ୩୦ ବର୍ଷରୁ କମ ଯୁବ କର୍ମଚାରୀ ଓ ଭିନ୍ନକ୍ଷମ ବୁଥରେ ଦିବ୍ୟାଙ୍ଗ କର୍ମଚାରୀ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବେ ।ଜିଲ୍ଲାରେ ୨୧୦ଟି ଆଦର୍ଶ ମତଦାନ କେନ୍ଦ୍ର କରାଯାଇଛି ।ଏହା ସହିତ ୬୦ ପ୍ରତିଶତ ବୁଥରେ ୱେବ କାଷ୍ଟିଂଙ୍ଗ ବ୍ୟବସ୍ଥା କରାଯାଇଛି ।।ମତଦାତାମାନଙ୍କ ମାର୍ଗ ଦର୍ଶୀକା ବିଏଲଓଙ୍କ ମାଧ୍ୟମରେ ଘରେ ଘରେ ଯୋଗାଇ ଦିଆଯିବ ।

୫୮ ବର୍ଷରୁ ଉର୍ଦ୍ଧ୍ୱ ରୋଗୀ, ଶର୍ଯ୍ୟାଶାୟୀ ଓ ଭିନ୍ନକ୍ଷମମାନଙ୍କ ନିମନ୍ତେ ବହୋମ ଭୋଟିଂର ବ୍ୟବସ୍ଥା କରାଯାଇଛି ।ସାଧାରଣ ନିର୍ବାଚନରେ ଅଧୀକ ମତଦାନ,ଜିରୋ ଭାୟୋଲେନସ ଓ ପୁନଃ ମତଦାନ ପ୍ରକ୍ରୀୟାକୁ ହ୍ରାସ କରିବା ପାଇଁ ଜିଲ୍ଲା ପ୍ରସାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଇଛି ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପାରୁଲ ପଟ୍ଟାୱରୀ ସୂଚନା ଦେଇଥିଲେ ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ବାହାଦଲାପୁର ପଂଚାୟତ ସୂର୍ଯ୍ୟନାରାୟଣ ନୋଡାଲ ଉପ୍ରା ବିଦ୍ୟାଳୟ,ଓରାଳି ଠାରେ ଆଜି କିଓର ବେ, ଭୁବନେଶ୍ୱର କ୍ଲିନିକ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଚକ୍ଷୁ ଚିକିତ୍ସକ ପ୍ରିୟଙ୍କା ପ୍ରିୟ ଦର୍ଶନୀ କବିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ମୁଗୁପାଳ ପାକ୍ସ ସଭାପତି ସନ୍ତୋଷ ରାଉତ ଉଦଘାଟନ କରିଥିଲେ । ଅତିଥି ଭାବେ କୁଆଖିଆ ମହୋତ୍ସବ କମିଟି ସଭାପତି ବାଦଲ ସାହୁ ଯୋଗ ଦେଇଥିଲେ । ଶିବିରରେ ୬୦ ଜଣ ଚକ୍ଷୁ ରୋଗୀଙ୍କର ମାଗଣା ପରୀକ୍ଷା ନିରିକ୍ଷା କରାଯାଇଥିଲା । ତନ୍ମଧ୍ୟରୁ ୧୫ ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇ ଅପରେସନ ସକାଶେ ପଠାଯାଇଥିଲା । ଏହି କାର୍ଯ୍ୟରେ ଡାକ୍ତର ଦୁର୍ଗାଶଙ୍କର ଯାଦବ,ପାରାମେଡିକାଲ କର୍ମଚାରୀ ସସ୍ମିତା ସାହୁ,ଇତିଶ୍ରୀ ପଟ୍ଟନାୟକ,ମହେନ୍ଦ୍ର ସର୍ଦ୍ଦାର ଯୋଗ ଦେଇ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିନୋଦ କବି ପ୍ରଦୀପ କବି ପରିଚାଳନାରେ ସହଯୋଗ କରିଥିଲେ ।

## ସାର୍ଥକ ହସପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଶାନ୍ତିବଜାରସ୍ଥିତ ସର୍ଥକ ହସପିଟାଲ ପକ୍ଷରୁ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମଧୁମେହ, ରକ୍ତଚାପ, କୋଲେଷ୍ଟ୍ରୋଲ ଓ ନର୍ଭ ସମସ୍ୟା ଆଦି ରୋଗର ପରୀକ୍ଷା କରାଯାଇରୋଗ ପାଇଁ ଆବଶ୍ୟକ ଔଷଧ ସେବନ କରିବାକୁ ପରମର୍ଶ ଦିଆଯାଇଥିଲା । ଏହି ଶିବିରରେ ୫୨ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଡାକ୍ତର ସାର୍ଥକ ଶତପଥୀ ସମସ୍ତରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ସେବନ କରିବାକୁ ପ୍ରେସକ୍ରାଇବ କରିଥିଲେ । ଏଥିରେ ହସପିଟାଲର କର୍ମଚାରୀ ଚନ୍ଦନ ଦାସ, ମନୋରମା ସାହୁ, ସୋନାଲି ବେହେରା, ପ୍ରଜ୍ଞା ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।